# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁଲାଇ ୨୯/୨୦୧୯ (୧୬ ପୃଷ୍ଠା) | Bhubaneswar, Monday, July 29/2019 | ★★★★★★

୪୫ଶ ଭାଗ ୨୪୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ମେରୀକମ୍‌ଙ୍କୁ ସ୍ୱର୍ଣ୍ଣ**

ଭାରତର ଭେଟେରାନ ମହିଳା ବକ୍ସର ଏମ୍‌ସି ମେରୀକମ୍ ଇଣ୍ଡୋନେସିଆରେ ପ୍ରେସିଡେଣ୍ଟ୍ସ କପ୍ ବକ୍ସିଂ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୧୫

୦୮

**ମାନେକ୍‌ଶାଙ୍କ ବାୟୋପିକ୍‌ରେ ଭିକି**

ଅଭିନେତା ଭିକି କୌଶଲ ଫିଲ୍ମ ମାର୍ଶାଲ ସାମ୍ ମାନେକ୍‌ଶାଙ୍କ ଜୀବନୀ ଭିତ୍ତିକ ଚଳଚ୍ଚିତ୍ରରେ ଅଭିନୟ କରିବାକୁ ଯାଉଛନ୍ତି।



# ଭୁଲ୍ କରି ପୋଲିସ ନିନ୍ଦିତ

ତ୍ରିନାଥ ମହାନ୍ତି
ଭୁବନେଶ୍ୱର, ୨୮।୭

ରାଜ୍ୟରେ ଆଇନଶୃଙ୍ଖଳା ରକ୍ଷା ଓ ଅପରାଧ ରୋକିବା ପୋଲିସର କାର୍ଯ୍ୟ। ହେଲେ ଅଧିକାଂଶ କ୍ଷେତ୍ରରେ ପୋଲିସ ଏସବୁ କାର୍ଯ୍ୟ ଠିକ୍ ଭାବେ କରୁ ନ ଥିବାରୁ ଲୋକଙ୍କର ଭରସା ତୁଟିବାରେ ଲାଗିଛି। କେଉଁଠି ପୋଲିସ ଚାର୍ଜଶିଟ୍ ପାଇଁ ଲାଞ୍ଚ ନେଉଛି ତ ଆଉ କେତେକ କ୍ଷେତ୍ରରେ ହତ୍ୟା ମାମଲାକୁ ଆତ୍ମହତ୍ୟା ବା ଅନ୍ୟ ରୂପ ଦେଉଛି। ଫଳରେ ଦୋଷୀ ଖସି ଯାଉଥିବାବେଳେ ନିର୍ଦ୍ଦୋଷ ଦଣ୍ଡ ପାଉଛନ୍ତି। ସାଧାରଣ ଲୋକେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। କୁହାଯାଏ ହଜାରେ ଦୋଷୀ ଖସି ଯାଆନ୍ତୁ, କିନ୍ତୁ ଜଣେ ନିର୍ଦ୍ଦୋଷ ଦଣ୍ଡ ନ ପାଉ। କିନ୍ତୁ ପୋଲିସ ଏହାର ବିପରୀତ କାର୍ଯ୍ୟ କରିଥିବାର ଅନେକ ନଜିର ରହିଛି। ସେଥିପାଇଁ ଅନେକ ସମୟରେ ପୋଲିସ ଲୋକଙ୍କ ଆକ୍ରୋଶର ଶିକାର ହେଉଛି। କାର୍ଯ୍ୟଧାରାରେ ଅତିଷ୍ଠ ହୋଇ ଲୋକେ ଆକ୍ରମଣ କରୁଛନ୍ତି। ଗତ କିଛିଦିନ ହେବ ରାଜ୍ୟରେ ଘଟିଥିବା କେତେକ ଘଟଣାବଳୀରୁ ପୂରା ପୋଲିସ ପ୍ରଶାସନ ବଦନାମ ହେଉଛି। କେତେଜଣ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ଖାକିରେ କଳଙ୍କ ଲାଗିଛି।

ମାଲକାନଗିରି ଥାନା ଅଧିକାରୀ ରଞ୍ଜନ ସାହୁ ଚଳିତବର୍ଷ ଶ୍ରେଷ୍ଠ ଥାନା ଅଧିକାରୀ ଭାବେ ପୁରସ୍କାର ପାଇଥିଲେ। ହେଲେ ଏକ ଘରୋଇ କଲେଜ କର୍ତ୍ତୃପକ୍ଷଙ୍କଠାରୁ ୧ଲକ୍ଷ ଟଙ୍କା ଲାଞ୍ଚ ନେବାବେଳେ ଗତ ୨୫ ତାରିଖରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଥିଲା। ତାଙ୍କ ସହ ଦୁଇଜଣ ଏସ୍ଆଇ ମାନସ ରଞ୍ଜନ ସ୍ୱାଇଁ ଓ ସୁନୀଲ କୁମାର ମଧ୍ୟ ଗିରଫ ହୋଇଥିଲେ। ଉକ୍ତ ଘରୋଇ କଲେଜ ପିଲାଙ୍କୁ ଜାଲ୍ ସାର୍ଟିଫିକେଟ ଦେଉଥିବା ନେଇ ଅଭିଯୋଗ ହେବା ପରେ ପୋଲିସ କଲେଜ ପ୍ରିନ୍ସିପାଲ ଓ ଅନ୍ୟ ଜଣଙ୍କୁ ଗିରଫ କରିଥିଲା। ହେଲେ ତିଳା ଚାର୍ଜଶିଟ୍ କୋର୍ଟରେ ଦାଖଲ କରିବା ପାଇଁ ଥାନାଧିକାରୀ ସାହୁ ୫ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ପୂର୍ବରୁ ୨ଲକ୍ଷ ଟଙ୍କା ନେଇଥିବାବେଳେ ଅବଶିଷ୍ଟ ଟଙ୍କା ପାଇଁ ସେ ବାରମ୍ବାର ତାଗିଦ କରିବା ପରେ କଲେଜ କର୍ତ୍ତୃପକ୍ଷ ଭିଜିଲାନ୍ସକୁ ଜଣାଇଥିଲେ।

ଗତ ୨୬ ତାରିଖରେ ବାଲେଶ୍ୱର ଜିଲା ବାଲିଆପାଳ ଇଡ୍‌କୋ ଛକସ୍ଥିତ ରାଜଧାନୀ ଢାବାରେ ଜଣେ ୧୫ ବର୍ଷ ନାବାଳକଙ୍କୁ ହତ୍ୟାକରି ଝୁଲାଇ ଦିଆଯାଇଥିବା ଅଭିଯୋଗ ହୋଇଥିଲା। କିନ୍ତୁ ପୋଲିସ ବିଳମ୍ବରେ ପହଞ୍ଚି ଘଟଣାକୁ ଆତ୍ମହତ୍ୟା କହିବାରୁ ଉତ୍ତ୍ୟକ୍ତ ଲୋକେ ବାଲିଆପାଳ ଥାନା ଅଧିକାରୀ ପ୍ରଭୁକଲ୍ୟାଣ ଆଚାର୍ଯ୍ୟଙ୍କୁ ରାସ୍ତା ଉପରେ ଗୋଡାଇ ଗୋଡାଇ ପିଟିଥିଲେ। ଏହା ପରେ ବି ପୋଲିସ ପରିବାର ଲୋକଙ୍କୁ ନ ଜଣାଇ ମୃତଦେହକୁ ବ୍ୟବଚ୍ଛେଦ କରିଦେବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏହି ଘଟଣାକୁ ନେଇ ହତ୍ୟା ମାମଲା ରୁଜୁ କରାଯିବା ସହ ଏସ୍ଆର୍‌ପିସି ତଦନ୍ତ ପାଇଁ ପୋଲିସ ଡିଜି ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଥାନା ଅଧିକାରୀଙ୍କୁ ମଧ୍ୟ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିଲା।

ସମ୍ବଲପୁର ଜିଲା ନନ୍ଦପଡ଼ାର ଜୟଶ୍ରୀ ମିଶ୍ରଙ୍କୁ ୮ବର୍ଷ ତଳେ ହତ୍ୟା କରାଯାଇ ପୋତି ଦିଆଯାଇଥିଲା। ସେତେବେଳେ ଏନେଇ ତାଙ୍କ ଝିଅ ବିଜୟିନୀ ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ଅଭିଯୋଗକୁ ସେତେଟା ଗୁରୁତ୍ୱ ନ ଦେଇ କେବଳ ଷ୍ଟେଶନ ଡାଏରୀ କରି ଚୁପ୍ ବସିଥିଲା। ଏପରି କି ତାଙ୍କ ମା'ଙ୍କ ଚରିତ୍ର ସଂହାର କରିବାକୁ ପଛାଇ ନ ଥିଲା। ହେଲେ ବିଜୟିନୀ ମା'ଙ୍କ ହତ୍ୟାକାରୀଙ୍କୁ ଧରିବା ପାଇଁ ପୋଲିସ ମୁଖ୍ୟାଳୟକୁ ସୂଚନା ଅଧିକାର (ଆର୍‌ଟିଆଇ)ବଳରେ ତଥ୍ୟ ମାଗିଥିଲେ। ଏବେ ତତ୍ପରତା ଦେଖାଇ ପୋଲିସ ତଦନ୍ତ କରି ହତ୍ୟା ଘଟଣାର ପର୍ଦ୍ଦାଫାଶ କରିବା ସହ ମାଟିତଳୁ ମହିଳାଙ୍କ ଦେହାବଶେଷ ବାହାର କରିଛି। ଏହି ଘଟଣାରେ ମୃତା ମହିଳାଙ୍କ ସମ୍ପର୍କୀୟ ଭିଶୋଇ ବସନ୍ତ ପଣ୍ଡାଙ୍କୁ ଗିରଫ କରିଛି। ସେତେବେଳେ ଉକ୍ତ ମାମଲାର ତଦନ୍ତକାରୀ ଅଧିକାରୀ କିଏ ଥିଲେ ତାହା ଏବେ ଖୋଜା ଚାଲିଛି।

ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଥାନା ପୋଲିସ ଜଣେ ମହିଳାଙ୍କୁ ହତ୍ୟା କରିଥିବା ଦର୍ଶାଇ ଦୁଇଜଣଙ୍କୁ ଗିରଫ କରିଥିଲା। ହେଲେ ଉକ୍ତ ମହିଳା ଜଣକ ବଞ୍ଚିଥିବା ପୋଲିସ ଜାଣିବା ପରେ ଏବେ ହରଡ଼ଘଣାରେ ପଡିଛି। ଗତ ଏପ୍ରିଲରେ ବାଦାମପାହାଡ଼ ଜଙ୍ଗଲରୁ ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ମିଳିଥିଲା। ଏହି ସମୟରେ ପୋଲିସ ଏକ ମହିଳା ନିଖୋଜ ଅଭିଯୋଗକୁ ମୃତଦେହ ମିଳିବା ଘଟଣା ସହ ଯୋଡ଼ି ହତ୍ୟା ମାମଲା ରୁଜୁ କରି ସ୍ୱାମୀ ସଞ୍ଜୟ ନାୟକ ଓ ଶ୍ୱଶୁର ମଙ୍ଗଳ ନାୟକଙ୍କୁ ଗିରଫ କରିଥିଲା। ଜାମିନ ନ ମିଳିବାରୁ ସେମାନଙ୍କୁ ଜେଲ୍ ପଠାଇ ଦିଆଯାଇଥିଲା। କିନ୍ତୁ ଉକ୍ତ ମହିଳା ଜଣକ କଟକରେ ତାଙ୍କ ମା'ଙ୍କ ସହ ରହୁଥିବା ଗତ ୨୫ ତାରିଖରେ ଜଣାପଡିଛି। ସେହିଭଳି ବରଗଡ଼ରେ ମଧ୍ୟ ଅନୁରୂପ ଘଟଣା ଘଟିଥିଲା। ୨୦୧୬ ଡିସେମ୍ବର ୨୫ରେ ଜିତୁ ନାମକ ଜଣେ ଯୁବକ ନିଖୋଜ ଥିଲେ। ହେଲେ ପାଇକମାଳ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ୨୦୧୭ ଅକ୍ଟୋବରେ ୨୨ରେ ହୁଲୁ ଗୁଲା ଓ ରାଘବ ନାୟକଙ୍କୁ ଗିରଫ କରିଥିଲା। ହେଲେ ୨୦୧୮ ଜୁଲାଇରେ ଘରକୁ ଫେରିବା ପରେ ପୋଲିସର ତଦନ୍ତକୁ ନେଇ ପ୍ରଶ୍ନ ଉଠିଥିଲା। ☞ପୃଷ୍ଠା-୪



**କିଛି ସଦ୍ୟ କାରନାମା**
- ଶ୍ରେଷ୍ଠ ଥାନା ଅଧିକାରୀ ଲାଞ୍ଚ ମାଗି ଗିରଫ
- ହତ୍ୟାକୁ ଆତ୍ମହତ୍ୟା ରୂପ ଦେବାରୁ ଥାନାଧିକାରୀଙ୍କୁ ମାଡ଼
- ୮ବର୍ଷ ଧରି ଚାପି ହୋଇଯାଇଥିଲା ହତ୍ୟା ଘଟଣା
- ହତ୍ୟା ଅଭିଯୋଗରେ ନିର୍ଦ୍ଦୋଷଙ୍କୁ ଜେଲ

### କଟକରେ ୩ଜଣଙ୍କୁ ଗଳାକାଟି ହତ୍ୟା ଘଟଣା
## ସୁରାକ ମିଳିଲା, ଜରିଗୋଟାଳି ଅଭିଯୁକ୍ତ

ଭୁବନେଶ୍ୱର, ୨୮।୭(ବ୍ୟୁରୋ)

କଟକରେ ୩ଜଣଙ୍କୁ ଗଳାକାଟି ହତ୍ୟା ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସୁରାକ ପାଇଛି ପୋଲିସ। ସେ ଜଣେ ଜରିଗୋଟାଳି ଓ ମାନସିକ ରୋଗୀ ବୋଲି ଜଣାପଡିଛି। ଘଟଣା ପରେ ସହରରେ ପୋଲିସ ପାଟ୍ରୋଲିଂ ଦେଖି ସେ ଫେରାର ଥିବା ପୋଲିସ ଜାଣିବାକୁ ପାଇଛି। ତାଙ୍କୁ ଧରିବା ପାଇଁ ଜଣେ ଅତିରିକ୍ତ ଡିସିପିଙ୍କ ନେତୃତ୍ୱରେ ଚଢାଉ କରାଯାଉଛି। ଖୁବ୍‌ଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଅଭିଯୁକ୍ତ ଜଣକ କିଛିଦିନ ହେବ କଟକ ଏସ୍‌ସିବି ମେଡିକାଲର ମାନସିକ ରୋଗ ବିଭାଗରେ ଚିକିତ୍ସିତ ହେଉଥିଲେ। ପାରିବାରିକ ଅଶାନ୍ତି ପାଇଁ ସେ ମାନସିକ ଭାରସାମ୍ୟ ହରାଇଥିବା ପୋଲିସ ତଦନ୍ତରୁ ଅନୁମାନ କରୁଛି । ୨୪ ଘଣ୍ଟାରେ ୩ ହତ୍ୟାକାଣ୍ଡ ଘଟିବା ପରେ ପୋଲିସ ହତ୍ୟାକାରୀଙ୍କୁ ଧରିବାକୁ ଜୋରଦାର ଉଦ୍ୟମ କରିଥିଲା। ୩ଜଣଙ୍କୁ ସମାନ ଢଙ୍ଗରେ ଅର୍ଥାତ୍ ଗଳାକୁ ଛୁରିରେ କାଟିବା ପରେ ପଥରରେ ମୁଣ୍ଡକୁ ଛେଚି ହତ୍ୟା କରାଯାଇଥିବା ଶବ ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଥିଲା। ୩ ମୃତକ ଦିନମଜୁରିଆ ଥିଲେ। ସେମାନେ ଫୁଟ୍‌ପାଥରେ ଶୋଉଥିଲେ। ଏଭଳି ଦିନ ମଜୁରିଆଙ୍କୁ ହତ୍ୟା କରିବା ପଛର କାରଣ କ'ଣ ସେନେଇ ପୋଲିସ ଖୋଳତାଡ କରିଥିଲା। ଏନେଇ ପୋଲିସ ଶବ ବ୍ୟବଚ୍ଛେଦ କରିଥିବା ଡାକ୍ତରଙ୍କ ସହ ଆଲୋଚନା କରିବାରୁ ହତ୍ୟାକାଣ୍ଡ ପଛରେ ସାଇକୋ କିଲରର ସମ୍ପୃକ୍ତି ଥିବା ସନ୍ଦେହ ଦୃଢ଼ୀଭୂତ ହୋଇଥିଲା। ଏହାପରେ ପୋଲିସ ଜଣେ ମନସ୍ତତ୍ତ୍ୱବିତ୍‌ଙ୍କ ସହ ଆଲୋଚନା କରିଥିଲା। ଶେଷରେ ପୋଲିସ ଏସ୍‌ସିବି ମେଡିକାଲ ଯାଇ ମାନସିକ ରୋଗ ବିଭାଗରେ ଚିକିତ୍ସିତ ହେଉଥିବା ୧୨ଜଣଙ୍କ ତଥ୍ୟ ନେଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ବିଭିନ୍ନ ସମୟରେ ମହିଳା ରୋଗୀ ଓ ସମ୍ପର୍କୀୟଙ୍କ ଅନ୍ତବସ୍ତ୍ର ଚୋରି କରି ରଖିବା ସହ ଡାକ୍ତର ଏବଂ ନର୍ସଙ୍କୁ ଆକ୍ରମଣ ଉଦ୍ୟମ କରିଥିବା ଜଣାପଡ଼ିଥିଲା। ଏପରି କି ସେ ଗତ କିଛିଦିନ ହେବ ମେଡିକାଲରୁ ଫେରାର ହୋଇଯାଇଥିବା ପୋଲିସ ଜାଣିବାକୁ ପାଇବା ପରେ ସେ ହିଁ ଅଭିଯୁକ୍ତ ବୋଲି ଚିହ୍ନଟ କରିଥିଲା। ପୋଲିସ ତାଙ୍କ ଘର ଠିକଣାରେ ପହଞ୍ଚିବାବେଳେ ସେ ସେଠାରେ ନ ଥିବା ଜଣାପଡ଼ିଥିଲା। ଉକ୍ତ ବ୍ୟକ୍ତି ଜଣକ କଟକର ଏକ ବସ୍ତିରେ ରହିବା ସହ ଜରି ଗୋଟାଇ ଗୁଜରାଣ ମେଣ୍ଟାଉଥିଲେ। କେଉଁ କାରଣରୁ ସେ ଦିନମଜୁରିଆଙ୍କୁ ଟାର୍ଗେଟ କରିଥିଲେ ତାହା ଜାଣିବା ପାଇଁ ଉତ୍କଣ୍ଠା ରହିଥିବା କମିଶନର ମହାନ୍ତି କହିଛନ୍ତି।

# ବିନା ଦୋଷରେ ଜେଲ କାଟିଲେ ବାପପୁଅ

ବାରିପଦା ଅଫିସ/ ରାଇରଙ୍ଗପୁର, ୨୮।୭(ଡି.ଏନ୍.ଏ.)

**ମୃତ ମହିଳା ଜୀବିତ ଘଟଣା**
- ପୋଲିସର ଦାୟିତ୍ୱହୀନତାକୁ ନେଇ ପ୍ରଶ୍ନବାଚୀ
- ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ଘଟଣାର ତଦନ୍ତ ଦାୟିତ୍ୱ
- ଜଙ୍ଗଲରୁ ମିଳିଥିବା ମୃତଦେହକୁ ନେଇ ଅଡୁଆରେ ପୋଲିସ



ଜେଲରୁ ଖଲାସ ହୋଇଥିବା ମଙ୍ଗଳ ନାଏକ ଓ ତାଙ୍କ ପୁଅ ସଞ୍ଜୟ ।

ମୟୂରଭଞ୍ଜ ଜିଲା ବାଦାମପାହାଡ ଥାନା ପୋଲିସ ୩ ମାସ ତଳେ ମୃତ ଘୋଷଣା କରିଥିବା ରାଇମଣି ନାଏକ ନାମ୍ନୀ ଜଣେ ମହିଳାଙ୍କୁ ଜୀବନ୍ତ ଅବସ୍ଥାରେ ଶନିବାର କୋର୍ଟରେ ହାଜର କରିଛି। ତାଙ୍କ ବୟାନ ରେକର୍ଡ ପରେ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଇମଣିଙ୍କୁ ହତ୍ୟା କରିଥିବା ଅଭିଯୋଗରେ ପୋଲିସ ଦ୍ୱାରା ଗିରଫ ହୋଇଥିବା ସ୍ୱାମୀ ସଞ୍ଜୟ ନାଏକ ଏବଂ ଶ୍ୱଶୁର ମଙ୍ଗଳ ନାଏକଙ୍କୁ ରବିବାର ରାଇରଙ୍ଗପୁର ଜେଲରୁ ଖଲାସ କରାଯାଇଛି। ତେବେ ବିନା ଦୋଷରେ ଦୀର୍ଘ ଅଢ଼େଇମାସରୁ ଊର୍ଦ୍ଧ୍ୱ ସଞ୍ଜୟ ଏବଂ ମଙ୍ଗଳଙ୍କୁ ଜେଲଦଣ୍ଡ ଦିଆଯିବାରେ ପୋଲିସକୁ ସମ୍ପୂର୍ଣ୍ଣ ମାତ୍ରାରେ ଦାୟୀ କରିଛନ୍ତି ସ୍ଥାନୀୟ ଅଞ୍ଚଳବାସୀ। ଏହି ଘଟଣା ପୋଲିସର ଦାୟିତ୍ୱହୀନ ତଦନ୍ତ ଏବଂ ତ୍ରୁଟିପୂର୍ଣ୍ଣ ଆଇନ ବ୍ୟବସ୍ଥା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଉଲ୍ଲେଖନୀୟ ଯେ, ବାଦାମପାହାଡ ଥାନା ଅଧୀନ ପୁରୁଣାପାଣି ଗ୍ରାମର ରାଇମଣି କିଛି ମାସ ପୂର୍ବରୁ ଘରୁ ଚାଲିଯାଇ କଟକରେ ରହି କାମଧନ୍ଦା କରୁଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ପତ୍ତା ପାଇ ନ ଥିଲେ। ଘଟଣା କ୍ରମେ ଗତ ଏପ୍ରିଲ ୨୭ ତାରିଖରେ ବାଦାମପାହାଡ ଥାନା ଅଧୀନ ପାହାଡପୁର ଜଙ୍ଗଲରୁ ଜଣେ ମହିଳାଙ୍କ ଗଳିତ ମୃତଦେହ ମିଳିଥିଲା। ପୋଲିସ ଏହାର ତଦନ୍ତ କଲାବେଳେ ମୃତଦେହ ନିଖୋଜ ରାଇମଣିଙ୍କର ବୋଲି ତାଙ୍କ ଆତ୍ମୀୟସ୍ୱଜନ ସନ୍ଦେହ ପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ରାଇମଣିଙ୍କୁ ଜଙ୍ଗଲରେ ☞ପୃଷ୍ଠା-୪

# ସୋସିଆଲ ମିଡିଆରେ ମହାପ୍ରଭୁଙ୍କ ଗୁପ୍ତ ବିଧି

ପୁରୀ ଅଫିସ,୨୮।୭

ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥ। ଦେଶ ବିଦେଶର ବିଭିନ୍ନ ସ୍ଥାନରେ ଶ୍ରୀଜଗନ୍ନାଥ ମନ୍ଦିର ରହିଛି। ସେଠାରେ ଶ୍ରଦ୍ଧାଳୁମାନେ ଠାକୁରମାନଙ୍କୁ ଉପାସନା କରୁଛନ୍ତି। ଏମିତି କି ଅନେକ ଦେଶରେ ରଥଯାତ୍ରା ବି ଅନୁଷ୍ଠିତ ହେଉଛି। ହେଲେ ଶ୍ରୀମନ୍ଦିରରେ ଦାରୁବିଗ୍ରହଙ୍କ ସେବାପୂଜା, ରୀତିନୀତି ଯେଉଁଭଳି କରାଯାଉଛି ତାହା ଅନ୍ୟ କେଉଁଠି ଦେଖିବାକୁ ମିଳି ନ ଥାଏ। ଶ୍ରୀମନ୍ଦିରର ପରମ୍ପରା, ସଂସ୍କୃତି ଅନ୍ୟ ସବୁ ମନ୍ଦିରଠାରୁ ଭିନ୍ନ ଓ ସ୍ୱତନ୍ତ୍ର। ସେମିତି ବଡ଼ଦେଉଳରେ ମହାପ୍ରଭୁଙ୍କ ଏକାଧିକ ଗୁପ୍ତ ବିଧି ରହିଛି, ଯାହା ସେବା ସହ ସମ୍ପୃକ୍ତ ସେବକଙ୍କ ଛଡ଼ା ଅନ୍ୟ କେହି ଜାଣି ନ ଥାନ୍ତି। ସେହିପରି ଶ୍ରୀମନ୍ଦିରରେ ଦୈନିକ କେତେକ ନୀତି ଯେପରି କି ଗୋପାଳ ବଲ୍ଲଭ, ଷୋଡ଼ଶ ଉପଚାର ପୂଜା ମଧ୍ୟ ଭକ୍ତଙ୍କ ଆଢୁଆଳରେ କରାଯାଏ। ମହାସ୍ନାନ ପାଇଁ ଜୟ ବିଜୟ ଦ୍ୱାର ବନ୍ଦ ରୁହେ। ଏମିତି ଶ୍ରୀମନ୍ଦିରର ଅନେକ ସ୍ୱାତନ୍ତ୍ର୍ୟ ରହିଛି। ହେଲେ ଶ୍ରୀମନ୍ଦିରରେ ହେଉଥିବା ସମସ୍ତ ସେବାପୂଜା ଓ ରୀତିନୀତି ରାଜ୍ୟ ବାହାରେ (ମନ୍ଦିର କିମ୍ବା ଘରେ) କରାଯାଉଥିବା ବେଳର ଫଟୋ ସୋସିଆଲ ମିଡିଆରେ ଘୂରିବୁଲୁଛି। ସବୁଠୁ ପରିତାପର ବିଷୟ ହେଉଛି ଶ୍ରୀମନ୍ଦିରର କେତେଜଣ ନିର୍ଦ୍ଦିଷ୍ଟ ଗୋଷ୍ଠୀର ସେବାୟତ ଅନ୍ୟତ୍ର ଯାଇ ଠାକୁରଙ୍କ ପୂଜାବିଧି ସମ୍ପନ୍ନ କରୁଛନ୍ତି। ଫଳରେ ମହାପ୍ରଭୁଙ୍କ ଅନେକ ଗୁପ୍ତ ବିଧି ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ରବିବାର ଏହି ଭାଇରାଲ ଫଟୋ ଜଣାପଡ଼ିବା ପରେ ଏହାକୁ ନେଇ ବିଭିନ୍ନ ପ୍ରକାର ଚର୍ଚ୍ଚା ହେଉଛି।




ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଫଟୋ।

କୌଶିକ ନାମଧାରୀ ଜଣେ ବ୍ୟକ୍ତିଙ୍କ ଫେସ୍‌ବୁକ ଆକାଉଣ୍ଟରେ ଏହିଭଳି ସଂଖ୍ୟାଧିକ ଫଟୋ ଅପ୍‌ଲୋଡ ହୋଇଥିବା ଦେଖିବାକୁ ମିଳିଛି। ଏଥିରୁ କେତେକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଗୋଟିଏ ମୋବାଇଲରୁ ଅନ୍ୟ ମୋବାଇଲକୁ ଘୂରିବୁଲୁଛି। ତେବେ ଏଥିରେ ମହାପ୍ରଭୁଙ୍କ ଅବକାଶଠାରୁ ଆରମ୍ଭ କରି ବିଭିନ୍ନ ପୂଜା ସମୟର ଫଟୋ ରହିଛି। ଶ୍ରୀମନ୍ଦିରରେ ଠାକୁରମାନଙ୍କୁ ଯେପରି ବେଶ କରାଯାଏ ଠିକ୍ ସେହିପରି ବେଶ କରାଯାଇଛି। ସମ୍ମୁଖରେ କୁଡୁଆରେ ଭୋଗ ବି ରହିଛି। ତେବେ ଏହାର ସତ୍ୟତା କ'ଣ, ଏହା କେଉଁ ରାଜ୍ୟର ଏବଂ ମନ୍ଦିରରେ ନା ଘରେ ଚତୁର୍ଦ୍ଧାବିଗ୍ରହଙ୍କୁ ଏହିଭଳି ଉପାସନା କରାଯାଉଛି ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ଜଣାପଡ଼ିନାହିଁ।

ଘଟଣାକୁ ନେଇ ଶ୍ରୀଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପୁରୀର ମହେଶ୍ୱର ବେହେରା କହିଛନ୍ତି, ମହାପ୍ରଭୁଙ୍କ ସେବାପୂଜାରେ ଶ୍ରୀମନ୍ଦିରର କିଛିଟା ସ୍ୱତନ୍ତ୍ର ରହିଛି। ଏହାକୁ ବାହାରେ ପ୍ରଘଟ କରିବା ଠିକ୍ ନୁହେଁ। ଶ୍ରୀମନ୍ଦିରର କେତେଜଣ ସେବକ ବାହାରକୁ ଯାଇ ମହାପ୍ରଭୁଙ୍କ ବିଧି ସମ୍ପନ୍ନ କରିଛନ୍ତି। ତାହାର ଫଟୋ ଏବଂ ଭିଡିଓ ଉତ୍ତୋଳନ କରାଯାଇ ସୋସିଆଲ ମିଡିଆରେ ଅପ୍‌ଲୋଡ କରାଯାଇଛି। ଏହାଠୁ ଭଳି ଦୁର୍ଭାଗ୍ୟଜନକ ଘଟଣା କ'ଣ ବା ହୋଇପାରେ ବୋଲି ସେ ପ୍ରଶ୍ନ ଉଠାଇବା ସହ ଏହା ଶାସ୍ତ୍ରସମ୍ମତ କି ନୁହେଁ ତାହା ବିଚାରଯୋଗ୍ୟ ବୋଲି କହିଛନ୍ତି।

**ଆଜିର ସମ୍ପାଦକୀୟ**

**କଶ୍ମୀର: ବଢ଼ିଲା ଖର୍ଚ୍ଚ**

**ଆଜିର ମନ୍ତବ୍ୟ**

"୨୦୨୪ ସୁଦ୍ଧା ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତିରେ ପରିଣତ ହେବ ଭାରତ।

–ଅମିତ୍ ଶାହ, ସ୍ୱରାଷ୍ଟ୍ରମନ୍ତ୍ରୀ

**କିଛି ତଥ୍ୟ**

ଜୁଲାଇ ମାସର ବର୍ତ୍ତମାନ ସମୟ ସୁଦ୍ଧା ଦେଶର ପୁଞ୍ଜି ବଜାରରୁ ବିଦେଶୀ ନିବେଶକମାନେ ୩୭୦୦ କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର କରିଛନ୍ତି।

– ଷ୍ଟକ ବଜାର ଡିପୋଜିଟୋରୀ ଡାଟା


NECC NATIONAL EGG CO-ORDINATION COMMITTEE 28.07.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 61 | 107 | 119 |
| CTC | 61 | 107 | 117 |
| DKL | 60 | 106 | 116 |
| BDK | 61 | 107 | 117 |
| BLS | 62 | 109 | 119 |
| ANG | 60 | 106 | 116 |
| BHM | 57 | 102 | 112 |

*Conditions Apply

Eggs Retail Price- 39/-Dozen
Issued in the Interest of Consumers


# ପରିବା: ସରକାରଙ୍କ ତଥ୍ୟ ନାହିଁ

ଭୁବନେଶ୍ୱର, ୨୮।୭(ବ୍ୟୁରୋ)

- ବାଇଗଣ ରାଜ୍ୟର ସର୍ବାଧିକ ଉତ୍ପାଦିତ ପରିବା
- କନ୍ଦମୂଳ ଉତ୍ପାଦନରେ ଓଡ଼ିଶା ଏକ ନମ୍ବର
- ଅଧିକ ହୋଇ ବି ବାହାରୁ ଆସୁଛି ପରିବା



ଓଡ଼ିଶାରେ ଯେତିକି ପରିବା ଉତ୍ପାଦନ ହେଉଛି, ତା'ଠାରୁ ବହୁତ ଅଧିକ ପନିପରିବା ବାହାର ରାଜ୍ୟରୁ ଆମଦାନୀ କରାଯାଉଛି। କହିବାକୁ ଗଲେ ପ୍ରାୟତଃ ସମସ୍ତ ପରିବା ବାହାର ରାଜ୍ୟରୁ ହିଁ ଆସୁଛି। ବଡ଼ବଡ଼ ହାଟ ଏବଂ ପରିବା ମାର୍କେଟରେ ପ୍ରତ୍ୟେକ ଦିନ ବାହାର ରାଜ୍ୟରୁ ଆସି ଲାଗୁଥିବା ପରିବା ବୋଝେଇ ଟ୍ରକ ଦେଖିଲେ ଏହା ସ୍ପଷ୍ଟ ବୁଝାପଡ଼େ। ରାଜ୍ୟର ଜନସଂଖ୍ୟା ଅନୁଯାୟୀ ମୁଣ୍ଡ ପିଛା ପରିବାର ଆବଶ୍ୟକତା ଯେତିକି ରହିଛି, ତା'ଠାରୁ ବହୁତ ଅଧିକ ଓଡ଼ିଶାରେ ଉତ୍ପାଦନ ହେଉଛି ବୋଲି ସରକାର ତଥ୍ୟ ରଖିଛନ୍ତି। ତଥାପି ବାହାର ରାଜ୍ୟରୁ ଦୈନିକ ଅନେକ ଶହ ମେଟ୍ରିକ ଟନ୍ ପରିବା ଆମଦାନୀ କାହିଁକି ହେଉଛି ତାହା କୌଣସି ସରକାରୀ ସ୍ତରରେ ଜଣାନାହିଁ।

୨୦୧୧ ଜନଗଣନା ଅନୁଯାୟୀ ରାଜ୍ୟର ମୋଟ ଲୋକ ସଂଖ୍ୟା ୪କୋଟି ୫୯ଲକ୍ଷ ବୋଲି ହିସାବ କରାଯାଉଛି। ରାଜ୍ୟ ସରକାରଙ୍କ କୃଷି ବିଭାଗ ଅଧିକାରୀମାନେ ଇଣ୍ଡିଆନ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍ଆର) ତଥ୍ୟ ଅନୁଯାୟୀ ଦର୍ଶାଇଛନ୍ତି, ରାଜ୍ୟରେ ଜଣେ ବ୍ୟକ୍ତିର ମୁଣ୍ଡ ପିଛା ଦୈନିକ ୩୦୦ ଗ୍ରାମ୍ ପରିବା ଆବଶ୍ୟକ। ସେଥିପାଇଁ ଓଡ଼ିଶାରେ ବର୍ଷକୁ ମୋଟ ୪୪.୪୪ ଲକ୍ଷ ମେଟ୍ରିକ ଟନ୍ ପରିବାର ଆବଶ୍ୟକତା ରହିଛି। କିନ୍ତୁ ରାଜ୍ୟରେ ୯୦.୩୭ ଲକ୍ଷ ମେଟ୍ରିକ ଟନ୍ ପରିବା ଉତ୍ପାଦନ କରାଯାଉଛି, ଯେଉଁଥିରୁ ୯.୨୧ ଲକ୍ଷ ମେଟ୍ରିକ ଟନ୍ ପରିବା ନଷ୍ଟ ହୋଇ ୮୧.୧୬ ଲକ୍ଷ ମେଟ୍ରିକ ଟନ୍ ରହୁଛି। ତେଣୁ ରାଜ୍ୟରେ ପାଖାପାଖି ୧୦ ପ୍ରତିଶତ ପରିବା ନଷ୍ଟ ହୋଇଯାଉଛି। ଅର୍ଥାତ୍ ରାଜ୍ୟରେ ଆବଶ୍ୟକତାଠାରୁ ୩୬.୭୨ ଲକ୍ଷ ମେଟ୍ରିକ ଟନ୍ ପରିବା ବଳକା ରହୁଛି ବୋଲି ସରକାର ତଥ୍ୟ ରଖିଛନ୍ତି।

ସରକାରୀ ତଥ୍ୟ ଅନୁଯାୟୀ, ୨୦୧୮-୧୯ ଆର୍ଥିକ ବର୍ଷରେ ରାଜ୍ୟରେ ସର୍ବମୋଟ ୧୭.୨୦ ମେଟ୍ରିକ ଟନ୍ ଛତୁ ଚାଷ ହେଉଥିବା ବେଳେ ଭେଣ୍ଡି ୫୬୬.୦୯ ମେଟ୍ରିକ ଟନ୍, ପିଆଜ ୩୭୩.୮୯ ମେଟ୍ରିକ୍ ଟନ୍, ପୋଟଳ ୨୪.୨୮ ମେଟ୍ରିକ ଟନ୍, ଆଳୁ ୨୯୪.୧୮ ମେଟ୍ରିକ୍ ଟନ୍, ମୂଳା ୧୩୬.୫୨ ମେଟ୍ରିକ୍ ଟନ୍, ଶାଗ ୨୩୫.୦୪ ମେଟ୍ରିକ୍ ଟନ୍, କନ୍ଦମୂଳ ୩୭୮.୩୩ ମେଟ୍ରିକ୍ ଟନ୍, ଟମାଟୋ ୧୩୧୨.୦୮ ମେଟ୍ରିକ୍ ଟନ୍, କଲରା ୧୦୬.୫୮ ମେଟ୍ରିକ ଟନ୍, ବାଇଗଣ ୨୦୦୯.୪୦ ମେଟ୍ରିକ୍ ଟନ୍, ବନ୍ଧାକୋବି ୧୦୫୮.୭୮ମେଟ୍ରିକ୍ ଟନ୍, କ୍ୟାପସିକମ୍ ୭.୦୦ ମେଟ୍ରିକ ଟନ୍, ଫୁଲକୋବି ୬୧୭.୩୩ ମେଟ୍ରିକ ଟନ୍, କଖାରୁ ୪୫୮.୨୯ ମେଟ୍ରିକ ଟନ୍ ଇତ୍ୟାଦି ପରିବା ଉତ୍ପାଦନ କରାଯାଉଛି। ଅର୍ଥାତ୍ ସରକାରଙ୍କ ତଥ୍ୟ ଅନୁଯାୟୀ ରାଜ୍ୟରେ ସବୁଠାରୁ ଅଧିକ ବାଇଗଣ ଉତ୍ପାଦନ ହେଉଛି। ଏହାପରେ ଟମାଟୋ ରାଜ୍ୟରେ ଦ୍ୱିତୀୟ ସର୍ବାଧିକ ଉତ୍ପାଦନ ହେଉଥିବା ପରିବା। ଏହାଛଡା ବନ୍ଧାକୋବି, ଫୁଲକୋବି, ଭେଣ୍ଡି ଏବଂ କଖାରୁ ଆଦି ରାଜ୍ୟରେ ଅଧିକ ଉତ୍ପାଦନ ଥିଲେ ମଧ୍ୟ ତାକୁ ପ୍ରକ୍ରିୟାକରଣ କରିବାର କୌଣସି ବ୍ୟବସ୍ଥା ନାହିଁ। ଅନ୍ୟପଟେ ରାଜ୍ୟର ପ୍ରତ୍ୟେକ ଅଞ୍ଚଳକୁ ପ୍ରତିଦିନ ଶହଶହ ଟ୍ରକ ମାଧ୍ୟମରେ ବାହ୍ୟ ରାଜ୍ୟରୁ ବିଭିନ୍ନ ପ୍ରକାର ପରିବା ବୁହାହୋଇ ଆସୁଥିବାର ସମସ୍ତେ ଦେଖୁଛନ୍ତି। ଧରିତ୍ରୀ ପକ୍ଷରୁ ଏହାର ତଥ୍ୟ ଜାଣିବା ପାଇଁ ଉଦ୍ୟମ କରାଯାଇ ଜଣାପଡ଼ିଲା ଯେ, ରାଜ୍ୟ ସରକାରଙ୍କ ପାଖରେ ଏନେଇ ନିର୍ଦ୍ଦିଷ୍ଟ କୌଣସି ତଥ୍ୟ ନାହିଁ। କିନ୍ତୁ ଜଣେ ସରକାରୀ ଅଧିକାରୀଙ୍କ କହିବା କଥା, ଟମାଟୋ ଏକ ନିର୍ଦ୍ଦିଷ୍ଟ ସମୟରେ ରାଜ୍ୟରେ ଅଧିକ ଉତ୍ପାଦନ ହେଉଛି। ବର୍ଷଓ୍ୱାରି ଟମାଟୋ ଏହିଭଳି ଉତ୍ପାଦନ ହେଉନାହିଁ। ସେହିପରି ରାଜ୍ୟରେ କୋବି ଅଧିକା ଉତ୍ପାଦନ ହେଉଥିଲେ ମଧ୍ୟ ଟମାଟୋ ଭଳି ଅବସ୍ଥା। ନିର୍ଦ୍ଦିଷ୍ଟ ଋତୁରେ ଏହିସବୁ ଫସଲ ରାଜ୍ୟରେ ଅଧିକ ହେଉଛି। ବର୍ଷସାରା କିପରି ଚାଷୀ ସବୁ ପ୍ରକାର ପରିବା ଚାଷ କରିବେ ସେନେଇ ସରକାରୀସ୍ତରରେ ସେମାନଙ୍କୁ ମଧ୍ୟ ବୁଝାଯାଇ ପାରୁନାହିଁ ବୋଲି ଅଧିକାରୀ ସୂଚନା ଦେଇଛନ୍ତି। ☞ପୃଷ୍ଠା-୪

## ଜୟପାଲ ରେଡ୍ଡୀଙ୍କ ପରଲୋକ



ହାଇଦ୍ରାବାଦ,୨୮।୭(ପି.ଟି.)

ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏସ୍. ଜୟପାଲ ରେଡ୍ଡୀଙ୍କର ଶନିବାର ବିଳମ୍ବିତ ରାତିରେ ସ୍ଥାନୀୟ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୭୭ ବର୍ଷ ବୟସ ହୋଇଥିଲା। ତାଙ୍କର ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ସୋମବାର ତାଙ୍କର ଶେଷକୃତ୍ୟ ହାଇଦ୍ରାବାଦରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସମ୍ପନ୍ନ ହେବ ବୋଲି ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓ କହିଛନ୍ତି।



ମ୍ୟାନ୍‌ମାର୍‌ର ଉତ୍ତର ପ୍ରାନ୍ତ କାଚିନ ଷ୍ଟେଟ୍‌ର ହପ୍‌କଣ୍ଟରେ ଏକ ରତ୍ନପଥର ଖଣିରେ ବିରାଟ ଅତଡା ଧସିବା ଯୋଗୁ ଅନ୍ୟୁନ ୧୩ଜଣ ଲୋକଙ୍କ ମୃତ୍ୟୁ ଘଟିଛି। ହପ୍‌କଣ୍ଟର କେଇନ ଚାଉଙ୍ଗ ଗାଁ ନିକଟବର୍ତ୍ତୀ ଏକ ବନ୍ଦ ପଥରଖଣିର କ୍ଲିପ୍ ୱାଲ୍ ଧସିଯାଇଥିଲା। ଏ ପର୍ଯ୍ୟନ୍ତ ୧୩ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିବାବେଳେ ୫ଜଣ ନିଖୋଜ ଅଛନ୍ତି।



■ କର୍ନାଟକ ବିଧାନସଭାରେ ଆସ୍ଥାଭୋଟ ଆଜି: ବାଚସ୍ପତିଙ୍କ ବଡ଼ କାର୍ଯ୍ୟାନୁଷ୍ଠାନ

# ୧୪ ବିଦ୍ରୋହୀ ବିଧାୟକ ଅଯୋଗ୍ୟ

ବେଙ୍ଗାଲୁରୁ,୨୮।୭
(ପି.ଟି./ଆଇଏଏନ୍ଏସ୍)


ବାଚସ୍ପତି କେ.ଆର. ରମେଶ କୁମାର

■ ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବେ ସମସ୍ତ ୧୭ ବିଦ୍ରୋହୀ

■ ଶତ ପ୍ରତିଶତ ବିଜୟର ଦୃଢ଼ୋକ୍ତି ବାଢ଼ିଲେ ୟେଦୁରପ୍ପା

କର୍ନାଟକ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପାଙ୍କ ଶକ୍ତିପରୀକ୍ଷାର ଦିନକ ପୂର୍ବରୁ ବିଧାନସଭା ବାଚସ୍ପତି କେ.ଆର. ରମେଶ କୁମାର ଦଳବଦଳ ଆଇନାନୁସାରେ ଆଉ ୧୪ ବିଦ୍ରୋହୀ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରିଛନ୍ତି। ଏହାସହ କଂଗ୍ରେସ ଓ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍)ର ଏହି ବିଧାୟକଙ୍କ ସଦସ୍ୟତା ୨୦୨୩ ପର୍ଯ୍ୟନ୍ତ ରଦ୍ଦ ହୋଇଛି। ବାଚସ୍ପତିଙ୍କ ସଦ୍ୟ କାର୍ଯ୍ୟାନୁଷ୍ଠାନ ସହ ଅଯୋଗ୍ୟ ଘୋଷିତ ବିଦ୍ରୋହୀ ବିଧାୟକଙ୍କ ସଂଖ୍ୟା ୧୭ରେ ପହଞ୍ଚିଛି। ଭାଜପା ଏହାକୁ ବେଆଇନ ଓ ଅସାମ୍ବିଧାନିକ ଭାବେ ଅଭିହିତ କରିଥିବାବେଳେ ସଦସ୍ୟତା ହରାଇଥିବା ସମସ୍ତ ୧୭ ବିଦ୍ରୋହୀ ବାଚସ୍ପତିଙ୍କ ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବା ପାଇଁ ପ୍ରସ୍ତୁତ ହୋଇଛନ୍ତି।

କଂଗ୍ରେସ-ଜେଡିଏସ୍‌ର ୧୫ ଏବଂ ଦୁଇ ସ୍ୱାଧୀନ ବିଧାୟକଙ୍କ ଇସ୍ତଫା ପରେ କର୍ନାଟକରେ ରାଜନୈତିକ ସଙ୍କଟ ସୃଷ୍ଟି ହୋଇଥିଲା। ସଂଖ୍ୟାଲଘୁରେ ପରିଣତ ହୋଇଥିବା ବିଦାୟୀ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀଙ୍କ ନେତୃତ୍ୱାଧୀନ ମେଣ୍ଟ ସରକାର ଗତ ୨୩ରେ ଆସ୍ଥାଭୋଟରେ ପରାଜିତ ହୋଇଥିଲା। ବାଚସ୍ପତି ଏହାର ଦୁଇଦିନ ପରେ ଅର୍ଥାତ୍ ଗୁରୁବାର ସ୍ୱାଧୀନ ବିଧାୟକ ଆର. ଶଙ୍କରଙ୍କ ସମେତ କଂଗ୍ରେସ ସଦସ୍ୟ ରମେଶ ଜାର୍କିହୋଲି ଓ ମହେଶ କୁମାଟାଲ୍ଲୀଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ। ଶୁକ୍ରବାର ଚତୁର୍ଥଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବା ଭାଜପା ନେତା ୟେଦୁରପ୍ପା ସୋମବାର ଆସ୍ଥାଭୋଟର ସମ୍ମୁଖୀନ ହେବେ। ଏହାର ଦିନକ ପୂର୍ବରୁ ବାଚସ୍ପତି ରମେଶ କୁମାର ଇସ୍ତଫା ଦେଇଥିବା ଅବଶିଷ୍ଟ ୧୪ ବିଦ୍ରୋହୀ ବିଧାୟକଙ୍କ ସଦସ୍ୟତା ରଦ୍ଦ କରିଛନ୍ତି। ରବିବାର ଅଯୋଗ୍ୟ ଘୋଷିତ କଂଗ୍ରେସ ବିଧାୟକମାନେ ହେଲେ ପ୍ରତାପ ଗୌଡ଼ା, ବି.ସି. ପାଟିଲ, ଶିବରାମ ହେବ୍ବାର, ଏସ୍.ଟି. ସୋମଶେଖର, ବୀରାତି ବାସବରାଜ, ଆନନ୍ଦ ସିଂ, ରୋଶନ ବେଗ୍, ମୁନିରତ୍ନ, କେ. ସୁଧାକର, ଏମ୍‌ଟିବି ନାଗରାଜ ଏବଂ ଶ୍ରୀମନ୍ତ ପାଟିଲ। ସେହିପରି ଜେଡିଏସ୍‌ର ଗୋପାଲାୟା, ଏ.ଏଚ୍. ବିଶ୍ୱନାଥ ଓ ନାରାୟଣ ଗୌଡ଼ା ମଧ୍ୟ ବିଧାନସଭା ସଦସ୍ୟତା ହରାଇଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ସିଦ୍ଦାରାମାୟା ଏହାକୁ ଗଣତନ୍ତ୍ରର ବିଜୟ ଭାବେ ଅଭିହିତ କରି ଟୁଇଟ୍ କରିଛନ୍ତି। ସେହିପରି ଜେଡିଏସ୍ ମଧ୍ୟ ବାଚସ୍ପତିଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛି। ଅନ୍ୟପକ୍ଷରେ ବାଚସ୍ପତି ଏକ ଦଳର ଚାପରେ କଂଗ୍ରେସର ୧୧ ଏବଂ ଜେଡିଏସ୍‌ର ୩ ବିଧାୟକଙ୍କ ଉପରେ ଏଭଳି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ସେ ସେମାନଙ୍କ ଇସ୍ତଫା ଗ୍ରହଣ କରିବା ପରିବର୍ତ୍ତେ ବେଆଇନ ଓ ଅସାମ୍ବିଧାନିକ ନିଷ୍ପତ୍ତି ନେଇଛନ୍ତି। ଏହା ବିରୋଧରେ ବିଦ୍ରୋହୀ ବିଧାୟକମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ଭାଜପା ନେତା ଗୋବିନ୍ଦ କାର୍ଜୋଲ କହିଛନ୍ତି। ସୋମବାର ବିଧାନସଭାରେ ଆସ୍ଥାଭୋଟ ସହ ଗୁରୁତ୍ୱପୂର୍ଣ୍ଣ ବ୍ୟୟମଞ୍ଜୁରୀ (ଅର୍ଥ) ବିଲ୍ ଗୃହୀତ ହେବାକୁ ଥିବାବେଳେ ଭାଜପା ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ଯୋଜନା କରୁଛି। ଏହି ପରିପ୍ରେକ୍ଷୀରେ ବାଚସ୍ପତି ରମେଶ କୁମାର କହିଛନ୍ତି, ସେ ଗୃହରେ ଅଧ୍ୟକ୍ଷତା କରିବେ, କ'ଣ ହେଉଛି ଦେଖାଯାଉ। ବିଦ୍ରୋହୀ ବିଧାୟକମାନେ ଅଦାଲତର ଆଶ୍ରୟ ନେଇପାରନ୍ତି। ସେହିପରି ଆସ୍ଥାଭୋଟ ବେଳେ ଅନୁପସ୍ଥିତ ରହିଥିବା ବିଏସ୍‌ପିର ନିଲମ୍ବିତ ବିଧାୟକ ମହେଶଙ୍କ ବିରୋଧରେ ମଧ୍ୟ ଅଭିଯୋଗ ଆସିଛି ବୋଲି ରମେଶ କୁମାର କହିଛନ୍ତି। ଦଳୀୟ ହୁଇପ୍‌କୁ ଅବଜ୍ଞା କରି ଅଯୋଗ୍ୟ ଘୋଷିତ କଂଗ୍ରେସ-ଜେଡିଏସ୍‌ର ୧୫ ଓ ଦୁଇ ସ୍ୱାଧୀନ ବିଧାୟକ ସୋମବାର ଏହି ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ମିଳିତ ଭାବେ ପିଟିଶନ ଦାଏର କରି ଚ୍ୟାଲେଞ୍ଜ କରିବେ ବୋଲି କହିଛନ୍ତି। ଅପରପକ୍ଷେ ୟେଦୁରପ୍ପା ଆସ୍ଥାଭୋଟରେ ଶତ ପ୍ରତିଶତ ବିଜୟୀ ହେବେ ବୋଲି ଦୃଢ଼ୋକ୍ତି ବାଢ଼ିଛନ୍ତି।

ପ୍ରକାଶ ଯେ, ୧୭ ବିଧାୟକଙ୍କ ସଦସ୍ୟତା ରଦ୍ଦ ହେବା ପରେ ୨୨୪ ଆସନ (ବାଚସ୍ପତିଙ୍କୁ ବାଦ୍ ଦେଇ) ବିଶିଷ୍ଟ କର୍ନାଟକ ବିଧାନସଭାରେ ସଦସ୍ୟଙ୍କ ସଂଖ୍ୟା ୨୦୭ରେ ପହଞ୍ଚିଛି। ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବର ୧୦୪ ହୋଇଥିବାବେଳେ ଭାଜପାର ୧୦୫ ବିଧାୟକ ଅଛନ୍ତି। ଜଣେ ସ୍ୱାଧୀନ ବିଧାୟକ ମଧ୍ୟ ୟେଦୁରପ୍ପାଙ୍କ ସପକ୍ଷରେ ଭୋଟ ଦେବେ ବୋଲି କୁହାଯାଉଛି। ଏଥିଯୋଗୁ ଆସ୍ଥାଭୋଟରେ ବିଜୟୀ ହୋଇ ମୁଖ୍ୟମନ୍ତ୍ରୀ ପଦରେ ରହିବା ପାଇଁ ୟେଦୁରପ୍ପାଙ୍କ ଲାଗି କୌଣସି ଅସୁବିଧା ନାହିଁ। ଏଭଳି ସମୟରେ କଂଗ୍ରେସ-ଜେଡିଏସ୍ ମେଣ୍ଟର ଭବିଷ୍ୟତକୁ ନେଇ ପ୍ରଶ୍ନ ଉଠିଛି। ଜେଡିଏସ୍ ସୁପ୍ରିମୋ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା କହିଛନ୍ତି, ମେଣ୍ଟର ଭବିଷ୍ୟତ କଂଗ୍ରେସ ହାଇକମାଣ୍ଡଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ। ପୁଅ କୁମାରସ୍ୱାମୀ ନୁହନ୍ତି, ବରଂ ସିଦ୍ଦାରାମାୟା ହିଁ ବିରୋଧୀ ଦଳ ନେତା ହେବେ।

## ଜୟପାଲ ଥିଲେ ଅସାଧାରଣ ବାଗ୍ମୀ


ହାଇଦ୍ରାବାଦ୍‌ରେ ଏସ୍. ଜୟପାଲ ରେଡ୍ଡୀଙ୍କ ଶେଷଦର୍ଶନ କରୁଛନ୍ତି ଉପରାଷ୍ଟ୍ରପତି ଏମ୍.ଭେଙ୍କାୟା ନାଇଡୁ ଓ ଅନ୍ୟମାନେ।

ହାଇଦ୍ରାବାଦ,୨୮।୭(ପି.ଟି.)

ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏସ୍. ଜୟପାଲ ରେଡ୍ଡୀଙ୍କ ପରଲୋକରେ ଦେଶର ରାଜନୀତିରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଜୟପାଲ ପୋଲିଓ ରୋଗରେ ଆକ୍ରାନ୍ତ ଥିଲେ ବି ରାଜନୈତିକ ଉତ୍ଥାନରେ ଏହା ତାଙ୍କ ପାଇଁ ବାଧକ ହୋଇ ନ ଥିଲା। ବରଂ ତାଙ୍କର ବାଗ୍ମିତା ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାରେ ତାଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲା। ସେ ୫ ଥର ଲୋକ ସଭା ଏବଂ ୨ ଥର ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ସେ ମଧ୍ୟ ୪ ଥର ବିଧାୟକ ଥିଲେ। ଜରୁରିକାଳୀନ ପରିସ୍ଥିତି ଲାଗୁ ହେବାରୁ ଏହାକୁ ବିରୋଧ କରି ଜୟପାଲ କଂଗ୍ରେସ ଛାଡ଼ି ଜନତା ପାର୍ଟିରେ ଯୋଗ ଦେଇ ୧୯୮୦ରେ ମେଡକ ଆସନରୁ ଇନ୍ଦିରା ଗାନ୍ଧୀଙ୍କ ବିରୋଧରେ ଲଢ଼ିଥିଲେ। ପରେ ସେ ଜନତା ଦଳରେ ସାମିଲ ହୋଇଥିଲେ। ଅସାଧାରଣ ବାଗ୍ମିତା ପାଇଁ ସେ ମିଳିତ ସାମ୍ମୁଖ୍ୟ, ଜାତୀୟ ସାମ୍ମୁଖ୍ୟ ସରକାର ଏବଂ କଂଗ୍ରେସ ଦଳର ମୁଖପାତ୍ର ଥିଲେ। ତେଲେଙ୍ଗାନା ରାଜ୍ୟ ଗଠନରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ସେ ଆଇ.କେ. ଗୁଜରାଲ ସରକାରରେ ସୂଚନା ପ୍ରସାରଣ ମନ୍ତ୍ରୀ ଏବଂ ମନମୋହନ ସିଂ ସରକାରରେ ବିଭିନ୍ନ ବିଭାଗର ମନ୍ତ୍ରୀ ହେବା ସହ ୧୯୯୮ରେ ଶ୍ରେଷ୍ଠ ସାଂସଦ ପୁରସ୍କାର ପାଇଥିଲେ।

ଏହି ବିଶିଷ୍ଟ ନେତାଙ୍କ ପରଲୋକରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କଂଗ୍ରେସ ନେତା ରାହୁଲ ଗାନ୍ଧୀ, ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନ୍‌ମୋହନ ରେଡ୍ଡୀ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ଜୟପାଲ ଜଣେ ଖ୍ୟାତନାମା ରାଜନେତା ଓ ଶ୍ରେଷ୍ଠ ପାର୍ଲାମେଣ୍ଟାରିଆନ ଥିଲେ ବୋଲି ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି। ସେ ଜଣେ ବିଚକ୍ଷଣ ବାଗ୍ମୀ ଓ ବିଜ୍ଞ ରାଜନେତା ଥିଲେ ବୋଲି ଉପରାଷ୍ଟ୍ରପତି ତାଙ୍କ ଶୋକବାର୍ତ୍ତାରେ ଉଲ୍ଲେଖ କରିଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ଶୋକବ୍ୟକ୍ତ କରିବା ସହ ତାଙ୍କ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ମେଘାଳୟ ବାଚସ୍ପତିଙ୍କ ଦେହାନ୍ତ

**ଗୁଡ୍‌ଗାଓଁ,୨୮।୭:** ମେଘାଳୟ ବିଧାନସଭା ବାଚସ୍ପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଦୋନକୁପାର ରାୟଙ୍କ ରବିବାର ଅପରାହ୍ନ ୨ଟା ୩୦ ମିନିଟରେ ଗୁଡ୍‌ଗାଓଁରେ ପରଲୋକ ହୋଇଯାଇଛି। ତାଙ୍କୁ ୬୪ ବର୍ଷ ବୟସ ହୋଇଥିଲା।



ପାକସ୍ଥଳୀ ଜନିତ ରୋଗରେ ଆକ୍ରାନ୍ତ ହୋଇ ସେ ଗତ ୧୮ରୁ ମେଦାନ୍ତ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସୋମବାର ତାଙ୍କ ମରଶରୀର ମେଘାଳୟ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ ହେବ। ଦୋନକୁପାରଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିଛନ୍ତି।

[ଇତିହାସର ଆଇନାରେ]

## ଜୁଲାଇ ୨୯ର ପ୍ରମୁଖ ଘଟଣା

୧୯୮୭ ଜୁଲାଇ ୨୯ରେ ବ୍ରିଟିଶ ପ୍ରଧାନମନ୍ତ୍ରୀ ମାର୍ଗାରେଟ୍ ଥାଚର ଏବଂ ଫ୍ରାନ୍ସ ରାଷ୍ଟ୍ରପତି ଫ୍ରାଁସୁଆ ମିତରାଁଙ୍କ ମଧ୍ୟରେ ଇଂଲିଶ ଚ୍ୟାନେଲ ତଳେ ଏକ ସୁଡଙ୍ଗ ନିର୍ମାଣ ପାଇଁ ରାଜିନାମା ସ୍ୱାକ୍ଷରିତ ହୋଇଥିଲା। ଦକ୍ଷିଣ ଇଂଲଣ୍ଡ ଓ ଉତ୍ତର ଫ୍ରାନ୍ସ ମଧ୍ୟରେ ସ୍ଥିତ ଏହି ଜଳପ୍ରଣାଳୀ ଉତ୍ତର ସାଗରର ଦକ୍ଷିଣ ଭାଗ ଏବଂ ଆଟଲାଣ୍ଟିକ୍ ମହାସାଗରକୁ ସଂଯୋଗ କରୁଛି।

୨୦୦୫ ଜୁଲାଇ ୨୯ରେ ଜ୍ୟୋତିର୍ବିଜ୍ଞାନୀମାନେ କ୍ଷୁଦ୍ର ଗ୍ରହ ଏରିସ୍ ଆବିଷ୍କାର କରିଥିବା ଘୋଷଣା କଲେ। ଏରିସ୍ ଗ୍ରହକୁ ଜ୍ୟୋତିର୍ବିଜ୍ଞାନୀ ମାଇକ୍ ବ୍ରାଉନ୍ ନେତୃତ୍ୱାଧୀନ ପାଲୋମାର ପର୍ଯ୍ୟବେକ୍ଷଣାଗାର ଟିମ୍ ଦ୍ୱାରା ଆବିଷ୍କାର କରାଯାଇଥିଲା। ଉକ୍ତ ପର୍ଯ୍ୟବେକ୍ଷଣାଗାର କାଲିଫର୍ନିଆର ସାନ୍ ଡିଏଗୋଠାରେ ଅବସ୍ଥିତ।


ଜର୍ମାନୀର ବର୍ଲିନରେ ୪୧ତମ ଖ୍ରୀଷ୍ଟୋଫର ଷ୍ଟ୍ରିଟ୍ ଡେ ପାଳନ ବେଳେ ଏଲ୍‌ଜିବିଟିକ୍ୟୁ ପରେଡ୍‌ରେ ଭାଗନେଇଥିବା ଜଣେ ଆମୋଦପ୍ରମୋଦକାରୀ।

## ଦୁର୍ଘଟଣାରେ ଉନ୍ନାଓ ପୀଡ଼ିତା ଗୁରୁତର, ଜଣେ ମୃତ

ରାଏ ବରେଲି/ଉନ୍ନାଓ,୨୮।୭(ପି.ଟି.)



ଉନ୍ନାଓ ବଳାତ୍କାର ପୀଡ଼ିତା ଓ ତାଙ୍କ ପରିବାର ସଦସ୍ୟଙ୍କ ସମେତ ଜଣେ ଆଇନଜୀବୀ କାର୍‌ରେ ଯାଉଥିବାବେଳେ ଏକ ଦ୍ରୁତଗାମୀ ଟ୍ରକ୍ ଧକ୍କା ଦେବାରୁ ଜଣଙ୍କ ମୃତ୍ୟୁ ଘଟିଛି। ସମ୍ପୃକ୍ତ ପୀଡ଼ିତା ଏବଂ ଅନ୍ୟ ଦୁଇଜଣ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି।

ଭାଜପା ବିଧାୟକ କୁଳଦୀପ ସେନଗାରଙ୍କୁ ବଳାତ୍କାର ଅଭିଯୋଗରେ ଗତବର୍ଷ ଏପ୍ରିଲ ୧୩ରେ ଗିରଫ କରାଯାଇଥିଲା। ବଳାତ୍କାର ପୀଡ଼ିତା, ତାଙ୍କର ଖୁଡୀ, ମାଉଁ ଏବଂ ଆଇନଜୀବୀ ରାଏବରେଲି ଜେଲ୍‌ରେ ଥିବା ପୀଡ଼ିତାଙ୍କ ସମ୍ପର୍କୀୟଙ୍କୁ ଦେଖିବାକୁ ଯାଉଥିବାବେଳେ ସେମାନେ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ। ପୀଡ଼ିତାଙ୍କ ମାଉଁ ଜିଲା ହସ୍ପିଟାଲ୍‌ରେ ମୃତ୍ୟୁବରଣ କରିଥିବାବେଳେ ଅନ୍ୟମାନଙ୍କୁ ଲକ୍ଷ୍ନୌସ୍ଥିତ ଟ୍ରମା ସେଣ୍ଟରକୁ ସ୍ଥାନାନ୍ତର କରାଯିବା ସହିତ ନିରାପତ୍ତା ଯୋଗାଇ ଦିଆଯାଇଥିବା ପୋଲିସ କହିଛି। ପ୍ରତ୍ୟକ୍ଷଦର୍ଶୀଙ୍କ ଉକ୍ତିକୁ ଉଦ୍ଧାର କରି ପୋଲିସ କହିଛି ଏକ ଦ୍ରୁତଗାମୀ ଟ୍ରକ୍ ପୀଡ଼ିତା ବସିଥିବା କାର୍‌କୁ ଧକ୍କା ଦେଇଥିଲା। ଟ୍ରକ୍ ଡ୍ରାଇଭର ଦୁର୍ଘଟଣାସ୍ଥଳ ଛାଡ଼ି ପଳାଇଯାଇଛି। ଉତ୍ତରପ୍ରଦେଶର ବାଙ୍ଗେରମୌ ଆସନରୁ ୪ଥର ବିଧାୟକ ହୋଇଥିବା ସେନଗାର ୨୦୧୭ରେ ନିଜ ବାସଭବନରେ ବଳାତ୍କାର କରିଥିବା ପୀଡ଼ିତାଙ୍କ ମା' ଅଭିଯୋଗ କରିଥିଲେ। ବଳାତ୍କାର ପୀଡ଼ିତା ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବାସଭବନ ବାହାରେ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିବାବେଳେ ଉକ୍ତ ମାମଲା ଚର୍ଚ୍ଚାର ପରିସରକୁ ଆସିଥିଲା।

## ଅସ୍ପଷ୍ଟ ନେତୃତ୍ୱ କଂଗ୍ରେସକୁ କ୍ଷତିଗ୍ରସ୍ତ କରୁଛି: ଥରୁର

ନୂଆଦିଲ୍ଲୀ,୨୮।୭(ପି.ଟି.)

ରାହୁଲ ଗାନ୍ଧୀଙ୍କ ଇସ୍ତଫା ପରେ କିଏ କଂଗ୍ରେସର ନେତୃତ୍ୱ ନେବ ତାହା ସ୍ପଷ୍ଟ ହେଉ ନ ଥିବାରୁ ଦଳ କ୍ଷତିଗ୍ରସ୍ତ ହେଉଛି ବୋଲି ବରିଷ୍ଠ ନେତା ଶଶୀ ଥରୁର ରବିବାର କହିଛନ୍ତି। କେବଳ ଅଧ୍ୟକ୍ଷ ପଦ ନୁହେଁ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲୁସି) ସଦସ୍ୟ ସମେତ ସମସ୍ତ ପଦବୀ ଲାଗି ନିର୍ବାଚନ ହେଉ ବୋଲି ସେ ପ୍ରସ୍ତାବ ଦେଇଛନ୍ତି। ସାମ୍ପ୍ରତିକ ସ୍ଥିତିରେ ଯୁବ ନେତୃତ୍ୱ ଦଳ ପାଇଁ ଉପଯୁକ୍ତ ହେବ ବୋଲି ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଦେଇଥିବା ପ୍ରସ୍ତାବକୁ ଥରୁର ସମର୍ଥନ କରିଛନ୍ତି। ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ ହେଲେ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇପାରନ୍ତି ବୋଲି ଥରୁର ଆଶାବ୍ୟକ୍ତ କରିଛନ୍ତି। ତେବେ ସେ ପ୍ରତିଦ୍ୱନ୍ଦ୍ୱିତା କରିବେ କି ନାହିଁ ତାହା ଗାନ୍ଧୀ ପରିବାର ନିଷ୍ପତ୍ତି ନେବ ବୋଲି ସେ କହିଛନ୍ତି। ଦଳର ବର୍ତ୍ତମାନର ସ୍ଥିତିକୁ ନେଇ ସେ ଦୁଃଖପ୍ରକାଶ କରିଛନ୍ତି। ଏହା ସତ ଯେ, ଦଳରେ ନେତୃତ୍ୱ ସ୍ପଷ୍ଟ ହେଉ ନଥିବାରୁ କଂଗ୍ରେସ କ୍ଷତିଗ୍ରସ୍ତ ହେଉଛି। ନେତା ନ ଥିବାରୁ ଦଳୀୟ କର୍ମୀ ଓ ସମର୍ଥକ ଏକାଠି ହୋଇ ଆଗକୁ ବଢ଼ିବା ପାଇଁ ପ୍ରେରଣା ଓ ଉତ୍ସାହ ପାଉନାହାନ୍ତି।



## ୮ରେ ପ୍ରଣବଙ୍କୁ ମିଳିବ ଭାରତରତ୍ନ



**ନୂଆଦିଲ୍ଲୀ,୨୮।୭:** ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କୁ ଅଗଷ୍ଟ ୮ରେ ଦେଶର ସର୍ବୋଚ୍ଚ ସମ୍ମାନ ଭାରତରତ୍ନ ପ୍ରଦାନ କରାଯିବ। ରାଷ୍ଟ୍ରପତି ଭବନ ପକ୍ଷରୁ ଜାରି ବିଜ୍ଞପ୍ତିରେ ଏହି ସୂଚନା ଦିଆଯାଇଛି। ସେହିଦିନ ଭାରତରତ୍ନ ସମ୍ମାନ ମରଣୋତ୍ତର ଭାବେ ସାମାଜିକ କାର୍ଯ୍ୟକର୍ତ୍ତା ନାନାଜୀ ଦେଶମୁଖ ଏବଂ ଆସାମର ଖ୍ୟାତନାମା ଗାୟକ ଭୂପେନ ହଜାରିକାଙ୍କୁ ମଧ୍ୟ ପ୍ରଦାନ କରାଯିବ। ଏହି ସର୍ବୋଚ୍ଚ ସମ୍ମାନ ଲାଗି ଉପରୋକ୍ତ ୩ ଜଣଙ୍କୁ ଗତ ଜାନୁୟାରୀରେ ଚୟନ କରାଯାଇଥିଲା।

## ପାକ୍ ଷ୍ଟକ୍ ଏକ୍ସଚେଞ୍ଜ୍‌ରେ ଦାଉଦ୍ ଟଙ୍କା

ନୂଆଦିଲ୍ଲୀ,୨୮।୭(ଆଇଏଏନ୍ଏସ୍)



ଅଣ୍ଡରୱାର୍ଲ୍ଡ ଡନ୍ ତଥା ମୁମ୍ବାଇ ବିସ୍ଫୋରଣର ମାଷ୍ଟରମାଇଣ୍ଡ ଦାଉଦ୍ ଇବ୍ରାହିମ୍‌ଙ୍କ ବିଭିନ୍ନ ଦେଶରେ ଥିବା ସମ୍ପତ୍ତି ଜବତ ହୋଇଥିବାବେଳେ ତାଙ୍କର ଡି-କମ୍ପାନୀ ପାକିସ୍ତାନ ଷ୍ଟକ୍ ଏକ୍ସଚେଞ୍ଜ୍ (ପିଏସ୍ଏକ୍ସ)ରେ ପୁଞ୍ଜିନିବେଶ କରିଥିବା ଜଣାପଡିଛି। ଅସ୍ତ୍ର ବ୍ୟବସାୟ, ଡ୍ରଗ୍ସ ଓ ଜାଲ୍ ଭାରତୀୟ ମୁଦ୍ରା କାରବାର ଆଦିରୁ ଉପାର୍ଜିତ ଅର୍ଥକୁ ଦାଉଦ ବିଭିନ୍ନ କ୍ୟାପିଟାଲ୍ ସିକ୍ୟୁରିଟି ଫାର୍ମ ଜରିଆରେ ପିଏସ୍ଏକ୍ସ ଅଧୀନରେ ଥିବା ତିନୋଟି ଷ୍ଟକ୍ ଏକ୍ସଚେଞ୍ଜ୍‌ରେ ନିବେଶ କରିଥିବାର ପ୍ରମାଣ ଭାରତୀୟ ଗୋଇନ୍ଦା ସଂସ୍ଥାକୁ ମିଳିଛି। ଡି-କମ୍ପାନୀ ଦ୍ୱାରା ନିଯୁକ୍ତ ଜବିର ମୋତି ଏବେ ଲଣ୍ଡନ ଜେଲ୍‌ରେ ରହିଛନ୍ତି। ତାଙ୍କ ଦ୍ୱାରା ପରିଚାଳିତ ୫ଟି କ୍ୟାପିଟାଲ ସିକ୍ୟୁରିଟି କମ୍ପାନୀ କରାଚୀ ଷ୍ଟକ୍ ଏକ୍ସଚେଞ୍ଜରେ କାରବାର କରିଥାଏ। ଏହା ବ୍ୟତୀତ ହବିବ୍ ବ୍ୟାଙ୍କର ସହଯୋଗୀ ହବିବ ମେଟ୍ରୋପଲିଟାନ ଫାଇନାନ୍ସ ସର୍ଭିସେସ୍‌ରେ ମଧ୍ୟ ଡି-କମ୍ପାନୀ ବିଭିନ୍ନ ସେଲ୍ କମ୍ପାନୀ ମାଧ୍ୟମରେ ପୁଞ୍ଜିନିବେଶ କରିଥିବା ଜଣାପଡିଛି। ସମୁଦି ତଥା କ୍ରିକେଟର ଜାଭେଦ୍ ମିଆଦାଦ୍‌ଙ୍କ ଜରିଆରେ ଦାଉଦ୍ ହବିବ୍ ବ୍ୟାଙ୍କର ବରିଷ୍ଠ ପରିଚାଳକମାନଙ୍କ ସହ ପରିଚିତ ହୋଇଥିଲେ। ଏହି ବ୍ୟାଙ୍କ ମନି ଲଣ୍ଡରିଂ ଏବଂ ଆତଙ୍କବାଦ ସହ ସମ୍ପୃକ୍ତ ଥିବା ଆମେରିକାର ଫାଇନାନ୍ସିଆଲ ସର୍ଭିସେସ୍ ବିଭାଗ ୨୦୧୭ରେ ଅଭିଯୋଗ କରିଥିଲା।

## ଇସ୍ରାଏଲ୍ ନିର୍ବାଚନରେ ମୋଦି ପୋଷ୍ଟର

ତେଲ୍ ଆଭିଭ୍,୨୮।୭(ପି.ଟି.)

ସେପ୍ଟେମ୍ବର ୧୭ରେ ଇସ୍ରାଏଲ୍ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଭୋଟରଙ୍କୁ ପ୍ରଭାବିତ କରିବା ଲାଗି ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ଲିକୁଡ୍ ପାର୍ଟି ତେଲ୍ ଆଭିଭ୍‌ର ବିଭିନ୍ନ ସ୍ଥାନରେ ଲଗାଇଥିବା ବ୍ୟାନର ଓ ପୋଷ୍ଟରରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦଙ୍କ ଫଟୋ ସ୍ଥାନ ପାଇଛି। ଏହାବ୍ୟତୀତ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍‌ଙ୍କ ଫଟୋ ମଧ୍ୟ ବେଞ୍ଜାମିନ୍‌ଙ୍କ ସହ ଦେଖିବାକୁ ମିଳିଛି। ବେଞ୍ଜାମିନ କଡ଼ା ମୁକାବିଲାର ସମ୍ମୁଖୀନ ହେବା ଜନମତ ସର୍ଭେରୁ ଜଣାପଡିଥିବାବେଳେ ନିର୍ବାଚନ ବୈତରଣୀ ପାରି ହେବା ପାଇଁ ମୋଦିଙ୍କ ଲୋକପ୍ରିୟତାକୁ ସାହାରା ନେଇଥିବା କୁହାଯାଉଛି।



# କଶ୍ମୀରୀଙ୍କ ସନ୍ଦେହ ଚକ୍ଷୁରେ କେନ୍ଦ୍ର

ଶ୍ରୀନଗର/ନୂଆଦିଲ୍ଲୀ,୨୮।୭

**ଅନୁଚ୍ଛେଦ ୩୭୦, ୩୫ଏ ଉଚ୍ଛେଦ ଆଶଙ୍କା**




"ସମ୍ବିଧାନର ଅନୁଚ୍ଛେଦ '୩୫-ଏ'ର ସୁରକ୍ଷା ପାଇଁ ଜେଲ୍ ଯିବାକୁ ପ୍ରସ୍ତୁତ ଅଛି।
-ମେହବୁବା ମୁଫ୍ତି, ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ



ହଠାତ୍ ଅତିରିକ୍ତ ୧୦ ହଜାର କେନ୍ଦ୍ରୀୟ ସୁରକ୍ଷା ବଳ ଜମ୍ମୁ-କଶ୍ମୀରକୁ ପଠାଯିବା ପରେ ନାନା ଆଶଙ୍କା ସୃଷ୍ଟି ହୋଇଛି। ସମ୍ବିଧାନର ଅନୁଚ୍ଛେଦ ୩୭୦ ଓ ୩୫ଏ ଉଚ୍ଛେଦ ନେଇ କେନ୍ଦ୍ର ସରକାର ମସୁଧା ଚଳାଇଥିବା ଉପତ୍ୟକାବାସୀ ସନ୍ଦେହ କରୁଛନ୍ତି। ରାଜ୍ୟର ସ୍ୱତନ୍ତ୍ର ପାହ୍ୟା ବା ପରିଚୟରେ ହାତ ମାରିବା ନିଆଁରେ ବାରୁଦ ଢାଳିବା ସହ ସମାନ ବୋଲି ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଅଧ୍ୟକ୍ଷା ମେହବୁବା ମୁଫ୍ତି କେନ୍ଦ୍ରକୁ ଚେତାବନୀ ଦେଇଛନ୍ତି। ସେହିପରି ରାଜ୍ୟର 'ଏକକ ପରିଚୟ'କୁ ଦୁର୍ବଳ କରିବା ପାଇଁ କେନ୍ଦ୍ର କୌଣସି ପ୍ରକାର ଉଦ୍ୟମ କଲେ ତାକୁ ବରଦାସ୍ତ କରାଯିବ ନାହିଁ ବୋଲି ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଅଧ୍ୟକ୍ଷ ଫାରୁକ୍ ଅବ୍‌ଦୁଲ୍ଲା ଧମକ ଦେଇଛନ୍ତି। ୧୦ ହଜାର ଯବାନଙ୍କୁ ଉପତ୍ୟକାକୁ ପଠାଇବା ପଛରେ ଏପରି କିଛି କାରଣ ନାହିଁ ବୋଲି କେନ୍ଦ୍ର ପକ୍ଷରୁ ଖଣ୍ଡନ କରାଯାଇଥିବାବେଳେ ଦୁଇ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ଯୋଗୁ ଲୋକଙ୍କ ମନରୁ ସନ୍ଦେହ ଦୂରହେବା ପରିବର୍ତ୍ତେ ଅଧିକ ଘନୀଭୂତ ହୋଇଛି। ରାଜନୈତିକ ଫାଇଦା ପାଇଁ କଶ୍ମୀରୀ ନେତାଙ୍କ ଉତ୍ତେଜନାପୂର୍ଣ୍ଣ ବୟାନବାଜି ସ୍ଥିତିକୁ ଜଟିଳ କରିବାରେ ଲାଗିଛି।

ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ କେନ୍ଦ୍ର ସରକାର ଶନିବାର ସନ୍ଧ୍ୟାରେ ୧୦ ହଜାର କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍) ଯବାନଙ୍କୁ କଶ୍ମୀର ପଠାଇଛନ୍ତି। ଏନ୍ଏସ୍ଏନ୍ ଅଜିତ୍ ଡୋଭାଲ ଦୁଇଦିନିଆ ଗସ୍ତ ଶେଷକରି କଶ୍ମୀରରୁ ଫେରିବା ପରେ ଏତେମାତ୍ରାରେ ସୁରକ୍ଷା ବଳ ପ୍ରେରଣକୁ ନେଇ ଉପତ୍ୟକାରେ ଚାପା ଉତ୍ତେଜନା ବୃଦ୍ଧିପାଇଛି। ଏହାକୁ ନେଇ ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ବା ପରିଚୟ ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦ କିମ୍ବା ୩୫ଏ ମଧ୍ୟରୁ ଗୋଟିଏକୁ ଅଥବା ଉଭୟକୁ ଉଚ୍ଛେଦ କରିବା ପାଇଁ ନରେନ୍ଦ୍ର ମୋଦି ସରକାର ଉଦ୍ୟମ ଚଳାଇଥିବା ଲୋକଙ୍କ ମନରେ ଆଶଙ୍କା ସୃଷ୍ଟି ହୋଇଛି। ପ୍ରତି ମୁହୂର୍ତ୍ତରେ ଏଭଳି ସନ୍ଦେହ ବଢ଼ିବାରେ ଲାଗିଥିବାବେଳେ ରାଷ୍ଟ୍ରପତି ଶାସନାଧୀନ ରାଜ୍ୟ ପ୍ରଶାସନର ନୀରବତା ଏହାକୁ ଦୃଢ଼ୀଭୂତ କରିଛି। ଏହାର ସୁଯୋଗ ନେଇ ରାଜନେତାମାନେ ଅଧିକ ଉତ୍ତେଜନାପୂର୍ଣ୍ଣ ସ୍ଥିତି ସୃଷ୍ଟି କରୁଛନ୍ତି। ପିଡିପିର ୨୦ତମ ପ୍ରତିଷ୍ଠା ଦିବସ ଅବସରରେ ରବିବାର ଦଳୀୟ କର୍ମୀଙ୍କୁ ସମ୍ବୋଧିତ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା କହିଛନ୍ତି, ଅନୁଚ୍ଛେଦ ୩୫ଏର ସୁରକ୍ଷା ପାଇଁ ଏକ ବଡ଼ ଯୁଦ୍ଧ ଲଢ଼ିବା ପାଇଁ ପ୍ରସ୍ତୁତ ହୁଅ। କେନ୍ଦ୍ର ସରକାର ନିଆଁରେ ବାରୁଦ ଢାଳିଲେ କେବଳ ହାତ ନୁହେଁ, ବରଂ ସମ୍ପୂର୍ଣ୍ଣ ଶରୀର ଜଳିପୋଡ଼ି ପାଉଁଶ ହୋଇଯିବ। ଏପରି କି କେନ୍ଦ୍ର ସରକାର ତାଙ୍କୁ ଜେଲରେ ପୂରାଇପାରନ୍ତି। ହେଲେ ଏଥିରେ ବିଚଳିତ ନ ହୋଇ ଲଢ଼େଇ ଜାରି ରଖିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଅନ୍ୟପକ୍ଷରେ ମେହବୁବା ଫାସିବାଦୀ ତତ୍ତ୍ୱଙ୍କୁ ରାଜ୍ୟକୁ ଆସିବା ପାଇଁ ବାଟ କଢ଼େଇ ଦେଇଥିଲେ ବୋଲି ଫାରୁକ୍ ସମାଲୋଚନା କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୯ ଜୁଲାଇ, ୨୦୧୯



ଆଇପିଏସ୍ ଅଫିସର ଭି.କେ. ଜୋହରୀଙ୍କୁ ବିଏସ୍ଏଫ୍‌ର ନୂଆ ଡାଇରେକ୍ଟର ଜେନେରାଲ (ଡିଜି) ଭାବେ ନିଯୁକ୍ତି ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କ୍ୟାବିନେଟ୍ ଆପଏଣ୍ଟମେଣ୍ଟ କମିଟି ଦ୍ୱାରା ଏ ସମ୍ପର୍କିତ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ୧୯୮୪ ବ୍ୟାଚ୍ ମଧ୍ୟପ୍ରଦେଶ କ୍ୟାଡର୍‌ର ଆଇପିଏସ୍ ଅଫିସର ଜୋହରୀ ବର୍ତ୍ତମାନ ଏକ୍ସଟର୍ନାଲ ଇଣ୍ଟେଲିଜେନ୍ସି ଏଜେନ୍ସି 'ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍' (ର)ର ସ୍ପେଶାଲ ସେକ୍ରେଟାରି ଅଛନ୍ତି। ଅଗଷ୍ଟ ୩୧ରେ ଅବସର ନେଉଥିବା ବିଏସ୍ଏଫ୍ ଡିଜି ରଜନୀ କାନ୍ତ ମିଶ୍ରଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିବେ।



## ସଂକ୍ଷେପରେ

### ମାନସିକ ଭିନ୍ନକ୍ଷମ ନାବାଳିକାଙ୍କୁ ବଳାତ୍କାର ଅଭିଯୁକ୍ତ ଅଟକ, ତଦନ୍ତ କରୁଛି ପୋଲିସ

**ଚିପିଲିମା,୨୮।୭(ଡି.ଏନ୍.ଏ.):** ସମ୍ବଲପୁର ବୁର୍ଲା ଥାନା ଚିପିଲିମା ଫାଣ୍ଡି ଅନ୍ତର୍ଗତ ବସନ୍ତପୁର ପଞ୍ଚାୟତ ପାବଡେରାଠାରେ ଜଣେ ମାନସିକ ଭିନ୍ନକ୍ଷମ ନାବାଳିକାଙ୍କୁ ବଳାତ୍କାର ହୋଇଥିବା ଫାଣ୍ଡିରେ ଅଭିଯୋଗ ହୋଇଛି। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ପୋଲିସ ପକ୍ସୋ ଆଇନ ଧାରା ୩୭୬ (୨) (ଏଲ୍) ପିସିଏସ୍‌ଓରେ ଏକ ମାମଲା (ନଂ. ୨୮୫/୧୯) ରୁଜୁ କରି ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ କରୁଛି। ଫାଣ୍ଡି ଅଧିକାରୀ ଗଞ୍ଜୁ ଓରାମଙ୍କ ସୂଚନା ଅନୁଯାୟୀ ସମ୍ପୃକ୍ତ ନାବାଳିକା ଶନିବାର ସନ୍ଧ୍ୟା ୫ଟାରେ ନିକଟସ୍ଥ କେନାଲକୁ ଶୌଚ ପାଇଁ ଯାଇଥିବା ବେଳେ ପାବଡେରା ଗ୍ରାମରେ ରହୁଥିବା ପରମାନନ୍ଦ ମାଝିଙ୍କ ପୁଅ ସ୍ୱାଧୀନ ମାଝି (୨୪) ତାଙ୍କୁ ଜୋରଜବରଦସ୍ତ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ବଡ଼ ଭଉଣୀ ରବିବାର ଏ ନେଇ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ସୋମବାର ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଫାଣ୍ଡି ଅଧିକାରୀ ଓରାମ କହିଛନ୍ତି। ସୂଚନାଯୋଗ୍ୟ, ସ୍ୱାଧୀନ ବୁର୍ଲା ବୋର୍ଡ କଲୋନୀ ବାସିନ୍ଦା ହୋଇଥିବା ବେଳେ ଏଠାରେ ସେ ତାଙ୍କ ସମ୍ପର୍କୀୟ ମାମୁଙ୍କ ଘରେ ରହୁଛନ୍ତି।

### ଶହୀଦ ସପ୍ତାହ ଆରମ୍ଭ
#### ସରକାରୀ ବସ୍ ଚଳାଚଳ ବନ୍ଦ

**ମାଲକାନଗିରି/କାଲିମେଳା, ୨୮।୭(ଡି.ଏନ.ଏ):** ମାଓବାଦୀମାନେ ଜୁଲାଇ ୨୮ରୁ ଅଗଷ୍ଟ ୩ ପର୍ଯ୍ୟନ୍ତ ଶହୀଦ ସପ୍ତାହ ପାଳନ କରୁଛନ୍ତି। ଏଥିପାଇଁ ମାଲକାନଗିରି ଜିଲା ସମେତ ଜିଲାର ବିଭିନ୍ନ ସ୍ଥାନକୁ ସରକାରୀ ବସ୍ ଚଳାଚଳ ବନ୍ଦ ରହିଛି। ରବିବାର ପ୍ରଥମ ଦିନରେ କୌଣସି ହିଂସାକାଣ୍ଡ ଘଟି ନ ଥିବା ଜଣାପଡ଼ିଛି। ସିପିଆଇ ମାଓବାଦୀ ସଙ୍ଗଠନ ପକ୍ଷରୁ ଏହି ଶହୀଦ ସପ୍ତାହ ପାଳନ କରାଯାଉଥିବାରୁ ପୋଲିସ ପ୍ରଶାସନ ବେଶ୍ ସତର୍କ ରହିଛି। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। କୋମ୍ବିଂ ଅପରେଶନକୁ ମଧ ଜୋରଦାର କରାଯାଇଛି। ବିଭିନ୍ନ ସ୍ଥାନରେ ଗାଡିମୋଟର ଅଟକାଇ ଯାଞ୍ଚ କରାଯାଉଛି। ବ୍ରହ୍ମପୁର, ଭୁବନେଶ୍ୱର, ବିଶାଖାପାଟଣା, ବିଜୟନଗରମ୍, କଟକ ଏବଂ ଜୟପୁରରୁ ମୋଟୁ, କାଲିମେଳା,ଏମଭି-୭୯, ମୋଟୁ ଓ ପଡ଼ିଆ ବ୍ଲକକୁ ଆସୁଥିବା ସମସ୍ତ ସରକାରୀ ବସ୍ ଚଳାଚଳ ବନ୍ଦ ଥିବା ଜଣାପଡ଼ିଛି। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ତେବେ ଜିଲାରେ କେତେକ ଘରୋଇ ବସ୍ ଚଳାଚଳ କରୁଥିବା ଦେଖିବାକୁ ମିଳିଛି। ପୂର୍ବରୁ ମାଓବାଦୀମାନେ ଶହୀଦ ସପ୍ତାହ ଭିତରେ ମାଲକାନଗିରିରୁ ମୋଟୁ,ଏମଭି-୭୯, ପଡ଼ିଆ ବ୍ଲକକୁ ସଂଯୋଗ କରୁଥିବା ରାସ୍ତାରେ ଗଛକାଟି ରାସ୍ତା ଅବରୋଧ କରୁଥିଲେ। ବର୍ତ୍ତମାନ ମାଲକାନଗିରିରୁ ମୋଟୁ ଜାତୀୟ ରାଜପଥର ପୋଟେରୁଠାରୁ ମୋଟୁ ପର୍ଯ୍ୟନ୍ତ ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯାଇଥିବାରୁ ମାଓବାଦୀମାନେ ଆଉ ଗଛକାଟି ରାସ୍ତା ଅବରୋଧ କରିବାକୁ ସାହାସ କରିପାରୁନାହାନ୍ତି ଏ ସମ୍ପର୍କରେ ମାଲକାନଗିରି ଏସ୍‌ପି ଜଗମୋହନ ମୀନା କହିଛନ୍ତି ଯେ, ପୋଲିସ ପକ୍ଷରୁ ସମ୍ବେଦନଶୀଳ ଅଞ୍ଚଳଗୁଡିକରେ ସର୍ଚ୍ଚ ଅପରେସନ୍ ଜାରି ରହିଛି। ଯେକୌଣସି ପ୍ରକାର ପରିସ୍ଥିତିର ମୁକାବିଲା ପାଇଁ ପୋଲିସ ସଜାଗ ଅଛି।

## ଯାତ୍ରୀବାହୀ ବସ୍ ଅକାମୀ ଘୋଷଣା ପ୍ରସଙ୍ଗ

# 'କିଲୋମିଟର ଭିତ୍ତିରେ ହୋଇପାରିବନି ଅକାମୀ'

- ସିସିଟିଭି ଲାଗିବା ନେଇ ଜାରି ହୋଇନାହିଁ ନିର୍ଦ୍ଦେଶନାମା
- ହ୍ରାସ ପାଉଛି ଓଏସ୍‌ଆର୍‌ଟିସିର ଲାଭାଂଶ

**ଭୁବନେଶ୍ୱର,୨୮।୭(ବ୍ୟୁରୋ)**

ରାଜ୍ୟରେ ଚାଲୁଥିବା ଯାତ୍ରୀବାହୀ ବସ୍‌ର କିଲୋମିଟର ଭିତ୍ତିରେ ଏହାକୁ ଅକାମୀ କରାଯିବାର ମୋଟରଯାନ ନିୟମ-୧୯୮୮ରେ କୌଣସି ଆଇନଗତ ବ୍ୟବସ୍ଥା ନାହିଁ। ଖୋଦ୍ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ବିଧାନସଭାରେ ରଖିଥିବା ଉତ୍ତରରୁ ଏହା ଜଣାପଡିଛି। ଗତ ୨୫ତାରିଖରେ କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତିଙ୍କ ଅଣତାରକା ପ୍ରଶ୍ନ ନଂ-୨୦୭୧ର ଉତ୍ତରରେ ମନ୍ତ୍ରୀ ବେହେରା ଉପରୋକ୍ତ ତଥ୍ୟ ଦେଇଛନ୍ତି।

ରାଜ୍ୟରେ ଚାଲୁଥିବା ଯାତ୍ରୀବାହୀ ବସ୍‌ର ସମୟ ସୀମା ଧାର୍ଯ୍ୟ କରିବାର କ୍ଷମତା ମଧ ରାଜ୍ୟ ସରକାରଙ୍କର ନାହିଁ। ଦୀର୍ଘଦିନରୁ ଚଳିଆସୁଥିବା ମୋଟରଯାନ ଆଇନ-୧୯୮୮ର ଧାରା ୫୯ ଅନୁଯାୟୀ ଏହି କ୍ଷମତା କେନ୍ଦ୍ର ସରକାରଙ୍କ ହାତରେ ରହିଥିବା ମନ୍ତ୍ରୀ ଉତ୍ତର ରଖିଛନ୍ତି। ହେଲେ ସେହି ଆଇନର ଧାରା ୫୬ ଅନୁଯାୟୀ, ଯାତ୍ରୀବାହୀ ବସ୍‌ର ଫିଟ୍‌ନେସ୍ ଥିବା ଅବଧି ପର୍ଯ୍ୟନ୍ତ ଏହା ଚଳାଚଳ କରିବ ବୋଲି କୁହାଯାଇଛି। ହେଲେ ଏହା କିପରି ଭାବେ ପାଳନ କରାଯାଉଛି, ସେନେଇ କୌଣସି ଉତ୍ତର ରଖାଯାଇନାହିଁ। ଆଞ୍ଚଳିକ ପରିବହନ ଅଧିକାରୀଙ୍କଠାରୁ ମିଳିଥିବା ତଥ୍ୟ ଅନୁଯାୟୀ, ରାଜ୍ୟରେ ୨୦ ବର୍ଷ ଅତିକ୍ରମ କରିଥିବା ୪୫୫ ବସ୍ ଚଳାଚଳ କରୁଛି। ଅନ୍ୟ ରାଜ୍ୟଗୁଡ଼ିକରୁ ୧୬୧ଟି ପୁରୁଣା ଯାତ୍ରୀବାହୀ ବସ୍ ଓଡ଼ିଶାରେ ପରିବହନ କରୁଛି। ଏପରି କି ପୁରୁଣା ଯାତ୍ରୀବାହୀ ବସ୍ ଚଳାଚଳ ଦ୍ୱାରା ଦୁର୍ଘଟଣା ଘଟିବା ଏକମାତ୍ର କାରଣ ନୁହେଁ ବୋଲି ଉଲ୍ଲେଖ କରାଯାଇଛି। ତେବେ ଅନ୍ୟ ରାଜ୍ୟରେ ଅକାମୀ ଘୋଷିତ ତଥା ରେଜିଷ୍ଟ୍ରେଶନକୁ ବାତିଲ କରାଯାଇଥିବା ଯାତ୍ରୀବାହୀ ବସ୍‌କୁ ଓଡ଼ିଶାରେ ଚଳାଚଳ ଅନୁମତି ପାଇ ନ ଥାଏ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ଅନେକ ସମୟରେ ଘରୋଇ-ସରକାରୀ ବସ୍‌ରେ ମହିଳା ବିରୋଧୀ ନିର୍ଯାତନା ଏବଂ ହିଂସା ଘଟଣା ପଦାକୁ ଆସିଛି। ଦେଶର ରାଜଧାନୀ ଦିଲ୍ଲୀରେ ବସ୍ ମଧ୍ୟରେ ନିର୍ଭୟା ବଳାତ୍କାର ଆ ଜି ବି ଜନମାନସରେ ଆକ୍ରୋଶ ସୃଷ୍ଟି କରୁଛି। ତେଣୁ ବିଭିନ୍ନ ଯାତ୍ରୀବାହୀ ବସ୍‌ରେ ସିସିଟିଭି ଲଗାଯିବା ନେଇ ଚଳିତ ବର୍ଷ କେନ୍ଦ୍ର ସରକାର ପ୍ରସ୍ତାବ ଆଣିଥିଲେ। ହେଲେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ପରବର୍ତ୍ତୀ ସମୟରେ ନିର୍ଦ୍ଦେଶ ଆସି ନ ଥିବାରୁ ଏ ନେଇ ଓଡ଼ିଶା ସରକାର କୌଣସି ନିର୍ଦ୍ଦେଶନାମା ଜାରି କରି ନ ଥିବା ପରିବହନ ମନ୍ତ୍ରୀ ନିକଟରେ ବିଧାନସଭାରେ ଉତ୍ତର ରଖିଛନ୍ତି। ଗତ ୨୫ରେ ଭାଜପା ସଭ୍ୟ ଶଙ୍କର ଓରାମ୍‌ଙ୍କ ପ୍ରଶ୍ନ ନଂ-୪୮୮ର ଉତ୍ତର ଦେଇ ମନ୍ତ୍ରୀ ଏହି କଥା କହିଛନ୍ତି। ସେହିପରି ବସ୍‌ରେ କୌଣସି ଆନୁଷଙ୍ଗିକ ଯନ୍ତ୍ର ଲଗାଇବାର ନିୟମ କେନ୍ଦ୍ର ସରକାରଙ୍କ ସଡ଼କ ଓ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟର ପରିସରଭୁକ୍ତ ବୋଲି କୁହାଯାଇଛି। ଅପରପକ୍ଷରେ ରାଜ୍ୟ ବାହାରକୁ ଯାଉଥିବା ସରକାରୀ ବସ୍ ସଂଖ୍ୟା ଉତ୍ସାହଜନକ ନୁହେଁ। ୩୮ଟି ସମ୍ପୂର୍ଣ୍ଣ ସରକାରୀ ଏବଂ ୬୫୦ ବେସରକାରୀ ବସ୍‌କୁ ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର ଓ ଛତିଶଗଡ଼କୁ ଚଳାଚଳ ପାଇଁ ଅନୁମତି ମିଳିଛି। ସେହିପରି ଓଏସ୍‌ଆର୍‌ଟିସି ଲାଭର ପରିମାଣ ବର୍ଷକୁ ବର୍ଷ ହ୍ରାସ ପାଉଥିବା ବିଭାଗ ପକ୍ଷରୁ ଉତ୍ତର ରଖାଯାଇଛି। ଗତ ୧୮ରେ କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଅଣତାରକା ପ୍ରଶ୍ନ ନଂ-୧୧୮୯ର ଉତ୍ତରରୁ ଏହା ସ୍ପଷ୍ଟ ହୋଇଛି। ୨୦୧୪-୧୫ରେ ଓଏସ୍‌ଆର୍‌ଟିସିର ଲାଭ ୫୦୩.୨୨ ଲକ୍ଷ ଟଙ୍କା ରହିଥିଲା। ହେଲେ ୨୦୧୫-୧୬ରେ ଏହା ୫୦୦.୦୭କୁ ହ୍ରାସ ପାଇଲା। ୨୦୧୬-୧୭ ଆର୍ଥିକ ବର୍ଷରେ ଏହା ୨୫୩.୮୨ ଲକ୍ଷରେ ପହଞ୍ଚିଲା, ଅର୍ଥାତ୍ ଗୋଟିଏ ଆର୍ଥିକ ବର୍ଷରେ ଲାଭର ପରିମାଣ ୨୪୬.୨୫ ଲକ୍ଷ ଟଙ୍କା ହ୍ରାସ ପାଇଲା। ଅନୁରୂପ ଭାବେ ଏହା ହ୍ରାସ ପାଇ ୨୦୧୭-୧୮ରେ ଲାଭାଂଶ ୨୬୯.୦୧ ଲକ୍ଷ ଏବଂ ୨୦୧୮-୧୯ରେ ୧୭୮.୨୦ ଲକ୍ଷ ଟଙ୍କାରେ ପହଞ୍ଚିଥିବା ଜଣାପଡ଼ିଛି।

## ବୋଷ୍ଟନ୍ ଇଣ୍ଟରନ୍ୟାଶନାଲ ସ୍ୟାଣ୍ଡ୍ ଆର୍ଟ ଚାମ୍ପିୟନ୍‌ଶିପ୍

# ସୁଦର୍ଶନଙ୍କୁ 'ପିପୁଲ୍‌ସ ଚଏସ୍ ଆୱାର୍ଡ'

**ଭୁବନେଶ୍ୱର,୨୮।୭(ବ୍ୟୁରୋ)**

ଖ୍ୟାତନାମା ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଆମେରିକାରେ ଅନୁଷ୍ଠିତ ବୋଷ୍ଟନ୍ ଇଣ୍ଟରନ୍ୟାଶନାଲ ସ୍ୟାଣ୍ଡ୍ ଆର୍ଟ ଚାମ୍ପିୟନଶିପ୍ ୨୦୧୯ରେ ପିପୁଲ୍‌ସ ଚଏସ୍ ଆୱାର୍ଡ ଜିତି ସମଗ୍ର ଦେଶ ପାଇଁ ଗୌରବ ଆଣିଛନ୍ତି। ସୁଦର୍ଶନ ନିଜ ବାଲୁକା କଳାରେ ପ୍ଲାଷ୍ଟିକ୍ ପ୍ରଦୂଷଣର କରାଳ ରୂପକୁ ଦର୍ଶାଇ ଆମେରିକୀୟଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସଫଳ ହୋଇଛନ୍ତି। ବୋଷ୍ଟନରେ ଅନୁଷ୍ଠିତ ରିଭର ବିଚ୍ ଇଣ୍ଟରନ୍ୟାଶନାଲ ସ୍ୟାଣ୍ଡ ସ୍କଲ୍ପଟିଂ ଫେଷ୍ଟିଭାଲ ୨୦୧୯ରେ ଶ୍ରେଷ୍ଠ ବିବେଚିତ ବିଶ୍ୱର ୧୫ଜଣ ଖ୍ୟାତନାମା ବାଲୁକା ଶିଳ୍ପୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିରେ ସୁଦର୍ଶନ 'ଷ୍ଟପ୍ ପ୍ଲାଷ୍ଟିକ୍ ପଲ୍ୟୁଶନ୍, ସେଭ୍ ଆୱାର୍ ଓସେନ୍' ଥିମ୍ ଅର୍ଥାତ୍ ଆମ ସମୁଦ୍ରକୁ ପ୍ଲାଷ୍ଟିକ୍ ପ୍ରଦୂଷଣରୁ ମୁକ୍ତ କରିବାର ବାର୍ତ୍ତାନେଇ ବାଲୁକାକଳା କରିଥିଲେ। ଏକ କଇଁଛ ପ୍ଲାଷ୍ଟିକ୍ ବ୍ୟାଗ୍‌ରେ ଛନ୍ଦି ହୋଇଯାଇଥିବାବେଳେ ଏକ ବିଶାଳ ମାଛ ଶରୀରରେ ପ୍ଲାଷ୍ଟିକ୍ ବୋତଲ, ପ୍ଲାଷ୍ଟିକ୍ ଚପଲ ଭଳି ଆବର୍ଜନା ରହିଥିବା ଏହି ସ୍ଥାପତ୍ୟରେ ପ୍ରତିଫଳିତ ହୋଇଥିଲା। ସେହିଭଳି ଉକ୍ତ ମାଛକୁ ଖାଇ ମଣିଷ କିଭଳି ବିଭିନ୍ନ ରୋଗର ଶିକାର ହେଉଛି ଏବଂ ପ୍ରତ୍ୟକ୍ଷ ଓ ପରୋକ୍ଷଭାବେ ମନୁଷ୍ୟ ହିଁ ପ୍ଲାଷ୍ଟିକ୍ ପ୍ରଦୂଷଣର ଶିକାର ହେବାକୁ ଯାଉଛି, ତାହାକୁ ସୁଦର୍ଶନ ନିଜ ବାଲୁକା କଳା ମାଧ୍ୟମରେ ଦେଖାଇଥିଲେ।

### ବାଲୁକା କଳାରେ ପ୍ଲାଷ୍ଟିକ ପ୍ରଦୂଷଣ ବାର୍ତ୍ତା



ଏହି ପ୍ରତିଯୋଗିତାରେ ବହୁସଂଖ୍ୟାରେ ଭାରତୀୟ ଉପସ୍ଥିତ ରହି ତ୍ରିରଙ୍ଗା ଦେଖାଇ ସୁଦର୍ଶନଙ୍କୁ ସମର୍ଥନ କରିଥିଲେ।

ତେବେ ସୁଦର୍ଶନ ପାଇଥିବା ପୁରସ୍କାରକୁ ସେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ଯେଉଁମାନେ ଏହି ବାଲୁକା କଳା ସପକ୍ଷରେ ଭୋଟ୍ କରି ମୋତେ ଜିତାଇଛନ୍ତି ସେମାନେ ବାସ୍ତବରେ ପ୍ଲାଷ୍ଟିକ୍‌ର ବ୍ୟବହାରକୁ ବିରୋଧ କରିଛନ୍ତି ବୋଲି ସେ କହିଛନ୍ତି। ଏଥିସହ ସୁଦର୍ଶନ ନ୍ୟୁୟର୍କରେ ଅବସ୍ଥାପିତ ଭାରତର କନ୍‌ସଲ୍ ଜେନେରାଲ ସନ୍ଦୀପ ଚୌଧୁରୀ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଇବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହା କେବଳ ଓଡ଼ିଶା ପାଇଁ ନୁହେଁ, ସମଗ୍ର ଭାରତ ପାଇଁ ଗର୍ବ ଓ ଗୌରବର ବିଷୟ। ନିଜ ବାଲୁକା କଳା ମାଧ୍ୟମରେ ସାମାଜିକ ପରିବର୍ତ୍ତନର ବାର୍ତ୍ତାଦେବାକୁ ସୁଦର୍ଶନ ପଟ୍ଟନାୟକ ସର୍ବଦା ପ୍ରଚେଷ୍ଟା କରିଆସିଥିବା କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି।

# ଆଜି ୪ଜିଲାରେ ଅତି ପ୍ରବଳ ବର୍ଷା

**ଭୁବନେଶ୍ୱର, ୨୮।୭(ବ୍ୟୁରୋ)**

ମନ୍‌ସୁନ୍ ଟ୍ରଫ୍ ଲାଇନ୍ ପ୍ରଭାବରେ ସାରା ରାଜ୍ୟରେ ବର୍ଷା ଲାଗି ରହିଛି। ସୋମବାର କଳାହାଣ୍ଡି, କନ୍ଧମାଳ, କୋରାପୁଟ ଓ ମାଲକାନଗିରି ଆଦି ୪ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ଏହିସବୁ ଜିଲାକୁ ପାଣିପାଗ କେନ୍ଦ୍ର ଅରେଞ୍ଜ ୱାର୍ନିଂ ଦେଇଛି। ସେହିପରି ଭୀଷଣ ବର୍ଷାକୁ ଆଖି ଆଗରେ ରଖି ୧୧ଜିଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି। ସେହି ଜିଲାଗୁଡ଼ିକ ହେଲା ଗଜପତି, ଗଞ୍ଜାମ, ରାୟଗଡ଼ା, ଜଗତସିଂହପୁର, ଖୋର୍ଦ୍ଧା, ନବରଙ୍ଗପୁର, ପୁରୀ, କଟକ, କେନ୍ଦ୍ରାପଡ଼ା, ବୌଦ୍ଧ ଓ ଭଦ୍ରକ।

ରବିବାର ମାଲକାନଗିରିରେ ସର୍ବାଧିକ ୭୦ ମିଲିମିଟର ବର୍ଷା ହୋଇଥିବାବେଳେ କଟକ ୨୦.୪ ମିମି, ଭୁବନେଶ୍ୱର ୬.୬ ମିମି, ପୁରୀ ୩୦.୭ ମିମି, ଅନୁଗୋଳ ୨୪ ମିମି, ବାରିପଦା ୧୪.୮ ମିମି, କେନ୍ଦୁଝରଗଡ଼ ୪୯ ମିମି, କୋରାପୁଟ ୪୬ ମିମି, ଦାରିଙ୍ଗବାଡ଼ି ୭ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି।



- ୧ରୁ ବଢ଼ିପାରେ ବର୍ଷା
- ମାଲକାନଗିରିରେ ୭୦ ମିମି ରେକର୍ଡ

ଏହାଛଡ଼ା ଭବାନୀପାଟଣା, ତାଳଚେର, ଝାରସୁଗୁଡ଼ା, ଗୋପାଳପୁର, ପାରାଦୀପ, ବାଲେଶ୍ୱର, ଚାନ୍ଦବାଲିରେ ମଧ ସ୍ୱଳ୍ପ ପରିମାଣର ବର୍ଷା ହୋଇଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ତେବେ ୩୧ ତାରିଖରେ ପୁଣି ଏକ ଲଘୁଚାପ ହେବାର ସମ୍ଭାବନା ରହିଥିବାରୁ ସେହିଦିନ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଅନୁଗୋଳ, ଢେଙ୍କାନାଳରେ ପ୍ରବଳ ବର୍ଷା ହେବ। ତେବେ ୧ ତାରିଖରୁ ବର୍ଷା ପରିମାଣ ବଢ଼ିପାରେ ବୋଲି ପାଣିପାଗ କେନ୍ଦ୍ର ଆଶଙ୍କା କରିଛି।

## ଗୃହ ବିଭାଗ ଶ୍ୱେତପତ୍ର-୨୦୧୮

# ଆଇନଶୃଙ୍ଖଳା ପରିସ୍ଥିତି ନେଇ ବିରୋଧୀଙ୍କ ସମାଲୋଚନା

**ଭୁବନେଶ୍ୱର, ୨୮।୭(ବ୍ୟୁରୋ)**

ରାଜ୍ୟରେ ୨୦୧୮ ବର୍ଷ ପାଇଁ ଗୃହ ବିଭାଗ ପକ୍ଷରୁ ଶ୍ୱେତପତ୍ର ପ୍ରକାଶ ପାଇଛି। ଏଥିରେ ଦିଆଯାଇଥିବା ଆପରାଧିକ ପରିସଂଖ୍ୟାନକୁ ନେଇ ବିରୋଧୀ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଛନ୍ତି। ଶ୍ୱେତପତ୍ର ରିପୋର୍ଟ ଅନୁଯାୟୀ ରାଜ୍ୟରେ ହାରାହାରି ଦୈନିକ ୭ ବଳାତ୍କାର ଏବଂ ୪ଟି ହତ୍ୟା ମାମଲା ସଙ୍ଘଠିତ ହେଉଛି। ସୋମବାର ବିଧାନସଭାରେ ଗୃହ ବିଭାଗର ଖର୍ଚ୍ଚଦାବି ଆଲୋଚନା ହେବାର ରହିଛି। ତେବେ ଆଲୋଚନାର ଗୋଟିଏ ଦିନ ପୂର୍ବରୁ ଗଣମାଧ୍ୟମରେ ଉଭୟ କଂଗ୍ରେସ, ଭାଜପା ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ଗୃହ ବିଭାଗର ପରମ୍ପରା ଅଛି। ଏହିବିଭାଗ ଖର୍ଚ୍ଚଦାବିଆଗତ ପୂର୍ବରୁ ଶ୍ୱେତପତ୍ର ପ୍ରଦାନ କରିବେ। ଶନିବାର ବିଧାୟକମାନଙ୍କୁ ଶ୍ୱେତପତ୍ର ପ୍ରଦାନ କରିଛନ୍ତି। ମାତ୍ର ଏଥିରେ ସରକାର ବହୁ ତଥ୍ୟ ଲୁଚାଇଛନ୍ତି। ଆଗରୁ ୩ ବର୍ଷର ଏକ ତୁଳନାତ୍ମକ ଶ୍ୱେତପତ୍ର ପ୍ରଦାନ କରାଯାଉଥିଲା, ଯେଉଁଥିରେ ଡକାୟତି, ବଳାତ୍କାର, ଚୋରି ଏବଂ ହତ୍ୟା ଆଦି ଘଟଣାର ପ୍ରତ୍ୟେକ ବର୍ଷର ତଫାତ ଦେଖାଯାଉଥିଲା। ସେହି ୩ ବର୍ଷର ପରିସଂଖ୍ୟାନରୁ ଜଣାପଡୁଥିଲା ଏହା କେଉଁ ଅପରାଧ ରାଜ୍ୟରେ ବଢୁଛି ଏବଂ କେଉଁଟା କମୁଛି। ମାତ୍ର ସରକାର ଗତବର୍ଷ ତାହା ଲୁଚାଇଲେ। ସେଥର ଗୋଟିଏ ଚାର୍ଟ ଦେଇଥିଲେ, ସେଥିରେ କେଉଁ ମାମଲା କେତେଥର ଲେଖା ପଞ୍ଜିକରଣ ହେଉଛି ତାହା ଉଲ୍ଲେଖ ରହିଥିଲା। ଏଥର ତାହା ମଧ ଲୁଚାଇଦେଲେ।

### ଦିନକୁ ୭ ବଳାତ୍କାର, ୪ ହତ୍ୟା

ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭଣ୍ଡୁଡି ପଡିଛି ବୋଲି ନରସିଂହ କହିଛନ୍ତି।

ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି, ସରକାର ଯେତିକି ଅଭିଯୋଗ ହୋଇଛି ବୋଲି କହୁଛନ୍ତି ସେଥିରୁ ଅଧା ପଞ୍ଜୀକୃତ କରିଛନ୍ତି। ଗତବର୍ଷ ତୁଳନାରେ ସବୁକିଛି ବଢିଛି, କିଛି କମିନାହିଁ। ଏଥିରୁ ଜଣାପଡୁଛି ଦୀର୍ଘବର୍ଷ ଧରି ମୁଖ୍ୟମନ୍ତ୍ରୀଙ୍କ ହାତରେ ଗୃହ ବିଭାଗ ରହିବା ପରେ ସୁଦ୍ଧା ଆଇନଶୃଙ୍ଖଳା ପରିସ୍ଥିତି ସମ୍ଭାଳିବାରେ ଏ ସରକାର ବିଫଳ ହୋଇଛନ୍ତି ବୋଲି ଗୋଲକ କହିଛନ୍ତି। ଅପରପକ୍ଷରେ ବିଜେଡି ବିଧାୟକ ଶଶୀଭୂଷଣ ବେହେରା କହିଛନ୍ତି, ରାଜ୍ୟ ସରକାର କେବେହେଲେ କୌଣସି କଥାକୁ ଲୁଚାଇ ନାହାନ୍ତି। ଯଦି ସରକାର ଏଥର ତୁଳନାତ୍ମକ ଚିତ୍ର ରଖିନାହାନ୍ତି ତଥାପି ଗତବର୍ଷଗୁଡିକର ରହିଛି। ବିରୋଧୀ ଦଳ ନେତାମାନେ ଯଦି ଗତବର୍ଷ ପାଇଥିବା ସେହି ତୁଳନାତ୍ମକ ଚିତ୍ରକୁ ଦେଖିବେ ତେବେ ସେମାନଙ୍କୁ କିଛି ଅସୁବିଧା ହେବନାହିଁ। ଯଦି ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିକୁ ଦେଖାଯାଏ ତେବେ ଏହା ବୃଦ୍ଧି ପାଉଛି। ରାଜ୍ୟରେ ଲୋକସଂଖ୍ୟା ବଢୁଛି, ତେଣୁ ଅପରାଧ ବଢ଼ିବା ସ୍ୱାଭାବିକ। କିନ୍ତୁ ସରକାର ଆଇନଶୃଙ୍ଖଳା ପରିସ୍ଥିତି କଥା ଆନୁପାତିକ ଭାବେ କମାଇବାକୁ ଚେଷ୍ଟା କରୁଛନ୍ତି ଏବଂ ଏଥିପାଇଁ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଗୃହ ବିଭାଗ ଖର୍ଚ୍ଚ ଦାବି ଆଲୋଚନା ବେଳେ ସରକାର କୌଣସି କଥା ଲୁଚାଇବାକୁ ଚେଷ୍ଟା କରିବେ ନାହିଁ ବୋଲି ବେହେରା କହିଛନ୍ତି।

Who will GRAB the CROWN ?
HERE . NOW
OrissaPOST
Presents
Reviving Quizzing
METTLE MEET 2019
A Quiz Extravaganza
GRAND FINALE: 04 AUGUST 2019
Brilliant teams from Schools, Colleges and Institutes across the state will compete for the Mega Prize.

JUNIOR GROUP
BJB Junior College
BMPS Takshila School
Buxi Jagabandhu EM School
Cambridge School, Cuttack
DAV Public School, Burla
DAV Public School, CDA, Cuttack
DAV Public School, Kalinganagar
DAV Public School, Pokhariput
DAV Public School, Rourkela
DAV Public School, Unit-VIII, Bhubaneswar
Delhi Public School, Kalinga
DPS, Dhenkanal
Future Bhubaneswar School
Kendriya Vidyalaya No.1, Bhubaneswar
Kendriya Vidyalaya No.3
Kendriya Vidyalaya No.4
Kendriya Vidyalaya No.5
KIIT International School
Loyola School
LR DAV Public School, Cuttack
Mother's Public School
ODM Public School
Prabhujee English Medium School
Rajdhani Higher Secondary School Sc., Arts & Commerce
Rama Devi Junior College
Ravenshaw Higher Secondary School
Rayagada Autonomous College
Rotary Public School, Angul
Ruchika High School
SAI International School
Sainik School
SCB Medical Public School, Cuttack
Shree Krishna International School
St Joseph's Convent Higher secondary School, Sambalpur
St Joseph's High School, Bhubaneswar
St Paul's School, Rourkela
St Vincent's School, Balasore
St Xavier's School, Dhenkanal
St Xavier's, Nayabazar, Cuttack
Stewart School, Cuttack
Sunshine Mission School, Bhadrak
Times Gurukul
Venkateswar English Medium School

SENIOR GROUP
Academy of Management and Information Technology, BBSR
AIIMS, Bhubaneswar
Asian School of Business Management
ASTHA School of Management
Biju Patnaik Institute of Information Technology & Management Studies
Birla Global University
BJB Autonoumous College
Centurion University
CET, Bhubaneswar
College of Basic Science & Humanities, OUAT
College of Veterinary Science & Animal Husbandry, OUAT
CV Raman College of Engineering
DAV School of Business Management
Gandhi Institute for Technological Advancement, GITA
IGIT, Sarang
IIT, Bhubaneswar
Institute of Hotel Management & Catering Technology
KIIT Deemed to be University
MITS School of Biotechnology
National Institution of Science, Education and Research, NISER
National Law University of Odisha
NIST, Berhampur
NIT, Rourkela
Piloo Modi College of Architecture
Ravenshaw University
Royal College of Science and Technology
SAI International College of Commerce & Economics
SCB Medical College
School of Biotech Sciences
Silicon Institute of Technology
SOA University
SVNIRTAR, Bhubaneswar
United School of Business Management
VSSUT, Burla
Xavier University
XIMB, Bhubaneswar

OrissaPOST.Here.Now /orissapostlive www.orissapost.com
Sponsors : OMC ODISHA NEW OPPORTUNITIES नालको NALCO A NAVRATNA COMPANY
Co-sponsors : IndianOil GAIL (India) Limited ODISHA INDIA'S BEST KEPT SECRET MCL vedanta transforming elements adventz PARADEEP PHOSPHATES LIMITED
Partners : omfed TEAM

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ମ୍ରିନାଲି
ପରିବାରବର୍ଗ


ସାଇଦର୍ଶନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ‘ଅବ୍ୟବସ୍ଥା ଘେରରେ ଅଙ୍ଗନୱାଡ଼ି କେନ୍ଦ୍ର ଭିତ୍ତିଭୂମି’

- ମନ୍ତ୍ରୀଙ୍କ ଉତ୍ତରରୁ ସ୍ପଷ୍ଟ
- ୩୨,୯୭୦କେନ୍ଦ୍ରର ନାହିଁ ନିଜସ୍ୱ ଗୃହ
- ୭୦,୦୩୧ଟିରେ ନାହିଁ ବିଜୁଳି ବ୍ୟବସ୍ଥା

ଭୁବନେଶ୍ୱର,୨୮।୭(ବ୍ୟୁରୋ)

ଅଙ୍ଗନୱାଡିରେଶିଶୁରଶିକ୍ଷାଆରମ୍ଭହୋଇଥାଏ।ବିଶେଷକରି ଗ୍ରାମାଞ୍ଚଳର ଶିଶୁମାନେ ଅଙ୍ଗନୱାଡି ଉପରେ ଅଧିକ ନିର୍ଭର କରିଥାନ୍ତି। ସରକାରଙ୍କ ପକ୍ଷରୁ ବିଭିନ୍ନ ଖାଦ୍ୟ ପଦାର୍ଥର ବଣ୍ଟନ ମଧ୍ୟ ଅଙ୍ଗନୱାଡି ଜରିଆରେ କରାଯାଇଥାଏ। ହେଲେ ରାଜ୍ୟରେ ସମସ୍ତ ଅଙ୍ଗନୱାଡିର ଭିତ୍ତିଭୂମି ଠିକ୍ ନ ଥିବା ସରକାରୀ ଉତ୍ତରର ତର୍ଜମାରୁ ଜଣାପଡିଛି। ରାଜ୍ୟରେ ଅଙ୍ଗନୱାଡି ଏବଂ ମିନି ଅଙ୍ଗନୱାଡି ମିଶି ମୋଟ ୭୨,୫୮୭ କେନ୍ଦ୍ର ରହିଛି। ହେଲେ ତନ୍ମଧ୍ୟରୁ ୩୨, ୯୭୦ର ନିଜସ୍ୱ ଘର ନ ଥିବାବେଳେ ୫୨,୮୬୪ ଟଏଲେଟ୍ ବ୍ୟବସ୍ଥା ନାହିଁ। ସେହିଭଳି ୩୫,୮୦୮ କେନ୍ଦ୍ରରେ ପିଇବାପାଣିର ସୁବିଧା ନାହିଁ। ଆଶ୍ଚର୍ଯ୍ୟର ବିଷୟ, ସରକାର ରାଜ୍ୟର ସବୁ ଗାଁକୁ ବିଜୁଳି ପହଞ୍ଚାଇଥିବା ଡିଣ୍ଡିମ ପିଟୁଛନ୍ତି, ହେଲେ ୭୦,୦୩୧ କେନ୍ଦ୍ରରେ ବିଜୁଳି ବ୍ୟବସ୍ଥା କରାଯାଇନାହିଁ।

କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜାଙ୍କ ଦ୍ୱାରା ପଚରାଯାଇଥିବା ଅଣତାରକା ପ୍ରଶ୍ନ ନଂ-୨୨୮୫ର ଉତ୍ତର ଦେଇ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ଦେଇଥିବା ତଥ୍ୟରୁ ଏହା ଜଣାପଡିଛି। ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ମୋଟ ୭୨୫୮୭ ଅଙ୍ଗନୱାଡି/ମିନି ଅଙ୍ଗନୱାଡି ରହିଛି। ତନ୍ମଧ୍ୟରୁ ୩୯,୬୧୭ କେନ୍ଦ୍ରର ନିଜସ୍ୱ ଗୃହ ରହିଥିବାବେଳେ ୧୯,୭୨୩ କେନ୍ଦ୍ରରେ ଟଏଲେଟ୍ ଏବଂ ୩୬,୭୭୯ କେନ୍ଦ୍ରରେ ପିଇବା ପାଣି ବ୍ୟବସ୍ଥା ରହିଛି। ଏଥିସହିତ ମାତ୍ର ୨୫୫୬ କେନ୍ଦ୍ରରେ ବିଜୁଳି ବ୍ୟବସ୍ଥା ରହିଛି।

ଅନୁଗୋଳ ଜିଲାରେ ୬୩୯, ବଲାଙ୍ଗୀରରେ ୧୦୩୯, ବାଲେଶ୍ୱର ୨୮୦୮, ନୟାଗଡ଼ରେ ୧୧୦୦, ବୌଦ୍ଧରେ ୧୪୯୩ ଏବଂ ପୁରୀରେ ୧୯୮୪ଟି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ଏପରିକି ରାଜଧାନୀ ଭୁବନେଶ୍ୱର ଆସୁଥିବା ଖୋର୍ଦ୍ଧା ଜିଲାରେ ୧୬୪୫ଟି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ଏହି ଜିଲାରେ ୧୭୮୧ କେନ୍ଦ୍ରରେ ଟଏଲେଟ୍ , ୧୬୭୩ରେ ପିଇବା ପାଣି ଏବଂ ୨୪୫୫ କେନ୍ଦ୍ରରେ ବିଜୁଳି ବ୍ୟବସ୍ଥା ନାହିଁ। ବୌଦ୍ଧରେ ମାତ୍ର ୪ ଏବଂ ନୂଆପଡାରେ ମାତ୍ର ୫ଟି କେନ୍ଦ୍ରରେ ବିଜୁଳି ବ୍ୟବସ୍ଥା ରହିଛି। ମନ୍ତ୍ରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଜିଲାୱାରି ତଥ୍ୟରୁ ଏହା ଜଣାପଡିଛି। ରାଜ୍ୟରେ ୩୩୮ଟି ଶିଶୁ ବିକାଶ ପ୍ରକଳ୍ପ ଅଛି। ତନ୍ମଧ୍ୟରୁ ୪୪ଟି ଆଇସିଡିଏସ୍ ପ୍ରକଳ୍ପରେ ସିଡିପିଓ ପଦବୀ ଖାଲି ରହିଛି। ବିଜେଡି ସଭ୍ୟ ଅରବିନ୍ଦ ଢାଲିଙ୍କ ଦ୍ୱାରା ୨୭ରେ ପଚରାଯାଇଥିବା ପ୍ରଶ୍ନ ସଂଖ୍ୟା-୫୫୦ର ଉତ୍ତରରେ ମନ୍ତ୍ରୀ ଏହି କଥା କହିଛନ୍ତି। ଅପରପକ୍ଷରେ ରାଜ୍ୟର ୭୨ ସିଡିପିଓ ଏବଂ ୩୨ ଆଇସିଡିଏସ୍ ସୁପରଭାଇଜରଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବିଚାରାଧୀନ ରହିଥିବା ଅନ୍ୟ ଏକ ବିଧାନସଭା ଉତ୍ତରରୁ ଜଣାପଡ଼ିଛି।

## ପରିବା: ସରକାରଙ୍କ...

ପ୍ରଥମ ପୃଷ୍ଠାରୁ...

ରାଜ୍ୟରେ ମୋଟ ୬୬୩.୫୨ ହେକ୍ଟର ଜମିରେ ପରିବା ଚାଷ କରାଯାଉଥିବା ଜଣାପଡିଛି। ସରକାର ଚଳିତ ଆର୍ଥିକ ବର୍ଷ ପାଇଁ ଆଣିଥିବା ବଜେଟରେ ପରିବା ଚାଷ ପାଇଁ ସେପରି କିଛି ବଡ଼ଧରଣର ବ୍ୟବସ୍ଥା ରଖିନାହାନ୍ତି। କେବଳ ସଙ୍କର ଜାତୀୟ ପରିବା ଉତ୍ପାଦନ ପାଇଁ ହେକ୍ଟର ପିଛା ମାତ୍ର ୨୦ ହଜାର ଟଙ୍କା ଦେବାକୁ ପ୍ରସ୍ତାବ ରଖିଛନ୍ତି।

ଅନ୍ୟପଟେ ବିଭିନ୍ନ ପ୍ରକାର ପରିବା ଉତ୍ପାଦନରେ ଆମ ରାଜ୍ୟ ଦେଶରେ କେତେ ନମ୍ବର ସ୍ଥାନରେ ରହିଛି, ସେନେଇ ଏକ ତଥ୍ୟ ସାମ୍ନାକୁ ଆସିଛି। କନ୍ଦମୂଳ ଉତ୍ପାଦନରେ ଓଡ଼ିଶା ଦେଶରେ ଏକ ନମ୍ବର ସ୍ଥାନ ଅକ୍ତିଆର କରିଛି। ସେହିପରି ବାଇଗଣ ଏବଂ ବନ୍ଧାକୋବି ଉତ୍ପାଦନରେ ଓଡ଼ିଶା ଦେଶରେ ଦୁଇ ନମ୍ବର ସ୍ଥାନରେ ରହିଥିବା ବେଳେ ଫୁଲକୋବି ଉତ୍ପାଦନରେ ୬ ନମ୍ବର, ଟମାଟୋ ଉତ୍ପାଦନରେ ୫ ନମ୍ବର ସ୍ଥାନରେ ରହିଛି। ରାଜ୍ୟରେ ପରିବା ଚାଷ ଏତେ ଭଲ ହେଉଥିବା କଥା କୃଷି ନିର୍ଦ୍ଦେଶାଳୟ ତଥ୍ୟ ଦର୍ଶାଉଥିଲେ ମଧ୍ୟ ବାହାର ରାଜ୍ୟରୁ ଦୈନିକ କେତେ ପରିବା ଆମଦାନୀ ହେଉଛି ସେନେଇ ସରକାର ତଥ୍ୟ ରଖି ନ ଥିବା କହୁଛନ୍ତି।

ଭାଜପା ସଦସ୍ୟ ମୋହନ ଚରଣ ମାଝି ପଚାରିଥିବା ତାରକା ପ୍ରଶ୍ନ ସଂଖ୍ୟା ୨୭୨ର ଲିଖିତ ଉତ୍ତରରେ ସମବାୟ ମନ୍ତ୍ରୀ ୧୭।୭।୧୯ରେ କହିଛନ୍ତି, ରାଜ୍ୟରେ ଆଳୁର ଚାହିଦା ୧୨.୭୦ ଲକ୍ଷ ମେଟ୍ରିକ ଟନ୍ ରହିଛି। କିନ୍ତୁ ବର୍ଷକରେ ଉତ୍ପାଦନ ହେଉଛି ୨.୯୪ ଲକ୍ଷ ମେଟ୍ରିକ ଟନ୍। ପଶ୍ଚିମବଙ୍ଗରୁ ଆଳୁ ଅଣାଯାଉଛି। ଉତ୍ତରରେ ଆହୁରି କୁହାଯାଇଛି ଯେ, ପିଆଜର ଚାହିଦା ରାଜ୍ୟରେ ବର୍ଷକୁ ୩.୪୧ ମେଟ୍ରିକ ଟନ୍ ଥିବା ବେଳେ ଉତ୍ପାଦନ ହେଉଛି ୩.୭୪ ମେଟ୍ରିକ ଟନ୍। ପ୍ରାୟତଃ ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, କର୍ଣାଟକରୁ ପିଆଜ ଆମଦାନୀ କରାଯାଉଥିବା ଜଣାପଡିଛି। ଜାତୀୟ ସର୍ବେକ୍ଷଣ ସଂସ୍ଥା (ଏନ୍ଏସ୍ଏସ୍) ଏହାର ଆକଳନ କରିଥାଏ ବୋଲି ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି। ବାସ୍ତବରେ ଏହା ଏନ୍ଏସଏସ କରିଥାଏ। ଏନ୍ଏସ୍ଏସ୍ କେଉଁପରି ତଥ୍ୟ ରଖୁଛି ତାହାର କୌଣସି ସନ୍ଧାନ ମିଳିପାରିନାହିଁ। କିନ୍ତୁ ରାଜ୍ୟ ସରକାରଙ୍କ ପାଖରେ ଏ ସମ୍ପର୍କରେ କୌଣସି ତଥ୍ୟ ନାହିଁ ବୋଲି ସ୍ପଷ୍ଟ ଜଣାପଡ଼େ।

ଚଳିତ ଆର୍ଥିକ ବର୍ଷ ୨୦୧୯-୨୦ ବଜେଟ୍‌ରେ କୃଷି ନିମନ୍ତେ ଏକ ସ୍ୱତନ୍ତ୍ର ବଜେଟ ଓଡ଼ିଶା ପ୍ରସ୍ତୁତ କରୁଛି ବୋଲି କହି ବାହାବା ନେବାକୁ ଚେଷ୍ଟା କରୁଛନ୍ତି। ସରକାର ବୋଧହୁଏ କେବଳ ଧାନକୁ କୃଷି ଭାବେ ହିସାବକୁ ନେଉଛନ୍ତି। ଏହା ଫଳରେ ପରିବା ଉତ୍ପାଦନ ସମ୍ପୂର୍ଣ୍ଣଭାବେ ଅବହେଳିତ ହୋଇ ପଡିରହିଛି। କୃଷି ପାଇଁ ଏଥର ମୋଟ ୮୮୭୪ କୋଟି ୫୨ଲକ୍ଷ ୩୫ ହଜାର ଟଙ୍କା ବ୍ୟୟ ବରାଦ କରାଯାଇଛି। କୃଷି ବଜେଟରେ ସରକାର ପନିପରିବା ଚାଷ ପାଇଁ ବିଭିନ୍ନ ଯୋଜନାରେ ବହୁତ କମ୍ ଅର୍ଥ ବରାଦ କରିଥିବା ଜଣାପଡିଛି। ଏନ୍ଏଚ୍ଏମ୍(ନ୍ୟାଶନାଲ ହର୍ଟିକଲଚର୍ ମିଶନ) ପାଇଁ ୧୧୫୩୪.୪୩ଲକ୍ଷ ଟଙ୍କା ସରକାର ଅନୁମୋଦନ କରିଛନ୍ତି। ସେଥିରୁ ସଙ୍କର ଜାତୀୟ ପରିବା ଚାଷ ଲାଗି ୭ ହଜାର ହେକ୍ଟର ଜମି ପାଇଁ ୧୪୦୦.୦୦ ଲକ୍ଷ ଟଙ୍କା ବ୍ୟୟ ବରାଦ ରଖିଛନ୍ତି। ଅନ୍ୟପଟେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା(ଆର୍‌କେଭିୱାଇ)ରେ ଚାଷ ପାଇଁ ବର୍ତ୍ତମାନ ବଜେଟ୍‌ରେ ଅର୍ଥ ବରାଦ ରହିଛି ନା ନାହିଁ, ସେନେଇ କୌଣସି ସୂଚନା ନ ଥିବା ସରକାରୀ ଅଧିକାରୀଙ୍କ ଠାରୁ ଜଣାପଡିଛି। ସେହିପରି ନନ୍ ମିଶନ ଯୋଜନାରେ ମୋଟ ୯୬ଲକ୍ଷ ଟଙ୍କାର ବ୍ୟୟ ବରାଦ ରଖାଯାଇଛି। ଅର୍ଥାତ୍ ସରକାର ଏଥର ବଜେଟରେ ପରିବା ଚାଷ ପାଇଁ ପାଖାପାଖି ୧୧୬ କୋଟି ଟଙ୍କା ରଖିଛନ୍ତି।

ପରିବା ବଜାର ସଂଘର ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି, ସରକାରୀ ତଥ୍ୟ ସମ୍ପୂର୍ଣ୍ଣ ଭୁଲ୍ ଦିଆଯାଉଛି। ଟମାଟୋ, ଭେଣ୍ଡି, ଆଳୁ, ବାଇଗଣ, ପିଆଜ, ପୋଟଳ, କାଙ୍କଣ, ବନ୍ଧାକୋବି, ଫୁଲକୋବି, ସଜନା ଛୁଇଁ ଆଦି ସବୁ ବାହାରୁ ଆସୁଛି। ଯଦି ସରକାରୀ ତଥ୍ୟ ଅନୁସାରେ ଉତ୍ପାଦନ ଅନୁଯାୟୀ ଆମ ରାଜ୍ୟରେ ପରିବା ବଳୁଛି ତେବେ ବାହାର ରାଜ୍ୟରୁ କାହିଁକି ଆମଦାନୀ କରିବାର ଆବଶ୍ୟକ ପଡୁଛି, ସରକାର ତା’ର ନିର୍ଦ୍ଦିଷ୍ଟ ଉତ୍ତର ରଖନ୍ତୁ। ପରିବା ଉତ୍ପାଦନ ସମ୍ପର୍କରେ ସରକାରୀ ଅଧିକାରୀମାନେ ଘରେ ବସି ଭୁଲ୍ ହିସାବ ଦେଉଛନ୍ତି, ନ ହେଲେ ତଳସ୍ତରକୁ ଯାଇ ତଥ୍ୟ ଆଣୁନାହାନ୍ତି। କଖାରୁ, ଆଳୁ ପଶ୍ଚିମବଙ୍ଗରୁ ଆସୁଛି। ଆଳୁ ମିଶନ ପୂରାପୂରି ଫେଲ୍ ମାରିଛି। କେବଳ ସିଜିନ୍ ସମୟରେ କୋବି, ଟମାଟୋ ବାହାରକୁ ଆମର ରାଜ୍ୟରୁ ଯାଉଛି ବୋଲି ସେ କହିଛନ୍ତି।

ଶେଷରେ ସରକାରଙ୍କ ଦ୍ୱାରା ଦିଆଯାଇଥିବା ୧୧୬ କୋଟି ଟଙ୍କା କେଉଁଠାରେ ବିନିଯୋଗ ହେଉଛି ତାହା ଜାଣିବା ସମ୍ଭବପର ହେଉନାହିଁ। ଅପରପକ୍ଷରେ ବାସ୍ତବ ପରିସ୍ଥିତିକୁ ଦେଖିଲେ ସବୁଦିନ ବାହ୍ୟ ରାଜ୍ୟକୁ ଓଡ଼ିଶାର ଅର୍ଥ ପଳାଇଯାଉଛି। ଗୋଟିଏ ପଟେ ଚାଷୀ କ୍ଷତିଗ୍ରସ୍ତ ହେଉଛି। ଅନ୍ୟପଟେ ସରକାରୀ ରାଜକୋଷରୁ ଅର୍ଥର ଅପବ୍ୟବହାର ଘଟୁଛି।

## ବିନା ଦୋଷରେ...

ହତ୍ୟା କରାଯାଇଥିବା ଦର୍ଶାଇ ପୋଲିସ ତାଙ୍କ ସ୍ୱାମୀ ସଞ୍ଜୟ ଓ ଶ୍ୱଶୁର ମଙ୍ଗଳଙ୍କୁ ଗିରଫ କରିଥିଲା। ମୃତଦେହକୁ ବ୍ୟବଚ୍ଛେଦ କରାଯାଇ ଥାନାରେ ଏକ ହତ୍ୟା ମାମଲା(ନଂ.୧୮/୧୯) ରୁଜୁ କରାଯାଇଥିଲା। ଗିରଫ ସଞ୍ଜୟ ଓ ତାଙ୍କ ବାପା ବିନା ଦୋଷରେ ସେବେଠାରୁ ଜେଲରେ ଦିନ କାଟୁଥିଲେ। ଗତ ସପ୍ତାହରେ ରାଇମଣି କଟକରୁ ଘରକୁ ଫେରି ଆସିବା ପରେ ଘଟଣା ଭିନ୍ନମୋଡ଼ ନେଇଥିଲା। ରାଇମଣିଙ୍କ ନିଖୋଜ ରହସ୍ୟ ଉପରୁ ପର୍ଦ୍ଦା ଉଠିବାରୁ ପୋଲିସକୁ ଅପଦସ୍ଥ ହେବାକୁ ପଡିଥିଲା। ଏଭଳି ସ୍ଥିତିରେ ପୋଲିସ ସତର୍କତାର ସହ ରାଇମଣିଙ୍କୁ ଏକ ଗୁପ୍ତ ସ୍ଥାନରେ ରଖି ପଚରାଉଚରା କରି ଶନିବାର ରାଇରଙ୍ଗପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରାଇଥିଲା। ସେଠାରେ ତାଙ୍କ ବୟାନ ରେକର୍ଡ ପରେ ପରିବାର ଲୋକଙ୍କ ହେପାଜତରେ ଛଡାଯାଇଛି। ଅପରପକ୍ଷରେ ରାଇମଣିଙ୍କ ଏବେ ପତ୍ତା ମିଳିଥିବାରୁ ପାହାଡପୁର ଜଙ୍ଗଲରୁ ଉଦ୍ଧାର ହୋଇଥିବା ମହିଳାଙ୍କ ମୃତଦେହ କାହାର ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ପ୍ରସଙ୍ଗରେ ପୋଲିସ ହରଡଘଣାରେ ପଡ଼ିଯାଇଛି। ଏଭଳି ସମ୍ବେଦନଶୀଳ ଘଟଣାରେ କାହାର ଭୁଲ ରହିଛି ସେ ନେଇ ତଦନ୍ତ ଚାଲିଛି। ରାଇରଙ୍ଗପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଶୋକ ପଟ୍ଟନାୟକଙ୍କୁ ଏହି ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଛି ବୋଲି ଜିଲା ଆରକ୍ଷୀ ଅଧୀକ୍ଷକ ଅବିନାଶ କୁମାର ସୂଚନା ଦେଇଛନ୍ତି। ବିନା ଦୋଷରେ ହତ୍ୟା ମାମଲାରେ ଗିରଫ ହୋଇ ସଜା କାଟୁଥିବା ସଞ୍ଜୟ ଓ ତାଙ୍କ ବାପା ମଙ୍ଗଳ ଜେଲରୁ ଖଲାସ ହୋଇ ଘରକୁ ଫେରିଯାଇଛନ୍ତି।

## ଭୁଲ କରି...

ପ୍ରଥମ ପୃଷ୍ଠାରୁ...

ଏନେଇ ଓଏଚ୍ଆର୍‌ସିରେ ମାମଲା ହେବା ସହ ଏହି ପ୍ରସଙ୍ଗ ବିଧାନସଭାରେ ଉଠିଥିଲା। ଆଇନଜୀବୀ ଚିତ୍ତରଞ୍ଜନ ଦାଶ କୁହନ୍ତି, ଅନେକ କ୍ଷେତ୍ରରେ ଥାନାରେ ଅଭିଯୋଗ ହେଉଥିଲେ ମଧ୍ୟ ପୋଲିସ ମାମଲାକୁ ଗୁରୁତ୍ୱର ସହ ନେଉନି। ଏପରି କି ମାମଲା ରୁଜୁ ପାଇଁ ଲାଞ୍ଚ ମାଗୁଥିବା ଦେଖିବାକୁ ମିଳୁଛି। ଏହି କାରଣରୁ ପୋଲିସ ଉପରେ ଲୋକଙ୍କ ଆକ୍ରୋଶ ବଢୁଛି। ମାଡ଼ ଖାଇବାକୁ ପଡୁଛି। ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ କହିଛନ୍ତି, ପୋଲିସ ଜାଣିଶୁଣି ଅନେକ ମାମଲା ରୁଜୁ କରୁନି। ଲାଞ୍ଚ ନେଇ ମାମଲାକୁ ମଧ୍ୟ ବଦଳାଇ ଦେଉଛି। ସାଧାରଣ ଲୋକେ ଥାନାକୁ ନ୍ୟାୟ ପାଇଁ ଗଲେ ପୋଲିସ ଖରାପ ବ୍ୟବହାର କରୁଛି। ନିର୍ଦ୍ଦୋଷଙ୍କୁ ଜେଲ ପଠାଇ ଦେଉଛି। ଏହାଦ୍ୱାରା ପୂରା ପୋଲିସ ପ୍ରଶାସନ ବଦନାମ ହେଉଛି। ଏ ସମ୍ପର୍କରେ ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା କହିଛନ୍ତି, ଯେଉଁ ପୋଲିସ ଅଫିସର ଭୁଲ୍ କରୁଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ପରବର୍ତ୍ତୀ ସମୟରେ ଯେପରି ଏଭଳି ଘଟଣାର ପୁନରାବୃତ୍ତି ନ ଘଟିବ ସେଥିପାଇଁ ଏସ୍‌ପିମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି।

## ନଦୀରେ ପଶି ସ୍କୁଲ ଯାଉଛନ୍ତି ପିଲା


ମେଣ୍ଢାନାଳ ନଦୀ ପାଣି ପାରହୋଇ ସ୍କୁଲ ପିଲା ଯାଉଛନ୍ତି।

ନୂଆପଡା ଅଫିସ/ସିନାପାଲି,୨୮।୭

ଗମନାଗମନ ଭଳି ମୌଳିକ ସୁବିଧାରୁ ଗ୍ରାମାଞ୍ଚଳର ଲୋକମାନଙ୍କୁ ବଞ୍ଚିତ କରାଯିବ ନାହିଁ ବୋଲି ସରକାର ଘୋଷଣା କରୁଛନ୍ତି। ହେଲେ ନୂଆପଡ଼ା ଜିଲାର ଉପାନ୍ତ ଖଇଁରପଦର ଗ୍ରାମ ପଞ୍ଚାୟତ ହଳଦୀମୁଣ୍ଡା ଗାଁ ଲୋକେ ଏଥିରୁ ବଞ୍ଚିତ ହୋଇଛନ୍ତି। ରାସ୍ତା ନ ଥିବାରୁ ସ୍କୁଲ ପିଲାଙ୍କୁ ନଦୀରେ ଚାରି ଫୁଟ ପାଣି ପାରିହୋଇ ସ୍କୁଲ ଯିବାକୁ ପଡୁଛି। ସ୍କୁଲ ପିଲା ବିପଜ୍ଜନକ ଭାବେ ଯିବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି। ନୂଆପଡା ଜିଲା ସଦର ମହକୁମାଠାରୁ ୧୧୫କି.ମି ଦୂର ସିନାପାଲି ବ୍ଲକର ହଳଦୀମୁଣ୍ଡା ଗାଁ। ଏଠାରେ ଶତପ୍ରତିଶତ ବନବାସୀ ଆଦିବାସୀ ବସତି କରି ରହୁଛନ୍ତି। ଚାଷକାର୍ଯ୍ୟ ମୁଖ୍ୟ ବେଉସା। ଏଠାରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଭଳି ମୌଳିକ ସୁବିଧା ଲୋକଙ୍କୁ ଏବେବି ଉପଲବ୍ଧ ହୋଇନାହିଁ। ସବୁପ୍ରକାର ସୁବିଧା ପାଇଁ ନଦୀ ଆରମୁଣ୍ଡ କେନ୍ଦୁମୁଣ୍ଡା ଗାଁ ଉପରେ ଭରସା କରିଥାନ୍ତି। ମାତ୍ର ବର୍ଷାଦିନ ଆରମ୍ଭ ହେଲେ ସବୁ ଦୁଃଖ ଆରମ୍ଭ ହୋଇଯାଏ। ଏମିତିକି ଲଗାଣ ବର୍ଷାରେ ଏହି ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଥାଏ। ଅସରାଏ ବର୍ଷା ହେଲେ ମେଣ୍ଢାନାଳ ଉପରେ ପାଣି ମାଡିଆସିଥାଏ। ପିଲାମାନେ ୪ଫୁଟ ପର୍ଯ୍ୟନ୍ତ ପାଣି ଲଙ୍ଘି ସ୍କୁଲକୁ ଯାଇଥାନ୍ତି। ହଳଦୀମୁଣ୍ଡା ଭଳି ଗାଁରେ ହାଇସ୍କୁଲ ଶିକ୍ଷାର କୌଣସି ବିକଳ୍ପ ନ ଥିବାବେଳେ କେନ୍ଦୁମୁଣ୍ଡା ସ୍କୁଲ ହିଁ ଏକମାତ୍ର ଭରସା। ଏଠାରେ ଏକ ବ୍ୟାରେଜ ନିର୍ମାଣ ପାଇଁ ବାରମ୍ବାର ଦାବି କରାଯାଇଆସୁଥିଲେ ମଧ୍ୟ ପ୍ରଶାସନ କୌଣସି ଦୃଷ୍ଟି ଦେଉନାହିଁ। ଏନେଇ ଜିଲାପାଳ ମଧୁସ୍ମିତା ସାହୁଙ୍କୁ ପଚାରିବାରେ ସେ ବିଚାର କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ବ୍ୟୟାଧିପ ଧନସ୍ଥାନକୁ ଦୃଷ୍ଟିଦେଉଥିବାରୁ ସ୍ୱେଚ୍ଛାକୃତ ଭାବରେ ଏକ ମହତ୍ତ୍ୱପୂର୍ଣ୍ଣ କାମରେ ଅର୍ଥ ବ୍ୟୟ କରିବେ। ଦୂରସ୍ଥ ସନ୍ତାନଙ୍କ ପାଇଁ ମନ ଉଦ୍‌ବେଗ ରହିବା ଫଳରେ ମାନସିକ ଅସ୍ଥିରତା ଅନୁଭବ କରିପାରନ୍ତି। ପାରିବାରିକ ମତଭେଦ କାରଣରୁ ଭ୍ରାତୃବିବାଦ ଦେଖାଦେଇ ପାରେ। ଅଶ୍ୱିନୀ ନକ୍ଷତ୍ର ଅତୀତ ଘଟଣାକୁ ନେଇ ଅସ୍ଥିରତା ପ୍ରକାଶ କରିବେ।

**ବୃଷ** ଦେବଗୁରୁ ବୃହସ୍ପତିଙ୍କ ଅନୁକମ୍ପାରୁ କୌଣସି ନୂତନ ଯୋଜନା କରିବା ସକାଶେ ମନ ବଳାଇବେ। କର୍ମ କ୍ଷେତ୍ରରେ ଈର୍ଷାପରାୟଣ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ଦିନଭିତରେ କାର୍ଯ୍ୟବ୍ୟସ୍ତ ଯୋଗୁ ମନ ଖୁସୀ କରିବାର ଅବସର ପାଇବେ ନାହିଁ। କୃତିକା ନକ୍ଷତ୍ରର ପାରିବାରକି କ୍ଷେତ୍ରରେ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗି ନ ପାରେ।

**ମିଥୁନ** ସ୍ୱରାଶିସ୍ଥ ବଳବାନ୍ ଚନ୍ଦ୍ରଙ୍କ ପ୍ରଭାବରେ ବହୁତ ଦିନରୁ ମନରେ ଚିନ୍ତା କରିଥିବା କାମଟିକୁ ଆଜି ସମ୍ପନ୍ନ କରିବେ। ଶିଳ୍ପ, ବ୍ୟବସାୟ, ପ୍ରଶାସନ, କଳା, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ଆସରରେ ନିଜକୁ ହଜାଇ ଦେଇ ପାରନ୍ତି। ଏକାଧିକ ଗ୍ରହ ରାଶିରେ ଆର୍ଥିକ ଅଭିବୃଦ୍ଧି କରିବା ସହ ମିଥୁନ ରାଶି ପାଇଁ ସମସ୍ୟାର କାରଣ ହୋଇପାରନ୍ତି।

**କର୍କଟ** ଗ୍ରହସ୍ଥିତିର ଅନୁକୂଳତା ଯୋଗୁ ନୂତନ କର୍ମାରମ୍ଭ ସହ ଦେବଦର୍ଶନ, ମିଷ୍ଟାନ୍ନଭୋଜନାଦି ପ୍ରାପ୍ତି ହୋଇପାରେ। ଅଶ୍ଳେଷା ନକ୍ଷତ୍ର ସକାଶେ ସାମୟିକ ଭାବରେ ପ୍ରିୟଜନଙ୍କ ଅନୁପସ୍ଥିତି କିମ୍ବା ଭାଇଙ୍କ ଅଭାବ ଅସୁବିଧାକୁ କେନ୍ଦ୍ରକରି ମନ ସାମୟିକ ଅଶାନ୍ତ ରହିପାରେ। କ୍ରୀଡା ଓ ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରଭୃତିରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ସିଂହ** ଧନାଧିପ ବ୍ୟୟଭାବସ୍ଥ ହେତୁ ଅଭାବନୀୟ ପରିସ୍ଥିତି ସଙ୍ଗକୁ କେତେକ ଆକସ୍ମିକ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡିପାରେ। ଅଫିସରେ କିମ୍ବା କାମରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ,ଫଳରେ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମଘା ନକ୍ଷତ୍ର ସକାଶେ ପାରିବାରିକ ସମସ୍ୟାର ସମାଧାନ ହୋଇଯିବ।

**କନ୍ୟା** ଏକାଦଶସ୍ଥ ଏକାଧିକଗ୍ରହଙ୍କ ସୁପ୍ରଭାବରେ ଆଜି ସବୁ କାମଗୁଡିକ ଶୃଙ୍ଖଳିତ ରହିବାରେ ନିଜ ସନ୍ତାନବର୍ଗ କିମ୍ବା ବନ୍ଧୁଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ଫଳରେ ସହଜ ଓ ସୁବିଧାରେ କାମ କରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ଚିତ୍ରା ନକ୍ଷତ୍ର ପାଇଁ କେତେକ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ।

**ତୁଳା** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହୋଇପାରେ। ଅଫିସରେ ଅଯଥା ବିରକ୍ତି ପ୍ରକାଶ କରିବା କିମ୍ବା ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। ବନ୍ଧୁମାନଙ୍କ ସହ ଆଲୋଚନା କ୍ଷେତ୍ରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ। କିନ୍ତୁ ସ୍ୱାତୀ ନକ୍ଷତ୍ର ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି।

**ବିଛା** ଅଷ୍ଟମସ୍ଥ ରାହୁଯୁକ୍ତ ଚନ୍ଦ୍ର ଯୋଗୁ ଧନହାନି, କଳହ କିମ୍ବା ମାନସିକ ଅଶାନ୍ତିର ସୃଷ୍ଟିର ସୂଚନା ଅନୁଭବ କରିପାରନ୍ତି। ତଥାପି ଜ୍ୟେଷ୍ଠା ନକ୍ଷତ୍ରର ଯାତ୍ରା ମଙ୍ଗଳମୟ ହେବ ଓ ଲକ୍ଷ୍ୟ ହାସଲ କରିବାରେ କୌଣସି ପ୍ରକାରର ଅସୁବିଧା ହେବ ନାହିଁ। ପରିବହନ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। କୌଣସି ମହିଳାଙ୍କ ତରଫରୁ ସମସ୍ୟା ଆସିପାରେ।

**ଧନୁ** ଶନିଙ୍କ ଆଶୀର୍ବାଦରୁ ଆଧ୍ୟାତ୍ମିକ ପରିବେଶରେ ସତ୍‌ସଙ୍ଗୀଙ୍କ ସାନ୍ନିଧ୍ୟରେ ସମୟ କଟିବ। ଆନୁଷ୍ଠାନିକ କାମରେ କିମ୍ବା ସଭାସମିତିରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। କୌଣସି ଶୁଭ କାମରେ ଭାଇ, ବନ୍ଧୁ, ପଡୋଶୀଙ୍କ ସହ ମିଷ୍ଟାଳାପରେ ମାତିରହିବେ। ଆଜିର ଯାତ୍ରାରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ।

**ମକର** ମାନସିକ ଅସ୍ଥିରତା କାରଣରୁ ପାରିବାରିକ ସ୍ତରରେ ଭୁଲ୍ ବୁଝାମଣାଜନିତ ମାନସିକ ସ୍ଥିତି ଭଲ ରହିବ ନାହିଁ। ସବୁ କଥାରେ ଟିକିଏ ପଛକୁ ରହି କାମ କରିବା ଭଲ ହେବ, ଅନ୍ୟଥା ସାଧାରଣ କଥାରୁ କଳହର ସମ୍ଭାବନା ରହିଛି। ଧନିଷ୍ଠା ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ।

**କୁମ୍ଭ** କେତେକ କ୍ଷେତ୍ରରେ ମନ ଭଲ ରହିବ ନାହିଁ। ଶୁକ୍ରଙ୍କ ପ୍ରଭାବରେ ସଙ୍ଗୀତ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିପାରେ, ମାତ୍ର ଷଷ୍ଠସ୍ଥ ଗ୍ରହ ପ୍ରଭାବରୁ ଡରିବାର କିଛି କାରଣ ନାହିଁ କହିଲେ ଚଳେ। ପରିବହନ, ଯାନ୍ତ୍ରିକ ଶିଳ୍ପ, ଅଳଙ୍କାର ଦୋକାନୀ, ବିଶେଷ ଭାବରେ ଉପକୃତ ହେବେ।

**ମୀନ** ନିକଟ ସମ୍ପର୍କୀୟମାନଙ୍କ ସହାୟତାରେ ବିଭିନ୍ନ ପ୍ରକାରର ଯୋଜନା କରି ପରିସ୍ଥିତିକୁ ସୁଧାରି ନେବାର ପ୍ରଯତ୍ନ କରି ପାରନ୍ତି। ଉତ୍ତରଭାଦ୍ରପଦ୍ ନକ୍ଷତ୍ର କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିପାରନ୍ତି। ଆବଶ୍ୟକୀୟ ସହଯୋଗ ଅଭାବରୁ ଆନୁଷ୍ଠାନିକ କ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି।

ଆଜି ଶ୍ରାବଣ କୃଷ୍ଣ ଦ୍ୱାଦଶୀ ସୋମବାର, ଜୁଲାଇ ୨୯ ତାରିଖ, ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ, ରାଶି ନକ୍ଷତ୍ର-ମୃଗଶିରା/ବୃଷ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୬।୫୦ମି. ମଧ୍ୟେ ଘ.୧।୦୫ମି. ଗତେ, ଘ.୨।୪୩ମି. ମଧ୍ୟେ ଘ.୪।୪୩ମି. ଗତେ, ଘ.୬।୨୨ମି. ମଧ୍ୟେ ଅମୃତ ବେଳା। ଦିବା ଘ.୮।୨୮ମି. ଗତେ, ଘ.୧୦।୦୨ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୭।୦୧ମି. ଗତେ ଘ.୮।୩୮ମି. ମଧ୍ୟେ ରାହୁକାଳ।

**classifieds Everyday**
**0674-2580101, 2549302**

real estate

**SALE**

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931 D-66705

**Bhubaneswar Pitapalliର BDA plot sqft. 549/-ରେ ମିଳୁଅଛି। 9090963952, 9937605788.** D-66737

Plot for sale near SUM, Nuagaon, Ghatikia, Pitapali. 6371209927, 9337008959. D-64981

**Ready to construction BDA yellowzone boundary electricity plot near VSS Nagar, Chakeisihani. 9861372130, 9938106166.** D-66745

**ଭୁବନେଶ୍ୱର ଗୀତା କଲେଜରୁ 4k.m ମେଣ୍ଢାଶାଳ ମୌଜାରେ satellitecity ପାଖରେ Demarcated Plot sqft.300/-ରେ ମିଳୁଅଛି। 9439857581.** D-66733

**Bhubaneswar Mount Literazee School ଲାଗିକି ଘରବାରି ପ୍ଲଟ ନେଇ ଘର କରନ୍ତୁ। 9438859527.** D-66740

Prime property at Khandagiri (Land & building) 2 storied with underground cost Rs. 1.75 crore (Negotiable) phone: 9338579645. D-64988

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363.** D-66932

BDA plot NH-5 ସନ୍ନିକଟରେ road, Electric pole, boundary ମାତ୍ର sqft.600/- ରେ ମିଳୁଅଛି। Contact: 7750068828 / 9777614605. D-13625

**ଭୁବନେଶ୍ୱର ବାଲକାଟି ବଜାରରୁ 2km. boundary ଘରବାରି plot ଇଲେକ୍ଟ୍ରିସିଟି ସୁବିଧାଥାଇ sqft.-500/- (Spot possession then registration). 9348020724, 7978939440.** D-66744

**GENERAL**

**SALE**

Sales Ice cream trays 200pcs good conditions. 9777509408, 8917525377. D-13623

to-let

**Open space for rent at Jaipur Mauja near Pahala, Hanspala, about 18000 sqft. 9853631559, 9338562829.** D-13648

packers & movers

Shivam logistic packers movers. Household/ car relocation countrywide. 9777044177, 9338461133. D-13610

healthcare

Ayurvedic full body massage ladies/gents smart experts therapist. 9114697517. D-66929

Ayurvedic full body massage ladies & gents smart therapist. 9040900385. D-66931

Rejuvenate and ayurvedic full body massage by smart therapist: 9114402304. D-67324

Fully refreshed/ relaxed body massage by expert therapist, Shastri Nagar. 7377984773. D-67325

Full body herbal massage with refreshment, expert therapist. 7381239385, 0674-2540855. D-67326

Experience full body massage with us (expert). Call: 7377048581, 0674-2597822. D-67327

Herbal full body massage by smart/expert therapist. Contact: 8338067247. D-67328

Welcome to Seva Care and enjoy sensual massage by smart therapist. 9777989263. D-67027

business

ସ୍ୱଳ୍ପ ପୁଞ୍ଜି ବିନିଯୋଗ କରି ନିଜଘରେ ପେପର ପ୍ଲେଟ, Buffet, ଧୂପକାଠି ଉଦ୍ୟୋଗ ବସାଇ ମାସିକ 25 ରୁ 30 ହଜାର ଟଙ୍କା ରୋଜଗାର କରନ୍ତୁ। Raw material available. 6372582671, 8895777350. D-67321

astrology

ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13589

**ଜନ୍ମଦିନ ଶୁଭେଚ୍ଛା**



**ମ୍ରିନାଲି ପାଲ (ପୁଚୁଲ୍)**
(ପଞ୍ଚପଡ଼ା, ହିନ୍ଦୋଳ, ଢେଙ୍କାନାଳ)
ଶୁଭ ଜନ୍ମଦିନ ଅବସରରେ ତୋ ଭବିଷ୍ୟତ ଉଜ୍ଜ୍ୱଳମୟ ଓ ଚଲାପଥ କୁସୁମିତ ହେଉ, ପ୍ରଭୁ ଶ୍ରୀ ଶ୍ରୀବାଙ୍କବିହାରୀଜୀଉ ତୋତେ ଦୀର୍ଘାୟୁ କରନ୍ତୁ। ଏହାହିଁ ଆମର କାମନା।
**ଶୁଭେଚ୍ଛା ସହ**
ମା, ବାପା, ଆଈ, କକା, ବନ୍ଧୁ ବାନ୍ଧବ ଓ ପାଲ ପରିବାରବର୍ଗ।
ଧ-୧୩୬୫୦

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନ ଏବଂ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ, ରଙ୍ଗିନ୍ ଟ୪୨୦/-ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X୫ସେମି. (W) ହେବା ଆବଶ୍ୟକ।**

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ନେପାଳରେ ମୌସୁମୀ ବାୟୁଜନିତ ପ୍ରବଳ ବର୍ଷା ଯୋଗୁ ବିଭିନ୍ନ ନଦୀରେ ବନ୍ୟା ଆସିବା ଓ ମାଟି ଅତଡ଼ା ଧସିବା ଯୋଗୁ ୧୧୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩୮ଜଣ ନିଖୋଜ ଅଛନ୍ତି। ଗତ ଦୁଇସପ୍ତାହ ହେଲା ପ୍ରବଳ ବର୍ଷା ହେବା ଫଳରେ ଦେଶର କେନ୍ଦ୍ରୀୟ ଓ ଦକ୍ଷିଣ ଭାଗ ଏବଂ କାଠମାଣ୍ଡୁର କିଛି ଅଞ୍ଚଳ ଜଳପ୍ଲାବିତ ହୋଇଛି। ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ୧୧୩ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୬୭ଜଣ ଆହତ ହୋଇଛନ୍ତି ଏବଂ ୩୮ ଲୋକ ନିଖୋଜ ଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ଚନ୍ଦ୍ରୟାନ-୨ରେ ଜିଆଇଇଟିର ୨ ପୂର୍ବତନ ଛାତ୍ର



ଶ୍ରୀନିବାସ ପଣ୍ଡା



ସଙ୍ଗୀତା ଦାସ

**ଗୁଣପୁର,୨୮।୭(ଡି.ଏନ୍.ଏ.):** ଶ୍ରୀହରିକୋଟାରୁ ଚନ୍ଦ୍ରୟାନ-୨ ସଫଳତାର ସହ ଉତ୍କ୍ଷେପଣ ହୋଇଛି। ଏହି କାର୍ଯ୍ୟକ୍ରମରେ ଗୁଣପୁର ଜିଆଇଇଟି ଏକକ ବିଶ୍ୱବିଦ୍ୟାଳୟର ଦୁଇଜଣ ପୂର୍ବତନ ଛାତ୍ର ଅଂଶଗ୍ରହଣ କରିଛନ୍ତି। ୧୯୯୯ରୁ ୨୦୦୩ ବ୍ୟାଚର ଶ୍ରୀନିବାସ ପଣ୍ଡା ଏବଂ ସଙ୍ଗୀତା ଦାସ ଚନ୍ଦ୍ରଯାନ-୨ ଉତ୍କ୍ଷେପଣରେ ବିଶେଷ ଭୂମିକା ଗ୍ରହଣ କରିଥିବା ଜଣାଯାଇଛି। ଶ୍ରୀନିବାସଙ୍କ ସହ ଅନ୍ୟ ବୈଜ୍ଞାନିକମାନେ କଠିନ ଇନ୍ଧନ ପ୍ରସ୍ତୁତି ଓ ଯୋଗାଣ ବ୍ୟବସ୍ଥା ସମ୍ପନ୍ନ କରିଥିଲେ। ଚନ୍ଦ୍ରୟାନ ଉତ୍କ୍ଷେପଣରେ ଦୁଇ ପୂର୍ବତନ ଛାତ୍ରଙ୍କ ଭୂମିକା ପାଇଁ ଜିଆଇଇଟି ବିଶ୍ୱବିଦ୍ୟାଳୟ ଗର୍ବିତ ହୋଇଛି ବୋଲି ସଭାପତି ଡ. ସତ୍ୟ ପ୍ରକାଶ ପଣ୍ଡା, ଉପସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ନିର୍ଦ୍ଦେଶକ ଡ. ଜଗଦୀଶ ପଣ୍ଡା, କୁଳପତି ଡ. ଗୌତମ ଘୋଷ, ରେଜିଷ୍ଟ୍ରାର ଏନ.ଭି.ଜେ. ରାଓ, ବିଭାଗୀୟ ମୁଖ୍ୟ ରାଧାନାଥ ପାଢ଼ୀ ପ୍ରମୁଖ କହିଛନ୍ତି। ଏଥିସହ ଶୁଭକାମନା ଏବଂ ଅଭିନନ୍ଦନ ଜଣାଇ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଉକ୍ତ ଦୁଇ ଜଣ କେନ୍ଦ୍ର ସରକାରଙ୍କ ମହାକାଶବିଜ୍ଞାନ ଓ ଗବେଷଣାକ୍ଷେତ୍ର ବିକ୍ରମ ସରାଭାଇ ସ୍ପେସ୍ ରିସର୍ଚ୍ଚ ସେଣ୍ଟରରେ ବୈଜ୍ଞାନିକ ଭାବେ କାର୍ଯ୍ୟରତ ଅଛନ୍ତି। ସେମାନେ ଗୁଣପୁରଠାରେ ଅଧ୍ୟୟନରତ ସମୟରେ ଗବେଷଣାକ୍ଷେତ୍ରରେ ଆଗ୍ରହ ପ୍ରକାଶ କରିବା ସହ ଉଚ୍ଚକୋଟୀର ଶିକ୍ଷା ଗ୍ରହଣ କରିଥିଲେ।

### ୨ଲକ୍ଷ ଚାଷୀଙ୍କୁ ସଦସ୍ୟ କରିବ ଭାଜପା

**ଭୁବନେଶ୍ୱର, ୨୮।୭(ବ୍ୟୁରୋ):** ଭାଜପାର 'ସଙ୍ଗଠନ ପର୍ବ ସଦସ୍ୟତା ଅଭିଯାନ ୨୦୧୯' ଅନୁଯାୟୀ ଦଳର ସଦସ୍ୟତା ଗ୍ରହଣ କାର୍ଯ୍ୟକ୍ରମ ସାରା ରାଜ୍ୟରେ ଜାରି ରହିଛି। ଏହି ମର୍ମରେ କୃଷକ ମୋର୍ଚ୍ଚା ତରଫରୁ ରାଜ୍ୟର ୨ ଲକ୍ଷ ଚାଷୀଙ୍କୁ ନୂତନ ସଦସ୍ୟତା ପ୍ରଦାନ କରାଯିବ। ରାଜ୍ୟ କାର୍ଯ୍ୟାଳୟଠାରେ କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ଶିବାଜୀ ମହାନ୍ତିଙ୍କ ଅଧକ୍ଷତାରେ ରବିବାର ଅନୁଷ୍ଠିତ ସଦସ୍ୟତା ଅଭିଯାନ ବୈଠକରେ ଏହି ନିଷ୍ପତି ଗ୍ରହଣ କରାଯାଇଛି। ବୈଠକରେ ମୋର୍ଚ୍ଚାର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଶମ୍ଭୁ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟରେ ଚାଷୀ ଓ ଚାଷ ସହ ଯୋଡ଼ି ହୋଇଥିବା ବିଭିନ୍ନ ବର୍ଗର ବ୍ୟକ୍ତିଙ୍କୁ ସଦସ୍ୟତା କରାଇବା ପାଇଁ ଆହ୍ୱାନ ଦେଇଛନ୍ତି। ରାଜ୍ୟ ଉପସଭାପତି ତଥା କୃଷକ ମୋର୍ଚ୍ଚାର ପ୍ରଭାରୀ ସମୀର ମହାନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୃଷକ କଲ୍ୟାଣ ଯୋଜନା ସମ୍ପର୍କରେ ସାଧାରଣ ଚାଷୀଙ୍କୁ ଅବଗତ କରାଇ ବୁଥ୍ ସ୍ତରରେ ସେମାନଙ୍କୁ ଦଳ ସହ ଯୋଡ଼ିବା ପାଇଁ ମତ ଦେଇଥିଲେ। ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଏହି ସଦସ୍ୟତା ଅଭିଯାନରେ ସାମିଲ ହୋଇ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ କାର୍ଯ୍ୟ କରିବାକୁ ମୋର୍ଚ୍ଚାର ରାଷ୍ଟ୍ରୀୟ ଉପ ସଭାପତି ମହେଶ୍ୱର ସାହୁ ଆହ୍ୱାନ ଦେଇଥିଲେ।

■ ୮ବର୍ଷ ପରେ ମାଟିତଳୁ ମହିଳାଙ୍କ ଦେହାବଶେଷ ମିଳିବା ଘଟଣା

# ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ଭୁବନେଶ୍ୱର, ୨୮।୭(ବ୍ୟୁରୋ)**



ବିଜୟିନୀ ମିଶ୍ର

■ପୋଲିସ ଡିଜିଙ୍କୁ ଭେଟିଲେ ମୃତା ମହିଳାଙ୍କ ଝିଅ
■ଅଭିଯୁକ୍ତଙ୍କ ତ୍ୱରିତ ସଜା ପାଇଁ ଦୃଢ଼ ପ୍ରମାଣ ଯୋଗାଡ଼ କରିବାକୁ ନିବେଦନ
■ପୋଲିସ ବ୍ୟବହାରକୁ ନେଇ ଅଭିଯୋଗ କଲେ

ସମ୍ବଲପୁର ଜିଲା ନନ୍ଦପଡ଼ାର ଜୟଶ୍ରୀ ମିଶ୍ରଙ୍କ ମୃତ୍ୟୁ ରହସ୍ୟ ୮ବର୍ଷ ପରେ ଝିଅ ବିଜୟିନୀଙ୍କ ଯୋଗୁ ପଦାକୁ ଆସିଛି। ହତ୍ୟା ପରେ ଜୟଶ୍ରୀଙ୍କୁ ପୋତି ଦିଆଯାଇଥିବା ତଦନ୍ତରୁ ଜଣାପଡ଼ିବା ପରେ ତାଙ୍କ ଦେହାବଶେଷ ଉଦ୍ଧାର କରାଯାଇ ହତ୍ୟା ଅଭିଯୁକ୍ତ ସମ୍ପର୍କୀୟ ଭିଣୋଇ ବସନ୍ତ ପଣ୍ଡାକୁ ପୋଲିସ ଗିରଫ କରିଛି। ଏହି ଘଟଣାକୁ ନେଇ ସୋମବାର ବିଜୟିନୀ ଡିଜିପି ଡା. ଆର୍.ପି. ଶର୍ମାଙ୍କୁ ଭୁବନେଶ୍ୱରସ୍ଥିତ କ୍ୟାମ୍ପ୍ ଅଫିସରେ ଭେଟିଛନ୍ତି। ଅଭିଯୁକ୍ତଙ୍କୁ କିଭଳି କୋର୍ଟରୁ କଠିନ ସଜା ମିଳିବ ସେଥିଲାଗି ପୋଲିସ ଦୃଢ଼ ପ୍ରମାଣ ଯୋଗାଡ଼ କରିବା ସହ ତଦନ୍ତରେ ଅବହେଳା କରିଥିବା ଥାନା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେ ନିବେଦନ କରିଛନ୍ତି। ଏଥିସହ ଡିଜିପିଙ୍କ ନିର୍ଦ୍ଦେଶ ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାରୁ ବିଜୟିନୀ ଧନ୍ୟବାଦ ଜଣାଇଛନ୍ତି। ପୋଲିସ ପକ୍ଷରୁ ସବୁକିଛି ପ୍ରମାଣ ଯୋଗାଡ଼ ପାଇଁ ପୂରା ଚେଷ୍ଟା କରାଯିବ ବୋଲି ଡିଜିପି ଶର୍ମା ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

ଅନ୍ୟପକ୍ଷରେ ବିଜୟିନୀ ପୋଲିସ ଅଫିସରମାନଙ୍କ ବ୍ୟବହାରକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, ଗ୍ରାଉଣ୍ଡ୍ ଜିରୋରେ ପୋଲିସର ବ୍ୟବହାର କଦର୍ଯ୍ୟ ରହୁଛି। ଥାନାକୁ ଗଲେ ପୋଲିସ ଅଭିଯୋଗକୁ ଗୁରୁତ୍ୱର ସହ ନେଉନି। ଅନେକଙ୍କୁ ମଧ ଥାନାରୁ ଫେରାଇ ଦେଉଛି। ଯାହା ତାଙ୍କ ମା'ଙ୍କର ହେଲା, ତାହା ଯେଭଳି ଅନ୍ୟମାନଙ୍କ କ୍ଷେତ୍ରରେ ନ ଘଟୁ। ଉତ୍ତମ ବ୍ୟବହାର ସହ ଅଭିଯୋଗକୁ ଗୁରୁତ୍ୱ ଦେବା ପାଇଁ ଡିଜିପି ସମସ୍ତ ଏସ୍‌ପି ଓ ଥାନା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ବିଜୟିନୀ ଗଣମାଧ୍ୟମଙ୍କୁ ନିଜର ପ୍ରତିକ୍ରିୟା ଦେଇଛନ୍ତି। ମାଟିତଳୁ ମିଳିଥିବା ଦେହାବଶେଷର ଫରେନସିକ୍ ଟେଷ୍ଟ ରିପୋର୍ଟ ଆସିବା ପରେ ପୋଲିସର ପଦକ୍ଷେପ କ'ଣ ରହିବ ଓ ଡିଏନ୍‌ଏ ଟେଷ୍ଟ ଉପରେ ମଧ ଡିଜିପିଙ୍କ ସହ ଆଲୋଚନା ହୋଇଛି। ଏପରିକି ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ ପ୍ରମାଣ ଯୋଗାଡ଼ କରିବା ଓ କୋର୍ଟ ଅଭିଯୁକ୍ତଙ୍କୁ ଉଚିତ ଦଣ୍ଡ ଦେବେ ବୋଲି ଭରସା ରହିଥିବା ବିଜୟିନୀ କହିଛନ୍ତି।

ସୂଚନା ଅନୁଯାୟୀ, ଜୟଶ୍ରୀ ବଡ଼ ଝିଅର ବାହାଘର ନିମନ୍ତ୍ରଣ କାର୍ଡ ବାଣ୍ଟିବାକୁ ଯାଇଥିବାବେଳେ ଧାର ଟଙ୍କାକୁ ନେଇ ଭିଣୋଇ ବସନ୍ତ ପଣ୍ଡାଙ୍କ ସହ ଗଣ୍ଡଗୋଳ ହୋଇଥିଲା। ଏଥିରେ ରାଗିଯାଇ ବସନ୍ତ ତାଙ୍କ ତଣ୍ଟିଚିପି ହତ୍ୟା କରିଥିଲେ। ଏହାପରେ ଚୈତନ୍ୟ ନାମକ ଜଣେ ବ୍ୟକ୍ତିଙ୍କ ସହଯୋଗରେ ଏକ ଗାତ ଖୋଳି ମୃତଦେହକୁ ପୋତି ଦେଇଥିଲେ। ଏନେଇ ଥାନାରେ ଝିଅ ବିଜୟିନୀ ଅଭିଯୋଗ କରିଥିଲେ ମଧ ପୋଲିସ କେବଳ ଷ୍ଟେଶନ ଡାଏରି କରି ଚୁପ୍ ବସିଥିଲା। ହତ୍ୟା କରିବା ପରେ ଅଭିଯୁକ୍ତ ହରିଦ୍ୱାର ଚାଲିଯାଇଥିଲେ। କିଛିବର୍ଷ ପରେ ଫେରି ଆସି ଯୁଯୁମୁରାରେ ଲୁଚି ରହିଥିଲେ। ଶେଷରେ ବିଜୟିନୀ ମା'ଙ୍କ ହତ୍ୟା ରହସ୍ୟ ଖୋଲିବା ପାଇଁ ପୋଲିସ ମୁଖ୍ୟାଳୟକୁ ସୂଚନା ଅଧିକାରୀ ବଳରେ ତଥ୍ୟ ମାଗିଥିଲେ। ଏହାପରେ ପୋଲିସ ତତ୍ପରତା ଦେଖାଇ ମାମଲାର ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିଥିଲା।

## ପ୍ରବଳ ବର୍ଷା

# ମାଲକାନଗିରି-କାଲିମେଳା ଯୋଗାଯୋଗ ବିଚ୍ଛିନ୍ନ

**ମାଲକାନଗିରି, ୨୮।୭ (ଡି.ଏନ୍.ଏ.)**

ମାଲକାନଗିରି ଜିଲାରେ ଗତ ୩ଦିନ ଧରି ପ୍ରବଳ ବର୍ଷା ହେଉଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଜିଲାର ବିଭିନ୍ନ ନଦୀ କୋରୁକୋଣ୍ଡା, ଏମ୍.ଭି.-୧୧, ତାର୍ଲାକୋଟା, ତମସା, କାଙ୍ଗୁରୁକୋଣ୍ଡାରେ ଜଳସ୍ତର ବୃଦ୍ଧି ପାଇଛି। ଏହି ନଦୀଗୁଡ଼ିକରେ ୪ ଫୁଟ ଉପରେ ବର୍ଷା ଜଳ ପ୍ରବାହିତ ହେଉଛି। ଫଳରେ ମାଲକାନଗିରି-କାଲିମେଳା, ମାଲକାନଗିରି-ବାଲିମେଳାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଏଥିଯୋଗୁ ସାଧାରଣ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଛି। ବିଭିନ୍ନ ସ୍ଥାନରେ ଗଛପଡି ରାସ୍ତା ଅବରୋଧ ହୋଇଥିବା ଖବର ମିଳିଛି। ମାଲକାନଗିରି ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବା ବେଳେ ସମସ୍ତ ବ୍ଲକର ବିଡିଓ, ତହସିଲଦାରଙ୍କୁ ସଜାଗ ରହିବାକୁ କୁହାଯାଇଛି। ମାଥିଲି, ବଣ୍ଡାଘାଟି ଅଞ୍ଚଳରେ ଅସ୍ଥାୟୀ ଆଶ୍ରୟସ୍ଥଳ ଖୋଲାଯାଇ ଖାଦ୍ୟସଶ୍ୟ ମହଜୁଦ ରଖା ଯାଇଛି। ମାଥିଲି ଅଞ୍ଚଳର ଗାଙ୍ଗରାଜଗୁମାଠାରେ ବନ୍ୟାଜଳ ପ୍ରବେଶ କରିଛି। ସେଠାରେ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଯଦି ଆଗକୁ ଅଧିକ ବର୍ଷା ହୁଏ, ତେବେ ପୋଟେରୁ ନଦୀ ଜଳସ୍ତର ବୃଦ୍ଧି ପାଇବାର ଆଶଙ୍କା ରହିଛି।

କୋରୁକୋଣ୍ଡା ଅଞ୍ଚଳରେ ଅନେକ ନଦୀରେ ବନ୍ୟା ଜଳ ପ୍ରବାହିତ ହେଉଛି। କୋରୁକୋଣ୍ଡାସ୍ଥିତ ନଦୀ ଏବଂ ଚାଲାଣଗୁଡ଼ାସ୍ଥିତ ତମସା ନଦୀର ଜଳସ୍ତର ବଢ଼ିବାରେ ଲାଗିଛି। କୋରୁକୋଣ୍ଡା ପୋଲ ଉପରେ ପ୍ରାୟ ୨ ଫୁଟ ଉଚ୍ଚରେ ଜଳ ପ୍ରବାହିତ ହେଉଥିବା ବେଳେ ତମସା ପୋଲ ଉପରେ ପ୍ରାୟ ୫ ଫୁଟ ଉଚ୍ଚରେ ଜଳ ପ୍ରବାହିତ ହେଉଛି। ଫଳରେ ମାଲକାନଗିରିଠାରୁ ପଡୋଶୀ ଛତିଶଗଡ଼ର ସୁକୁମାକୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡିଛି।

# ତୁଳସୀ ମାଳ ପକାଇ ଶ୍ରୀମନ୍ଦିର ପରିକ୍ରମା କଲେ ସାଧୁ

**ପୁରୀ ଅଫିସ, ୨୮।୭**

## ମହାପ୍ରଭୁଙ୍କ ପ୍ରତି ଅସମ୍ମାନ



ଶ୍ରୀକ୍ଷେତ୍ର ମାଟିରେ ପୁଣି ଶ୍ରୀମନ୍ଦିର ସମ୍ମୁଖରେ ମହାପ୍ରଭୁଙ୍କ ପ୍ରତି ଅସମ୍ମାନ। କଳା ଠାକୁରଙ୍କ ଶ୍ରୀମସ୍ତକରେ ଶୋଭାପାଉଥିବା ତୁଳସୀ ମାଳକୁ ବେକରେ ଧାରଣ କରି ବଡ଼ଦେଉଳ ପରିକ୍ରମା କରିଛନ୍ତି ମହାରାଷ୍ଟ୍ରର ସାଧୁ ମହାମଣ୍ଡଳେଶ୍ୱର ଶାନ୍ତିଗିରିଜୀ ମହାରାଜ। କେବଳ ତୁଳସୀ ନୁହେଁ, ପଦ୍ମଫୁଲ ମାଳ ପକାଇ କାଠନିର୍ମିତ ପଦ୍ମାସନ ପିଢ଼ାରେ ବସି ଶ୍ରୀମନ୍ଦିର ପରିକ୍ରମା କରିଛନ୍ତି। ଏହି ଘଟଣାକୁ ଶ୍ରୀଜଗନ୍ନାଥପ୍ରେମୀ ନାପସନ୍ଦ କରିଥିବା ବେଳେ ଗବେଷକମାନେ କ୍ଷୋଭ ପ୍ରକାଶ କରିଛନ୍ତି। ସମ୍ପୃକ୍ତ ସାଧୁ ଏଥିପାଇଁ ମହାପ୍ରଭୁଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିବା ଦରକାର ବୋଲି ସେମାନେ ଦାବି କରିଛନ୍ତି।

ଶ୍ରୀଜଗନ୍ନାଥଙ୍କ ମଥାରେ ସର୍ବଦା ତୁଳସୀ ଶୋଭା ପାଉଥାଏ। ତୁଳସୀ ଓ ଦୟଣାପ୍ରିୟ ଶ୍ରୀଜଗନ୍ନାଥ। ତାଙ୍କ ପୂଜାରେ ତୁଳସୀ, ମସ୍ତକରେ ତୁଳସୀ ଆଉ ମହାପ୍ରସାଦରେ ବି ତୁଳସୀ। ତୁଳସୀପ୍ରିୟ ଠାକୁର ସେ। ସେଇଥିପାଇଁ ତ ମହାପ୍ରଭୁଙ୍କ ଟାହିଆ, ଟୋପର, ଗୁଣା, ନାକଚଣା ସମେତ ପ୍ରତିଟି ପୁଷ୍ପାଳଙ୍କାରରେ ତୁଳସୀ ବ୍ୟବହୃତ ହୋଇଥାଏ। ମହାପ୍ରଭୁଙ୍କର ଏମିତି ନୀତି ନାହିଁ, ଯେଉଁଠି ତୁଳସୀ ନ ଥାଏ। ହେଲେ ମହାପ୍ରଭୁଙ୍କ ଏହି ପ୍ରିୟ ତୁଳସୀକୁ ଜଣେ ମାନବ ଦେହଧାରୀ ଗଳାରେ ମାଳ କରି ପକାଇ ପୁଣି ଶ୍ରୀମନ୍ଦିର ପରିକ୍ରମା କରିବାକୁ ନେଇ ଉଠିଛି ବିବାଦ। ରବିବାର ସିଂହଦ୍ୱାର ସମ୍ମୁଖରେ ଅନୁଷ୍ଠିତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଶାନ୍ତିଗିରିଜୀ ମହାରାଜ ଓ ତାଙ୍କ ଶିଷ୍ୟମାନେ ଯୋଗଦେଇ ମହାପ୍ରଭୁଙ୍କୁ ପୂଜାର୍ଚ୍ଚନା କରିଥିଲେ। ସମସ୍ତ ଭକ୍ତଙ୍କ ଦ୍ୱାରା ସମୂହ ଦୀପଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ହଠାତ୍ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ଶାନ୍ତିଗିରିଜୀ ମହାରାଜଙ୍କୁ ତାଙ୍କ ଶିଷ୍ୟମାନେ କାଠନିର୍ମିତ ପଦ୍ମାସନ ପିଢାରେ ବସାଇ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରାଇଥିଲେ। ଶାନ୍ତିଗିରିଜୀ ପିଢାରେ ଠିଆହୋଇ ଶିଷ୍ୟମାନଙ୍କୁ ଆଶୀର୍ବାଦ କରୁଥିବାର ଦୃଶ୍ୟ ଦେଖି ସ୍ଥାନୀୟ ବାସିନ୍ଦା ଏବଂ ଭକ୍ତ ନାପସନ୍ଦ କରିଥିଲେ। ଏହାକୁ ନେଇ ଅନେକେ ସାରଥିଙ୍କ କଥା ଚର୍ଚ୍ଚା କରିଥିଲେ। କିଛିବର୍ଷ ତଳେ ସାରଥି ମଧ ଏହିପରି ଫୁଲ ଓ ତୁଳସୀ ଧାରଣ କରିଥିବା ଆଲୋଚନା କରିଥିଲେ। ତେବେ ଏହାକୁ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ନାପସନ୍ଦ କରିବା ସହ ଆଧ୍ୟାତ୍ମିକ ବିଡ଼ମ୍ବନା ବୋଲି କହିଛନ୍ତି। ଅନ୍ୟପକ୍ଷରେ ଶାନ୍ତିଗିରିଜୀଙ୍କ ଶିଷ୍ୟମାନେ ଏହା କୌଣସି ପ୍ରକାର ବ୍ୟତିକ୍ରମ ନୁହେଁ, ମହାରାଷ୍ଟ୍ରରେ ଏହିଭଳି ଭାବେ ମହାରାଜଙ୍କୁ ବସାଇ ବୁଲାଇଥାନ୍ତି। ଏହାଦ୍ୱାରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି କୌଣସି ପ୍ରକାର ଅସମ୍ମାନ କରାଯାଇନାହିଁ ବୋଲି ମତ ଦେଇଛନ୍ତି। ଅପରପକ୍ଷେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଆଶୀର୍ବାଦ ରହିଥିବାରୁ ଏଭଳି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସେ ଯୋଗଦେଇଛନ୍ତି। ଏହା ଶ୍ରୀଜଗନ୍ନାଥଙ୍କ ଅପାର କରୁଣା ବୋଲି ଶାନ୍ତିଗିରିଜୀ କହିଛନ୍ତି। ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ଜଣେ ସାଧୁ ହୋଇ ମହାପ୍ରଭୁଙ୍କ ପ୍ରିୟ ତୁଳସୀକୁ ବେକରେ ପକାଇ ଶ୍ରୀକ୍ଷେତ୍ରରେ ଯେଭଳି ଆଚରଣ କରିଛନ୍ତି, ତାହା ବାସ୍ତବିକ ପରିତାପର ବିଷୟ। ତେଣୁ ନିଜ ସାଧୁତାର ପ୍ରକୃତ ପରିଚୟ ଦେଇ ସେ ମହାପ୍ରଭୁଙ୍କ ପାଖରେ କ୍ଷମାପ୍ରାର୍ଥନା କରିବା ଉଚିତ।

## ଜିଲା ଟିପ
### ଢେଙ୍କାନାଳ



# ଭାଗ୍ୟକୁ ନିନ୍ଦା

ଜାତୀୟ ଶିଳ୍ପ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଦଖଲ କରିଛି ଢେଙ୍କାନାଳ। ୨୦୦୫ରୁ ଏଠାରେ ଗଢ଼ିଉଠିଛି ଦେଢ଼ ଡଜନରୁ ଊର୍ଦ୍ଧ୍ୱ ଶିଳ୍ପ ପ୍ରତିଷ୍ଠାନ। ଗୋଟିଏ ପରେ ଗୋଟିଏ କମ୍ପାନୀ ଏଠାରେ ପାଦଥାପି ଦେଖାଇଛନ୍ତି ଅନେକ ପ୍ରଲୋଭନ। ଆଙ୍କିଛନ୍ତି ଥଇଥାନ, ନିଯୁକ୍ତି, ବିକାଶର ସବୁଜ ଚିତ୍ର। ଆଉ ଶାଗମାଛ ଦରରେ ହାତେଇ ନେଇଛନ୍ତି କୋଟି କୋଟି ଟଙ୍କାର ମୂଲ୍ୟବାନ ଜମି। ହେଲେ ପାଚେରି ବୁଲିବା ଏବଂ ଉତ୍ପାଦନ ଆରମ୍ଭ ହେବା ପରେ ଜମିହରାଙ୍କ ସବୁ ସ୍ୱପ୍ନ ଯେମିତି ଧୂଳିସାତ ହୋଇଯାଇଛି। ପ୍ରତାରଣାର ଶିକାର ହୋଇଥିବା କ୍ଷତିଗ୍ରସ୍ତମାନେ ଭିଟାମାଟି ହରାଇ ଏବେ ଖାଲି ଭାଗ୍ୟକୁ ନିନ୍ଦୁଛନ୍ତି। ଜିଲାବାସୀଙ୍କ ମନରେ ଦ୍ରୁତ ବିକାଶ ସ୍ୱପ୍ନର ମଞ୍ଜି ବୁଣିଥିଲେ ୧୯ଟି ଛୋଟ ବଡ଼ କମ୍ପାନୀ। ହେଲେ ପରିବର୍ତ୍ତିତ ସମୟ ସହିତ ସେଥିରୁ ଖାପଖୁଆଇ ପାରିନାହାନ୍ତି ଅନେକେ। ଫଳସ୍ୱରୂପ ପରିଚାଳନାଗତ ତ୍ରୁଟି ଯୋଗୁ ସେଥିରୁ ୧୨ଟି ସମ୍ପୂର୍ଣ୍ଣ ବନ୍ଦ ପଡ଼ିଛି। ଅନ୍ୟ ୭ଟି କାର୍ଯ୍ୟକ୍ଷମ ଅଛି। ଜିଲାର ଅନ୍ୟତମ ବୃହତ୍ ଶିଳ୍ପ ପ୍ରତିଷ୍ଠାନ ଭୂଷଣକୁ ଟାଟା ଅଧିଗ୍ରହଣ କରିବା ପରେ ଯଦିଓ କିଛିଟା ଆଶା ସଞ୍ଚାର ହୋଇଛି, ତେବେ ଏହା ଲକ୍ଷ୍ୟ ପୂରଣ ପାଇଁ ଯଥେଷ୍ଟ ନୁହେଁ ବୋଲି କୁହାଯାଉଛି। ବିଗତ ୫ ବର୍ଷରେ ଜିଲାର ବୃହତ୍ ଶିଳ୍ପାନୁଷ୍ଠାନରେ ପୁନର୍ବାସ ଓ ପାରିପାର୍ଶ୍ୱିକ ଉନ୍ନୟନ ଉପଦେଷ୍ଟା କମିଟି (ଆର୍‌ପିଡିଏସି) ବୈଠକ ଡକାଯାଇନାହିଁ। ନୂତନ ଶିଳ୍ପନୀତି ଅନୁଯାୟୀ କମ୍ପାନୀ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମରୁ ମଧ ବଞ୍ଚିତ ହେଉଛନ୍ତି କାରଖାନା ପାର୍ଶ୍ୱବର୍ତ୍ତୀ ଅଞ୍ଚଳବାସୀ। ପ୍ରଶାସନ, ସରକାରୀ କଳକୁ ଖୁସି କରିବାକୁ କମ୍ପାନୀ ପ୍ରତିଷ୍ଠା ହୋଇଥିବା ଅଞ୍ଚଳଠାରୁ ଢେର୍ ଦୂରରେ କିଛିଟା ବିକାଶମୂଳକ କାର୍ଯ୍ୟକ୍ରମ ହେଉଛି। ହେଲେ ଦୀପ ତଳ ଅନ୍ଧାର ପରି କ୍ଷତିଗ୍ରସ୍ତ ଅଞ୍ଚଳବାସୀଙ୍କ ସମସ୍ୟା ସୁଧୁରୁନି। ଏହାକୁ ନେଇ ଅଧିକାଂଶ ସମୟରେ ଜନଆକ୍ରୋଶ ସୃଷ୍ଟି ହେଉଛି। ଆଇନଶୃଙ୍ଖଳା ପରିସ୍ଥିତି ମଧ ଉପୁଜୁଛି। ଏହାକୁ ସମାଧାନ କରିବା ଏବେ ପ୍ରଶାସନ, ପୋଲିସ ପାଇଁ ମୁଣ୍ଡବ୍ୟଥା ବଢ଼ାଇଛି।

ନୂତନ ଶିଳ୍ପନୀତି ଅନୁଯାୟୀ, ସିଏସ୍‌ଆର୍ କାର୍ଯ୍ୟକ୍ରମରେ କେଉଁସବୁ ଦିଗ ପ୍ରତି ଗୁରୁତ୍ୱ ଦିଆଯିବ ତାହା ସ୍ପଷ୍ଟ କରାଯାଇଛି। କମ୍ପାନୀ ପାରିପାର୍ଶ୍ୱିକ ଗ୍ରାମରେ କ୍ଷୁଧା ନିବାରଣ, ଗରିବୀ ଦୂରୀକରଣ, ଅପପୁଷ୍ଟି ନିରାକରଣ, ସ୍ୱାସ୍ଥ୍ୟସେବା, ପରିମଳ, ପାନୀୟଜଳ, ଶିକ୍ଷା, ନିଯୁକ୍ତି ସୁଯୋଗ ସୃଷ୍ଟି କଲା ଭଳି ଧନ୍ଦାମୂଳକ ଶିକ୍ଷା, ଲିଙ୍ଗଗତ ସମାନତା, ନାରୀ ସଶକ୍ତୀକରଣ, ଅସହାୟଙ୍କୁ ଥଇଥାନ କରିବାକୁ ଗୃହ, ହଷ୍ଟେଲ, ବୃଦ୍ଧାଶ୍ରମ ନିର୍ମାଣ ପ୍ରଭୃତି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ହାତଗଣତି କମ୍ପାନୀ କର୍ତ୍ତୃପକ୍ଷଙ୍କୁ ବାଦ୍‌ଦେଲେ ନିର୍ଦ୍ଦେଶନାମାକୁ ଫୁଁ କରି ଚାଲିଛନ୍ତି ଅଧିକାଂଶ। ସେମାନେ ନିଜକୁ ସୁହାଇଲା ଭଳି କାର୍ଯ୍ୟ କରୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଉକ୍ତ କାର୍ଯ୍ୟକୁ ସେମାନେ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ବୋଲି କହି ଡିଣ୍ଡିମ ପରୁଛନ୍ତି। ସାମାଜିକ ଦାୟିତ୍ୱବୋଧ କମିଟିରେ ଥିବା ସଦସ୍ୟ ଏବଂ ହାତକୁ ନିଆଯାଇଥିବା କାର୍ଯ୍ୟକ୍ରମ ସମ୍ପର୍କିତ କୌଣସି ତଥ୍ୟ ଅଞ୍ଚଳବାସୀଙ୍କ ପାଖରେ ନାହିଁ। କମ୍ପାନୀ କର୍ତ୍ତୃପକ୍ଷଙ୍କ କାର୍ଯ୍ୟର ତର୍ଜମା ହେଉନାହିଁ। ଆବଶ୍ୟକ ପରାମର୍ଶ ଏବଂ ତାଗିଦ୍ କରିବାକୁ ମଧ କେହି ନାହିଁ। ଏସବୁ ସମସ୍ୟା ଭିତରେ ଜିଲାର ଶିଳ୍ପାୟନ ସ୍ୱପ୍ନ ଛାରଖାର ହୋଇଯାଇଛି। ଭିଟାମାଟି ହରାଇଥିବା ଲୋକେ କେବଳ ଧୂଳିଧୂଆଁରେ ଛଟପଟ ହେଉଥିବାବେଳେ ସେମାନଙ୍କ ଦୁର୍ଦ୍ଦଶା କହିଲେ ନ ସରେ।

– ରତନ ନାୟାର

# ସୁନା ବ୍ୟବସାୟୀଙ୍କ ଘରେ ଚଢ଼ାଉ

## ଜବତ ୬୮.୧୩ ଲକ୍ଷ ଟଙ୍କାର ଖୋଳତାଡ଼

**ବ୍ରହ୍ମପୁର ଅଫିସ,୨୮।୭**

ଆୟକର ବିଭାଗ ପକ୍ଷରୁ ବ୍ରହ୍ମପୁରର ଜଣେ ସୁନା ବ୍ୟବସାୟୀ କେ.ପ୍ରସାଦ ରାଓ ସୁବୁଦ୍ଧିଙ୍କ ବଡବଜାର ଗୌଡ଼ ସାହିସ୍ଥିତ ବାସଭବନରେ ଚଢାଉ କରାଯାଇଛି। ଗତ ୨୬ ତାରିଖରେ କଲିକତାର ରେଳବାଇ ପ୍ରୋଟେକ୍ସନ ଫୋର୍ସ (ଆରପିଏଫ) ହାୱଡା ଷ୍ଟେଶନରୁ ପ୍ରସାଦଙ୍କର ଜଣେ କର୍ମଚାରୀ ସଞ୍ଜିତ ମହାପାତ୍ରଙ୍କଠାରୁ ୬୮.୧୩ ଲକ୍ଷ ଟଙ୍କା ଜବତ କରିଥିଲା। କର୍ମଚାରୀ ଜଣକ ଉକ୍ତ ଟଙ୍କାର କୌଣସି ହିସାବ ଦେଇପାରି ନ ଥିଲେ। ବ୍ରହ୍ମପୁର ଶଙ୍କର ଜୁଏଲାରୀ ମାଲିକ କେ. ପ୍ରସାଦ ରାଓ ସୁବୁଦ୍ଧି ଏ ଟଙ୍କା ଦେଇ ମୋତେ ଜଣେ ବ୍ୟବସାୟୀଙ୍କୁ ଦେବା ପାଇଁ କଲିକତା ପଠାଇଛନ୍ତି ବୋଲି ସେ ଆରପିଏଫ ପୋଲିସକୁ କହିଥିଲେ। ପରେ ଆରପିଏଫ ପୋଲିସ ସଞ୍ଜିତ ଏବଂ ତାଙ୍କଠାରୁ ଜବତ କରିଥିବା ଟଙ୍କାକୁ କଲିକତା ଆୟକର ବିଭାଗକୁ ହସ୍ତାନ୍ତର କରିଥିଲେ। ଯାଞ୍ଚ ପରେ ଆୟକର ବିଭାଗ ସଞ୍ଜିତ ଓ ଜବତ ଟଙ୍କା ଓଡିଶା ଆୟକର ବିଭାଗକୁ ହସ୍ତାନ୍ତର କରିଥିଲେ। ଶନିବାରରୁ ଆୟକର ବିଭାଗ କର୍ମଚାରୀମାନେ ପ୍ରସାଦ ରାଓଙ୍କ ବାସଭବନ ଏବଂ ତାଙ୍କ ସୁନା କାରବାର ବିଷୟରେ ଖୋଳତାଡ଼ ଚଳାଇଛନ୍ତି। ପ୍ରସାଦ ଉକ୍ତ ଟଙ୍କା କଲିକତାର କେଉଁ ବ୍ୟବସାୟୀଙ୍କୁ ଦେବା ପାଇଁ ତାଙ୍କ କର୍ମଚାରୀଙ୍କ ଜରିଆରେ ପଠାଇଥିଲେ, ସେ ନେଇ ମଧ ଖୋଳତାଡ଼ ଆରମ୍ଭ କରିଛି। ବ୍ୟବସାୟୀ ଜଣଙ୍କ ଚଳାଇଥିବା ସୁନା କାରବାରର ଆୟକର ଠିକ୍ ଭାବେ ଦାଖଲ କରୁଛନ୍ତି କି ନାହିଁ ସେନେଇ ମଧ ବିଭାଗ ଖୋଳତାଡ଼ ଚଳାଇଥିବା ଜଣାପଡ଼ିଛି। ଖବର ଲେଖାହେବା ସୁଦ୍ଧା ଖୋଳତାଡ଼ ଜାରି ରହିଛି।

**ଇ-ନିଲାମ ବିଜ୍ଞପ୍ତି**
**(ବାତ୍ୟା ପ୍ରଭାବିତ ଷ୍ଟକ୍ ଜିଆଇ ଶିଟ୍, ପିପି ଶିଟ୍, ଇଏମ୍‌ସି ଡ୍ରମ୍ (ଆଲୁମିନିୟମ୍ ଓ ଷ୍ଟିଲ୍), ହାଇଡ୍ରୋଲିକ୍ ସିଲିଣ୍ଡର ଓ ଆଲୁମିନିୟମ କବାଟ ଓ ଝରକା ମରାମତି ଆଦି)**
ହିନ୍ଦୁସ୍ତାନ ଅର୍ବାନ୍ ଇନ୍‌ଫ୍ରାଷ୍ଟ୍ରକ୍ଚର୍ ଲିମିଟେଡ୍ ମାଲିକାନାରେ ଥିବା ବାତ୍ୟା ପ୍ରଭାବିତ ଷ୍ଟକ୍ ଜିଆଇ ଶିଟ୍, ପିପି ଶିଟ୍, ଇଏମ୍‌ସି ଡ୍ରମ୍ (ଆଲୁମିନିୟମ୍ ଓ ଷ୍ଟିଲ୍), ହାଇଡ୍ରୋଲିକ୍ ସିଲିଣ୍ଡର ଓ ଆଲୁମିନିୟମ କବାଟ ଓ ଝରକା ମରାମତି ଆଦିକୁ କଡ଼ାକଡ଼ି ଭାବେ "ଯେପରି ଅଛି ଯେଉଁଠାରେ ଅଛି" ଭିତ୍ତିରେ, 'କିଣ୍ଡା ପିଛା ଭିତ୍ତିରେ' ବିକ୍ରୟ ପାଇଁ ଆଗ୍ରହୀ କ୍ରେତାମାନଙ୍କଠାରୁ ଇ-ନିଲାମ ଫର୍ମ ଆମନ୍ତ୍ରଣ କରାଯାଉଛି। ଉପରୋକ୍ତ ଉଦ୍ଧୃତ ସାମଗ୍ରୀଗୁଡ଼ିକୁ ହିନ୍ଦୁସ୍ତାନ ଅର୍ବାନ୍ ଇନ୍‌ଫ୍ରାଷ୍ଟ୍ରକ୍ଚର୍ ଲିମିଟେଡ୍, ଖୋର୍ଦ୍ଧା, ଓଡ଼ିଶା, ପୁରୀ ରାସ୍ତା ଓଡ଼ିଶା - ୭୫୨୧୦୮ଠାରେ ତା୨୯।୦୭।୧୯ରୁ ୦୮।୦୮।୧୯ରିଖ ମଧ୍ୟରେ ଶ୍ରୀଯୁକ୍ତ ଦୀପକ କୁମାର ଗୁପ୍ତା, ଫୋନ୍-୭୮୦୯୧୧୨୦୯ଙ୍କଠାରୁ ଆଗୁଆ ଆପଏଣ୍ଟମେଣ୍ଟ ନିଆଯାଇ ନିରୀକ୍ଷଣ କରାଯାଇପାରିବ। ଇ-ନିଲାମ ତା୦୯।୦୮।୧୯ରିଖରେ ଅନୁଷ୍ଠିତ ହେବ । ଇ-ନିଲାମ ଫର୍ମ ପାଇଁ ନିମ୍ନଲିଖିତ ସଂସ୍ଥାର ଶ୍ରୀଯୁକ୍ତ ଅଜୟଙ୍କ ସହ ମୋ.:- ୯୩୧୫୯୦୨୪୩୮ରେ ଯୋଗାଯୋଗ କରାଯାଇପାରିବ
**ସାଲ୍‌ଭେଜ ସେଟ୍‌ଲର୍ସ ପ୍ରାଇଭେଟ ଲିମିଟେଡ୍ (ନିଲାମକାରୀ)**
ଠିକଣା: ଆରପି-୨୨, ୨ୟ ମହଲା, ପିତମପୁରା, ନୂଆଦିଲ୍ଲୀ - ୩୪
କିମ୍ବା ୱେବ୍‌ସାଇଟ୍‌ରୁ ଡାଉନ୍‌ଲୋଡ୍ କରନ୍ତୁ: www.SalvageSettlers.com।
ଇ-ନିଲାମ ଫର୍ମ ଦାଖଲର ଶେଷ ତାରିଖ ହେଉଛି ୦୮।୦୮।୧୯, ଅପରାହ୍ନ ୪.୦୦ ଘଟିକା ପୂର୍ବରୁ।

# ୨୦୨୦ ପର୍ଯ୍ୟଟନ ଫୋକସରେ ପଶ୍ଚିମ-ଦକ୍ଷିଣ ଓଡ଼ିଶା

**ଭୁବନେଶ୍ୱର,୨୮।୭(ବ୍ୟୁରୋ)**

■ ୱାଟର୍ ସ୍ପୋର୍ଟସ୍, ଆଡ୍‌ଭେଞ୍ଚର୍ ଟୁରିଜମ୍ ଉପରେ ଗୁରୁତ୍ୱ
■ ଅନ୍ତର୍ଜାତୀୟ ସ୍ତରୀୟ ଇଭେଣ୍ଟ ଆୟୋଜନ ଯୋଜନା

୨୦୧୯-୨୦ ବର୍ଷରେ ଓଡ଼ିଶାକୁ ଯେପରି ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିହେବ ସେଥିଲାଗି ସ୍ୱତନ୍ତ୍ର ପ୍ଲାନ୍ ପ୍ରସ୍ତୁତ କରିଛି ରାଜ୍ୟ ପର୍ଯ୍ୟଟନ ବିଭାଗ। ବିଶେଷକରି ବିଦେଶୀ ଓ ଯୁବ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ନୂଆ ଯୋଜନା କାର୍ଯ୍ୟକାରୀ ଉପରେ ଗୁରୁତ୍ୱ ଦିଆଯାଇଛି। କେବଳ ପୁରୀ-ଭୁବନେଶ୍ୱର-କୋଣାର୍କରେ ପର୍ଯ୍ୟଟନକୁ ସୀମିତ ନ ରଖି ଏହାକୁ କିଭଳି ବ୍ୟାପକ କରିହେବ ତାହା ଉପରେ ବିଭାଗ ଗୁରୁତ୍ୱ ଦେଉଛି। ୨୦୨୦ରେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ପର୍ଯ୍ୟଟନକୁ ବିକଶିତ କରି ଏହାର ବ୍ରାଣ୍ଡିଂ କରିବାକୁ ଯୋଜନା ହୋଇଛି। ସେହିଭଳି ପରିବେଶ, ପର୍ଯ୍ୟଟନ, ୱାଟର୍ ସ୍ପୋର୍ଟସ ଓ ଆଡ୍‌ଭେଞ୍ଚର ଟୁରିଜମ୍‌କୁ ପ୍ରାଥମିକତା ଦେଇ ଲକ୍‌ଜରୀ ହାଉସ୍‌ବୋଟ୍ ଓ ୱାଟର୍ ରିକ୍ରିଏଶନ ଭଳି କନ୍‌ସେପ୍ଟ ଓଡ଼ିଶାରେ ଆରମ୍ଭ କରାଯିବ ବୋଲି କୁହାଯାଇଛି। ବିଭାଗ ପକ୍ଷରୁ ପ୍ରସ୍ତୁତ ବଜେଟରେ ଏ ସମ୍ପର୍କରେ ଉଲ୍ଲେଖ ରହିଛି।

ଓଡ଼ିଶା ଉପକୂଳ, ବିସ୍ତୃତ ବେଳାଭୂମି ଏବଂ ଚିଲିକା ହ୍ରଦରେ ଜଳକ୍ରୀଡ଼ାର ବ୍ୟାପକ ପ୍ରଚାର ପ୍ରସାର ଲାଗି ଗତ ଦୁଇବର୍ଷ ହେଲା ଯୋଜନା ପ୍ରସ୍ତୁତ କରୁଛି ରାଜ୍ୟ ପର୍ଯ୍ୟଟନ ବିଭାଗ। ପ୍ରାରମ୍ଭିକ ପର୍ଯ୍ୟାୟରେ 'ଓଡ଼ିଶା ଜଳକ୍ରୀଡା ଗାଇଡ୍‌ଲାଇନ୍' ଜାରି କରାଯାଇଥିବାବେଳେ ପର୍ଯ୍ୟଟକମାନେ କିଭଳି ସୁରକ୍ଷିତ ଜଳକ୍ରୀଡାର ମଜା ନେଇପାରିବେ ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିଲା। ଏବେ ଯୁବ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଓଡ଼ିଶାରେ ବିଭିନ୍ନ ପ୍ରକାର ଆଡ୍‌ଭେଞ୍ଚର ସ୍ପୋର୍ଟସ ତଥା ଜିପ୍-ଲାଇନିଂ, ରିଭର ରାଫ୍ଟିଂ, ମାଉଣ୍ଟେନିଂ, ଟ୍ରେକିଂ, ପାରା ରାଇଡିଂ, ସର୍ଫିଙ୍ଗ୍ ଆଦି ପାଇଁ ଓଡ଼ିଶାରେ ଭିତ୍ତିଭୂମି ପ୍ରସ୍ତୁତ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଓଡ଼ିଶାରେ ଥିବା ଜଙ୍ଗଲ, ପରିବେଶ, ବେଳାଭୂମି, ବନ୍ୟଜନ୍ତୁ, ଆଦିବାସୀ ଓ ଗ୍ରାମାଞ୍ଚଳ ପର୍ଯ୍ୟଟନ ଉପରେ ଗୁରୁତ୍ୱ ଦିଆଯାଇଥିବାବେଳେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶା ଉପରେ ଅଧିକ ଫୋକସ୍ କରିବାକୁ ବିଭାଗ ଯୋଜନା ରଖିଛି। ସେହିଭଳି ଜଙ୍ଗଲ ଓ ପରିବେଶ ବିଭାଗ ସହ ମିଳିତଭାବେ ପରିବେଶ ପର୍ଯ୍ୟଟନର ବିକାଶ ପାଇଁ କାର୍ଯ୍ୟ କରାଯିବ। କେରଳ ଢାଞ୍ଚାରେ ଓଡ଼ିଶାରେ ଲକ୍‌ଜରୀ ହାଉସ୍‌ବୋଟ୍ ବ୍ୟବସ୍ଥା ଆରମ୍ଭ ହେବ। ଏଥିପାଇଁ ନିକଟରେ ରାଜ୍ୟ ବାହାରୁ ଏକ ପ୍ରତିନିଧି ଦଳ ଆସି ଚିଲିକା ଏବଂ ଭିତରକନିକା ବୁଲି ଦେଖିଥିବାବେଳେ ଶୀଘ୍ର ଭିତରକନିକାରେ ହାଉସ୍‌ବୋଟ୍ ଟୁରିଜମ୍ ଆରମ୍ଭ କରାଯିବ ବୋଲି ପର୍ଯ୍ୟଟନ ବିଭାଗ ସଚିବ ବିଶାଲ ଦେବ କହିଛନ୍ତି। ଚିଲିକା ଓ ଟାମ୍ପରା ହ୍ରଦରେ ବାନାନା ରାଇଡ୍‌ସ, ପାରାସେଲିଂ, ୱାଟର ସ୍କି ଆଣ୍ଡ୍ ଫନ୍ ରାଇଡିଂ ଭଳି ଜଳକ୍ରୀଡାର ବିକାଶ କରାଯିବା ସହ ଅନ୍ତର୍ଜାତୀୟସ୍ତରୀୟ ଜଳକ୍ରୀଡା ଇଭେଣ୍ଟ ଆୟୋଜନ କରାଯିବାର ଯୋଜନା ରହିଛି। ଏପଟେ ଇଣ୍ଟିଗ୍ରେଟେଡ୍ କୋଷ୍ଟାଲ୍ ଜୋନ୍ ମ୍ୟାନେଜମେଣ୍ଟ ପ୍ରୋଜେକ୍ଟ (ଆଇସିଜେଡ୍‌ଏମ୍‌ପି)ରେ ଚିଲିକାରେ କ୍ରୁଜ୍ ସର୍ଭିସ୍ ବା ଜାହାଜ ପର୍ଯ୍ୟଟନ ଆରମ୍ଭ କରିବାକୁ ପ୍ରସ୍ତାବ ରହିଥିବା ବେଳେ ଏହା ଉପରେ ଏବେ ରାଜ୍ୟ ସରକାର ଚିନ୍ତା କରୁଛନ୍ତି। ବର୍ତ୍ତମାନର ଯୁବ ପର୍ଯ୍ୟଟକମାନେ ଐତିହ୍ୟ ଓ ଧାର୍ମିକ ପର୍ଯ୍ୟଟନ ଅପେକ୍ଷା ଆଡ୍‌ଭେଞ୍ଚର ଟୁରିଜିମ୍ ଏବଂ ୱାଟର୍ ସ୍ପୋର୍ଟସକୁ ଅଧିକ ପସନ୍ଦ କରୁଥିବାରୁ ଏହାକୁ ବ୍ୟାପକ କରାଯିବାର ଆବଶ୍ୟକତା ରହିଥିବା ଟୁର୍ ଓ ଟ୍ରାଭେଲ ଏଜେଣ୍ଟମାନେ ମତପ୍ରକାଶ କରିଛନ୍ତି।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତା ବସନ୍ତ ଦେବୀ**
**ଜଗତସିଂହପୁର, ପଣ୍ଡୁଆ ନିବାସୀ**
ତିରୋଧାନ: ୧୯।୦୭।୨୦୧୯
(ଶ୍ରାବଣ ତୃତୀୟା)
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ ପରିବାରବର୍ଗ:**
ଝିଅ: ଛବି, ଶୋଭା, କୁନି, ଜ୍ୱାଇଁ: ଧ୍ରୁବ, ସୁଶାନ୍ତ, ରମାକାନ୍ତ, ପୁତ୍ର: ଭଗବାନ, ବୋହୂ: ତାରା, ସରଳା, ନାତି: ନିହାର, ହାପି, ପିଣ୍ଟୁ, ଚିନ୍ମୟ, ଲୁଲୁ, କାଳିଆ, ନେଲୁ, ନାତୁଣୀ: ପିଙ୍କି।
ଧ-୬୩୯୫୪

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱ ବି. ସାର୍କିଲ୍ ରେଡ୍ଡି**
ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ
ପୂର୍ବତନ ସରପଞ୍ଚ
ରେଡି ଦାମୋଦରପଲ୍ଲୀ, ଆସିକା
ଆବିର୍ଭାବ : ୦୧.୦୭.୧୯୫୫
ତିରୋଧାନ : ୧୮.୦୭.୨୦୧୯
ଆଜି ଆପଣଙ୍କ ତିରୋଧାନର ଦ୍ୱାଦଶାହ ଦିବସରେ ଆପଣଙ୍କ ଅମରଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ଶ୍ରୀ ଜଗନ୍ନାଥଙ୍କ ଚରଣାରବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ।
- ଶୋକସନ୍ତପ୍ତ ପରିବାର ବର୍ଗ
ବନ୍ଧୁବାନ୍ଧବ ଓ ଆତ୍ମୀୟ ସ୍ୱଜନ
ଧ-୬୬୬୧୧

**ତୃତୀୟ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ତ୍ରିଲୋଚନ ପାଣିଗ୍ରାହୀ**
**ପୂର୍ବତନ ସରପଞ୍ଚ,**
ପାଇକପୁରୁଣାକୋଟ ପଞ୍ଚାୟତ, ଗ୍ରା: କଙ୍କାଳୁ, ହିନ୍ଦୋଳ, ଢେଙ୍କାନାଳ, ଓଡିଶା
ଆବିର୍ଭାବ: ୧୬।୦୭।୧୯୩୬
ତିରୋଧାନ: ୩୦।୦୭।୨୦୧୬
ଆପଣଙ୍କ ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ପାଣିଗ୍ରାହୀ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୫୦୨୦୪

ବିଶୃଙ୍ଖଳା ଓ ଅନ୍ଧକାର ମଧ୍ୟରୁ ମୁକ୍ତି ପାଇବାର ଏକମାତ୍ର ଉପାୟ ହେଲା ସଂପୂର୍ଣ୍ଣ ଭାବେ ଶାନ୍ତ ଓ ଧୀରସ୍ଥିର ହୋଇ ରହିବା। ଏବଂ ଝଡ଼ଝଞ୍ଜାକୁ ବାଟ ଛାଡ଼ିଦେବା।
– ଶ୍ରୀମା



# କଶ୍ମୀରର: ବଢ଼ିଲା ଖର୍ଚ୍ଚ

ଜମ୍ମୁ ଓ କଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରତିହତ କରିବା ଲାଗି କେନ୍ଦ୍ର ସରକାର ସେଠାକୁ ୧୦,୦୦୦ ଅତିରିକ୍ତ ଯବାନ ପଠାଇବା ଆରମ୍ଭ କରିଛନ୍ତି। କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ, ଅମରନାଥ ଯାତ୍ରା ନେଇ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଦିଗରେ ଅତିରିକ୍ତ ସୁରକ୍ଷା ବଳ ସହାୟକ ହେବ। ଅବଶ୍ୟ ଅଗଷ୍ଟ ୧୫ରେ ଶେଷ ହେବାକୁ ଥିବା ଅମରନାଥ ଯାତ୍ରାର ସୁରକ୍ଷା ସକାଶେ ୩୨ ହଜାର କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍) ସେଠାରେ ମୁତୟନ ଅଛନ୍ତି। କିନ୍ତୁ ଅତିରିକ୍ତ ସୁରକ୍ଷା ବଳ ପ୍ରେରଣ କରାଯିବା ପଛରେ ଏକ ଲୁକ୍କାୟିତ ଚିନ୍ତାଧାରା ଥିବା କେତେକ ମହଲରେ ଆଲୋଚନା ହେଉଛି। କୁହାଯାଉଛି ସମ୍ବିଧାନର ଅନୁଚ୍ଛେଦ ୩୫'ଏ'କୁ ଜମ୍ମୁ ଓ କଶ୍ମୀରରୁ ଉଚ୍ଛେଦ କରିବା। ଏହି ଅନୁଚ୍ଛେଦ ଅନୁଯାୟୀ ସ୍ଥାନୀୟ ବାସିନ୍ଦାଙ୍କୁ ଅନେକ ସୁବିଧା ଦିଆଯାଉଛି ବୋଲି ଦାବି କରାଯାଉଛି। ତନ୍ମଧ୍ୟରୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସୁବିଧା ପ୍ରତି ସମସ୍ତଙ୍କ ନଜର ପଡ଼ିଛି। ପ୍ରଥମଟି ହେଲା ଭାରତର ଅନ୍ୟ ପ୍ରାନ୍ତରୁ ଯାଇ ନାଗରିକମାନେ ଜମ୍ମୁ ଓ କଶ୍ମୀରରେ ଜମି କିଣିପାରିବେ ନାହିଁ ଏବଂ ଦ୍ୱିତୀୟଟି ହେଲା ରାଜ୍ୟ ସରକାରଙ୍କ ଚାକିରି କରିପାରିବେ ନାହିଁ। କିନ୍ତୁ ଏବେକାର ପରିସ୍ଥିତିରେ କେନ୍ଦ୍ର ସରକାରଙ୍କ ଚାକିରି ଏବଂ ଘରୋଇ କମ୍ପାନୀ ପାଖରେ ନିଯୁକ୍ତି ଅଣକଶ୍ମୀରୀଙ୍କୁ ମିଳିପାରୁଛି। ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ ସେଠାକାର ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦେଖି ଅଧିକାଂଶ ବାହ୍ୟ ଲୋକ ସେଠାକୁ ବଦଳି ହେବାକୁ ଚାହୁଁ ନାହାନ୍ତି।

ଏବେ କେନ୍ଦ୍ର ସରକାର ଉପତ୍ୟକାକୁ ଅଧିକ ଯବାନ ପଠାଉଥିବାରୁ ତାହାକୁ ଜମ୍ମୁ ଓ କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍ତି ସମାଲୋଚନା କରିଛନ୍ତି। ଅନୁଚ୍ଛେଦ ୩୫'ଏ'କୁ ରାଜ୍ୟରୁ ହଟାଇବା ଲାଗି କେନ୍ଦ୍ର ସରକାର କାର୍ଯ୍ୟ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ମେହବୁବା ଆଶଙ୍କା ବ୍ୟକ୍ତ କରିଛନ୍ତି ଯେ, ଉକ୍ତ ଅନୁଚ୍ଛେଦ ଉଚ୍ଛେଦ ହେଲେ ଜମ୍ମୁ ଓ କଶ୍ମୀର ତା'ର ସ୍ୱାତନ୍ତ୍ର୍ୟ ହରାଇବ। ସେଥିପାଇଁ ସେ କେନ୍ଦ୍ରକୁ ଚେତାବନୀ ଦେଇଛନ୍ତି ଯେ, ଏହି ଅନୁଚ୍ଛେଦ ଉଚ୍ଛେଦ ହେଲେ କଶ୍ମୀରରେ ନିଆଁ ଜଳିବ। ଏହି ପରିପ୍ରେକ୍ଷୀରେ କୁହାଯାଇପାରେ ଯେ, କେନ୍ଦ୍ର ଯଦି ସକାରାତ୍ମକ ଉଦ୍ଦେଶ୍ୟ ରଖି ଜମ୍ମୁ ଓ କଶ୍ମୀରକୁ ଅଧିକ ସୈନ୍ୟ ପ୍ରେରଣ କରୁଥାଏ, ତେବେ ସମ୍ପୃକ୍ତ ରାଜ୍ୟ ବିଶେଷ ଉପକୃତ ହେବ। କାରଣ ଅନୁଚ୍ଛେଦ ୩୫'ଏ' ଉଚ୍ଛେଦ ହେଲେ ବାହାର ରାଜ୍ୟର ବ୍ୟକ୍ତି ଜମ୍ମୁ ଓ କଶ୍ମୀରରେ ସମ୍ପତ୍ତି କିଣି ଔଦ୍ୟୋଗିକ ବିକାଶ କରିପାରିବେ। ଏମିତି ଦେଖିଲେ ପର୍ଯ୍ୟଟନ କ୍ଷେତ୍ରରୁ ଏହି ରାଜ୍ୟ କିଛି ରାଜସ୍ୱ ପାଇଥାଏ। ହସ୍ତତନ୍ତ ଭଳି ଅନେକ କୁଟୀର ଶିଳ୍ପ ସେହି ରାଜ୍ୟରେ କରିବା ସମ୍ଭବପର ହୋଇଥାଏ। ଏଥିସହିତ ସେଠାକାର ବାସିନ୍ଦା ଫଳଚାଷ ଏବଂ ଗରମ ପୋଷାକ ତିଆରି କରି ବିକି ସେଥିରୁ କିଛି ଆୟ କରିଥାଆନ୍ତି। କିନ୍ତୁ ବିଭିନ୍ନ କାରଣରୁ ବଡ଼ ଶିଳ୍ପ ପ୍ରତିଷ୍ଠା ହୋଇପାରୁ ନ ଥିବାରୁ ବେକାରଙ୍କ ସଂଖ୍ୟା ବଢ଼ିଚାଲିବା ସହ ଦାରିଦ୍ର୍ୟ ବୃଦ୍ଧି ପାଉଛି। ଆଇନ କଡ଼ାକଡ଼ି ଥିବାରୁ ଅନ୍ୟ ରାଜ୍ୟର ଶିଳ୍ପପତି ଓ ଉଦ୍ୟୋଗୀ ସେଠାରେ ପହଞ୍ଚିପାରୁ ନାହାନ୍ତି। ୩୫'ଏ' ଉଚ୍ଛେଦ ହେଲେ ଜମ୍ମୁ ଓ କଶ୍ମୀରରେ ଶିଳ୍ପ ବିକାଶ ହୋଇ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରନ୍ତା। ହେଲେ ବିଗତ ଦଶନ୍ଧିଗୁଡ଼ିକରେ କେନ୍ଦ୍ରରେ କ୍ଷମତାସୀନ କୌଣସି ରାଜନୈତିକ ଦଳର ସରକାର କଶ୍ମୀରର ବାସ୍ତବ ବିକାଶ କଥା ଚିନ୍ତା କରିନାହାନ୍ତି। ସେହିଭଳି ଜମ୍ମୁ ଓ କଶ୍ମୀରର ସ୍ଥାନୀୟ ନେତୃତ୍ୱ ନିଜର ସୁବିଧା ପାଇଲେ ନୀରବ ହୋଇଯାଉଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ହେଲେ ମେହବୁବା ମୁଫ୍ତି। ମୁଖ୍ୟମନ୍ତ୍ରୀ ପଦ ପାଇବା ପାଇଁ ଭାଜପା ସହିତ ମେଣ୍ଟ କରିପାରିଥିବା ମେହବୁବା ଏବେ ସେହି ଦଳର ସରକାର ବିରୋଧରେ ସ୍ୱର ଉଠାଉଛନ୍ତି। ଦେଖିବାକୁ ଗଲେ ଜମ୍ମୁ ଓ କଶ୍ମୀରକୁ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହି ସମସ୍ତେ ଘୋଷି ହେଉଛନ୍ତି। ଯେତେବେଳେ ଏହା ଦେଶର ଏକ ଅଂଶ ଭାବେ ରହିଛି, ସେଠାକୁ ଅନ୍ୟ ପ୍ରାନ୍ତର ବ୍ୟକ୍ତି ଯାଇ ବସତି ସ୍ଥାପନ କରିବାରେ ଅସୁବିଧା କେଉଁଠି ରହିଛି ବୋଲି ପ୍ରଶ୍ନ ହେବା ସ୍ୱାଭାବିକ। ଏଠାରେ ମନେପକାଇ ଦିଆଯାଇପାରେ ଯେ, କଶ୍ମୀର ଉପତ୍ୟକାରୁ ପଣ୍ଡିତମାନଙ୍କୁ ହଟେଇ ଦିଆଯିବାର ଦୀର୍ଘବର୍ଷ ବିତିଯାଇଥିଲେ ମଧ୍ୟ ସେମାନେ ନିଜ ମାଟିକୁ ଫେରିପାରି ନାହାନ୍ତି।

ଏଭଳି ପ୍ରଚ୍ଛଦପଟରେ ଅଧିକ ସୈନ୍ୟ ପଠାଇ କଶ୍ମୀର ଅକ୍ତିଆର କରିହେବ ବୋଲି ଭାବିବା ଅସମ୍ଭବ ମନେହେଉଛି। ଦୀର୍ଘ ଦିନର ଅବହେଳା ସହ୍ୟ କରି ଆସିଥିବା ଏହି ରାଜ୍ୟବାସୀ ସବୁବେଳେ ଏବଂ ସବୁ କ୍ଷେତ୍ରରେ ଭାରତୀୟ ମିଲିଟାରୀକୁ ଦେଖି ଅତିଷ୍ଠ ହୋଇ ରହିଛନ୍ତି। କେବଳ ସଶସ୍ତ୍ର ବାହିନୀ ଦ୍ୱାରା ଦମନ କରାଯାଇଥିବା ସ୍ଥାନୀୟ ଲୋକଙ୍କ ମନରେ ଅନ୍ୟ ପ୍ରାନ୍ତରୁ ଯାଇ ବସବାସ କରିବାକୁ ଇଚ୍ଛୁକ ବ୍ୟକ୍ତିଙ୍କ ପ୍ରତି ସହାନୁଭୂତି ରହିବ ନାହିଁ। ବାହାରୁ ଯାଇଥିବା ବ୍ୟକ୍ତି ସବୁବେଳେ ଶତ୍ରୁ ପକ୍ଷର ଭାବମୂର୍ତ୍ତି ଧରି ବସିଥିବା କୌଣସି ବ୍ୟବସାୟ କିମ୍ବା ଶିଳ୍ପ କେବେହେଲେ ଏକ ଅଶାନ୍ତ ଏବଂ ଯୁଦ୍ଧ କ୍ଷେତ୍ରରେ ସଫଳତା ପାଇପାରିବ ନାହିଁ। ଗୋଳାବାରୁଦ ବିକ୍ରି କରିବା ବ୍ୟତୀତ କଶ୍ମୀର ଉପତ୍ୟକାରେ ଅନ୍ୟ କୌଣସି ସ୍ୱାଭାବିକ ବ୍ୟବସାୟ କରିବା ଅତ୍ୟନ୍ତ କଷ୍ଟକର ହେବାର ସବୁ ଆଶଙ୍କା ରହିଛି। ଏଭଳି ପରିସ୍ଥିତିରେ କେଉଁ କାରଣରୁ ଅଧିକ ସଶସ୍ତ୍ର ବାହିନୀ ଜମ୍ମୁ ଓ କଶ୍ମୀରରେ ମୁତୟନ କରାଯାଉଛି ବୁଝିବା କଷ୍ଟକର। ଭବିଷ୍ୟତରେ ଆଜିର କେନ୍ଦ୍ର ସରକାରଙ୍କ ଯୋଜନା ନିଶ୍ଚୟ ବୁଝାପଡ଼ିବ। କିନ୍ତୁ ସେହି ସମୟ ପର୍ଯ୍ୟନ୍ତ ଅପେକ୍ଷା କରି ବସିଥିବା ଭାରତର ଅସଂଖ୍ୟ କରଦାତାଙ୍କର ବିପୁଳ ଅର୍ଥ ଏହି ସୈନିକମାନଙ୍କ ରକ୍ଷଣାବେକ୍ଷଣରେ ଖର୍ଚ୍ଚ ହୋଇଯାଇଥିବ। ଏବେ ମଧ୍ୟ କଶ୍ମୀରରେ ହେଉଥିବା ଖର୍ଚ୍ଚ ଦେଶର ଆର୍ଥିକ ଅର୍ଥ ଶୋଷିନେଉଛି। ତାହାର ପରିମାଣ ବୃଦ୍ଧି ପାଇବାକୁ ଯାଉଛି। ସେଥିପାଇଁ ଭାରତୀୟମାନଙ୍କୁ ଆହୁରି କିଛି ନୂତନ କର ବା ସେସ୍ ଦେବା ସକାଶେ ପ୍ରସ୍ତୁତ ହେବାକୁ ପଡ଼ିବ।

# ଭକ୍ତି ନାଁରେ ମସ୍ତି ଓ ବେପାର



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଗତ କିଛିବର୍ଷ ଧରି ଶ୍ରାବଣମାସ ଆସିଲେ ଦେଶର ରାସ୍ତାଘାଟରେ ଏକ ଅଦ୍ଭୁତ ଦୃଶ୍ୟ ଦେଖିବାକୁ ମିଳୁଛି। ଗେରୁଆ ପୋଷାକ ପିନ୍ଧି କାନ୍ଧରେ ରଙ୍ଗ ବେରଙ୍ଗରେ ସଜ୍ଜିତ ବାହୁଙ୍ଗି ଧରି ହଜାର ହଜାର ଯୁବକ ଏପରିକି ମହିଳା ଓ ଶିଶୁ ମଧ୍ୟ ରାସ୍ତାରେ ପଙ୍ଗପାଳ ପରି ମାଡ଼ିଚାଲିଛନ୍ତି। 'କାଉଡ଼ିବାଲା' ବା 'ବୋଲବମ୍ ଯାତ୍ରୀ' ଭାବେ ପରିଚିତ ଏହି ମଣିଷମାନେ କୌଣସି ଏକ ନଦୀର ପବିତ୍ର ପାଣିରୁ ଦୁଇ ଢାଳ ଆଣି ଶ୍ରାବଣମାସର ସୋମବାର ଦିନ ତାକୁ ଶିବଙ୍କ ମସ୍ତକରେ ଢାଳିଲେ ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ କରିଥାନ୍ତି। ସେହି ବିଶ୍ୱାସରେ ସେମାନେ ଶହ ଶହ କିମି ଦୂରରେ ଥିବା ଶିବଲିଙ୍ଗ ପାଖକୁ ଯାଇ ସେଠାରେ ପାଣି ଢାଳିଥାନ୍ତି। ଗାଁର ଅଶିକ୍ଷିତ ଯୁବତୀଯୁବକଙ୍କଠାରୁ ଆରମ୍ଭ କରି ସହରର ଶିକ୍ଷିତ ଲୋକ ମଧ୍ୟ ଏହି ଯାତ୍ରାରେ ଭାଗ ନେଉଥିବା ଦେଖିବାକୁ ମିଳୁଛି।

ଶୈବପୀଠରେ ପାଣି ଢାଳିବା ନାଁରେ କାଉଡ଼ିଆ ଯାତ୍ରାର ଏହି ପରମ୍ପରାଟି ପୂର୍ବରୁ ଓଡ଼ିଶାର ନ ଥିଲା। ରାଖୀ, ଧନ୍ ତେରସ୍ ପରି ସମ୍ପୂର୍ଣ୍ଣ ରୂପେ ବାହାରୁ ଆମଦାନି ହୋଇଥିବା ଏହି ପରମ୍ପରାଟି ଆମ ରାଜ୍ୟରେ ପ୍ରଥମେ ଅଶୀ ଦଶକରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ବ୍ୟବସାୟୀ ଗୋଷ୍ଠୀ ଦ୍ୱାରା ଆରମ୍ଭ ହୋଇଥିଲା। ଯଦିଓ ସୋମବାର ଦିନ ଶିବଲିଙ୍ଗ ଉପରେ ପାଣି ଢାଳିବା ହିନ୍ଦୁମାନଙ୍କର ଏକ ପୁରୁଣା ପରମ୍ପରା କିନ୍ତୁ ଏହା କେବେ ବି ଯାତ୍ରାର ରୂପ ନେଇ ନ ଥିଲା। ରାଜସ୍ଥାନର ମୂଳ ବାସିନ୍ଦା ରୂପେ ପରିଚିତ ଏହି ବ୍ୟବସାୟୀମାନେ ସର୍ବ ପ୍ରଥମେ ଏହି ପରମ୍ପରାକୁ ନିଜ ରାଜ୍ୟରେ ଆରମ୍ଭ କରିଥିଲେ, ଯାହାକି ପରେ ଅନ୍ୟ ହିନ୍ଦୀଭାଷୀ ରାଜ୍ୟମାନଙ୍କରେ ପ୍ରସାରିତ ହୋଇଥିଲା।

ତେବେ ଏଠାରେ ପ୍ରଶ୍ନ ଉଠେ କିଛି ଦଶକ ତଳେ ଉତ୍ତରଭାରତର ମାତ୍ର କିଛି ଲୋକଙ୍କ ଭିତରେ ସୀମିତ ରହିଥିବା ଏହି କାଉଡ଼ିଆ ଯାତ୍ରା ଆଜି ମହାମାରୀ ପରି ବ୍ୟାପିବାରେ ଲାଗିଛି କିପରି? ୨୦୧୬ରେ ହୋଇଥିବା ଏକ ଅଧ୍ୟୟନରୁ ସେ ବର୍ଷ କେବଳ ଦିଲ୍ଲୀ ଓ ହରିଦ୍ୱାର ମଧ୍ୟରେ ପ୍ରାୟ ଦୁଇ କୋଟି ଲୋକ କାଉଡ଼ିଆ ଯାତ୍ରାରେ ଅଂଶଗ୍ରହଣ କରିଥିବା ଦେଖିବାକୁ ମିଳିଥିଲା। କ'ଣ କାଉଡ଼ିଆ ଯାତ୍ରାରେ ସାମିଲ ହେଉଥିବା ସବୁ ଲୋକ ଶିବଙ୍କ ପ୍ରତି ଭକ୍ତିଭାବ ନେଇ ଏଥିରେ ସାମିଲ ହୋଇଛନ୍ତି? କିନ୍ତୁ ରାସ୍ତାରେ ଯାଉଥିବା କାଉଡ଼ିଆଙ୍କୁ ଦେଖିଲେ ଯେକେହି କହିପାରିବେ ଯେ ଏଥିରେ ଭକ୍ତି ଅପେକ୍ଷା ମସ୍ତି ଅଧିକ। ଏଥିରେ ଭାଗ ନେଉଥିବା କାଉଡ଼ିଆଙ୍କ ବେଶଭୂଷା, ଚାଲିଚଳନ, ଆଗରେ ଆଗରେ ଯାଉଥିବା ତିନି ବା ଚାରି ଚକିଆ ଗାଡ଼ିରେ ଲାଗିଥିବା ଡିଜେ ଜରିଆରେ ବଲିଉଡ଼ ଗୀତର ସ୍ୱରରେ କର୍କଶ କାଉଡ଼ିଆ ଗୀତ, କାଉଡ଼ିଆଙ୍କ ମୁଖରେ 'ଜଟିଆ ବାବା ପାର କରେଗା', 'ଗଣେଶ ଫାଦର୍ ପାର କରେଗା' ପରି ଶସ୍ତା ସ୍ଲୋଗାନ, ରାସ୍ତାରେ ବିଭିନ୍ନ ସ୍ଥାନରେ ଭାଙ୍ଗ, ଗଞ୍ଜେଇ ଏପରିକି ମଦ ପରିବେଷଣ ଆଦିକୁ ଦେଖିଲେ ଏହି ଲୋକମାନେ ଯେ ଏକ ଧାର୍ମିକ ଅଭିଯାନରେ ନୁହେଁ ବରଂ ଏକ ବଣଭୋଜିରେ ଯାଉଛନ୍ତି ବୋଲି ମନେହେଉଛି।

ଆମ ସମାଜର ବୈଷମ୍ୟମୂଳକ ଆର୍ଥିକ ଢାଞ୍ଚା କାରଣରୁ ବେକାରି ସମସ୍ୟା ଉତ୍କଟ ହେବାରେ ଲାଗିଛି। ଦେଶରେ ଚାଲିଥିବା ନିଯୁକ୍ତିବିହୀନ ବିକାଶ ଫଳରେ ରୋଜଗାର ଅଭାବରୁ ସମାଜର କୋଟି କୋଟି ଯୁବତୀଯୁବକ ବେକାର ହେବା ସହିତ ସେମାନଙ୍କ ମଧ୍ୟରେ ହତାଶା ବଢ଼ିବାରେ ଲାଗିଛି। ତେବେ ଏହି ବିଶାଳ ଯୁବସମୁଦାୟ ସଂଗଠିତ ହୋଇ ରୋଜଗାର ପାଇଁ ସରକାରଙ୍କ ପାଖରେ ଦାବି କରିବା ପରିବର୍ତ୍ତେ କୌଣସି ଭଗବାନଙ୍କ ଶରଣ ପଶି କିମ୍ବା ବାବାମାତାଙ୍କ ପାଖକୁ ଯାଇ ରୋଜଗାର ପାଇଯିବାର ସହଜିଆ ବାଟ ଆପଣେଇବା ଦେଖାଯାଉଛି। ସେଥିପାଇଁ ଗତ କିଛିବର୍ଷ ଧରି ଦେଶରେ ଆର୍ଥିକ ଅନିଶ୍ଚିତତା, ବେକାରି ଓ ହତାଶା ଯେତେ ଯେତେ ବଢ଼ିଛି ସମାଜରେ ସେତେ ସେତେ ବାବା, ମାତା ଓ ଭଗବାନଙ୍କ ଆବିର୍ଭାବ ଘଟିଛି। ତେବେ ଏଭଳି ନିଜକୁ କଷ୍ଟ ଦେଇ ମନସ୍କାମନା ପୂରଣ କରିବାର ଚିନ୍ତା ବୈଜ୍ଞାନିକ ମନୋଭାବର ପରିପନ୍ଥୀ। ଆଜି ଯେଉଁମାନେ ସମାଜରେ ବିଭିନ୍ନ କ୍ଷେତ୍ରରେ ପ୍ରସିଦ୍ଧି ହାସଲ କରିଛନ୍ତି କିମ୍ବା ଜୀବନରେ ସଫଳତା ପାଇଛନ୍ତି ସେଥିପାଇଁ ସେମାନେ ଏଭଳି ଭିତ୍ତିହୀନ ଅନ୍ଧବିଶ୍ୱାସ ପରିବର୍ତ୍ତେ ନିଜ କର୍ତ୍ତବ୍ୟରେ ନିଷ୍ଠା ରଖି ପରିଶ୍ରମ କରିଛନ୍ତି। ମୁକେଶ ଅମ୍ବାନୀ ବିଶ୍ୱର ଅନ୍ୟତମ ଧନୀ ବ୍ୟକ୍ତିରେ ପରିଣତ ହେବା ଅଥବା ଅବଦୁଲ କଲାମ ଜଣେ ବଡ଼ ବୈଜ୍ଞାନିକ ହୋଇ ଶେଷରେ ଭାରତର ରାଷ୍ଟ୍ରପତି ହେବା ପାଇଁ କେବେ ପାଣି ଧରି ଏପରି ବୋଲବମ୍ ଯାତ୍ରା କରିନାହାନ୍ତି। ଅତଏବ ଆମର ଯୁବ ଓ ତରୁଣଙ୍କ ମନରେ ଅନ୍ଧବିଶ୍ୱାସ ଓ ମିଥ୍ୟା ପ୍ରଲୋଭନ ସୃଷ୍ଟି କରି ସେମାନଙ୍କୁ ଏହିଭଳି କଷ୍ଟସାଧ ତଥା ଅନାବଶ୍ୟକ ଯାତ୍ରାରେ ଯିବା ପାଇଁ ପ୍ରରୋଚିତ କରିବା ନିଶ୍ଚିତରୂପେ ଚିନ୍ତାର ବିଷୟ।

ଯୁବତୀଯୁବକମାନେ ଖାଲିପାଦରେ ଚାଲି ଚାଲି ଯାଇ ଶିବଲିଙ୍ଗରେ ପାଣି ଢାଳିଦେଲେ ପୁଣ୍ୟ ଆକାରରେ କିଛି ଗୋଟେ ପାଇଯିବାର ସ୍ୱପ୍ନ ଦେଖୁଛନ୍ତି। କାଉଡ଼ିଆ ହେବା ପଛରେ ସେମାନଙ୍କ ମନରେ ଏକ ଦୁଃସାହସିକ ଯାତ୍ରାରେ ଅଂଶଗ୍ରହଣ କରିବାର ଅଦମ୍ୟ ଇଚ୍ଛାଟି ବି କାମ କରୁଛି। ଘରେ ଖାଲି ବସିବା ଅପେକ୍ଷା ସାଙ୍ଗସାଥୀ ହୋଇ ମଉଜ ମଜଲିସ୍ କରି କିଛିଦିନ ଦୁଃସାହସିକ ଯାତ୍ରାରେ ଯାଇ ସମୟ ବିତାଇବାର ମାନସିକତା ନେଇ ଅନେକେ ଏଥିରେ ସାମିଲ ହେଉଛନ୍ତି।

ତେବେ ବୋଲବମ୍ ଯାତ୍ରାର ସବୁଠାରୁ ବଡ଼ଦିଗଟି ହେଲା ଏହା ପଛରେ ରହିଥିବା ବ୍ୟବସାୟିକ କୌଶଳ। କୁହାଯାଏ ଯେ ଯେଉଁ ବ୍ୟବସାୟୀମାନେ କିଛିବର୍ଷ ତଳେ ମାତ୍ର କିଛି ଶହ ଟଙ୍କା ଦେଇ ଏହି ଯାତ୍ରାକୁ ଆରମ୍ଭ କରିଥିଲେ ସେମାନେ ଆଜି ଏହା ନାଁରେ ଲକ୍ଷ ଲକ୍ଷ ଟଙ୍କା ଗୋଟେଇବାରେ ଲାଗିଛନ୍ତି। ଗତ କିଛିବର୍ଷ ମଧ୍ୟରେ ଦେଶରେ ଏହାର ଏକ ଜବରଦସ୍ତ ବଜାର ସୃଷ୍ଟି ହୋଇସାରିଛି। ପାଣି ବୋହିବାକୁ କୃତ୍ରିମ ବାହୁଙ୍ଗି, ପ୍ଲାଷ୍ଟିକ୍ ଢାଳଠାରୁ ଆରମ୍ଭ କରି ଗେରୁଆ ପ୍ୟାଣ୍ଟ ଓ ଟି-ଶାର୍ଟ ପର୍ଯ୍ୟନ୍ତ ସବୁ ଏକ ସେଟ୍ ଆକାରରେ ବଜାରରେ ଉପଲବ୍ଧ ହେଉଛି। ଏହା ବ୍ୟତୀତ ରାସ୍ତାରେ ଖାଦ୍ୟ, ଭାଙ୍ଗ, ଡିଜେ, ପରିବହନ ପାଇଁ ଗାଡ଼ି ଆଦି ବାବଦରେ ଖର୍ଚ୍ଚକୁ ଯୋଡ଼ି ଦିଆଗଲେ ଏହା ଜଣକ ପିଛା କେତେ ହଜାର ଟଙ୍କାରେ ଯାଇ ପହଞ୍ଚୁଛି ତା'ର ସୀମା ନାହିଁ। ଯିଏ କାଉଡ଼ିଆ ଭାବେ ଯାତ୍ରାରେ ସାମିଲ ହେଉଛି ସେ ଦୁଇ ହଜାରରୁ ଆରମ୍ଭ କରି କୋଡ଼ିଏ ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଥିବା ଏହି ସେଟ୍‌କୁ କିଣିବାକୁ ଏକରକମ ବାଧ୍ୟ ହୋଇଥାଏ। ଯଦି ହାରାହାରି ଜଣ ପିଛା ଏ ବାବଦରେ ପାଞ୍ଚହଜାର ଟଙ୍କା ଧରାଯାଏ ତା'ହେଲେ ଦେଶରେ ପ୍ରତିବର୍ଷ ବାହାରୁଥିବା ପ୍ରାୟ ଆଠ କୋଟି କାଉଡ଼ିଆଙ୍କ ପାଇଁ ବାର୍ଷିକ ପ୍ରାୟ ୪୦ ହଜାର କୋଟି ଟଙ୍କାର ଏକ ବିଶାଳ ବଜାର ସୃଷ୍ଟି ହେଉଛି। ଏହି ଯାତ୍ରା ପଛରେ ରହିଥିବା ଉପରୋକ୍ତ ଅର୍ଥନୈତିକ ଦିଗ ଯୋଗୁ ହିଁ ଦେଶରେ ବ୍ୟବସାୟୀ ଗୋଷ୍ଠୀ ଅତ୍ୟନ୍ତ ସୁଚିନ୍ତିତ ଭାବେ ଏହାର ପ୍ରଚାର ଓ ପ୍ରସାର କରିବାରେ ଲାଗିଛନ୍ତି। ବିଭିନ୍ନ ବ୍ୟବସାୟୀ ସଙ୍ଗଠନ ତରଫରୁ ରାସ୍ତାରେ କାଉଡ଼ିଆଙ୍କ ପାଇଁ ମାଗଣା ଭୋଜନ ଏବଂ ବିଶ୍ରାମର ବ୍ୟବସ୍ଥା କରିବା ପଛରେ ସେବା ନୁହେଁ ବରଂ 'ଷଣ୍ଢ ମାରି ଜୋତାଦାନ' ପରି ନିରୁତା ବ୍ୟବସାୟିକ ଉଦ୍ଦେଶ୍ୟ ରହିଛି ବୋଲି କୁହାଯାଇପାରେ।

ତେବେ ଭକ୍ତି ନାଁରେ ମସ୍ତି ଓ ବେପାରର ପର୍ଯ୍ୟାୟବାଚୀ ହୋଇଯାଇଥିବା ଏହି ଯାତ୍ରା ଯେଉଁଭଳି ମହାମାରୀ ଭଳି ପ୍ରସାରିତ ହେଉଛି ତାହା ସମାଜରେ ଅବୈଜ୍ଞାନିକତା ଓ ଅନ୍ଧବିଶ୍ୱାସକୁ ବଢ଼ାଇବାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଧର୍ମ ନାଁରେ ଏକ ତାମସାରେ ପରିଣତ ହୋଇଥିବା ଏହି ଯାତ୍ରା ଫଳରେ ଲୋକଙ୍କର ଆର୍ଥିକ କ୍ଷତି ହେବା ସହ ଅଯଥାରେ ଅନେକ କାର୍ଯ୍ୟଦିବସ ନଷ୍ଟ ହେଉଛି ଏବଂ ଯୁବକମାନଙ୍କୁ ଅଧିକ କର୍ମକୁଣ୍ଠ ହେବାକୁ ପ୍ରୋତ୍ସାହିତ କରୁଛି। ଯାତ୍ରା ନାଁରେ ରାସ୍ତା ଉପରେ ହଜାର ହଜାର ସଂଖ୍ୟାରେ ବେକାର, ହତାଶ ଓ ଉଦ୍‌ଭ୍ରାନ୍ତ ଯୁବକଙ୍କ ଉପସ୍ଥିତି ସମାଜରେ ଏକ ବିକୃତ ପରମ୍ପରା ସୃଷ୍ଟି କରିବା ସହ ଅନେକ ସମୟରେ ଆଇନଶୃଙ୍ଖଳାକୁ ମଧ୍ୟ ପ୍ରଭାବିତ କରୁଛି। ଏଭଳି ବିଶୃଙ୍ଖଳିତ ଭାବେ ରାସ୍ତାରେ ହଜାର ହଜାର ସଂଖ୍ୟାରେ ଯିବାଆସିବା ଫଳରେ ପ୍ରତିବର୍ଷ ଏହି ସମୟରେ ଅନେକ ଦୁର୍ଘଟଣା ଘଟୁଛି। ଗତ କିଛିବର୍ଷ ମଧ୍ୟରେ ଶ୍ରାବଣ ମାସରେ କାଉଡ଼ିଆଙ୍କ ତରଫରୁ ଯାତ୍ରା ସମୟରେ ହିଂସା ଆଚରଣର ଘଟଣା ସବୁ ବଢ଼ିବାରେ ଲାଗିଛି। କାଉଡ଼ିଆଙ୍କ ଭୟରେ ଶ୍ରାବଣ ମାସରେ ଦିଲ୍ଲୀ-ହରିଦ୍ୱାର ରାସ୍ତା ପରି ଅନେକ ସ୍ଥାନରେ ରାସ୍ତାକଡ଼ ବ୍ୟବସାୟୀମାନେ ଆମିଷ ଖାଦ୍ୟ ବିକ୍ରି ବନ୍ଦ କରିବାକୁ ବାଧ୍ୟ ହେଉଛନ୍ତି। ପୂରା ଶ୍ରାବଣ ମାସରେ ରାସ୍ତାଘାଟରେ, ଟ୍ରେନ୍‌ରେ କାଉଡ଼ିଆଙ୍କ ଅସମ୍ଭବ ଭିଡ଼ ସାଙ୍ଗକୁ ଡିଜେରେ କର୍କଶ ଗୀତ ଓ ନାଚ ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି।

ସବୁଠାରୁ ଉଦ୍‌ବେଗର ବିଷୟ ହେଲା ସମାଜକୁ ପଶ୍ଚାଦ୍‌ମୁଖୀ କରୁଥିବା ଏଭଳି ଏକ ଧାର୍ମିକ ତାମସାକୁ ସରକାର ବହୁସ୍ଥାନରେ ପ୍ରୋତ୍ସାହିତ କରିବା ଦେଖାଯାଉଛି। ଅତଏବ ସରକାର ଏଭଳି ଅବୈଜ୍ଞାନିକ କାର୍ଯ୍ୟକ୍ରମକୁ ନିରୁତ୍ସାହିତ କରିବା ସହିତ ଯୁବଗୋଷ୍ଠୀ ସମୟ ଓ ଅର୍ଥର ଅପଚୟ ନ କରି ନିଜର ଆତ୍ମବିଶ୍ୱାସ ଓ ନିଷ୍ଠା ବଳରେ ଲକ୍ଷ୍ୟ ହାସଲର ଚିନ୍ତା କରିବା ସହିତ ସରକାରଙ୍କ ପାଖରେ ରୋଜଗାରର ଦାବି କରିବା ଦରକାର।

ମୋ- ୯୪୩୭୧୬୭୩୯୧, bhalachan-dra.odisha@gmail.com

# ବାଘ ସୁରକ୍ଷା: ଦାୟ କାହାର



ସବ୍ୟସାଚୀ ଅମିତାଭ

ଏଇ ଦିନ କେଇଟା ତଳେ ଉତ୍ତରପ୍ରଦେଶର ପିଲିଭିଟ୍ ବ୍ୟାଘ୍ର ଅଭୟାରଣ୍ୟର ଗୋଟିଏ ମହାବଳ ବାଘକୁ ଲୋକେ ପିଟିପିଟି ମାରିଦେଇଛନ୍ତି। ଖାଦ୍ୟ ଅନ୍ୱେଷଣରେ ବାଘଟି ଜନବସତି ଆଡକୁ ଆସିଥିବାବେଳେ ଲୋକେ ତାକୁ ଚାରିପଟୁ ଘେରିଯାଇ ଲାଠିରେ ପିଟି ପିଟି ମାରିଦେଇଥିଲେ। ବାଘଙ୍କ ସୁରକ୍ଷା ଓ ଏଥିପାଇଁ ସଚେତନତାର କଥା ପ୍ରତିବର୍ଷ କୁହାଯାଉଛି, ହେଲେ ବାସ୍ତବରେ ଏହା କେତେ ଦୂର ସଫଳ ହୋଇପାରିଛି ତା'ର ଅନୁଶୀଳନ ହେବା ଦରକାର।

୨୦୧୦ ମସିହାରେ ରୁଷିଆର ସେଣ୍ଟ ପିଟର୍ସବର୍ଗଠାରେ ପ୍ରଥମ ଥର ପାଇଁ ଆନ୍ତର୍ଜାତିକ ଟାଇଗର ଫୋରମ୍ ଆୟୋଜନ କରାଯାଇଥିଲା। ଏହା ଥିଲା ପୃଥିବୀର ପ୍ରଥମ ବ୍ୟାଘ୍ର ଶିଖର ସମ୍ମିଳନୀ। ଏହାର ଆୟୋଜକ ଥିଲେ ରୁଷିଆର ତତ୍କାଳୀନ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଓ ବିଶ୍ୱବ୍ୟାଙ୍କର ସଭାପତି ରବର୍ଟ ଜୋଲିକ୍। ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବିଶ୍ୱସ୍ତରରେ କିପରି ବାଘଙ୍କୁ ସୁରକ୍ଷା ଦିଆଯାଇପାରିବ ଓ ୨୦୨୦ ସୁଦ୍ଧା ଏମାନଙ୍କ ସଂଖ୍ୟାକୁ ଦୁଇଗୁଣ କରାଯିବ। ସେବେଠାରୁ ପ୍ରତିବର୍ଷ ଜୁଲାଇ ୨୯ ତାରିଖକୁ ବିଶ୍ୱ ବ୍ୟାଘ୍ର ଦିବସ ଭାବେ ପାଳନ କରାଯାଉଛି।

ଭାରତ ସରକାର ୧୯୭୨ରେ ମହାବଳ ବାଘକୁ ଜାତୀୟ ପଶୁର ମାନ୍ୟତା ଦେଇଛନ୍ତି। ଏମାନେ ମୁଖ୍ୟତଃ ଭାରତ, ନେପାଳ, ବାଂଲାଦେଶ, ମ୍ୟାନମାର ଓ ଶ୍ରୀଲଙ୍କା ଆଦି ଦେଶରେ ଦେଖାଯାଆନ୍ତି। ଘଞ୍ଚ ଜଙ୍ଗଲ, ହେନ୍ତାଳ ବଣ, ବୁଦୁବୁଦୁକିଆ ଘାସ ଜଙ୍ଗଲ ଏମାନଙ୍କର ଚଳପ୍ରଚଳର ପ୍ରକୃଷ୍ଟ ସ୍ଥାନ। ଏସବୁ ସ୍ଥାନର ଅଭାବକୁ ଆଖି ଆଗରେ ରଖି ଭାରତ ସରକାର ୧୯୭୩ରେ ପ୍ରୋଜେକ୍ଟ ଟାଇଗରର ଶୁଭାରମ୍ଭ କରିଥିଲେ।

ବିଶ୍ୱସ୍ତରୀୟ ବ୍ୟାଘ୍ର ଗଣନା ଅନୁସାରେ, ଶତକଡ଼ା ୭୦ ବାଘ କେବଳ ଭାରତରେ ଅଛନ୍ତି। ୨୦୧୪ର ତଥ୍ୟ ଅନୁସାରେ ସାରା ବିଶ୍ୱରେ ଥିବା ୩,୮୯୦ ବାଘଙ୍କ ଭିତରୁ କେବଳ ଭାରତରେ ରହିଛନ୍ତି ୨୨୨୬। ୨୦୧୦ରେ ଏହି ସଂଖ୍ୟା ଥିଲା ୧୭୦୬। କର୍ଣ୍ଣାଟକରେ ୩୦୦, ମଧ୍ୟପ୍ରଦେଶରେ ୨୫୭, ଉତ୍ତରାଖଣ୍ଡରେ ୨୨୭, ମହାରାଷ୍ଟ୍ରରେ ୧୬୯, ତାମିଲନାଡୁରେ ୧୬୩, ଆସାମରେ ୧୪୩, ଆନ୍ଧ୍ରପ୍ରଦେଶରେ ୭୨, କେରଳରେ ୭୧ ଓ ରାଜସ୍ଥାନରେ ୩୬ଟି ବାଘ ଅଛନ୍ତି। ୨୦୧୮ରେ ବାଘଗଣନା କରାଯାଇଥିଲେ ବି ଏହାର ଅଧ୍ୟୟନ କରାଯାଉଥିବାରୁ ଏବେ ବାଘ ସଂଖ୍ୟା କେତେ ରହିଛି ସେ ତଥ୍ୟ ସାର୍ବଜନୀନ ହୋଇପାରିନି। ହେଲେ ୨୦୧୦ ତୁଳନାରେ ୨୦୧୪ରେ ବାଘଙ୍କ ସଂଖ୍ୟା ବଢିଥିଲା। ବାଘ ଗଣନା ପାଇଁ ଠିକ୍ ପଦ୍ଧତିରେ ସର୍ଭେ ତଥା ଉନ୍ନତମାନର ଯନ୍ତ୍ରପାତି, ଟ୍ରାପ୍ କ୍ୟାମେରା ଆଦି ବ୍ୟବହାର ଫଳରେ ବାଘ ସଂଖ୍ୟା ଗଣନା ପ୍ରାୟତଃ ତ୍ରୁଟିଶୂନ୍ୟ ରହୁଛି। ଆମ ରାଜ୍ୟରେ ମଧ୍ୟ ୬୦ରୁ

## ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ଉପଲକ୍ଷେ

ଅଧିକ ମହାବଳ ବାଘ ଥିବା ତଥ୍ୟରୁ ଜଣାପଡ଼େ। ଶିମିଳିପାଳ ଜାତୀୟ ଅଭୟାରଣ୍ୟ, ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ସହିତ ସୁନ୍ଦରଗଡ଼ର ହେମଗିରି, ସମ୍ବଲପୁରର ଦେବ୍ରୀଗଡ଼ ଓ ନୂଆପଡାର ସୁନାବେଡା ଅଭୟାରଣ୍ୟରେ ମଧ୍ୟ ବାଘ ଅଛନ୍ତି।

ବାଘସଂଖ୍ୟା ହ୍ରାସ ପାଇବାର ପ୍ରମୁଖ କାରଣ ହେଉଛି ବେଆଇନ ଶିକାର ତଥା ଅନ୍ତର୍ଜାତୀୟ ବଜାରରେ କାରବାର- ବାଘ ଶରୀରର ପ୍ରତିଟି ଅଂଶର ଚାହିଦା ଥିବାରୁ ବେଆଇନ ଶିକାର ଦିନକୁ ଦିନ ବଢିବାରେ ଲାଗିଛି। ବାଘ ନିଶଠାରୁ ଆରମ୍ଭ କରି ଏହାର ଲାଞ୍ଜ ପର୍ଯ୍ୟନ୍ତ ପ୍ରତିଟି ଅଙ୍ଗ ଔଷଧ ତିଆରିରେ ଲାଗୁଥିବାରୁ ତଥା ଅନ୍ତର୍ଜାତୀୟ ବଜାରରେ ଏସବୁର ଦାମ୍ ବହୁତ ଅଧିକ ଥିବାରୁ ବାଘ ଶିକାର ବଢିବାରେ ଲାଗିଛି। ଜଙ୍ଗଲ ମାଫିଆ, ଶିକାରୀ ଓ ବନ କର୍ମଚାରୀଙ୍କ ମଧୁଚନ୍ଦ୍ରିକା ବାଘ ପାଇଁ ମୃତ୍ୟୁର ବାଟ ଖୋଲି ଦେଇଛି। କେନ୍ଦ୍ର ଜଙ୍ଗଲ ମନ୍ତ୍ରଣାଳୟର ତଥ୍ୟ ଅନୁସାରେ, ୨୦୧୨ରୁ ୨୦୧୭ ମଧ୍ୟରେ ଦେଶରେ ସବୁଠାରୁ ଅଧିକ ଅର୍ଥାତ୍ ୪୫ ପ୍ରତିଶତ ବାଘଙ୍କ ମୃତ୍ୟୁ ହୋଇଛି। ସେଥିମଧ୍ୟରୁ ୩୭ ପ୍ରତିଶତ ବାଘଙ୍କୁ ଶିକାର କରାଯାଇଛି। ଅନ୍ୟ ବାଘ ମୃତ୍ୟୁ ରାସ୍ତା ଓ ଟ୍ରେନ୍ ଦୁର୍ଘଟଣାଜନିତ।

ବାଘର ଘର ଜଙ୍ଗଲ ନଷ୍ଟ ହେବା ବାଘସଂଖ୍ୟା କମିବାର ଆଉ ଏକ ବଡ଼ କାରଣ। ଚାଷ, କାଠ, ଭିତ୍ତିଭୂମି ନିର୍ମାଣ ପାଇଁ ଅନେକ ସମୟରେ ଜଙ୍ଗଲ କାଟି ସଫା କରାଯାଉଛି। ଏହି କାରଣରୁ ୯୩ ପ୍ରତିଶତ ବାଘଙ୍କ ବାସସ୍ଥଳୀ ଏବେ ବିପଦରେ। ଜଙ୍ଗଲ ନଷ୍ଟ ହେବାରୁ ବାଘ ଜନବସତି ଆଡ଼କୁ ଆସୁଛନ୍ତି। ଫଳରେ ଅନେକ ସମୟରେ ବାଘ-ମଣିଷ ସଂଘର୍ଷ ଦେଖିବାକୁ ମିଳୁଛି। କେତେବେଳେ ମଣିଷ ମରୁଛି, ଆଉ କେତେ ବେଳେ ବାଘ ମରୁଛି। ଜଳବାୟୁ ପରିବର୍ତ୍ତନ ଓ ପାରିବେଶିକ ଅସନ୍ତୁଳନ କାରଣରୁ ସମୁଦ୍ର ପତ୍ତନ ବଢିବାରେ ଲାଗିଛି। ଫଳରେ ଏକଦା ବାଘଙ୍କ ନିରାପଦ ଆଶ୍ରୟସ୍ଥଳୀ ଥିବା ପଶ୍ଚିମବଙ୍ଗର ସୁନ୍ଦରବନ ଏବେ ବିପଦରେ।

ତେବେ ଏସବୁ କାରଣ ସତ୍ତ୍ୱେ ଭାରତରେ ବାଘସଂଖ୍ୟା ବଢୁଛି, ଏହା ଏକ ଖୁସି ଖବର। ଅନେକ ରାଜ୍ୟରେ ନିଷ୍ଠାପର ବନ କର୍ମଚାରୀଙ୍କ ଉଦ୍ୟମ ଓ କଡ଼ା ପାଟ୍ରୋଲିଂ କାରଣରୁ ଶିକାରକୁ ଅନେକ ପରିମାଣରେ ରୋକାଯାଇପାରିଛି। ବାଘଙ୍କ ସୁରକ୍ଷା ପାଇଁ ସରକାରୀ ସ୍ତରରେ ମଧ୍ୟ ଢାଞ୍ଚାଗତ ପରିବର୍ତ୍ତନର ଆବଶ୍ୟକତା ରହିଛି। ପ୍ରୋଜେକ୍ଟ ଟାଇଗର ପରି ପ୍ରକଳ୍ପ କିଛିବର୍ଷ ହେଲା କେବଳ କାଗଜପତ୍ରରେ ଚାଲୁଥିବାରୁ ଏହାର ସମୀକ୍ଷା ହେବା ସହ ନୂଆ ଯୋଜନା ତିଆରି ହେବା ଦରକାର।

ଭୁବନେଶ୍ୱର, ମୋ- ୯୪୩୮୨୯୬୫୧୯

## ଏଇ ଭାରତରେ

ମାନବ ସେବା ହିଁ ମାଧବ ସେବା। ଏହାକୁ ନିଜ କାର୍ଯ୍ୟରେ ପ୍ରଦର୍ଶନ କରିଛନ୍ତି ଜଣେ ପୋଲିସ ଅଫିସର। ଶ୍ରାବଣରେ ଆରମ୍ଭ ହୋଇଯାଇଛି କାଉଡ଼ି ଯାତ୍ରା। ବିଶେଷ କରି ଉତ୍ତରପ୍ରଦେଶରେ କାଉଡିଆଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥାମାନ କରାଯାଇଛି। ଏମାନଙ୍କ ପାଇଁ ଖୋଲାଯାଇଥିବା ପ୍ରାକୃତିକ ଚିକିତ୍ସା ସେବା ଶିବିରର ଉଦ୍‌ଘାଟନ କରିବାକୁ ଶାମ୍‌ଲିର ଏସ୍‌ପି ଅଜୟ କୁମାରଙ୍କୁ ଡକାଯାଇଥିଲା। ସେ ସେଠାରେ ପହଞ୍ଚିବା ପରେ ଶିବିର ମଧ୍ୟରେ ଜଣେ କାଉଡିଆ ଅତ୍ୟନ୍ତ ଥକ୍କାହୋଇ ଶୋଇ ପଡ଼ିଥିବା ଦେଖି ଏସ୍‌ପି ନିଜ ହାତରେ କାଉଡିଆଙ୍କ ଗୋଡ ଚିପି ଦେଇଥିଲେ। ଜଣେ ପୋଲିସ ଅଫିସରଙ୍କ ଏହି କାର୍ଯ୍ୟକୁ ସଂକୀର୍ଣ୍ଣ ଦୃଷ୍ଟିରେ ଦେଖିବା ଠିକ୍ ନୁହେଁ ବୋଲି ସେ କହିଥିଲେ। ତାଙ୍କ ମତରେ ମାନବ ସେବା ହିଁ ପରମ ଧର୍ମ । ଏସ୍‌ପିଙ୍କ ଏହି କାମ ଏବେ ସବୁଠି ଆଲୋଚନାର ବିଷୟ ପାଲଟିଥିବାବେଳେ ସେ ସମୟର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ଜୁଲାଇ ୧୯୯୪

- ଭାରତ ଓ ଜର୍ମାନୀ ମଧ୍ୟରେ ଅର୍ଥନୈତିକ ସହଯୋଗ ନିମନ୍ତେ ଏକ ରାଜିନାମା ସ୍ୱାକ୍ଷରିତ।
- ବାଲୁଖଣ୍ଡ-କୋଣାର୍କ ଅଭୟାରଣ୍ୟର ସୀମା ହ୍ରାସ କରି ସେଠାରେ ପର୍ଯ୍ୟଟନର ବିକାଶ ପାଇଁ ସ୍ୱତନ୍ତ୍ର ପର୍ଯ୍ୟଟନ ପ୍ରକଳ୍ପ ସ୍ଥାପନ ନିମନ୍ତେ ବିଧାନସଭାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆସିଥିବା ଏକ ପ୍ରସ୍ତାବକୁ ପ୍ରତ୍ୟାହାର କରିନିଆଗଲା।

## ଚିରନ୍ତନୀ

ଯୁଗ ଯୁଗ ଧରି ଗଢ଼ା ସଭ୍ୟତାର ପ୍ରାସାଦ ମହତ
ମୁହୂର୍ତ୍ତେ ପାର ଯେ କରି ରେଣୁ ସଙ୍ଗେ ସବୁ ପରିଣତ।
ଧ୍ୱଂସର ଦୁନ୍ଦୁଭି ବାଇ କବଳିତ କରି କୋଟି ପ୍ରାଣ
ଝଞ୍ଜା ଯୁଦ୍ଧ ଭୂମିକମ୍ପ ରୂପେ କରି ଜିହ୍ୱା ଲେଲିହାନ।
(ଜଡ଼-ଦର୍ଶନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସାପ୍ତାହିକ ପଞ୍ଜିକା

ଜୁଲାଇ ୨୧- ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଲୋକପ୍ରିୟ କଂଗ୍ରେସ ନେତା ଶୀଲା ଦୀକ୍ଷିତଙ୍କ ପରଲୋକ।

୨୨- ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଭାରତର ଚନ୍ଦ୍ରଯାନ-୨ର ସଫଳ ଉତ୍‌କ୍ଷେପଣ।

୨୩- ଆସ୍ଥା ଭୋଟରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ କୁମାରସ୍ୱାମୀଙ୍କ ପରାଜୟ। ବ୍ରିଟେନର ପୂର୍ବତନ ବହିର୍ବ୍ୟାପାର ସଚିବ ବୋରିସ ୟେଲ୍‌ସିନ ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହୋଇଛନ୍ତି।

୨୪- ପାଟକୁରା ବିଧାନସଭା ନିର୍ବାଚନରେ ବିଜେଡି ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ରଙ୍କଠାରୁ ପ୍ରାୟ ୧୮୦୦୦ ଭୋଟ ଅଧିକ ପାଇ ଜିତିଛନ୍ତି।

୨୫- ଭଣ୍ଡବାବା ସାରଥି ଓରଫ ସନ୍ତୋଷ ରାଉଳ ଚାରିବର୍ଷ ଜେଲରେ ରହିବା ପରେ ଜାମିନରେ ମୁକୁଳିଲେ।

## ଆମ ସମସ୍ୟା

### କାଳିଆ ଟଙ୍କା ମିଳିନାହିଁ

ମହାଶୟ,

କୃଷି ଓ କୃଷକ, ଭୂମିହୀନମାନଙ୍କୁ କାଳିଆ ଯୋଜନାରେ ଟଙ୍କା ମିଳିବା ଘୋଷଣା ହୋଇ କେବଳ ଭୂମିହୀନ ଓ ସ୍ୱଳ୍ପ ଭୂ-ମ୍ୟଧିକାରୀଙ୍କୁ ପ୍ରଥମ କିସ୍ତି ଟ.୫୦୦୦ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ମିଳିଥିଲା। ଆମ ଗାଁ ସତ୍ୟବାଦୀ ବ୍ଲକ ବିଦ୍ୟାଧରପୁର ଗ୍ରାମପଞ୍ଚାୟତ ଓ ଅନ୍ୟାନ୍ୟ ଗ୍ରାମର ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ପ୍ରଥମ କିସ୍ତି ଟଙ୍କା ଆସିନାହିଁ। ଲୋକେ ଆକାଉଣ୍ଟ ତନଖି କରିବାକୁ ବ୍ୟାଙ୍କରେ ଦିନ ଦିନ ଲମ୍ବା ଧାଡି କରୁଛନ୍ତି। ଅନେକ ବ୍ୟାଙ୍କରେ ବିଦ୍ୟୁତ୍ ନ ଥିବା ବେଳେ ଜେନେରେଟର କରେଣ୍ଟରେ କମ୍ପ୍ୟୁଟର ଲିଙ୍କ୍ ଫେଲ୍ ହେବା ପ୍ରମୁଖ କାରଣ। ସରକାର ଏହା କେବେ ମିଳିବ ସେନେଇ ଘୋଷଣା କରିବା ସହିତ ଏସ୍‌ଏମ୍‌ଏସ୍ ଦ୍ୱାରା ଜନସାଧାରଣଙ୍କୁ ଜଣାଇବାକୁ ଦାବି ହେଉଛି।

ଶ୍ରୀରାମଚନ୍ଦ୍ର ଦାଶ, ଦୁଃଶାସନ ପ୍ରଧାନ, ପ୍ରାଣକୃଷ୍ଣ ମହାରଣା, ଗଦାଧର ପଣ୍ଡା,
ବିଦ୍ୟାଧରପୁର, ସତ୍ୟବାଦୀ, ପୁରୀ

### ରାସ୍ତାକାମ କେବେ ସମ୍ପୂର୍ଣ୍ଣ ହେବ

ଭଦ୍ରକ ଅଧୀନ ସାବରଙ୍ଗ ପଞ୍ଚାୟତ ୬ ନମ୍ବର ୱାର୍ଡର ଆପ୍ରୋଚ ରାସ୍ତାଟି ଭଦ୍ରକ-ବାସୁଦେବପୁର ମୁଖ୍ୟ ରାସ୍ତା ସହିତ ଯେଉଁଠି ସଂଲଗ୍ନ ହୋଇଛି- ସେଇଠି କେବଳ ୫୦ ଫୁଟ ପର୍ଯ୍ୟନ୍ତ ରାସ୍ତା ମରାମତି ହୋଇଛି। ଅବଶିଷ୍ଟ କାମ ଅଟକି ରହିଛି। ପଞ୍ଚାୟତ ଅଫିସକୁ ଲାଗି ଏହି ରାସ୍ତାଟି ଗାଁ ଭିତରକୁ ଯାଇଛି। ଦୀପତଳ ଅନ୍ଧାର ଭଳି ପଞ୍ଚାୟତ ଅଫିସ ସାମ୍ନା ଖାଲଖମାରେ ପରିପୂର୍ଣ୍ଣ। ଗେଟି ସବୁ ଉପରକୁ ବାହାରିପଡିଛି। ରାସ୍ତାରେ ଯାତାୟାତ କରୁଥିବା ପଥଚାରୀମାନେ ଝୁଣ୍ଟି ଲହୁଲୁହାଣ ହେଉଛନ୍ତି। ବର୍ଷା ହେଲେ ଖାଲରେ ପାଣି ଜମି ରହୁଥିବାରୁ ଯାନବାହନ ଗଲାବେଳେ କାଦୁଅ ପାଣି ସବୁ ପଥଚାରୀଙ୍କ ଉପରେ ଛିଟିକି ପଡୁଛି। ଯଥାଶୀଘ୍ର ଏହି ଅବଶିଷ୍ଟ ରାସ୍ତା କାମକୁ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଲାଗି ସାଧାରଣରେ ଦାବି ହେଉଛି।

ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | A | | 9 | | | | | | | | 0 | |
| | | 0 | | 4 | 2 | 6 | | | | 7 | 8 | | | 5 |
| | | C | | D | 3 | | | | 5 | | | 7 | 9 | |
| | 2 | | 8 | | 6 | 7 | | | E | | D | B | | |
| 5 | A | 8 | | | | 4 | | | | 1 | C | 3 | | 2 |
| | | 2 | | | C | D | | | | 3 | | 4 | E | 0 |
| B | E | | | | | | | | C | | 2 | 8 | A | |
| | | | 4 | A | | 5 | B | 7 | 8 | | | | | |
| | | | 6 | 3 | | A | | | | | | | 1 | |
| D | 9 | | | | 7 | | | | | | | | | C |
| | D | | | | | 0 | | | | | | | B | |
| | 5 | E | | | 4 | | 7 | | | 8 | | | | 3 |
| | | | | | | | C | | | | A | 0 | | |
| 6 | 0 | 4 | | | | E | | | 9 | | | | | |
| | | A | 9 | E | | | 5 | | | | | | D | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | B | 2 | C | 3 | E | D | 6 | 8 | 9 | A | 5 | 1 | 4 | 7 |
| 6 | 7 | 3 | A | 8 | 5 | 0 | 4 | 1 | D | B | 2 | C | E | 9 |
| 5 | 9 | 1 | B | 6 | 4 | A | C | E | 7 | 0 | 3 | D | 2 | 8 |
| D | A | E | 9 | 1 | 7 | 5 | B | 2 | C | 8 | 4 | 6 | 3 | 0 |
| C | 8 | 4 | 0 | D | 2 | 3 | 9 | 7 | E | 1 | 6 | A | B | 5 |
| 1 | 4 | B | 7 | 2 | 9 | C | E | 3 | 6 | 5 | 8 | 0 | D | A |
| 3 | D | 7 | 8 | 5 | 1 | 6 | A | B | 0 | E | 9 | 4 | C | 2 |
| 8 | C | 6 | 4 | 0 | 3 | 7 | 5 | D | 1 | 2 | A | B | 9 | E |
| 2 | 5 | 0 | E | C | A | 9 | 1 | 4 | 3 | D | B | 8 | 7 | 6 |
| 9 | E | A | 6 | B | D | 2 | 8 | 0 | 4 | 7 | C | 3 | 5 | 1 |
| 7 | 6 | 5 | 3 | 9 | B | 8 | D | A | 2 | 4 | 0 | E | 1 | C |
| B | 1 | 8 | 2 | A | 6 | E | 3 | C | 5 | 9 | D | 7 | 0 | 4 |
| E | 3 | D | 5 | 4 | C | 1 | 0 | 9 | 8 | 6 | 7 | 2 | A | B |
| A | 0 | C | 1 | 7 | 8 | 4 | 2 | 5 | B | 3 | E | 9 | 6 | D |
| 4 | 2 | 9 | D | E | 0 | B | 7 | 6 | A | C | 1 | 5 | 8 | 3 |

ଗତକାଲିର ଉତ୍ତର


ଉତ୍ତରାଖଣ୍ଡର ତେହରି ଜିଲାରେ ରବିବାର ଅପରାହ୍ଣରେ ଭୂସ୍ଖଳନ ଯୋଗୁ ୪ କାଉଡ଼ିଆଙ୍କ ମୃତ୍ୟୁ ଘଟିଛି। ସେମାନେ ଗଙ୍ଗାନଦୀରୁ ପାଣି ଉଠାଇ ଗଙ୍ଗୋତ୍ରୀ-ଋଷିକେଶ ଜାତୀୟ ରାଜପଥରେ ଏକ ଟାଟା ସୁମୋରେ ଆସୁଥିବାବେଳେ ବାଗରଧାର ପାଖରେ ଏହି ଦୁର୍ଘଟଣା ଘଟିଥିଲା।

## ସଂକ୍ଷେପରେ

### ୧ରୁ ଖୋଲିବ ଭିତରକନିକା

**ରାଜନଗର, ୨୮।୭(ଡି.ଏନ.ଏ.):** କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକରେ ଥିବା ଭିତରକନିକା ଜାତୀୟ ଉଦ୍ୟାନ ଅଗଷ୍ଟ ୧ ତାରିଖ ଠାରୁ ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଖୋଲିବ। କୁମ୍ଭୀର ପ୍ରଜନନ ଋତୁ ପାଇଁ ଏହି ଜାତୀୟ ଉଦ୍ୟାନ ମେ ୧ ତାରିଖରୁ ଜୁଲାଇ ୩୧ ତାରିଖ ଯାଏଁ ବନ୍ଦ ରଖାଯାଇଛି। ବଉଳା କୁମ୍ଭୀରମାନେ ପ୍ରଜନନ ସମୟରେ ଅଧିକ ହିଂସ୍ର ହେବା ସହ ଆକ୍ରମଣ କରିବାର ଆଶଙ୍କା ରହିଥାଏ। ଏହାକୁ ଦୃଷ୍ଟିରେ ରଖି ପର୍ଯ୍ୟଟକଙ୍କ ପାଇଁ ଭିତରକନିକା ବନ୍ଦ ରଖାଯାଇଛି। ଚଳିତବର୍ଷ ପ୍ରଜନନ ଋତୁରେ କେବଳ କନିକା ରେଞ୍ଜରେ ବଉଳା କୁମ୍ଭୀର ୯୨ଟି ବସା କରି ଅଣ୍ଡା ଦେଇଥିବା ଜଣାପଡ଼ିଛି।

### ଜୟପାଲଙ୍କ ବିୟୋଗରେ ଶ୍ରୀକାନ୍ତଙ୍କ ଶୋକ

**ଭୁବନେଶ୍ୱର, ୨୮।୭(ବ୍ୟୁରୋ):** ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୟପାଲ ରେଡ୍ଡୀଙ୍କର ରବିବାର ପରଲୋକ ହୋଇଛି। ତାଙ୍କ ବିୟୋଗରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଶୋକ ପ୍ରକାଶ କରିଛନ୍ତି। ନିଜ ଶୋକବାର୍ତ୍ତାରେ ଶ୍ରୀକାନ୍ତ କହିଛନ୍ତି ଯେ, ଜୀବନବ୍ୟାପୀ ଜୟପାଲ ସାଧାରଣ ଲୋକଙ୍କ ସମସ୍ୟା ସହ ଜଡ଼ିତ ହୋଇଛନ୍ତି। ଏଥିସହିତ ତାହାର ସମାଧାନ ପାଇଁ ଉଭୟ ରାଜ୍ୟ ଏବଂ ଜାତୀୟସ୍ତରୀୟ ପ୍ରଶାସନରେ ତାଙ୍କ ଅବଦାନ ଚିରସ୍ମରଣୀୟ। ସ୍ୱର୍ଗତ ରେଡ୍ଡୀଙ୍କ କର୍ତ୍ତବ୍ୟ ପରାୟଣତା, ଉତ୍ସର୍ଗୀକୃତ ମନୋଭାବ ଅନ୍ୟମାନଙ୍କ ପାଇଁ ଉଦାହରଣ। ତାଙ୍କ ବିୟୋଗ କେବଳ ଆନ୍ଧ୍ରପ୍ରଦେଶ ନୁହେଁ, ସମଗ୍ର ଦେଶର ରାଜନୀତିରେ ଏକ ଶୂନ୍ୟସ୍ଥାନ ପୂରଣ କରିବା ସହ ଶୋକ ଆଣିଦେଇଛି।

#### ଆଇସିଏସ୍‌ଇ ରାଜ୍ୟସ୍ତରୀୟ ହକି, ସୁଇମିଂ ପ୍ରତିଯୋଗିତା

### ହକିରେ ରାଉରକେଲା ଜୋନ୍ ଚାମ୍ପିୟନ

#### ସୁଇମିଂରେ ଦେବାଶିଷ, ରୂପେଶ, ଡି. କୌର ସୋଧିଙ୍କ ସଫଳତା

**ସମ୍ବଲପୁର, ୨୮।୭(ବ୍ୟୁରୋ):** ଆଇସିଏସ୍‌ଇ ରାଜ୍ୟସ୍ତରୀୟ ହକି ଓ ସୁଇମିଂ ପ୍ରତିଯୋଗିତା ରବିବାର ସେଣ୍ଟ ଜନ୍ ସ୍କୁଲ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ହକିରେ ରାଉରକେଲା ଜୋନ୍ ଚାମ୍ପିୟନ ଓ ଭୁବନେଶ୍ୱର ରନର୍ସଅପ୍ ଟ୍ରଫି ହାସଲ କରିଛି। ସେହିପରି ବଲାଙ୍ଗୀର ଜୋନ୍‌ର ସେଣ୍ଟ ଜନ୍ ସ୍କୁଲ ତୃତୀୟ ସ୍ଥାନ ହାସଲ କରିଛି। ଡା. ଝସକେତନ ସାହୁ ସନ୍ତରଣାଗାରରେ ସୁଇମିଂ ପ୍ରତିଯୋଗିତା ହୋଇଥିଲା। ୧୪ ବର୍ଷରୁ କମ୍ ବାଳକ ବର୍ଗରେ ସେଣ୍ଟ ଜନ୍ ସ୍କୁଲର ଦେବାଶିଷ ଦାସ ଚାମ୍ପିୟନ ଓ ରୋହନ ଡାଲିମା ରନର୍ସଅପ୍ ହୋଇଛନ୍ତି। ୧୭ ବର୍ଷରୁ କମ୍ ବାଳକ ବର୍ଗରେ ସେଣ୍ଟ ଜନ ସ୍କୁଲର ରୂପେଶ ଲାମା ଚାମ୍ପିୟନ ଓ ରାଉରକେଲା ଜୋନ୍‌ର ପୀୟୂଷ କୁମାର ସାହୁ ରନର୍ସଅପ୍ ହୋଇଛନ୍ତି। ୧୭ ବର୍ଷରୁ କମ୍ ବାଳିକା ବର୍ଗରେ ଡି. କୌର ସୋଧି ଚାମ୍ପିୟନ ଟ୍ରଫି ହାସଲ କରିଛନ୍ତି। ସେଣ୍ଟ ଜନ ସ୍କୁଲ ଅଧକ୍ଷ ଫାଦର ଅନିଲ କୁଜୁରଙ୍କ ଅଧକ୍ଷତାରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା। ବୁର୍ଲା କ୍ରୀଡ଼ା ଅଧିକାରୀ ଉପେନ୍ଦ୍ର ଶତପଥୀ ମୁଖ୍ୟଅତିଥି, କ୍ରୀଡ଼ା ସଂଗଠକ ଭି. ତିର୍କୀ, ରୋଟାରି ହକି ଏକାଡେମୀ ପ୍ରଶିକ୍ଷକ ଜିତେନ୍ଦ୍ର ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ନାଗେଶ୍ୱର ଟପ୍ପୋ, ସୁଶିଲ ତିର୍କୀ ହକି ମ୍ୟାଚ୍ ପରିଚାଳନା କରିଥିଲେ। ରବିବାର ଏକ୍କା, ଅଜିତ ତିର୍କୀ, ଇ. ତିର୍କୀ, ସି. ତିର୍କୀ, କ୍ଷୀରୋଦ ସ୍ୱାଇଁ ଟେକ୍ନିକାଲ ଟେବୁଲ ଦାୟିତ୍ୱ ତୁଲାଇଥିଲେ। ସେହିପରି ପ୍ରଶିକ୍ଷକ ଆଶୁତୋଷ ନାୟକ, ଲକ୍ଷ୍ମୀ ଚନ୍ଦ୍ର ମହାକୁଡ଼ ସୁଇମିଂ ଇଭେଣ୍ଟ ପରିଚାଳନା କରିଥିଲେ। ସସ୍ମିତା ପଟ୍ଟନାୟକ ଓ ଗୌତମ ପଟେଲଙ୍କ ସଂଯୋଜନାରେ ଉତ୍ସବ ହୋଇଥିଲା। ଏଥିରେ ବଲାଙ୍ଗୀର, ଭୁବନେଶ୍ୱର, ରାଉରକେଲା ଜୋନ୍‌ର ଛାତ୍ରୀଛାତ୍ର ଭାଗ ନେଇଥିଲେ।

#### ଢାବାରେ ନାବାଳକଙ୍କ ମୃତଦେହ ମିଳିବା ଘଟଣା

# ଏଚ୍‌ଆର୍‌ପିସି ଟିମ୍‌ର ତଦନ୍ତ ଆରମ୍ଭ

**ବାଲିଆପାଳ, ୨୮।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାଲିଆପାଳ ଇଡ୍‌କୋ ଛକସ୍ଥିତ ରାଜଧାନୀ ଢାବାରେ ନାବାଳକଙ୍କ ମୃତଦେହ ଉଦ୍ଧାର ଘଟଣାରେ ରବିବାର ମାନବାଧିକାର ସୁରକ୍ଷା କମିଶନ (ଏଚଆରପିସି) ଟିମ୍ ତଦନ୍ତ ଆରମ୍ଭ କରିଛନ୍ତି । ଟିମ୍‌ର ମୁଖ୍ୟ ଭାବେ ଅତିରିକ୍ତ ଏସ୍‌ପି ସତ୍ୟନାରାୟଣ ଦାସଙ୍କ ନେତୃତ୍ୱରେ ୫ଜଣିଆ ଟିମ୍ ବାଲିଆପାଳରେ ପହଞ୍ଚି ସ୍ଥାନୀୟ ପୋଲିସ ସହାୟତାରେ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଲୋକଙ୍କୁ ପଚରାଉଚୁରା କରିଥିଲେ। ହତ୍ୟାକାଣ୍ଡର ବିଭିନ୍ନ ପ୍ରମାଣ, ଆନ୍ଦୋଳନରେ ସମ୍ପୃକ୍ତ ଲୋକ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଢାବା ମାଲିକ ସାହାବଦ୍ଦିନ ଶାହାଙ୍କ କଟୁଆପାଡାସ୍ଥିତ ବାସଗୃହ, ଜାମକୁଣ୍ଡା ଛକ, ପାରୁଳିଆ ଛକ, ବ୍ଲକ ଛକର ବିଭିନ୍ନ ଦୋକାନୀ ଓ ସାଧାରଣ ଲୋକଙ୍କୁ ସେମାନେ ପଚାରି ବିଭିନ୍ନ ତଥ୍ୟ ସଂଗ୍ରହ କରିଥିଲେ। ଏପରିକି ରାଜଧାନୀ ଢାବା ପାଖ ବାସିନ୍ଦାଙ୍କୁ ପଚାରିବା ସହିତ ବିଭିନ୍ନ ବର୍ଗର ଲୋକଙ୍କୁ ଭେଟି ଘଟଣା ବିଷୟରେ ବହୁ ତଥ୍ୟ ସଂଗ୍ରହ କରିଥିଲେ। ଟିମ୍ ମୃତ ନାବାଳକ ବିଜୟ ଦଳାଇଙ୍କ ଉଲୁଡାସ୍ଥିତ ଘରକୁ ଯାଇ ପରିବାର ଲୋକଙ୍କୁ ଭେଟିଥିଲେ। ବାଲିଆପାଳରେ ତଦନ୍ତ ଶେଷ ହେବା ପରେ ଏକ ରିପୋର୍ଟ ଏଚ୍‌ଆରପିସି କମିଶନରଙ୍କୁ ଦିଆଯିବ। ବ୍ୟବଚ୍ଛେଦ ରିପୋର୍ଟକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଇଛି ବୋଲି ଟିମ୍ ପକ୍ଷରୁ କୁହାଯାଇଛି। ଏହି ଟିମ୍‌ରେ ଡିଏସ୍‌ପି ରଣଜିତ ନାୟକ, ଏସ୍‌ଆଇ ପର୍ଶୁରାମ ପାଇକରାୟ, କନଷ୍ଟେବଲ ସଦାନନ୍ଦ କଅଁର ପ୍ରମୁଖ ରହିଛନ୍ତି। ତେବେ ବାଲିଆପାଳ ଥାନା ପକ୍ଷରୁ ନୂଆ ଆଇଆଇସି ରଣଜିତ୍ ସାହୁ ଓ ଥାନାର ସବୁ ପୋଲିସ ସହଯୋଗ କରିଥିଲେ।

୨୬ ତାରିଖରେ ରାଜଧାନୀ ଢାବାର ନାବାଳକ ବିଜୟ ଦଳାଇଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ତାଙ୍କୁ ହତ୍ୟା କରି ଆତ୍ମହତ୍ୟା ରୂପ ଦିଆଯାଉଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ତାଙ୍କ ପରିବାର ଓ ସ୍ଥାନୀୟ ଲୋକ ରାସ୍ତାରୋକୋ କରିଥିଲେ। ଆନ୍ଦୋଳନକାରୀଙ୍କୁ ଥାନା ଆଇଆଇସି ଏହା ଏକ ଆତ୍ମହତ୍ୟା ଘଟଣା ବୋଲି କହିବାରୁ ଲଙ୍କାକାଣ୍ଡ ଘଟିଥିଲା । ଉତ୍ତ୍ୟକ୍ତ ଲୋକମାନେ ଆଇଆଇସି ପ୍ରଭୁକଲ୍ୟାଣ ଅଚାର୍ଯ୍ୟଙ୍କୁ ଗୋଡାଇ ପିଟିବା ସହିତ ଢାବାରେ ନିଆଁ ଲଗାଇ ଦେଇଥିଲେ। ଜିଲା ଏସ୍‌ପି ବି. ଯୁଗଳକିଶୋର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଆନ୍ଦୋଳନକାରୀମାନେ ଢାବା ମାଲିକ କଟୁଆପଡା ବାସଭବନକୁ ଯାଇ ସେଠାରେ ମଧ୍ୟ ନିଆଁ ଲଗାଇ ଦେଇଥିଲେ। ଶନିବାର ମୃତଦେହ ଉଲୁଡାରେ ପହଞ୍ଚିବା ପରେ ସେଠାରେ ମଧ୍ୟ ପରିବାର ଲୋକ ଓ ସ୍ଥାନୀୟ ଲୋକ ଆମ୍ବୁଲାନ୍ସ, ୨ ପୋଲିସ କର୍ମଚାରୀଙ୍କୁ ଅଟକାଇ ରାସ୍ତାରୋକୋ କରିଥିଲେ। ତେବେ ଜିଲାପାଳଙ୍କ ନିର୍ଦ୍ଦେଶରେ ଭୋଗରାଇ ତହସିଲଦାର ସମ୍ବିତ ନା ୟକ ଓ ଏସ୍‌ଡିପିଓ ସେମାନଙ୍କର ଦାବି ପୂରଣ କରାଯିବ ବୋଲି କହିବାରୁ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା । ଘଟଣାର ସମ୍ପୃକ୍ତ ଥିବା ସନ୍ଦେହରେ ଢାବାରେ କାମ କରୁଥିବା ୨ କର୍ମଚାରୀଙ୍କୁ ଥାନାରେ ଅଟକ ରଖାଯାଇଛି। ରବିବାର ମଧ୍ୟ ବାଲିଆପାଳରେ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଣ୍ଡିଆ କାହାର ଘଇତା ନୁହେଁ କି**
**ଦାରୀ କାହାର ମାଇପ ନୁହେଁ ।**

ପତ୍ନୀ ଏକ ପବିତ୍ରତା ନାରୀ ପରନ୍ତୁ ଦାରୀ ବା ବିଟପୀ ନାରୀର ପତି ଅନେକ ଓ କ୍ଷଣିକ। ସେ କେବେ ଗୋଟିଏ ପତିରେ ସନ୍ତୁଷ୍ଟ ହୋଇପାରି ନ ଥାଏ। ସେହିପରି ଗଣ୍ଡିଆ ବା କୃପଣ ସ୍ୱଭାବର ବ୍ୟକ୍ତି ହାତରୁ ପଇସାଟିଏ ମଧ୍ୟ ଛାଡ଼ିବାକୁ ଉଚିତ ମଣି ନ ଥାଏ। ଫଳସ୍ୱରୂପ ସେ ନିଜ ସ୍ତ୍ରୀର ଭଲମନ୍ଦ ବୁଝିବାରେ ଅବହେଳା କରିଥାଏ। ଏପରିସ୍ଥଳେ ତା' ପାଖରେ ରହିବାକୁ କେହି ଇଚ୍ଛା କରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଗଲାଣି ତ କାଳକ**
**ଆଉ ଅଛି ଫାଳକ ।**

ଜୀବନ ଯେମିତି ବିତୁଛି ବିତିଚାଲୁ । ଏମିତିରେ ତ ବେଳକାଳ ବିତିଗଲାଣି। ଯୁଗ ସରିଆସିଲାଣି ; ଆଉ କେତେକାଳ ଅଛି ଯେ ସେ ପାଇଁ କେତେ ଚିନ୍ତା ! ଜୀବନ ଶୈଳୀରେ କୌଣସି ପରିବର୍ତ୍ତନ ଆଣିବା ପାଇଁ ଅନିଚ୍ଛା। ଜୀବନର ଅବଶିଷ୍ଟ ସମୟ ଏମିତିରେ କଟିଯିବ ବୋଲି ଆଶା କରି ବସି ରହିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ

# 'କଶ୍ମୀରରେ ସଫଳ ହେବେନି ପ୍ରତିରୋଧକାରୀ'

**ନୂଆଦିଲ୍ଲୀ, ୨୮।୭(ପି.ଟି.)**


ମନ୍ କୀ ବାତ୍

ଜମ୍ମୁ-କଶ୍ମୀରରେ ଘୃଣାର ପ୍ରସାର ଏବଂ ବିକାଶମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ଲାଗି ଉଦ୍ୟମ କରୁଥିବା ପ୍ରତିରୋଧକାରୀ ଶକ୍ତି କଦାପି ସଫଳ ହେବେ ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କର ଲୋକପ୍ରିୟ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ କହିଛନ୍ତି। ଗୁଳି ଓ ବୋମାଠାରୁ ବିକାଶର ଶକ୍ତି ଅଧିକ ମଜଭୁତ ଯାହା ନିକଟରେ ପ୍ରମାଣିତ ହୋଇଛି। ଜୁନ୍‌ରେ ଅନୁଷ୍ଠିତ 'ଗାଁକୁ ଫେରିଚାଲ' କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଗ୍ରାମବାସୀ ଭାଗନେଇଥିଲେ। ବିକାଶର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ କଶ୍ମୀରବାସୀ କେତେ ଆଗ୍ରହୀ ତାହା ଏଥିରୁ ସ୍ପଷ୍ଟ ହୋଇଥିବା ପ୍ରଧାନମନ୍ତ୍ରୀ ସୂଚାଇଛନ୍ତି। ଜମ୍ମୁ-କଶ୍ମୀରର ସୀମାନ୍ତ ଅଞ୍ଚଳ ସମେତ ୪୫୦୦ ପଞ୍ଚାୟତର ଲୋକମାନଙ୍କ ଘରେ ବରିଷ୍ଠ ଅଧିକାରୀମାନେ ପହଞ୍ଚିଥିଲେ ବୋଲି ମୋଦି କହିଛନ୍ତି।

ଆଗାମୀ ସ୍ୱାଧୀନତା ଦିବସକୁ ସ୍ୱତନ୍ତ୍ର ଭାବେ ମନାଇବା ଏବଂ ଏହି ଉତ୍ସବରେ ବହୁସଂଖ୍ୟାରେ ସାମିଲ ହେବା ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଚନ୍ଦ୍ରୟାନ-୨ ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଥିଲେ, ସେ ଏଥିରୁ ଦୁଇଟି ବଡ଼ ଶିକ୍ଷା ଲାଭ କରିଛନ୍ତି। ତାହା ହେଲା ବିଶ୍ୱାସ ଓ ନିର୍ଭୀକତା। ଆମେ ଆମର ପ୍ରତିଭା ଓ ସାମର୍ଥ୍ୟ ଉପରେ ବିଶ୍ୱାସ ରଖିବା ଉଚିତ ଯାହା ଇସ୍ରୋର ବୈଜ୍ଞାନିକମାନେ ଚନ୍ଦ୍ରୟାନ-୨ର ବୈଷୟିକ ତ୍ରୁଟିକୁ ଖୁବ୍ କମ୍ ସମୟ ମଧ୍ୟରେ ସମାଧାନ କରି ଦେଖାଇଛନ୍ତି। ଚନ୍ଦ୍ରୟାନକୁ ନେଇ ଏକ କୁଇଜ୍ ପ୍ରତିଯୋଗିତା କରାଯିବ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ। ଏହାର ବିଜେତାମାନେ ସେପ୍ଟେମ୍ବର ମାସରେ ଶ୍ରୀହରିକୋଟା ଯାଇ ଚନ୍ଦ୍ରରେ ଉକ୍ତ ମହାକାଶ ଯାନ ଅବତରଣ ଦୃଶ୍ୟ ଦେଖିବାର ସୁଯୋଗ ପାଇବେ। ଚନ୍ଦ୍ର ଅଭିଯାନ ସମ୍ପୂର୍ଣ୍ଣ ସ୍ୱଦେଶୀ ମିଶନ। ଏହା ଦେଶର ଯୁବପିଢ଼ିଙ୍କୁ ବିଜ୍ଞାନ ଓ ନବପ୍ରବର୍ତ୍ତନ ପ୍ରତି ଅନୁପ୍ରାଣିତ କରିବ।

# ମାନେକ୍‌ଶା ଚରିତ୍ରରେ ଭିକି କୌଶଳ



**ମୁମ୍ବାଇ:** ଅଭିନେତା ଭିକି କୌଶଳ ଫିଲ୍ଡ ମାର୍ଶାଲ ସାମ୍ ମାନେକ୍‌ଶାଙ୍କ ଜୀବନୀ ଭିତ୍ତିକ ଚଳଚ୍ଚିତ୍ରରେ ଅଭିନୟ କରିବାକୁ ଯାଉଛନ୍ତି। ମେଘ୍‌ନା ଗୁଲଜାରଙ୍କ ଏହି ଫିଲ୍ମ ୨୦୨୧ରେ ନିର୍ମାଣ ହେବ। ଭାରତର ପ୍ରଥମ ଫିଲ୍ଡ ମାର୍ଶାଲଙ୍କ ବାୟୋପିକ୍‌ରେ ଭିକି ଅଭିନୟ କରିବାକୁ ଯାଉଥିବାରୁ ସେ ନିଜକୁ ଖୁବ୍ ଗୌରବାନ୍ୱିତ ମନେକରନ୍ତି। ଏ ସମ୍ପର୍କରେ ଭିକି କହନ୍ତି, ମାନେକ୍‌ଶା ଭାରତର ଜଣେ କିମ୍ବଦନ୍ତୀ ପୁରୁଷ। ତାଙ୍କ ବାୟୋପିକ୍‌ରେ ଅଭିନୟ କରିବାର ସୁଯୋଗ ପାଇଥିବାରୁ ଏହା ତାଙ୍କ ପାଇଁ ଉଚ୍ଚ ସମ୍ମାନ ବୋଲି ସେ ପ୍ରକାଶ କରିଛନ୍ତି। ଉକ୍ତ ଫିଲ୍ମ ପାଇଁ ସେ ଉତ୍ସାହିତ ଥିବା କହିଛନ୍ତି। ଏଥିସହିତ ଭିକି 'ସର୍ଦ୍ଦାର ଉଧମ ସିଂ' ଫିଲ୍ମ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଫିଲ୍ଡ ମାର୍ଶାଲ ମାନେକ୍‌ଶା ସାମ୍ ବାହାଦୁର ଭାବେ ବେଶ୍ ପରିଚିତ। ୧୯୧୪ ଏପ୍ରିଲ ୩ରେ ଅମୃତସରରେ ଜନ୍ମଗ୍ରହଣ କରିଥିବା ମାନେକଶ ଉଭୟ ଯୁଦ୍ଧକ୍ଷେତ୍ର ଏବଂ ବାହାରେ କେତୋଟି ଘଟଣାରେ ଅଚାନକ ମୃତ୍ୟୁଠୁ ରକ୍ଷା ପାଇଯାଇଥିଲେ। ସେ ୯୪ବର୍ଷ ବୟସରେ ୨୦୦୮ ଜୁନ୍ ୨୭ରେ ତାମିଲନାଡୁର ୱେଲିଂଟନ୍‌ରେ ମୃତ୍ୟୁବରଣ କରିଥିଲେ। ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧରେ ଫିଲ୍ଡ ମାର୍ଶାଲ ମାନେକ୍‌ଶା ଭାରତର ନେତୃତ୍ୱ ନେଇଥିଲେ। ଭିକିଙ୍କ ଶେଷ ଫିଲ୍ମ 'ଉରି: ଦି ସର୍ଜିକାଲ ଷ୍ଟ୍ରାଇକ୍' ବକ୍ସ ଅଫିସରେ ସଫଳତା ହାସଲ କରିଥିଲା। ସେ ମଧ୍ୟ ଶୁଜିତ ସରକାରଙ୍କ ନିର୍ଦ୍ଦେଶିତ 'ସର୍ଦ୍ଦାର ଉଧମ ସିଂ' ଫିଲ୍ମରେ ଦେଖିବାକୁ ମିଳିବେ।

# ଯବାନଙ୍କୁ ମିଳିବ ଏୟାର ଆମ୍ବୁଲାନ୍ସ ସେବା

**ନୂଆଦିଲ୍ଲୀ, ୨୮।୭(ପି.ଟି.)**

**ମାଓବାଦୀ ଦମନ ଅଭିଯାନ**

ମାଓବାଦୀ ଦମନ ଅଭିଯାନ ଏବଂ ପାର୍ବତ୍ୟାଞ୍ଚଳ ସୀମାରେ ନିୟୋଜିତ ଯବାନମାନଙ୍କ ଲାଗି ଏୟାର ଆମ୍ବୁଲାନ୍ସ ସେବାକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ସୀମା ସୁରକ୍ଷା ବଳର ଏମ୍‌ଆଇ-୧୭ ହେଲିକପ୍ଟର ଏୟାର ଆମ୍ବୁଲାନ୍ସ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିବ ଓ ତାହା ଝାଡ଼ଖଣ୍ଡ ରାଜଧାନୀ ରାଞ୍ଚିରେ ରହିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏଥିରେ ଡାକ୍ତର, ନର୍ସ ଓ ଅନ୍ୟାନ୍ୟ ମେଡିକାଲ କର୍ମଚାରୀମାନେ ଚବିଶ ଘଣ୍ଟା ପ୍ରସ୍ତୁତ ରହିବେ। ପ୍ରଥମ ଥର ଲାଗି କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ) ପାଇଁ ଏହି ସେବା ଆରମ୍ଭ ହୋଇଥିବା ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଉକ୍ତ ହେଲିକପ୍ଟରରେ ଷ୍ଟାବିଲାଇଜର, ଅକ୍ସିଜେନ୍ ସିଲିଣ୍ଡର ସମେତ ଡାକ୍ତରୀ ସରଞ୍ଜାମ ରହିବ। ଏହି ସେବା ଆହତ ଯବାନଙ୍କୁ ତ୍ୱରିତ ଚିକିତ୍ସା ଯୋଗାଇଦେବାରେ ସହାୟକ ହେବା ସହ ସେମାନଙ୍କ ମୂଲ୍ୟବାନ ଜୀବନ ବଞ୍ଚାଇପାରିବ ବୋଲି ଅଧିକାରୀ ଜଣକ କହିଛନ୍ତି।

**JAWAHAR NAVODAYA VIDYALAYA, PALJHAR, DIST.- BOUDH (ODISHA)**

**TENDER NOTICE 02/2019-20**

Sealed tenders are invited from the registered firms for supply of (1) Furniture, (2) Hiring of Vehicle, (3) Lab Items and (4) M&R Items to J.N.V., Paljhar, Boudh (O). The tender forms with other particulars and list of items can be obtained from the office of the Principal, J.N.V., Paljhar, Boudh (O) from 9.00AM to 4.00PM in all working days w.e.f. 29.07.2019 to 05.08.2019 on payment of Rs. 100/- for each unit. The tender papers can also be downloaded from Vidyalaya website www.jnvboudh.nic.in and its cost to be remitted in shape of Bank Draft i.f.o. Principal, J.N.V., Boudh along with the sealed tender or can be directly deposited in our SB A/C as mentioned in the tender paper. The sealed tender papers completed in all respect should only be deposited by 11.30AM of 06.08.2019. The vidyalaya purchase committee meeting will be held at 12.15PM on 06.08.2019 for finalisation of tender. The Chairman of the Commitee reserves the right to reject the tender in whole or in part without assigning any reason thereto.

Sd./- PRINCIPAL

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

FINANCE

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :- 201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
9658224556
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ 25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ କାମ ଆମର, ବିଶ୍ୱାସ ଆପଣଙ୍କର ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ସତ୍ୟମ୍ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍‌ଚର ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
SCO- 106, Second Floor, Vishal Tower, Cannaught Place, Delhi.

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
ଯୋଗାଯୋଗ ସଂ.
7491845997
7079574972
toofanfinance.in
New Ashok Nagar, East Delhi

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
କଂପାନୀ ବିରଲା ଡିଜିଟାଲ ଉପକରଣ ବସାଇ ଅଗ୍ରୀମ
90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
୨୦ ବର୍ଷର କୋଟ ଅଗ୍ରୀମେଣ୍ଟ
Plot No - 15/012, Devaraja Mohalla, Bangalore, Karnataka 570001
8929313996
7042350747

See Color Display Classified on every Tuesday & Friday

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର



ମନୁଷ୍ୟ ତିଆରି କରିବା ସମସ୍ତ ଶିକ୍ଷା ପ୍ରଣାଳୀର ଲକ୍ଷ୍ୟ ହେବା ଉଚିତ।
- ସ୍ୱାମୀ ବିବେକାନନ୍ଦ



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ରାଜ୍ୟସ୍ତରୀୟ ଅନୁସୂଚିତ ଜାତି ଓ ଜନଜାତି ପକ୍ଷରୁ ସ୍ୱାଭିମାନ ସମାବେଶ, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ ଲୋକେନ୍ଦ୍ର ବାହାଦୂର ଚାନ୍ଦଙ୍କ ତିନିଦିନିଆ ଓଡ଼ିଶା ଗସ୍ତ, ବିଜୁ ପଟ୍ଟନାୟକ ଏୟାରପୋର୍ଟ, ପୂର୍ବାହ୍ନ ୧୧ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଜ୍ଞାନବିଜ୍ଞାନ ମେଳା, ବିଦ୍ୟାଳୟ ପରିସର, ଜୟଦେବ ବିହାର, ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା।
- ସ୍ୱାଗତିକା ୩୯ତମ ଜାତୀୟସ୍ତରୀୟ ଶିଶୁ ଯୁବ ମହୋତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ସେବା ପ୍ରତିନିଧି ପକ୍ଷରୁ ମହିଳା ମଣ୍ଡଳ ଓ ପୁରୁଷଙ୍କ ମିଳିତ ଉଦ୍ୟମରେ ସଫେଇ କାର୍ଯ୍ୟକ୍ରମ, ଶ୍ରୀ ଲିଙ୍ଗରାଜ ମନ୍ଦିର, ସନ୍ଧ୍ୟା ୬ଟା।
- ରୁଦ୍ରାକ୍ଷ ଫାଉଣ୍ଡେଶନ ପକ୍ଷରୁ ୩ୟ ବର୍ଷଲୀ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ପିଲାଙ୍କ ସହ ନନ୍ଦନକାନନ ପାଳିବ ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ

**ବାରଙ୍ଗ,୨୮।୭(ଡି.ଏନ୍‌.ଏ.)-** ଜୁଲାଇ ୨୯ତାରିଖ ହେଉଛି ଆନ୍ତର୍ଜାତିକ ବ୍ୟାଘ୍ର ଦିବସ। ଏହି ଦିବସକୁ ଚତୁର୍ଥଥର ପାଇଁ ଜୀବଉଦ୍ୟାନ ନନ୍ଦନକାନନ ପାଳିବାକୁ ଯାଉଛି। ସୋମବାର ନନ୍ଦନକାନନ ବନ୍ଦ ରହୁଥିବାରୁ ଏଥର ପର୍ଯ୍ୟଟକମାନଙ୍କ ଦେଖାମିଳିବ ନାହିଁ। ତେଣୁ ବିଦ୍ୟାଳୟର ପିଲାମାନଙ୍କ ଗହଣରେ ଏହାକୁ ପାଳିବାକୁ ନନ୍ଦନକାନନ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ଆଖପାଖର ୬ଟି ବିଦ୍ୟାଳୟର ପିଲାମାନଙ୍କୁ ଏଥିରେ ସାମିଲ କରାଯିବ। ଏଥିନିମନ୍ତେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକମାନଙ୍କୁ ଅବଗତ କରାଯାଇଛି। ସୋମବାର ସକାଳ ୯ଟାରେ ପିଲାମାନଙ୍କୁ ନେଇ ଏକ କୁଇଜ ପ୍ରତିଯୋଗିତା ହେବ। ଏଥିରେ କୃତୀ ପିଲାଙ୍କୁ ପୁରସ୍କୃତ କରାଯିବ। ୧୦ଟାରେ କନ୍‌ଫରେନ୍ସ ହଲରେ ବ୍ୟାଘ୍ରଦିବସର ପାଳନ ଉପରେ ଆସିଥିବା ଅତିଥିମାନେ ମତବ୍ୟକ୍ତ କରିବା ସହ ପିଲାମାନଙ୍କୁ ସଚେତନତା କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଦାୟିତ୍ୱରେ ଥିବା ଏସିଏଫ ଅମୂଲ୍ୟ କୁମାର ପରିଡା କହିଛନ୍ତି।

### ସିଂହଦ୍ୱାର ସମ୍ମୁଖରେ ରବିବାରିଆ ସକାଳ

# ଆକର୍ଷଣ ସାଜିଲା ମାନବ ଶୃଙ୍ଖଳ ସ୍ୱସ୍ତିକ

ପୁରୀ ଅଫିସ, ୨୮।୭

ସିଂହଦ୍ୱାର ସମ୍ମୁଖରେ ରବିବାରିଆ ସକାଳ। ଝିପି ଝିପି ବର୍ଷା ସାଙ୍ଗକୁ ପ୍ରତ୍ୟୁଷରେ କୋହଲା ପାଗ ସମସ୍ତଙ୍କ ମନରେ ଭରି ଦେଇଥିଲା ଆଧ୍ୟାତ୍ମିକ ଭାବନା। ସିଂହଦ୍ୱାର ସମ୍ମୁଖରେ ଭଙ୍ଗା ଚାଲିଥିଲା ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ। ମହାପ୍ରଭୁଙ୍କ ମଙ୍ଗଳ ଆଳତି ତଥା ସକାଳ ଦର୍ଶନ ପାଇଁ ଆସୁଥିବା ଏବଂ ଦର୍ଶନ ସାରି ଫେରୁଥିବା ଶ୍ରଦ୍ଧାଳୁ ଘଡ଼ିଏ ଅଟକି ଯାଉଥିଲେ ବ୍ୟାରିକେଡ ଘେରା ଅଞ୍ଚଳରେ। ଭାବ ଭକ୍ତିର ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କୁ ଦେଇଥିଲା ନିଆରା ଅନୁଭୂତି। ନ ଥିଲା ଉଠାଦୋକାନୀଙ୍କ ପସରା କିମ୍ବା ବସି ନ ଥିଲେ ଭିକାରି। ବ୍ୟାରିକେଡିଂ ହୋଇଥିବା ସିଂହଦ୍ୱାର ସମ୍ମୁଖ ଅଞ୍ଚଳରେ ସକାଳୁ ଜମିଥିଲା ଆଧ୍ୟାତ୍ମିକଭରା ସାଂସ୍କୃତିକ କାର୍ଯ୍ୟକ୍ରମ। ବିବିଧ ନୃତ୍ୟ, ରଙ୍ଗୋଲି, ଝୋଟି ସାଙ୍ଗକୁ ନାମ ସଂକୀର୍ତ୍ତନ ଭକ୍ତଙ୍କୁ ଭାବରେ ବାନ୍ଧି ରଖିଥିଲା। ପ୍ରାତଃରୁ କିଏ ଯୋଗାଭ୍ୟାସ କରୁଥିଲେ ତ ପୁଣି ଶୁଣିବାକୁ ମିଳୁଥିଲା ଚକୁଳିଆ ପଣ୍ଡାଙ୍କ ଗୀତ। କାନ୍ଧରେ ଝୁଲା ଆଉ ହାତରେ ତାଳପତ୍ର ଛତା ଓ ପିତ୍ତଳ ପାତ୍ର ଧରି ଚକୁଳିଆ ପଣ୍ଡା ବୁଲୁଥିଲେ ସିଂହଦ୍ୱାର ସମ୍ମୁଖରେ।

ସକାଳେ ଜିଲାପାଳ ବଲୱନ୍ତ ସିଂ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶାଳ ସିଂ, ଉପଜିଲାପାଳ ଭବତାରଣ ସାହୁ, ପୁରୀ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ, ପ୍ରବଚକ ସୂର୍ଯ୍ୟନାରାୟଣ ରଥଶର୍ମା ପ୍ରମୁଖ ସିଂହଦ୍ୱାର ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ପ୍ରତ୍ୟୁଷରେ ନାମ ସଂକୀର୍ତ୍ତନ ସହ ଶ୍ରୀମନ୍ଦିର ପରିକ୍ରମା କରାଯାଇଥିଲା। ପରେ ସିଂହଦ୍ୱାର ସମ୍ମୁଖରେ ଆରମ୍ଭ ହୋଇଥିଲା ବିଭିନ୍ନ ପ୍ରକାର ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ। ତେବେ ଏହି କାର୍ଯ୍ୟକ୍ରମ ମଧ୍ୟରେ ସବୁଠୁ ଆକର୍ଷଣ ସାଜିଥିଲା ମାନବ ଶୃଙ୍ଖଳର ସ୍ୱସ୍ତିକ। ମହାରାଷ୍ଟ୍ରରୁ ଆସିଥିବା ଶ୍ରୀସନ୍ଥ ଜନାର୍ଦ୍ଦନ ସ୍ୱାମୀ ସଂସ୍କାର ସଂସ୍ଥାର ଅନୁଗାମୀ (ମହିଳା ଓ ପୁରୁଷ)ମାନବ ଶୃଙ୍ଖଳରେ ସ୍ୱସ୍ତିକ କରିଥିଲେ। ଗେରୁଆ ଏବଂ ଧଳା ବସ୍ତ୍ର ପରିଧାନ କରିଥିବା ଏହି ଭକ୍ତଙ୍କ ସାମୂହିକ ଆଳତି ବେଶ୍ ଆକର୍ଷଣୀୟ ହୋଇଥିଲା। ଏହାବ୍ୟତୀତ ଓଡ଼ିଶା ଚାରୁ ଓ କାରୁ କଳା ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ପେଣ୍ଟିଂ କରିଥିଲେ। ବସନ୍ତ କୁମାର ପ୍ରଧାନଙ୍କ ଗୋଟିପୁଅ ନୃତ୍ୟ, ଗନ୍ଧର୍ବ ଭୋଳ ଓ ସହଦେବ ଦାଶଙ୍କ ଚକୁଳିଆ ପଣ୍ଡା ପରିବେଷଣ ବେଶ୍ ମନୋରମ ହୋଇଥିଲା। ଶ୍ରୀରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ, ମା' ପରାଶୁଣୀ ଠାକୁରାଣୀ ସଂକୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଭାରତ ଯୋଗ କେନ୍ଦ୍ର ଛାତ୍ରୀଛାତ୍ର ଯୋଗ, କୃଷ୍ଣମଣୀ ନୃତ୍ୟ କଳାପୀଠ ଓ କୁମାର ଭୀମସେନ ଗ୍ରୁପ୍ ଓଡ଼ିଶୀ ନୃତ୍ୟରେ ଦର୍ଶକ ମନ୍ତ୍ରମୁଗ୍ଧ ହୋଇଥିଲେ। ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ, ଶିକ୍ଷୟିତ୍ରୀ ଓ ଶିକ୍ଷକ ରଙ୍ଗୋଲି ଏବଂ ଝୋଟି ପକାଇଥିବା ଦେଖିବାକୁ ମିଳିଥିଲା। ଶୁଭ୍ରାଂଶୁ ଶେଖର ମହାପାତ୍ର ଜଗନ୍ନାଥ ସଂସ୍କୃତି ଉପରେ କୁଇଜ୍ କାର୍ଯ୍ୟକ୍ରମ କରିଥିବା ବେଳେ ଏଥିରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଭାଗ ନେଇ ପୁରସ୍କାର ହାତେଇଥିଲେ।

ଏ ସମ୍ପର୍କରେ ଜିଲାପାଳ ସିଂ, ଶ୍ରଦ୍ଧାଳୁମାନେ ଯେପରି ଶ୍ରୀମନ୍ଦିର ସମ୍ମୁଖରେ ଶାନ୍ତ ପରିବେଶରେ ବସି ମହାପ୍ରଭୁଙ୍କୁ ପ୍ରାର୍ଥନା କରିପାରିବେ ସେ ନେଇ ଏହାର ପରିକଳ୍ପନା କରାଯାଇଛି। ପ୍ରତ୍ୟହ ରବିବାର ସକାଳେ ହେବାକୁ ଥିବା ଏହି ଆଧ୍ୟାତ୍ମିକଭରା ସାଂସ୍କୃତିକ କାର୍ଯ୍ୟକ୍ରମ ନାମକରଣ ପାଇଁ ଶ୍ରୀମନ୍ଦିର ପରିଚାଳନା କମିଟିରେ ଆଲୋଚନା କରାଯିବ। ଏତଦ୍‌ବ୍ୟତୀତ ଗବେଷକଙ୍କ ମତାମତ ନିଆଯାଇ ଏହାର ନାମ ଦିଆଯିବ। ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ବିଜୟ କୁମାର ଜେନା କହିଛନ୍ତି, ଏହା ଏକ ଭଲ ପ୍ରୟାସ। ଏହାଦ୍ୱାରା ପୁରୀକୁ ଆସୁଥିବା ଦେଶ ବିଦେଶର ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକ ଓଡ଼ିଶାର ଐତିହ୍ୟ, ପରମ୍ପରା ଏବଂ କଳା ସଂସ୍କୃତି ବିଷୟରେ ଅବଗତ ହୋଇପାରିବେ। ଏତଦ୍‌ବ୍ୟତୀତ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ମଧ୍ୟ ହୋଇପାରିବ। ସମସ୍ତଙ୍କ ସହଯୋଗ ରହିଲେ ଏହା ବେଶ୍ ଆଦୃତ ଲାଭ କରିପାରିବ। ଏହି କାର୍ଯ୍ୟକ୍ରମରେ ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଡେପୁଟି କଲେକ୍ଟର ରାମଚନ୍ଦ୍ର ପଟ୍ଟନାୟକ ଓ ପ୍ରଳୟନନ୍ଦ ଶତପଥୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୁରୁବୀର ସିଂ ପ୍ରମୁଖ ସହଯୋଗ କରିଥିଲେ।



ଶ୍ରୀସନ୍ଥ ଜନାର୍ଦ୍ଦନ ସ୍ୱାମୀ ସଂସ୍କାର ସଂସ୍ଥାର ଅନୁଗାମୀଙ୍କ ଦ୍ୱାରା ସ୍ୱସ୍ତିକ ମାନବ ଶୃଙ୍ଖଳ।



ଉତ୍ସବରେ ଶିଳ୍ପୀଙ୍କ ଦ୍ୱାରା ଝୋଟି ଚିତ୍ର ପ୍ରଦର୍ଶନ।

- ଓଡ଼ିଶୀର ମୂର୍ଚ୍ଛନା ସାଙ୍ଗକୁ ଜମିଲା ଗୋଟିପୁଅ ନୃତ୍ୟ
- ଶୁଣିବାକୁ ମିଳିଲା ଚକୁଳିଆ ପଣ୍ଡା ଗୀତ



ହୋଲ୍‌ସେଲ ରାଖୀ ବ୍ୟବସାୟ ପାଇଁ ଜଟଣୀ ଚଳଚଞ୍ଚଳ

# ରୋଜ ଗୋଲ୍‌ଡ ରାଖୀ ଗ୍ରାହକଙ୍କୁ କରୁଛି ଆକର୍ଷିତ

ଜଟଣୀ,୨୮।୭(ଡି.ଏନ.ଏ.)

- ୫ରୁ ୫ ଶହ ଟଙ୍କା ପର୍ଯ୍ୟନ୍ତ ରହିଛି ରାଖୀ
- ଅଢ଼େଇରୁ ୩ କୋଟି ଟଙ୍କାର ହୁଏ ବ୍ୟବସାୟ

ଅଗଷ୍ଟ ୧୫ରେ ରାଖୀ ପୂର୍ଣ୍ଣିମା। ଏବେଠୁ ଆରମ୍ଭ ହେଲାଣି ଜଟଣୀରେ ରାଖୀ ବଜାର। ରକ୍ଷାବନ୍ଧନ ମୁଖ୍ୟତଃ ଭଉଣୀଭାଇଙ୍କ ମଧ୍ୟରେ ଗଭୀର ସମ୍ପର୍କର ସ୍ମାରକୀ ବୋଲି କୁହାଯାଏ। ଏହିଦିନ ଭଉଣୀ ଭାଇଙ୍କ ହାତରେ ରାଖୀ ବାନ୍ଧି ଜୀବନର ପ୍ରତିଟି କ୍ଷେତ୍ରରେ ସାହଚର୍ଯ୍ୟ ଲୋଡ଼ନ୍ତି। ଏହିଦିନ ଝୁଲଣ ଯାତ୍ରା, ଗହ୍ମାପର୍ବ ପାଳିତ ହୁଏ। ରକ୍ଷା ବନ୍ଧନ ପର୍ବ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆବାଳ ବୃଦ୍ଧବନିତା ଧନୀ, ଦରିଦ୍ର ସମସ୍ତଙ୍କର ଏକ ସାର୍ବଜନୀନ ପର୍ବ। ରାଖୀ ପୂର୍ଣ୍ଣମୀ ପାଇଁ ଏବେଠୁ ଜଟଣୀ ଚଳଚଞ୍ଚଳ ହୋଇଉଠିଛି। ରାଖୀ ବ୍ୟବସାୟ ମଧ୍ୟ ଜୋର୍‌ଧରିଛି। ବିଭିନ୍ନ ସିଜିନ ବ୍ୟବସାୟ ପାଇଁ ଜଟଣୀ ଅଞ୍ଚଳର ପ୍ରସିଦ୍ଧି ରହିଛି। ଦୀପାବଳିରେ ବାଣ, ହୋଲିରେ ରଙ୍ଗ, ନୂଆବର୍ଷରେ କ୍ୟାଲେଣ୍ଡର, ଡାଇରୀ ପରି ରାଖୀ ବ୍ୟବସାୟ ପାଇଁ ୭ରୁ ୮ ଜଣ ହୋଲସେଲ୍ ସିଜିନ ବ୍ୟବସାୟୀ ଆରମ୍ଭ କରିଛନ୍ତି। ହୋଲ୍‌ସେଲ ବ୍ୟବସାୟୀ ପ୍ରାୟ ଦେଢ଼ମାସ ହେବ ସେମାନଙ୍କର ବେପାର ଆରମ୍ଭ କରିସାରିଛନ୍ତି। ଏହି ସିଜିନ୍‌ରେ ପ୍ରାୟ ଅଢ଼େଇରୁ ୩ କୋଟି ଟଙ୍କାର ରାଖୀ ବ୍ୟବସାୟ ହୁଏ ବୋଲି ବ୍ୟବସାୟୀମାନେ କହିଛନ୍ତି। ରାଜ୍ୟର ବିଭିନ୍ନ ଜିଲାରୁ ରାଖୀ କ୍ରୟ କରିବା ପାଇଁ ରିଟେଲ୍ ବ୍ୟବସାୟୀମାନେ ଜଟଣୀ ଆସିଥାନ୍ତି। ହୋଲ୍‌ସେଲ ବ୍ୟବସାୟୀଙ୍କଠାରୁ ରାଖୀ କ୍ରୟ କରି ନିଜ ନିଜ ଅଞ୍ଚଳରେ ଦୋକାନ କରିଥାନ୍ତି। ହୋଲସେଲ୍ ବେପାର ସହ ସହର ଓ ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ଅସ୍ଥାୟୀ ଟେଣ୍ଟ ଟାଣି ଅନେକ ଯୁବକ ଏହି ଦୋକାନ ଖୋଲିଛନ୍ତି। ଏଠାରେ ଗ୍ରାହକଙ୍କ ଭିଡ଼ ମଧ୍ୟ ଜମିବାରେ ଲାଗିଲାଣି। ଦିଲ୍ଲୀ, କଲିକତା, ବମ୍ବେ, ଅହମଦାବାଦ, ରାୟପୁର, ରାଜକୋଟ, ବରୋଦା ଆଦି ସ୍ଥାନରୁ ବିଭିନ୍ନ ଡିଜାଇନ୍‌ର ରାଖୀ ଅଣାଯାଇଥାଏ ବୋଲି ହୋଲ୍‌ସେଲ ବ୍ୟବସାୟୀ ପ୍ରମୋଦ ଦାସ ଓ ଲଳିତ ବେବର୍ତ୍ତା କହିଛନ୍ତି। ଚଳିତବର୍ଷ ଅନେକ ନୂଆ ଡିଜାଇନ୍‌ର ରାଖୀ ଆସିଛି। ବିଭିନ୍ନ ଡିଜାଇନ୍ ମଧ୍ୟରେ ଷ୍ଟୋନ୍, ଲୁମ୍ବା, ଢ଼ାଗା, ଡୋରି ଆଦି ସହିତ ବିଭିନ୍ନ ଡିଜାଇନ୍‌ର ଫ୍ୟାନ୍‌ସି ରାଖୀ ମଧ୍ୟ ଦେଖିବାକୁ ମିଳିଛି। ସେହିପରି ନାନା ଡିଜାଇନ୍‌ର ରୋଜ ଗୋଲ୍‌ଡ ରଙ୍ଗର ରାଖୀ ଗ୍ରାହକଙ୍କୁ ବେଶ୍ ଆକର୍ଷିତ କରୁଛି। ଏହାଛଡ଼ା ଧାନ, ଅରୁଆ ଚାଉଳ, ଲବଙ୍ଗ, ଗୁଜୁରାତିରେ ପ୍ରସ୍ତୁତ ରାଖୀକୁ ଲୋକେ ପସନ୍ଦ କରୁଛନ୍ତି। ଛୋଟପିଲାଙ୍କୁ ଆକର୍ଷିତ କଲାଭଳି ବିଭିନ୍ନ ରଙ୍ଗର ଆଲୋକ ଦେଉଥିବା, ମ୍ୟୁଜିକ୍ ବାଜିବା, ବାହୁବଳୀ, ଛୋଟାଭୀମ୍, ମୋଟୁ ପତଲୁ ରାଖୀର ଚାହିଦା ମଧ୍ୟ ରହିଛି। ଲୋକଙ୍କର ଅଧିକ ପସନ୍ଦ ରହିଛି ଷ୍ଟୋନ୍ ରାଖୀ ରହିଥିବା ବେଳେ ଫେସ୍‌ବୁକ୍, ହ୍ୱାଟ୍‌ସଆପ୍ ନାମରେ ଆସିଥିବା ରାଖୀ ମଧ୍ୟ ଗ୍ରାହକ ପସନ୍ଦ କରୁଛନ୍ତି। ଏହାଛଡ଼ା ଥାଳି ରାଖୀ ମଧ୍ୟ ଲୋକଙ୍କ ମଧ୍ୟରେ ବେଶ୍ ଆଦୃତ ହେଉଛି। ୫ ରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ରାଖୀର ମୂଲ୍ୟ ରହିଥିବା ବ୍ୟବସାୟୀ ପ୍ରମୋଦ କହିଛନ୍ତି।

### ୯ମ ବିଶ୍ୱ ହେପାଟାଇଟେସ୍ ଦିବସ

# ଟିକା ନିଅ, ସୁସ୍ଥ ରୁହ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଭୁବନେଶ୍ୱର,୨୮।୭(ବ୍ୟୁରୋ)

କଳିଙ୍ଗ ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି ଫାଉଣ୍ଡେଶନ ପକ୍ଷରୁ ରବିବାର ସ୍ଥାନୀୟ ଏକ ହୋଟେଲରେ ୯ ତମ ବିଶ୍ୱ ହେପାଟାଇଟସ୍ ଦିବସ ଓ ୧୯ ତମ ବିଶ୍ୱ ହେପାଟାଇଟସ୍ ବି' ମୁକ୍ତ ଦିବସ ୨୦୧୯ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନର ଚେୟାରମ୍ୟାନ ପ୍ରଫେସର ଡା. ଶିବରାମ ପ୍ରସାଦ ସିଂଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ଇଣ୍ଡିଆନ ନ୍ୟାଶନାଲ ଆସୋସିଏଶନ ଫର ଷ୍ଟଡି ଅଫ ଦି ଲିଭର (ଆଇଏନ୍‌ଏଏସ୍‌ଏଲ)ର ସମ୍ପାଦକ ଡା. କୌଶଲ ମଦନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ହେପାଟାଇଟସ୍ ଟିକା ନେବା ନିହାତି ଆବଶ୍ୟକ। ଯଦି ଆମେ ହେପାଟାଇଟସ୍ ବି' ଟିକା ନ ନେବା ତେବେ ଭବିଷ୍ୟତରେ ବହୁ ରୋଗ ବ୍ୟାଧିର ସାମ୍ନା କରିବାକୁ ପଡ଼ିବ। ତେଣୁ ହେପାଟାଇଟସ୍ ବି' ଟିକା ନିଅ, ସୁସ୍ଥ ରୁହ ବୋଲି ଡା. କୌଶଲ ପରାମର୍ଶ ଦେଇଥିଲେ।

ସମାରୋହରେ ଅନ୍ତର୍ଜାତୀୟ ଅନୁଷ୍ଠାନ ଏସିଆ ହେପ ପ୍ରାଇଭେଟ ଲିମିଟେଡର ପ୍ରତିଷ୍ଠାତା ପ୍ରଫେସର ନାମ୍ବି ହ୍ୟାଙ୍ଗ ସମ୍ମାନିତ ଅତିଥି ଭାବେ ଯୋଗଦେଇ ହେପାଟାଇଟସ୍ ବି'ର ପ୍ରତିରୋଧ ଓ ନିରାକରଣ ଉପରେ ନିଜର ଅଭିଭାଷଣ ରଖିଥିଲେ। ଏହି ଅବସରରେ ଡ. ଭି. ଜି ମୋହନ ପ୍ରସାଦଙ୍କୁ କଳିଙ୍ଗ ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି ଫାଉଣ୍ଡେଶନ ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଡ. ସରୋଜ କୁମାର ନାୟକ ଯୋଗଦେଇ ଫାଉଣ୍ଡେଶନ ପକ୍ଷରୁ ପ୍ରକାଶିତ ସ୍ମରଣିକା 'ହେସି ବୁଲେଟିନ'କୁ ଉନ୍ମୋଚନ କରିଥିଲେ। ଏହା ବ୍ୟତୀତ ୧୫ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ହେପାଟାଇଟସ୍ ବି ସଚେତନତା ଚିତ୍ରକଳା ଲାଗି ପୁରସ୍କୃତ କରାଯାଇଥିଲା। ଉଲ୍ଲେଖଥାଉ କି, ୨୦୦୧ ଜୁଲାଇ ୨୮ରେ କଳିଙ୍ଗ ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି ଫାଉଣ୍ଡେଶନ ପକ୍ଷରୁ ପ୍ରଥମଥର ହେପାଟାଇଟସ୍ ବି' ମୁକ୍ତ ଦିବସ ପାଳନ କରାଯାଇଥିଲା ଓ ୨୦୧୦ରୁ ଏହାକୁ ବିଶ୍ୱ ହେପାଟାଇଟସ୍ ଦିବସ ଭାବେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚଓ) ଆରମ୍ଭ କରିଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ସୁନିଲ



ଲକ୍ଷ୍ମୀଧର



ବିଜୟ



ନୀହାର



ଅମୂଲ୍ୟ



ସନ୍ତୋଷ



ଗୀତାଞ୍ଜଳି



ଲକି



ସହାନୁଭୂତି ପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପହେଲେ ମଧ କେବେହେଲେ ବ୍ୟର୍ଥ ହୁଏ ନାହିଁ।
- ଈଶ୍ୱରଚନ୍ଦ୍ର ବିଦ୍ୟାସାଗର



## ସଂକ୍ଷେପରେ

### ଅପହୃତା ନାବାଳିକା ଉଦ୍ଧାର, ଅଭିଯୁକ୍ତ ଗିରଫ

**ବାଲିପାଟଣା,୨୮।୭(ଡି.ଏନ୍.ଏ.):** ବାଲିପାଟଣା ଥାନା ଅନ୍ତର୍ଗତ ବନମାଳୀପୁର ଅଞ୍ଚଳରୁ ଅପହରଣ ହୋଇଥିବା ନାବାଳିକାଙ୍କୁ ପୋଲିସ ରବିବାର ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ, ଉକ୍ତ ଅଞ୍ଚଳର ସେକ ସୂରଜ ଅଲ୍ଲୀ(୨୫)। ନାବାଳିକାଙ୍କ ବାପାଙ୍କ ଅଭିଯୋଗକ୍ରମେ ନଂ ୧୨୧/୧୯ରେ ଏକ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ନାବାଳିକାଙ୍କ ବାପା ଓ ସେକ ବନମାଳୀପୁର ଅଞ୍ଚଳରେ କାଠମିସ୍ତ୍ରି ଭାବେ କାମ କରୁଥିଲେ। ପରେ ସେକ ତାଙ୍କ ପରିବାରଙ୍କ ସହ ମିଶିଯାଇଥିଲେ। ପରେ ସେ ସୁଯୋଗରେ ତାଙ୍କ ଝିଅଙ୍କୁ ପ୍ରଲୋଭିତ କରି ଗତ ମାସରେ ନେଇ କେଉଁଆଡେ ଚାଲିଯାଇଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ବାପା ଜାଣିବାପରେ ଥାନାରେ ତାଙ୍କ ଝିଅକୁ ଅପହରଣ କରିନେଇଥିବା ନେଇ ଅଭିଯୋଗ କରିଥିଲେ। ପୋଲିସ ଏହାର ତଦନ୍ତ କରି ରବିବାର ବଡଗଡ଼ ପଦ୍ମପୁରରୁ ନାବାଳିକାକୁ ଉଦ୍ଧାର କରି ପରିବାର ଜିମା ଦେଇଛନ୍ତି।

### ପ୍ରଫେସର କ୍ଷେତ୍ରମୋହନ ସାହୁଙ୍କ ପରଲୋକ

**ଭୁବନେଶ୍ୱର,୨୮।୭(ବ୍ୟୁରୋ):** ଉତ୍କଳ ବିଶ୍ୱବିଦ୍ୟାଳୟ ପିଏମ୍‌ଆଇଆର୍ ବିଭାଗର ପୂର୍ବତନ ପ୍ରଫେସର ଡ. କ୍ଷେତ୍ରମୋହନ ସାହୁଙ୍କର ରବିବାର ପରଲୋକ ଘଟିଛି। ନିଜ ଘରର ଛାତ ଉପରେ ଫୁଲ ତୋଳୁଥିବାବେଳେ ହଠାତ୍ ହୃଦ୍‌ଘାତ ହେବାରୁ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଅଧାପକରୁ ରିଡର୍ ହେବାପରେ ୨୦୦୮ରୁ ସେ ପିଏମ୍‌ଆଇଆର୍ ବିଭାଗର ପ୍ରଫେସରଭାବେ କାର୍ଯ୍ୟ କରୁଥିଲେ। ସେ ୨ଟି ପୁସ୍ତକ ରଚନା କରିଥିବାବେଳେ ୨୫ରୁ ଊର୍ଦ୍ଧ୍ୱ ଜର୍ନାଲରେ ତାଙ୍କର ଗବେଷଣା ସନ୍ଦର୍ଭ ପ୍ରକାଶ ପାଇଛି। ଏଥିସହ ୟୁଜିସି ଏବଂ ୟୁପିଏସ୍‌ସି ପାଇଁ ସେ ପିଏମ୍‌ଆର୍‌ର ବିଶେଷଜ୍ଞଭାବେ ଦାୟିତ୍ୱ ତୁଲାଇଥିଲେ।

### ରୋଡ ଡିଭାଇଡର ଉପରକୁ ଚଢ଼ି ଓଲଟିଲା ଟ୍ରକ



**ବାଲିଅନ୍ତା,୨୮।୭(ଡି.ଏନ୍.ଏ.)-** ୧୬ନଂ ଜାତୀୟ ରାଜପଥ ଭୁବନେଶ୍ୱର-କଟକ ରାସ୍ତାର ବାଲିଅନ୍ତା ଥାନା ଅଧୀନ ରୁଦ୍ରପୁର ନିକଟରେ ଏକ କୁଣ୍ଡା ବୋଝେଇ ଟ୍ରକ (ଏପି ୦୫-ଟିବି ୧୧୨୫) ଶନିବାର ବିଳମ୍ବିତ ରାତିରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଗାଡ଼ିର ଡ୍ରାଇଭର ଓ ହେଲପର ଆହତ ହୋଇଥିଲେ। ଉଭୟଙ୍କୁ ଚିକିତ୍ସା ପାଇଁ ପିସିଆର୍ ଗାଡିରେ ହସ୍ପିଟାଲକୁ ନିଆଯାଇଥିଲା। ସୂଚନା ମୁତାବକ, ଏହି ଟ୍ରକଟି କୁଣ୍ଡା ଓ ପ୍ଲାଷ୍ଟିକ ଟ୍ରେ ବୋଝେଇ କରି କଟକରୁ ଆସୁଥିବାବେଳେ ଭାରସାମ୍ୟ ହରାଇ ରାସ୍ତା ମଝିରେ ଥିବା ଡିଭାଇଡର ଉପରକୁ ମାଡ଼ି ଯାଇଥିଲା। ପରେ ରାସ୍ତା ଉପରକୁ ଓଲଟି ପଡିଥିଲା। ରାସ୍ତା ଉପରେ କୁଣ୍ଡା ବିଛାଡି ହୋଇପଡିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ଖବରପାଇ ପାହାଲ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି କ୍ରେନ ଯୋଗେ ଟ୍ରକଟିକୁ ରାସ୍ତାରୁ ହଟାଇଥିଲେ।

# ଯନ୍ତ୍ରଣା ଦେଉଛି ଭୂତଳ ବିଦ୍ୟୁତ୍ କେବୁଲ କାମ



ଫଟୋ: ବିକାଶ ନାୟକ



### କାହିଁକି ଭୂତଳ ବିଦ୍ୟୁତ୍ କେବୁଲ ଯୋଜନା

ବାତ୍ୟା, କାଳବୈଶାଖୀ ଭଳି ପ୍ରାକୃତିକ ଦୁର୍ବିପାକ ସମୟରେ ବି ରାଜଧାନୀବାସୀଙ୍କୁ ୨୪ଘଣ୍ଟା ବିଦ୍ୟୁତ୍ ଯୋଗାଇବା ଲକ୍ଷ୍ୟ ରଖି ଭୂତଳ କେବୁଲ ଯୋଜନା କରାଯାଇଛି। ସେହିଭଳି ବିଦ୍ୟୁତ୍ ନଷ୍ଟ ଓ ଚୋରି ରୋକିବା ହେଉଛି ଅନ୍ୟ ଏକ ଉଦ୍ଦେଶ୍ୟ। ପୂରା ସହରରେ ୩୫୦ କିମି କେବୁଲ ବିଛା ଯିବାକୁ ଲକ୍ଷ୍ୟ ରଖାଯାଇ ୧୫ଶହ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ପ୍ରଥମେ ୪ଟି ରୁଟ୍ ଯଥା ଏୟାରପୋର୍ଟ ଛକରୁ ଆଚାର୍ଯ୍ୟ ବିହାର, ଏୟାରପୋର୍ଟ ଛକରୁ ନନ୍ଦନକାନନ, ଏକାମ୍ର ଛକରୁ ବାଣୀବିହାର ଓ ରବି ଟକିଜରୁ ରସୁଲଗଡ଼ ପର୍ଯ୍ୟନ୍ତ ଏହି କାମ ହେବା ପାଇଁ ଯୋଜନା ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ୩୫୦ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ରାଜ୍ୟ ସରକାରଙ୍କ ଶିଳ୍ପ ବିଭାଗ ଦ୍ୱାରା ଓପିଟିସିଏଲ୍‌କୁ ଏହି କାର୍ଯ୍ୟ ହସ୍ତାନ୍ତର କରାଯାଇଥିଲା। ୩୩ କେଭି ଓ ୧୧ କେଭି ତାର ଉପରେ ନ ଯାଇ ମାଟିତଳେ ନେବା ପାଇଁ ନିଷ୍ପତ୍ତି ହୋଇଥିଲା। ହେଲେ ବିଭାଗଗୁଡ଼ିକ ମଧ୍ୟରେ ତାଳମେଳ ଅଭାବ ଯୋଗୁ କାର୍ଯ୍ୟରେ ସେପରି ଅଗ୍ରଗତି ହୋଇପାରୁ ନ ଥିବା ଜଣାପଡ଼ିଛି।

**୧୮ ମାସ ବଦଳରେ ବିତିଲାଣି ୩ବର୍ଷ**

- ଚାରିଆଡ଼େ ଅଧା ଖୋଳା ରାସ୍ତା, ଯାତାୟାତରେ ସମସ୍ୟା
- ୨୦୧୬ ମାର୍ଚ୍ଚରୁ ଆରମ୍ଭ ହୋଇଥିଲା କାର୍ଯ୍ୟ
- ୨୦୨୦ ମଧ୍ୟରେ ସାରିବାକୁ ଲକ୍ଷ୍ୟ : ଓପିଟିସିଏଲ୍

ସ୍ମିତପ୍ରଜ୍ଞ ମିଶ୍ର
ଭୁବନେଶ୍ୱର, ୨୮।୭(ବ୍ୟୁରୋ)

ସ୍ମାର୍ଟସିଟି ଭୁବନେଶ୍ୱରରେ ଚାଲିଛି ଭୂତଳ ବିଦ୍ୟୁତ୍ କେବୁଲ ବିଛାଇବା କାମ। ତାରିଖ ପରେ ତାରିଖ ଗଡୁଥିଲେ ମଧ ସରିବାର ନାଁ ଧରୁନି। ୧୮ ମାସ ବଦଳରେ ବିତିଗଲାଣି ୩ବର୍ଷ। ହେଲେ କାର୍ଯ୍ୟ ସରୁ ନ ଥିବାରୁ ନାନା ସମସ୍ୟା ଭୋଗୁଛନ୍ତି ରାଜଧାନୀବାସୀ। କାମ ପାଇଁ ଚାରିଆଡ଼େ ରାସ୍ତା ଖୋଳି ଦିଆଯାଇଛି। ବିପଦର ଆଁ ଭଳି ରହିଛି ବଡ଼ ବଡ଼ ଗାତ। ଏଥିଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଥିବାବେଳେ ପ୍ରତିଦିନ ଯାତ୍ରୀମାନେ ହଟହଟା ହେଉଛନ୍ତି। ଅନେକ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। କାମ ଅତି ମନ୍ଥର ତଥା ମନଇଚ୍ଛା ହେଉଥିବା ଅଭିଯୋଗ ହେଉଛି। ଏବେକାର ସ୍ଥିତି ଯାହା, କାମ କେବେ ସରିବ ସେନେଇ ଏବେବି ଅନିଶ୍ଚିତତା ଦେଖାଦେଇଛି। ଫଳରେ ସହରବାସୀଙ୍କୁ ଆହୁରି ବହୁ ଦିନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ।

ମିଳିଥିବା ସୂଚନାନୁସାରେ, ୨୦୧୬ ମାର୍ଚ୍ଚରୁ ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେଶନ ଲିମିଟେଡ୍ (ଓପିଟିସିଏଲ୍) ପକ୍ଷରୁ ଭୂତଳ କେବୁଲ ବିଛା କାମ ଆରମ୍ଭ ହୋଇଥିଲା। ୧୮ମାସ ମଧ୍ୟରେ ସାରିବାକୁ ଲକ୍ଷ୍ୟ ରଖାଯାଇଥିଲା। ହେଲେ ଏପର୍ଯ୍ୟନ୍ତ କାର୍ଯ୍ୟ କାହିଁକି ସରୁନାହିଁ ତାହାକୁ ନେଇ ବିଧାନସଭାରେ ମଧ ପ୍ରଶ୍ନ ଉଠିଛି। ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ଏକ ପ୍ରଶ୍ନରେ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଛନ୍ତି, ଏସ୍‌ସିଆର୍‌ଆଇପିଏସ୍, ଆଇପିଡିଏସ୍ ଓ ଆର୍-ଏପିଡିଆର୍‌ପି ଯୋଜନାରେ ଭୂତଳ କେବୁଲ ମାଧ୍ୟମରେ ପର୍ଯ୍ୟାୟକ୍ରମେ ରାଜଧାନୀର ପ୍ରମୁଖ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ଲାଗି ବ୍ୟବସ୍ଥା କରାଯାଉଛି। ବର୍ତ୍ତମାନ ଭୁବନେଶ୍ୱରରେ ଏହି କାର୍ଯ୍ୟ ସରି ନ ଥିବାରୁ ପ୍ରତି ଅଞ୍ଚଳକୁ ଭୂତଳ କେବୁଲ ମାଧ୍ୟମରେ ବିଦ୍ୟୁତ୍ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଯୋଜନା ନାହିଁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଓପିଟିସିଏଲ୍ ଶକ୍ତି ବିଭାଗକୁ ଦେଇଥିବା ତଥ୍ୟରୁ ଜଣାପଡିଛି ଯେ, ଭୁବନେଶ୍ୱରରେ ପାଖାପାଖି ୧୦୦ କିମି ରାସ୍ତାରେ ଭୂତଳ କେବୁଲ ବିଛାଯାଉଛି। ଜନପଥ, ୟୁନିଟ-୫, କଟକ ରୋଡ୍, ବିଦ୍ୟୁତ୍ ମାର୍ଗ, ସଚିବାଳୟ ମାର୍ଗରେ ଏବେ ଏହି କାମ ଜାରି ରହିଛି। କାମ ନ ସରିବାର ବିଭିନ୍ନ କାରଣ ରହିଛି। ଅନ୍ୟ ବିଭାଗମାନଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟକୁ ଆଗକୁ ବଢାଯାଉଥିବାରୁ ବିଳମ୍ବ ହେଉଛି। ୨୦୨୦ ମଧ୍ୟରେ କାମ ସାରିବାକୁ ଉଦ୍ୟମ ଚାଲିଥିବା ଓପିଟିସିଏଲ ପକ୍ଷରୁ କୁହାଯାଇଛି। ସେହିପରି ପୁରୁଣା ଭୁବନେଶ୍ୱର ଓ ଚନ୍ଦ୍ରଶେଖରପୁରର କିଛି ଅଞ୍ଚଳରେ ଭୂତଳ କେବୁଲ୍ ବିଛା ବହୁ ପୂର୍ବରୁ ସରିଛି। ଏହାର ପରୀକ୍ଷାମୂଳକ ଭାବେ ଚାର୍ଜ କରାଯାଇଛି। କିନ୍ତୁ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟ ସରି ନ ଥିବାରୁ ଚାର୍ଜ କରାଯାଉ ନାହିଁ ବୋଲି ଓପିଟିସିଏଲ ରିପୋର୍ଟ ଦେଇଛି।

### ଜମି ଦେବା ନାଁରେ ଠକେଇ, ଜଣେ ଗିରଫ

**ପାତ୍ରପଡା ,୨୮।୭ (ଡି.ଏନ.ଏ.):** ଖଣ୍ଡଗିରି ଥାନା ପୋଲିସ ଜମି ଦେବା ନାଁରେ ଠକେଇ ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ରବିବାର ଗିରଫ କରିଛି। ସେ ହେଲେ ଚନ୍ଦ୍ରଶେଖରପୁର ଥାନା ଶୈଳଶ୍ରୀବିହାର ଅଞ୍ଚଳର କ୍ରୀଷ୍ଣାମୋହନ ରାଓ(୭୪)। ପୋଲିସ ସୂଚନା ଅନୁଯାୟୀ, ତମାଣ୍ଡୋ ଥାନା କଳିଙ୍ଗବିହାର କେ-୫ ଅଞ୍ଚଳରେ ରହୁଥିବା ରବୀନ୍ଦ୍ର ନାଥ ମିଶ୍ରଙ୍କୁ ଜାଗମରା ଅଞ୍ଚଳରେ ଏକ ପ୍ଲଟ ଯୋଗାଇଦେବା ଆଳରେ ରବୀନ୍ଦ୍ରଙ୍କଠାରୁ କ୍ରୀଷ୍ଣାମୋହନ ଲକ୍ଷାଧିକ ଟଙ୍କା ଅଗ୍ରିମ ଆକାରରେ ନେଇଥିଲେ। ପରବର୍ତ୍ତୀ ଅବସ୍ଥାରେ ଜମି ଯୋଗାଇ ନ ଦେବାରୁ ରବୀନ୍ଦ୍ର ବାରମ୍ବାର କ୍ରୀଷ୍ଣାମୋହନଙ୍କୁ ଯୋଗାଯୋଗ କରିବାରେ ସେ ବିଭିନ୍ନ ଆଳ ଦେଖାଇ ସମୟ ଗଡାଇ ଚାଲିଥିଲେ। ନିରୁପାୟ ହୋଇ ରବୀନ୍ଦ୍ର ଏ ନେଇ ଖଣ୍ଡଗିରି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏ ସଂକ୍ରାନ୍ତରେ ନଂ. ୫୮୮/୧୮ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ କ୍ରୀଷ୍ଣାମୋହନ ଫେରାର ହୋଇ ଯାଇଥିଲେ। ରବିବାର ବିଶ୍ୱସ୍ତ ସୂତ୍ରରୁ ଖବରପାଇ ପୋଲିସ କ୍ରୀଷ୍ଣାମୋହନଙ୍କୁ କଟକ ଜିଲା ଅଞ୍ଚଳରୁ ଗିରଫ କରିଥିଲା।

### ବୋହୂଙ୍କୁ ମାଡ଼ମାରି ଶ୍ୱଶୁର ଗିରଫ

**ବାଲିଅନ୍ତା,୨୮।୭(ଡି.ଏନ୍.ଏ.):** ଘରୋଇ କଳହକୁ ନେଇ ବୋହୂଙ୍କୁ ଗାଳିଗୁଲଜ ସହ ମାଡ଼ମାରିବା ଅଭିଯୋଗରେ ବାଲିଅନ୍ତା ପୋଲିସ ରବିବାର ଶ୍ୱଶୁରଙ୍କୁ ଗିରଫ କରିଛି। ସେ ହେଲେ ଭିଙ୍ଗାରପୁର ଜ୍ୟୋତିଷ ସାହିର ରଘୁନାଥ ସେନାପତି(୫୮)। ଶନିବାର ଛାତ ଉପରେ ଲୁଗା ଶୁଖାଇବାକୁ ନେଇ ବୋହୂ ବାସନ୍ତି ଓ ଶ୍ୱଶୁର ରଘୁନାଥଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଶ୍ୱଶୁର ଉତ୍ୟକ୍ତ ହୋଇ ବୋହୂଙ୍କୁ ମାଡ଼ ମାରିଥିଲେ। ଅଭିଯୋଗ ପରେ ନଂ ୧୮୩/୧୯ରେ ମାମଲା ରୁଜୁ କରି ପଦକ୍ଷେପ ଗ୍ରହଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଏସଆଇ ତୃପ୍ତିମୟୀ ରାଉତ କହିଛନ୍ତି।

# ଢାଙ୍କୁଣୀ ନ ପକାଇ ବାଉଁଶ ବାନ୍ଧିଲା ବିଏମ୍‌ସି

ଭୁବନେଶ୍ୱର,୨୮।୭(ବ୍ୟୁରୋ)

ଜୟଦେବ ବିହାର ଭିଲ୍ଲା ଛକ ନିକଟ ଡ୍ରେନ୍‌ରେ ଗୁରୁବାର ଭାସିଯାଇ ସାଲିଆସାହି ଆଦିବାସୀ ଗାଁର ଟି. ଆକାମ୍ମାଙ୍କ ମୃତ୍ୟୁ ଘଟିଥିଲା। ପରେ ଢାଙ୍କୁଣୀ ନ ଥିବା ଖୋଲା ଡ୍ରେନକୁ ସିଲ୍ କରାଯାଇଛି। ଡ୍ରେନର ଚତୁଃପାର୍ଶ୍ୱରେ ସିମେଣ୍ଟ କଂକ୍ରେଟ ସ୍ଲାବ ଓ ଢାଙ୍କୁଣୀ ନ ପକାଇ ବାଉଁଶ ବନ୍ଧା ଯାଇଛି। ନୂଆ କରି ନିର୍ମିତ ହୋଇଥିବା କଲଭର୍ଟର ଦୁଇପାର୍ଶ୍ୱ ରାସ୍ତାକୁ କଲଭର୍ଟର ଉଚ୍ଚତା ସହ ସମାନ କରାଯାଇଛି। ଏହି ରାସ୍ତାକୁ ଯାତାୟାତ କରିବା ଭଳି ହୋଇଛି। ଗୁରୁବାର ଘଟିଥିବା ଦୁର୍ଘଟଣା ପରେ ବିଏମ୍‌ସିର ଚେତା ଉଦୟ ହୋଇଛି। ଉକ୍ତ ଡ୍ରେନକୁ ଶୀଘ୍ର ସିଲ କରିବା ଲାଗି ବିଧାୟକ ସୁଶାନ୍ତ ରାଉତ ବିଏମ୍‌ସି କମିଶନରଙ୍କ ସହ ଆଲୋଚନା କରିବା ପରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରାଥମିକ ଭାବେ ଦୁର୍ଘଟଣାରୁ ରକ୍ଷା ପାଇବା ଲାଗି ବିଏମ୍‌ସି ପକ୍ଷରୁ ଏ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଡ୍ରେନେଜ୍ ଇଞ୍ଜିନିୟର ପ୍ରଦୀପ ସାଗର ଦୁରିଆ କହିଛନ୍ତି। ତେବେ ଏ ପରିପ୍ରେକ୍ଷୀରେ ଶନିବାର ବିଏମ୍‌ସିର କେତେଜଣ ଅଧିକାରୀଙ୍କ ସହ ସାଲିଆସାହିରେ ଥିବା ୫ଟି ୱାର୍ଡର ୱାର୍ଡ ଅଫିସର ଉକ୍ତ ସ୍ଥାନକୁ ଗସ୍ତ କରିବା ସହ ଆବଶ୍ୟକ କାର୍ଯ୍ୟର ରିପୋର୍ଟ ଉପରୋକ୍ତ ରିପୋର୍ଟ ଦେଇଥିଲେ। ରିପୋର୍ଟ ପ୍ରଦାନ କରିବା ପରେ ବିଏମ୍‌ସି ପକ୍ଷରୁ ସେଠାରେ ପ୍ରଥମେ ବାଉଁଶ ବନ୍ଧା ଯାଇ ଯାତାୟାତ ନ କରିବା ଲାଗି ପ୍ରତିବନ୍ଧକ ଲଗାଯାଇଛି।

ଆଉ ଯେପରି ଅନ୍ୟ କେଉଁଠି ଦୁର୍ଘଟଣା ନ ଘଟିବ, ସେଥିପ୍ରତି ବିଏମ୍‌ସି ପକ୍ଷରୁ ଧ୍ୟାନ ଦିଆଯିବା ସହ ଏବେ ସହରର ପ୍ରତ୍ୟେକ ଡ୍ରେନରେ ସ୍ଲାବ ବା ଢାଙ୍କୁଣୀ ପଡ଼ିବ ବୋଲି ପ୍ରକାଶ ପାଇଛି। ଏଥିପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଖୋଲା ଡ୍ରେନ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରିଛି। ସିଟି ଇଞ୍ଜିନିୟର ଦେବ ସୁନ୍ଦର ମହାପାତ୍ର, ଡ୍ରେନେଜ ବିଭାଗୀୟ ଇଞ୍ଜିନିୟର ଦୁରିଆଙ୍କ ନେତୃତ୍ୱରେ ଏ ନେଇ କାର୍ଯ୍ୟ ଜାରି ରହିଛି ବୋଲି ବିଏମ୍‌ସିର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସ୍ଲାବ ପଡ଼ିବା ଲାଗି କେତେ କ'ଣ ଖର୍ଚ୍ଚ ହେବ ସେନେଇ କିଛି ଆକଳନ କରାଯାଇ ନ ଥିବା ବେଳେ ସହରର କେତେ କିମି ଡ୍ରେନରେ ସ୍ଲାବ ପଡ଼ିବ ଜଣାପଡ଼ିବା ପରେ ବ୍ୟୟ ବରାଦ ସ୍ଥିର କରାଯିବ ବୋଲି ଉକ୍ତ ଅଧିକାରୀ ଜଣକ କହିଛନ୍ତି।

**ଭିଲ୍ଲା ଛକ ଖୋଲା ଡ୍ରେନରେ ଭାସି ବୃଦ୍ଧାଙ୍କ ମୃତ୍ୟୁ ଘଟଣା**



ଉଲ୍ଲେଖଥାଉ କି, ବିଏମ୍‌ସିର ଖାମଖିଆଲ ମନୋଭାବ ପାଇଁ ଗତ ଗୁରୁବାର ସାଲିଆସାହିରେ ବୃଦ୍ଧା ଟି. ଆକାମ୍ମାଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଭିଲ୍ଲା ଛକରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇବା ସହ ଲୋକେ ରାସ୍ତାରୋକୋ କରିଥିଲେ। ପରେ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୨ଲକ୍ଷ ଓ ସ୍ଥାନୀୟ ବିଧାୟକ ଏକ ଲକ୍ଷ ୧୦ହଜାର ଟଙ୍କାର ସହାୟତା ପ୍ରଦାନ କରିଥିଲେ।



# ଚକ୍ରନାରାୟଣଙ୍କ ଚାରି ଆଶ୍ରମ ପରିକ୍ରମା

ପୁରୀ ଅଫିସ, ୨୮।୭

ଶ୍ରାବଣ କୃଷ୍ଣପକ୍ଷ ଏକାଦଶୀକୁ ଚକ୍ରବୁଲା ଏକାଦଶୀ କୁହାଯାଏ। ରବିବାର ଏହି ଚକ୍ରବୁଲା ଏକାଦଶୀରେ ପରମ୍ପରା ଅନୁଯାୟୀ, ଚକ୍ରନାରାୟଣ ଶ୍ରୀକ୍ଷେତ୍ରର ୪ ଆଶ୍ରମ ପରିକ୍ରମା କରିଛନ୍ତି। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ଦଇତାପତି ସେବକମାନେ ମହାପ୍ରଭୁ ଧାରଣ କରୁଥିବା ସୁବର୍ଣ୍ଣ ଚକ୍ରକୁ ଆଣି ବିମାନରେ ବିଜେ କରାଇଥିଲେ। ବିମାନବଡୁ ସେବକମାନେ ବଡ଼ଦେଉଳକୁ ଗୋଟିଏ ଘେରା ପରିକ୍ରମା କରି ଚକ୍ରନାରାୟଣଙ୍କୁ ମାର୍କଣ୍ଡ, ଅଙ୍ଗିରା, ଭୃଗୁ ଏବଂ ପଣ୍ଡୁ ଆଶ୍ରମ ପରିକ୍ରମା କରାଇଥିଲେ। ପ୍ରତି ଆଶ୍ରମରେ ଶୀତଳ ଭୋଗ, ବନ୍ଦାପନା ଇତ୍ୟାଦି ନୀତିକାନ୍ତି ସାରି ପୁନଶ୍ଚ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ବାଟରେ ମଧ ବିଭିନ୍ନ ସ୍ଥାନରେ ଚକ୍ରନାରାୟଣ ପନ୍ତି ଖାଇଥିଲେ। ଲୋକକଥା ଅନୁଯାୟୀ, ରଥଯାତ୍ରା ପରେ ପରେ ଶ୍ରୀକ୍ଷେତ୍ରରେ ଶାନ୍ତି ପ୍ରତିଷ୍ଠା ପାଇଁ ଏବଂ ଦୁଷ୍ଟ ଗ୍ରହମାନଙ୍କର ନିରାକରଣ ଲାଗି ସ୍ୱୟଂ ଚକ୍ରରାଜ ୪ ଆଶ୍ରମ ସମେତ ଶ୍ରୀକ୍ଷେତ୍ର ପରିକ୍ରମା କରିଥାନ୍ତି। ଶ୍ରୀକ୍ଷେତ୍ର ଶୁଦ୍ଧି ଏହାର ମୂଳ ଲକ୍ଷ୍ୟ।

## ଫଟୋରେ ଖବର




ଭୁବନେଶ୍ୱର ରବୀନ୍ଦ୍ରମଣ୍ଡପଠାରେ ଅଲିଶା ଫାଉଣ୍ଡେଶନ ପକ୍ଷରୁ ରବିବାର ଆୟୋଜିତ ଜାତୀୟ ମାତା-ପିତା ଦିବସ ପାଳନ ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।



ରାଜଧାନୀ ଭୁବନେଶ୍ୱରରେ ରବିବାର ଦିନରେ ହୋଇଥିବା ବର୍ଷା ସମୟର ଦୃଶ୍ୟ।



ଭୁବନେଶ୍ୱର ବିଜୁ ନାଟ୍ୟ କେନ୍ଦ୍ରଠାରେ ରବିବାର ଶତାବ୍ଦୀର କଳାକାର ଅନୁଷ୍ଠାନ ପକ୍ଷରୁ ଆୟୋଜିତ ନାଟକ 'ଦେବଦାସୀ'ର ଏକ ଦୃଶ୍ୟ।



ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ।
-ପୁରୀ ଗଜପତି ଦିବ୍ୟସିଂହଦେବ



## ସଂକ୍ଷେପରେ

### ବ୍ୟାଗ ଚୋରି କରି ଜଣେ ଗିରଫ

**ଭୁବନେଶ୍ୱର,୨୮।୭(ବ୍ୟୁରୋ):** ଭୁବନେଶ୍ୱର ରେଳ ଷ୍ଟେଶନରେ ରବିବାର ଜଣେ ଯାତ୍ରୀଙ୍କ ବ୍ୟାଗ ଚୋରି କରି ଜଣେ ଗିରଫ ହୋଇଛନ୍ତି। ବିହାରର ସୋନୁ କୁମାର ନାମକ ବ୍ୟକ୍ତିଜଣକ ଷ୍ଟେଶନରେ ଟ୍ରେନରୁ ଓହ୍ଲାଇ ପ୍ଲାଟଫର୍ମରେ ଅପେକ୍ଷା କରିଥିବାବେଳେ ସମ୍ପୃକ୍ତ ଦୁର୍ବୃତ୍ତ ଅନ୍ୟମନସ୍କର ଫାଇଦା ଉଠେଇ ବ୍ୟାଗଟି ଚୋରି କରି ନେଇଥିଲା। ପରେ ରେଳ ସୁରକ୍ଷା ବଳ ଅଭିଯୁକ୍ତଙ୍କୁ ଧରି ଜିଆରପି ଥାନା ଜିମାରେ ଦେଇଥିଲେ। ଅଭିଯୁକ୍ତ ଯୋଗୀ ବେହେରା ନାମରେ ଭୁବନେଶ୍ୱର ଜିଆରପି ଥାନାରେ ଆଇପିସି ଧାରା ୩୭୯ରେ ମାମଲା ନଂ. ୧୨୧/୨୦୧୯ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କଠାରୁ ଜବତ ବ୍ୟାଗରେ ମୋବାଇଲ ଫୋନ, ମନିପର୍ସ, ଅନ୍ୟାନ୍ୟ କାଗଜପତ୍ର ଓ ୪୮୫୦ ଟଙ୍କା ଥିଲା।

### ୧୨ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**ଭୁବନେଶ୍ୱର,୨୮।୭(ବ୍ୟୁରୋ):** ନୟାପଲ୍ଲୀ ଥାନା ଅଞ୍ଚଳରେ ଚୋରା ଗଞ୍ଜେଇ ବେପାରରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ଘରେ ପୋଲିସ ଚଢ଼ାଉ କରି ୧୨ କେଜି ଗଞ୍ଜେଇ ଜବତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଥାନା ଅଧୀନ ସାଲିଆସାହି ଅନ୍ତର୍ଗତ ଆଦିବାସୀ ଗାଁରେ ରହୁଥିବା ଦିଲୀପ ବରାଳ(୨୮)। ସୂଚନା ମୁତାବକ, ରାଜଧାନୀର ବିଭିନ୍ନ ଅଞ୍ଚଳରେ ଥିବା ଛୋଟମୋଟ ବେପାରୀଙ୍କୁ ଦିଲୀପ ଚୋରା ଗଞ୍ଜେଇ ଯୋଗାଉଥିଲେ। ଏ ନେଇ ପୋଲିସ ଜାଣିବା ପରେ ଦିଲୀପଙ୍କୁ ଧରିବା ପାଇଁ ଯୋଜନା କରିଥିଲା। ବିଶେଷ ସୂତ୍ରରୁ ଖବରପାଇ ପୋଲିସ ରବିବାର ଅପରାହ୍ନରେ ଦିଲୀପଙ୍କ ଘରେ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ସେଠାରୁ କେତେଜଣ ଲୋକ ଛତ୍ରଭଙ୍ଗ ଦେଇଥିଲେ। ପୋଲିସ ଦିଲୀପଙ୍କୁ କାବୁ କରି ନେଇଥିଲା। ଦିଲୀପଙ୍କ ଘର ତଲାସି କରି ୧୨ କେଜି ଗଞ୍ଜେଇ ଜବତ କରିବା ସହ ଗିରଫ କରିଥିଲା। ଏ ନେଇ ପୋଲିସ ନଂ. ୩୪୦/୧୯ରେ ମାମଲା ରୁଜୁ କରି ଅନ୍ୟ ଅଭିଯୁକ୍ତଙ୍କ ବିଷୟରେ ତଥ୍ୟ ହାସଲ ପାଇଁ ଅଭିଯୁକ୍ତଙ୍କୁ ପଚରାଉଚରା ଜାରି ରଖିଛି। ସୋମବାର ଅଭିଯୁକ୍ତ ଦିଲୀପଙ୍କୁ କୋର୍ଟ ଚାଲାଣ କରାଯିବ।

### ଲୁଟ୍ ମୋବାଇଲ ଜବତ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୮।୭(ବ୍ୟୁରୋ):** ଖାରବେଳନଗର ଥାନା ଅଞ୍ଚଳରେ ଅଟୋରେ ଯାଉଥିବା ଯାତ୍ରୀଙ୍କଠାରୁ ମୋବାଇଲ ଲୁଟ୍‌ପାଟ କରୁଥିବା ଅଭିଯୁକ୍ତଙ୍କୁ ପୋଲିସ ରବିବାର ଗିରଫ କରିଛି। ସେ ହେଲେ ୟୁନିଟ୍ ୪ ରାମପୁରବସ୍ତି ଅଞ୍ଚଳର ମୁନା ଦିଗଲ୍। ପୋଲିସ ସୂଚନା ମୁତାବକ ଏୟାରପୋର୍ଟ ଥାନା ଅଧୀନ ଭୀମପୁର ମୌଜାରେ ସୁଶାନ୍ତ କୁମାର ମହାଲିକ ରୁହନ୍ତି। ଶନିବାର ସନ୍ଧ୍ୟାରେ ସୁଶାନ୍ତ ମାଷ୍ଟର କ୍ୟାଣ୍ଟିନ ଛକରେ ଅଟୋରେ ଯାଉଥିବା ବେଳେ ଅଭିଯୁକ୍ତ ତାଙ୍କଠାରୁ ମୋବାଇଲ ଛଡାଇ ଫେରାର ହୋଇଯାଇଥିଲା। ଏ ନେଇ ସୁଶାନ୍ତ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୧୮୬/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଲୁଟ୍ ମୋବାଇଲକୁ ଟ୍ରାକ କରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଚୋରି ମୋବାଇଲ ଫୋନକୁ ଜବତ କରିଛି।

■ ଟ୍ରାଫିକ ଛକରେ ବଢୁଛି ବେଆଇନ ପାର୍କିଂ

# ୟୁ ଟର୍ନ ରାସ୍ତା ଅବରୋଧ, ଲୋକେ ହଇରାଣ

**କଟକ ରୋଡ,୨୮।୭(ଡି.ଏନ୍.ଏ.)**

ରାଜଧାନୀର ଅଧିକାଂଶ ଅଞ୍ଚଳରେ ଟ୍ରାଫିକ ଜାମ ସମସ୍ୟା ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିଛି। ଯାନବାହନ ସୁରୁଖୁରରେ ଯାତାୟାତ ପାଇଁ ରାସ୍ତା ସମ୍ପ୍ରସାରଣ କରାଯାଇଛି। ରାସ୍ତାରେ ଗାଡିମୋଟର ବେଆଇନ ପାର୍କିଂ ପରିସ୍ଥିତିକୁ ଜଟିଳ କରିଛି। ଏଭଳି ଘଟଣାକ୍ରମେ ଭୁବନେଶ୍ୱରରେ ଏକ ପ୍ରମୁଖ ଜନଗହଳି ଅଞ୍ଚଳ କୁହାଯାଉଥିବା କଟକ ରୋଡରେ ଟ୍ରାଫିକ ସମସ୍ୟା ବିପର୍ଯ୍ୟସ୍ତ ହୋଇପଡିଛି। ରାସ୍ତାରେ ଗାଡି ପାର୍କିଂ ଯୋଗୁ ଲୋକେ ଯାତାୟାତର ଅସୁବିଧା ଭୋଗୁଛନ୍ତି। ବର୍ଷାଧିକକାଳ ଏଭଳି ଅବ୍ୟବସ୍ଥା ଲାଗି ରହିଥିଲେ ମଧ୍ୟ କମିଶନରେଟ ପୋଲିସ କିମ୍ବା ଟ୍ରାଫିକ ବିଭାଗ ଦୃଷ୍ଟି ଦେଉନାହିଁ। ଅନ୍ୟପକ୍ଷରେ ବିଭିନ୍ନ ସ୍ଥାନରେ ଅଟୋଚାଳକ ରାସ୍ତା ଜାମ କରି ଗହଳି ଅଧିକ ବଢାଉଛନ୍ତି। ପୁରୁଣା ଷ୍ଟେଶନ ବଜାର ଛକରେ ଏହି ସମସ୍ୟା ରହିଥିଲେ ମଧ୍ୟ ଉକ୍ତ ପୋଷ୍ଟରେ



ଲକ୍ଷ୍ମୀସାଗର ଛକରେ ଥିବା ୟୁ ଟର୍ନ ରାସ୍ତାରେ ଅବରୋଧ କରି ରହିଥିବା ଗାଡ଼ି।

ରହୁଥିବା କର୍ମଚାରୀ ଜାଣି ନ ଜାଣିବା ଭଳି ଅଭିନୟ କରିବା ନିତିଦିନିଆ ହୋଇଛି। ଲକ୍ଷ୍ମୀସାଗର ଟ୍ରାଫିକ ଛକ ସଙ୍କୁଚିତ ହୋଇ ପଡୁଥିବା ଲକ୍ଷ୍ୟ ରଖି ୨୦୧୫ ରେ ଏହି ଛକକୁ ଓସାର କରାଯାଇ ସ୍ଥାନ ବଢାଯାଇଥିଲା। ରାସ୍ତା ଓ ଛକ ସମ୍ପ୍ରସାରଣ ପରେ ଏଠାରେ ବେଆଇନ ପାର୍କିଂ ଲୋକଙ୍କୁ ନାକେଦମ କରିଛି। ଛକ ନିକଟରେ ଏକ ଘରୋଇ ହସ୍ପିଟାଲ, ବ୍ୟାଙ୍କ ସହ ବ୍ୟବସାୟ ପ୍ରତିଷ୍ଠାନ ଥିବା ବେଳେ ପାର୍କିଂ ବ୍ୟବସ୍ଥା ନ ଥିବା ହେତୁ ଟ୍ରାଫିକ ଛକରେ ୪ଚକିଆ ଯାନ ରାସ୍ତା ଅବରୋଧ କରୁଛନ୍ତି। ଝାରପଡ଼ା ଓଭରବ୍ରିଜ ଛକରୁ ଲକ୍ଷ୍ମୀସାଗର ଗ୍ରାମକୁ ଯିବାକୁ ଥିବା ୟୁ ଟର୍ନ ସମ୍ପୂର୍ଣ୍ଣ କବ୍‌ଜା ହେବା ଫଳରେ ଅନେକ ସମୟରେ ଅଗ୍ନିଶମ ଗାଡି, ଆମ୍ବୁଲାନ୍ସ, ସ୍କୁଲ ବସ ଆଦି ସଙ୍କୁଚିତ ରାସ୍ତାରେ ଅତିକ୍ରମ କରିବା କଷ୍ଟସାଧ ହେଉଛି। ଏପରିକି ରାସ୍ତା ଉପରେ ଲୋକେ ଲକ୍ଷ୍ମୀସାଗର, ଝାରପଡ଼ା, ଜିଜିପି କଲୋନୀ, ରସୁଲଗଡ଼ ଆଦି ଅଞ୍ଚଳକୁ ଯିବା ପାଇଁ ନିର୍ଭରଶୀଳ ହୋଇଥିବା ବେଳେ ସବୁ ସମୟରେ ଛକ ସ୍ଥାନକୁ ଗାଡି ଚାଳକ ମାଡି ବସିବା ଅସନ୍ତୋଷ ଦେଖାଯାଇଛି। ଟ୍ରାଫିକ ଛକ ସହ ୟୁ ଟର୍ନ ରାସ୍ତା ବନ୍ଦ ହେବା ନେଇ ପୋଷ୍ଟରେ ଡ୍ୟୁଟିରେ ଥିବା ଜଣେ କର୍ମଚାରୀ କୁହନ୍ତି, ୟୁ ଟର୍ନରେ ଗାଡି ନ ରଖିବା ପାଇଁ ବାରମ୍ବାର କହୁଛୁ। କିନ୍ତୁ ଲୋକେ ଶୁଣୁନାହାନ୍ତି। ଏପରିକି ରାସ୍ତା ମଝିରେ ଟ୍ରାଫିକ ପୋଷ୍ଟ ରହିବା ସହ ମେଡିଆନ ନ ରହିବା ଫଳରେ ପ୍ରାୟ ସମୟରେ ଲୋକେ ରଙ୍ଗ ରୁଟରେ ଯାଉଛନ୍ତି। କଟକ ରୋଡ ସହ ଏକାଧିକ ଛକ ସ୍ଥାନ ଅବରୋଧ ହେଉଥିବା ଟ୍ରାଫିକ କର୍ତ୍ତୃପକ୍ଷ ତଥା ସ୍ଥାନୀୟ ପୋଲିସ ଜାଣି କାହିଁକି ପଦକ୍ଷେପ ନେଉନାହିଁ ତାହା ମୁଖ୍ୟ ପ୍ରସଙ୍ଗ ହୋଇଛି। ଏ ସମ୍ପର୍କରେ ଟ୍ରାଫିକ ଏସିପି କିଶୋର କୁମାର ପାଣିଗ୍ରାହୀ କୁହନ୍ତି, ୟୁ ଟର୍ନ ଅବରୋଧ ହେଉଥିବା ବାବଦରେ ଅନୁଧ୍ୟାନ କରିବା ସହ କିଭଳି ଲୋକେ ସେଠାରେ ଯିବା ଆସିବାରେ ଅସୁବିଧା ନ ହେବେ ସେ ନେଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

■ ପଟ୍ଟନାୟକିଆ ଟ୍ରିପଲ ମର୍ଡର ମାମଲା

# ଆଉ ୨ ଅଭିଯୁକ୍ତ ଗିରଫ, ମାରଣାସ୍ତ୍ର ଜବତ

**ପୁରୀଅଫିସ, ୨୮।୭**

**ସିସିଟିଭି ଫୁଟେଜ୍, ଅଭିଯୁକ୍ତଙ୍କୁ ଜେରାରୁ ମିଳିଲା ସଫଳତା**

ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ସତ୍ୟବାଦୀ ଥାନା ପଟ୍ଟନାୟକିଆ ଛକରେ ଜୁଲାଇ ୧୪ ତାରିଖରେ ଘଟିଥିବା ଟ୍ରିପଲ୍ ମର୍ଡର ଘଟଣାରେ ପୋଲିସ ରବିବାର ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସଦାନନ୍ଦପୁର ଗ୍ରାମର ଏକ୍କା ଓରଫ ମିଟୁ ବେହେରା (୨୬) ପୁନିଆ ଓରଫ ପ୍ରହ୍ଲାଦ ବେହେରା (୨୫)। ଜୁଲାଇ ୧୬ ତାରିଖରେ ହତ୍ୟାକାଣ୍ଡର ମାଷ୍ଟର ମାଇଣ୍ଡ ସୁବଳ ବେହେରା ସମେତ ଭିକାରୀ, ହରିହର, ମନୁଆ, ସହଦେବ ଓ ଶଙ୍କର ବେହେରାଙ୍କୁ ପୂର୍ବରୁ ପୋଲିସ ଗିରଫ କରିଥିଲା। ରବିବାର ଏହି ହତ୍ୟାକାଣ୍ଡରେ ସଂଶ୍ଳିଷ୍ଟ ଥିବା ଏକ୍କା ଓ ପୁନିଆଙ୍କୁ ପୋଲିସ ସ୍ଥାନୀୟ ଜଙ୍ଗଲ ପରିସରରୁ ଶନିବାର ବିଳମ୍ବିତ ରାତିରେ ଧରିଥିଲା। ପଚରାଉଚୁରା ବେଳେ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତି ଥିବା ସ୍ୱୀକାର କରିଥିଲେ ବୋଲି ରବିବାର ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ଉମାଶଙ୍କର ଦାଶ ସୂଚନା ଦେଇଥିଲେ। ସେମାନଙ୍କ ବୟାନକୁ ଭିତ୍ତି କରି ହତ୍ୟାକାଣ୍ଡରେ ବ୍ୟବହୃତ ଖଣ୍ଡା ଓ ଲୁହାରଡକୁ ନିକଟସ୍ଥ ଜଙ୍ଗଲରୁ ଉଦ୍ଧାର କରାଯାଇଛି। ସୋମବାର ଦୁଇଜଣଙ୍କୁ କୋର୍ଟ ଚାଲାଣ କରାଯିବ। ଘଟଣାର ତଦନ୍ତ ଜାରି ରହିଛି। ଅନ୍ୟ ଅଭିଯୁକ୍ତ ମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି କହିଥିଲେ।

# ପୋଲିସ ସମିତି ବୈଠକରେ ବହୁ ଅଭିଯୋଗ

**କଟକ ରୋଡ,୨୮।୭(ଡି.ଏନ୍.ଏ.)**

■ ପାଟ୍ରୋଲିଂ ବ୍ୟବସ୍ଥା ଠପ୍
■ ନିଶାଗ୍ରସ୍ତଙ୍କ ପାର୍କରେ ଭିଡ଼

ରାଜଧାନୀରେ ଆଇନଶୃଙ୍ଖଳା ବ୍ୟବସ୍ଥା ବିଗିଡ଼ି ଯାଇଛି। ଏହାକୁ ସୁଧାରିବା କ୍ଷେତ୍ରରେ ସ୍ମାର୍ଟସିଟିରେ ପୋଲିସ ସ୍ଥାନୀୟ ଥାନା ଅଞ୍ଚଳରେ ଜନସାଧାରଣଙ୍କ ସହଯୋଗ ଲୋଡ଼ିବା ଆରମ୍ଭ କରିଛି। ଏ ନେଇ ସହରର ବିଭିନ୍ନ ଥାନା ଅଞ୍ଚଳରେ ଆମ ପୋଲିସର ସମିତି ବୈଠକ ଜାରି ରହିଛି। ପୂର୍ବରୁ ସରିଥିବା କେତେକ ଥାନା ଅଞ୍ଚଳରେ ବୈଠକରେ ଯେଉଁ ଅଭିଯୋଗ ଥିଲା ସମାବସ୍ଥା ଅନ୍ୟ ବୈଠକରେ ଦେଖିବାକୁ ମିଳିଛି। ପ୍ରାରମ୍ଭରୁ ବିଭିନ୍ନ ଥାନା ଅଧିକାରୀ ଏଭଳି ବୈଠକ ବାବଦରେ ସୂଚନା ଦେଇଥିବାବେଳେ ଏବେ ଗଣମାଧ୍ୟମରେ କିଭଳି ଦୂରେଇ ହେବ ସେନେଇ ଯଥାସମ୍ଭବ ଉଦ୍ୟମ କରିଛି। ଏଭଳି ଘଟଣାକ୍ରମେ ବଡ଼ଗଡ଼ ଥାନା ଅଞ୍ଚଳରେ ରବିବାର ସ୍ଥାନୀୟ ଗୌତମ ନଗରରେ ଥିବା ଏକ କ୍ଲବ ଗୃହରେ ପୋଲିସର ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜୋନ-୪ ଏସିପି ଅମରେନ୍ଦ୍ର ପଣ୍ଡା, ଥାନାଧିକାରୀ ଦିଲୀପ କୁମାର ସ୍ୱାଇଁ, ନୋଡାଲ ଅଧିକାରୀ ସଞ୍ଜିବ କୁମାର ବେହେରା ସହ ଥାନା ଅଞ୍ଚଳର ଅନେକ ବରିଷ୍ଠ ନାଗରିକ ଓ ଯୁବପିଢ଼ି ଯୋଗଦେଇଥିଲେ। ବୈଠକ ଆରମ୍ଭରୁ ଶେଷ ହେବା ପର୍ଯ୍ୟନ୍ତ ଲୋକଙ୍କ ବିଭିନ୍ନ ପ୍ରସଙ୍ଗରେ ଉପସ୍ଥିତ ପୋଲିସ ଅଧିକାରୀ ତଥା ଥାନା ଅଞ୍ଚଳର ଆଇନଶୃଙ୍ଖଳା ବ୍ୟବସ୍ଥା ପଦାରେ ପକାଇଥିଲା। ମୁଖ୍ୟତଃ ପାଟ୍ରୋଲିଂ ଅଭାଗ ଯୋଗୁ ଅସାମାଜିକ କାର୍ଯ୍ୟକଳାପ, ପାର୍କ ପରିସରରେ ନିଶାସେବନକାରୀଙ୍କ ଭିଡ଼, ଟ୍ରାଫିକ ସମସ୍ୟା, ଜବରଦଖଲକାରୀ ଭଳି ମାଳମାଳ ଅଭିଯୋଗ ପୋଲିସ ଅଧିକାରୀଙ୍କ ପାଇଁ ଚିନ୍ତା ବଢ଼ାଇଥିଲା। ସମସ୍ତ ଅଭିଯୋଗକୁ ଗୁରୁତ୍ୱ ଦେବା ପାଇଁ ଅଧିକାରୀମାନେ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

### ମୁଣ୍ଡଲୀରେ ଚକ୍ଷୁ ପରୀକ୍ଷା ଶିବିର

**ନରାଜ,୨୮।୭(ଡି.ଏନ୍.ଏ.)**

ବାରଙ୍ଗ ବ୍ଲକ ଅନ୍ତର୍ଗତ ମୁଣ୍ଡଲୀସ୍ଥିତ ମା'ମଙ୍ଗଳା ମନ୍ଦିର ପରିସରରେ ପୂର୍ବାହ୍ନ ୧୦ଟାରେ ଏକ ଦାତବ୍ୟ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୫୦ଜଣ ଚକ୍ଷୁରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇ ତନ୍ମଧ୍ୟରୁ ୧୬ଜଣଙ୍କୁ କଟକସ୍ଥିତ ଜେପିଏମ୍ ଚକ୍ଷୁ ଚିକିତ୍ସାଳୟକୁ ପଠାଯାଇଛି। ସେଠାରେ ତାଙ୍କୁ ଯିବାଆସିବା, ଅସ୍ତ୍ରୋପ୍ରଚାର ଔଷଧ ଓ ଚଷମା ମାଗଣାରେ ପ୍ରଦାନ କରାଯିବ। ଶିବିରରେ କ୍ୟାମ୍ପ ଅର୍ଗାନାଇଜର ଅନିରୁଦ୍ଧ ପଣ୍ଡା, ଟେକ୍ନିସିଆନ ଯଯାତି କେଶରୀ ଦାଶ ଚକ୍ଷୁରୋଗୀଙ୍କ ଚକ୍ଷୁ ପରୀକ୍ଷା କରିବାସହ ଆବଶ୍ୟକୀୟ ପରାମର୍ଶ ଦେଇଥିଲେ। ଶିବିରକୁ ଆୟୋଜକ ମା'ମଙ୍ଗଳା ଯୁବକ ସଂଘର ସମ୍ପାଦକ ଅଶ୍ୱିନି କୁମାର ସାହୁ, ସଭାପତି ସମୁଦ୍ର ପ୍ରଧାନ, ସଭ୍ୟ ଦେବାଶିଷ ଜେନା, ଲିଟନ ସାହୁ, ଦିଲୀପ ସାହୁ ଓ ସାମାଜିକ କର୍ମୀ ଗୌରାଙ୍ଗ ଚରଣ ରାଉତ ପରିଚାଳନା କରିଥିଲେ।

# କୁନି ପିଲା ନେବେ ଗଛର ଯତ୍ନ




**ଭୁବନେଶ୍ୱର,୨୮।୭(ବ୍ୟୁରୋ)**

ପରିବେଶ ସନ୍ତୁଳନ ତଥା ପ୍ରାକୃତିକ ବିପର୍ଯ୍ୟୟରୁ ପୃଥିବୀକୁ ରକ୍ଷା କରିବା ବର୍ତ୍ତମାନ ସମୟରେ ଏକ ଚିନ୍ତାର ବିଷୟ ପାଲଟିଛି। ତେଣୁ ସବୁ ବର୍ଗର ଲୋକ ଧୀରେ ଧୀରେ ବୃକ୍ଷରୋପଣ କରିବାକୁ ଆଗ୍ରହ ଦେଖାଉଛନ୍ତି। ଏହାର ସଫଳ ରୂପାୟନ ପାଇଁ ଅଧିକ ଜନସଚେତନତାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଛି। ରବିବାର ଚନ୍ଦକା ପଞ୍ଚାୟତ ସୁନ୍ଦରପୁର ମୁଣ୍ଡା ସାହି ଗ୍ରାମରେ 'ୟୁଥ୍ ଫର୍ ସେବା' ଓ 'ଛୋଟି ସି ଆଶାୟେଁ'ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ସ୍ୱେଚ୍ଛାସେବୀମାନେ ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମ ଲାଗି ସବିତା ପୃଷ୍ଟି ଚାରା ଯୋଗାଇ ଦେଇଥିବାବେଳେ ଗ୍ରାମର ୩୦ରୁ ଊର୍ଦ୍ଧ୍ୱ କୁନି କୁନି ପିଲା ଗଛର ନାମକରଣ କରି ତାହାର ଯତ୍ନ ନେବାକୁ ଶପଥ ନେଇଥିଲେ। 'ଛୋଟି ସି ଆଶାୟେଁ'ର ପ୍ରତିଷ୍ଠାତା ସଚିନ ମହାପାତ୍ର ଓ 'ୟୁଥ୍ ଫର୍ ସେବା'ର ସଂଯୋଜକ ସୁବ୍ରତ କୁମାର ପଟ୍ଟନାୟକ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ସଂଗଠନର ୨୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଓ ଗ୍ରାମବାସୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଗାମୀ ଦିନରେ ଏହି ଅଞ୍ଚଳରେ ଏକ ହଜାରରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯିବାର କାର୍ଯ୍ୟକ୍ରମ ରହିଛି।

# ସମୟ ଅପଚୟ କରିବା ଅର୍ଥ ଜୀବନକୁ ନଷ୍ଟ କରିବା

**ଭୁବନେଶ୍ୱର,୨୮।୭(ବ୍ୟୁରୋ)**

ସମୟକୁ ଅପଚୟ କରିବା ଅର୍ଥ ଜୀବନକୁ ନଷ୍ଟ କରିବା। ୨୫ବର୍ଷ ପର୍ଯ୍ୟନ୍ତ କଠିନ ପରିଶ୍ରମ କରିଲେ ୭୫ ବର୍ଷ ପର୍ଯ୍ୟନ୍ତ ସୁଖ ଲାଭ କରିପାରିବ। ସିଧା ହୋଇ ବସିବା ଦ୍ୱାରା ଜୀବନ ସରଳ ଓ ମଧୁମୟ ହୋଇଥାଏ। ଭଗବାନ ଆମକୁ ସୁସ୍ଥ ମସ୍ତିଷ୍କ ଦେଇଛନ୍ତି। ଏହାର ସଦ୍‌ବିନିଯୋଗ କରିବା ଉଚିତ ବୋଲି କ୍ରିୟାଯୋଗ ସଙ୍ଗଠନର ସଭାପତି ସ୍ୱାମୀ ପ୍ରଜ୍ଞାନନ୍ଦ ସରସ୍ୱତୀ କହିଛନ୍ତି। ଖଣ୍ଡଗିରିସ୍ଥିତ ଶିବାନନ୍ଦ ଶତବାର୍ଷିକ ବାଳକ ଉଚ୍ଚ ବିଦ୍ୟାଳୟଠାରେ ସ୍ୱାମିଜୀ ମହାରାଜାଙ୍କ ମହାସମାଧି ଦିବସ ପାଳିତ ହୋଇଯାଇଛି। ଖଣ୍ଡଗିରିସ୍ଥିତ ଶିବାନନ୍ଦ ଶତବାର୍ଷିକ ବାଳକ ଉଚ୍ଚ ବିଦ୍ୟାଳୟଠାରେ ସ୍ୱାମିଜୀ ମହାରାଜାଙ୍କ ୫୭ତମ ମହାସମାଧି ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ୱାମୀ ପ୍ରଜ୍ଞାନନ୍ଦ ସରସ୍ୱତୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଧ୍ୟାନଯୋଗ କିପରି ବିଦ୍ୟାର୍ଥୀଙ୍କ ଜୀବନକୁ ସଫଳ କରିଥାଏ ସେ ଉପରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ପୋଲିସ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

ମହାନିର୍ଦ୍ଦେଶକ ପ୍ରକାଶ ମିଶ୍ର ସ୍ୱାମିଜୀ ମହାରାଜାଙ୍କ ଜୀବନ ଦର୍ଶନ ଉପରେ କହିଥିଲେ। ପ୍ରଥମେ ଛାତ୍ର, ଶିକ୍ଷକ, ଅନ୍ତେବାସୀ ଓ ଅଭିଭାବକଙ୍କ ଦ୍ୱାରା ପାଦୁକା ପୂଜା କରାଯାଇଥିଲା। ପରେ ଏକ ଆଧ୍ୟାତ୍ମିକ ସଭା ଆୟୋଜିତ ହୋଇଥିଲା। ବିଦ୍ୟାଳୟର ଯୁଗ୍ମ ସମ୍ପାଦକ ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ ଏହି ଦିବସ ପାଳନ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଆର୍ଯ୍ୟ ସମାଜର ସଭ୍ୟ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ସତ୍ୟେନ୍ଦ୍ର ନାରରାୟଣ ତ୍ରିପାଠୀ, ବିଦ୍ୟାଳୟ ପରିଚାଳନା ସମିତିର ସଦସ୍ୟ ବିଜୟ କୁମାର ମହାନ୍ତି, ଚୌଧୁରୀ ଗୌରହରି ମିଶ୍ର, ଅଧ୍ୟକ୍ଷ ପ୍ରଫୁଲ୍ଲ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜୀବନଜ୍ୟୋତି ଆଶ୍ରମର ପିଲାଙ୍କୁ ଫଳ ପ୍ରଦାନ କରିଛନ୍ତି।

### ଚାରାରୋପଣ କାର୍ଯ୍ୟକ୍ରମ

**ବାଲିଅନ୍ତା,୨୮।୭(ଡି.ଏନ୍.ଏ.)**

ୱାପକସ ଇଣ୍ଡିଆ ସଂସ୍ଥା ପକ୍ଷରୁ ମା, ମାଟି ପ୍ରଥମେ ଶୀର୍ଷକ ଏକ ସଚେତନତା ଅଭିଯାନ ବାଲିଅନ୍ତାରେ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଜଳ ସମ୍ପଦ ବିଭାଗର ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ନନ୍ଦକୁମାର ମହାପାତ୍ର ଯୋଗଦେଇ ଅଭିଯାନ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ନଖରାସ୍ଥିତ ପ୍ରସିଦ୍ଧ ଶୈବପୀଠ ଶ୍ରୀ ଲକ୍ଷେଶ୍ୱର ମନ୍ଦିର ଚତୁଃପାର୍ଶ୍ୱରେ ବିଭିନ୍ନ ପ୍ରକାରର ୧୬୦ଟି ଚାରାରୋପଣ କରାଯାଇଥିଲା। ଏଥିରେ ସଂସ୍ଥା ବହୁ ଅବସରପ୍ରାପ୍ତ ଯନ୍ତ୍ରୀ ସୁବ୍ରତ ରଥ, ଶରତ ମିଶ୍ର, ବିଜୟ ମହାନ୍ତି, ସୁରେଶ ନାୟକ, ଦିଲୀପ ମହାନ୍ତି, ପ୍ରତାପ ପଣ୍ଡା, ସମିତା ମହାପାତ୍ର, ଆରତି ମିଶ୍ରଙ୍କ ସମେତ ୨୫ଜଣ ଡିଗ୍ରୀ ଇଞ୍ଜିନିୟର ଛାତ୍ରୀଛାତ୍ର ସାମିଲ ରହି ଚାରାରୋପଣ କରିଥିଲେ। ମନ୍ଦିର ଟ୍ରଷ୍ଟର ସମ୍ପାଦକ ବଂଶୀଧର ଭୋଇ, ଅନନ୍ତ ଚରଣ ବରାଳ ଓ ନଳିନୀ ସ୍ୱାଇଁ ସହଯୋଗ କରିଥିଲେ।

# ୟୁଏସ୍‌ଆଇ ପକ୍ଷରୁ ଚାରାରୋପଣ



**ଭୁବନେଶ୍ୱର,୨୮।୭**

ସାମାଜିକ ଅନୁଷ୍ଠାନ ୟୁନାଇଟେଡ ଫର୍ ସୋସିଆଲ ଇଣ୍ଟେରେଷ୍ଟ(ୟୁଏସ୍‌ଆଇ) ପକ୍ଷରୁ ସ୍ଥାନୀୟ ଗାଡ଼କଣ ଉଚ୍ଚ ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଆବାହକ ପ୍ରତୀକ୍ଷା ମିଶ୍ରଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହି ବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। ଫନୀ ପରେ ଉଜୁଡିଥିବା ସବୁଜିମା ଫେରାଇ ଆଣିବା ଲକ୍ଷ୍ୟରେ ୟୁଏସ୍‌ଆଇ ଏଭଳି ଏକ କାର୍ଯ୍ୟକ୍ରମ ହାତକୁ ନେଇଥିବା କହିଛି। ମାସର ପ୍ରତି ରବିବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ରାଜଧାନୀର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଛି। ଫନୀରେ ରାଜଧାନୀରେ ନଷ୍ଟ ହୋଇଥିବା ସବୁ ଜିମାକୁ ଫେରାଇ ଆଣିବା ପାଇଁ ଏହି ଧାରାକୁ ତ୍ୱରାନ୍ୱିତ କରିବାକୁ ଅନୁଷ୍ଠାନର ଅଧ୍ୟକ୍ଷ ବନୋଜ ତ୍ରିପାଠୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। କାର୍ଯ୍ୟକ୍ରମକୁ ଉପେନ୍ଦ୍ର ବେହେରା, ନୀଳକଣ୍ଠ ନାଥ, ରାକେଶ ରାଏ, ଦେବାଶିଷ ପଣ୍ଡା, ବିଶ୍ୱନାଥ ସାହୁ, ତେଜସ୍ୱିନୀ ଗୌଡ ପରିଚାଳନା କରିଥିଲେ। ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେଶ ମହାପାତ୍ର ଉପସ୍ଥିତ ଥିଲେ।

■ ଖବରଦାତାଙ୍କୁ ନେଇ ପୋଲିସ କମିଶନରଙ୍କ ପ୍ରଥମ କର୍ମଶାଳା

# ଶୁଣିଲେ ଅଭିଯୋଗ, ସମାଧାନର ବାଟ

**ଭୁବନେଶ୍ୱର, ୨୮।୭(ବ୍ୟୁରୋ)**

ଅପରାଧ ରିପୋର୍ଟିଂ ଓ ପୋଲିସର ଦୃଷ୍ଟିକୋଣକୁ ନେଇ ସ୍ଥାନୀୟ ପୋଲିସ କମିଶନର କାର୍ଯ୍ୟାଳୟରେ ରବିବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୋଲିସ କମିଶନର ସତ୍ୟଜିତ ମହାନ୍ତି ଅଧ୍ୟକ୍ଷତା କରିଥିବାବେଳେ କମିଶନରେଟ ପୋଲିସର ପିଆର୍‌ଓ ଶିଶିର ମିଶ୍ର ଓ ବିଭିନ୍ନ ଗଣମାଧ୍ୟମର ଖବରଦାତାମାନେ ଯୋଗଦେଇଥିଲେ। ପ୍ରଥମଥର ହୋଇଥିବା ଏହି କର୍ମଶାଳାରେ ଅପରାଧ ଓ ରିପୋର୍ଟିଂର ବିଭିନ୍ନ ଦିଗକୁ ନେଇ ଆଲୋଚନା କରିଥିଲେ। ବିଶେଷକରି ଅପରାଧ କିପରି ଘଟୁଛି ତାହା ଉପରେ ବିଷଦ ଆଲୋଚନା ଓ ପର୍ଯ୍ୟାଲୋଚନା ହୋଇଥିଲା। ଏପରିକି ଦିଲ୍ଲୀ, କେରଳ ଆଦି ସହରଗୁଡ଼ିକରେ ମାମଲା ସଂଖ୍ୟା ବଢୁଥିବାବେଳେ




ଓଡ଼ିଶାରେ କମିବା ନେଇ ତୁଳନାତ୍ମକ କାରଣ ଦର୍ଶାଇଥିଲେ। ଅପରାଧକୁ ପ୍ରଭାବିତ କରୁଥିବା ବିଭିନ୍ନ ନୂଆ ନିୟମ ଓ ଏ କ୍ଷେତ୍ରରେ ମିଡିଆ ସଂସ୍ଥାମାନଙ୍କର ନିଷ୍ପତ୍ତି, ମିଡିଆ ଓ ପୋଲିସ ମଧ୍ୟରେ ନୂତନ ସମ୍ପର୍କର ବିଷୟରେ ଆଲୋଚନା ହୋଇଥିଲା। ପୋଲିସ କମିଶନର ଖବରଦାତାଙ୍କଠାରୁ ଭୁବନେଶ୍ୱରର ବିଭିନ୍ନ ଥାନାଗୁଡ଼ିକରେ ଥିବା ପୋଲିସ ଅଫିସରଙ୍କ ବ୍ୟବହାର ସହ ଅନ୍ୟାନ୍ୟ ବିଷୟରେ ବୁଝିଥିଲେ। ଏହାସହ ପୋଲିସ ବିଭିନ୍ନ ମାମଲାରେ କିଭଳି କାର୍ଯ୍ୟ କରିବା ଠିକ୍ ହେବ ସେନେଇ ମଧ୍ୟ ଖବରଦାତାମାନଙ୍କୁ ପରାମର୍ଶ ଦେଇଥିଲେ। ଅନେକ ସମୟରେ ଅଭିଯୋଗକାରୀମାନେ ଥାନାକୁ ଅଭିଯୋଗ ପାଇଁ ଗଲେ କିଭଳି ପୋଲିସ ମାମଲା ରୁଜୁ ନ କରି ବିଦା କରି ଦେଉଛନ୍ତି ସେନେଇ ଖବରଦାତା ଅଭିଯୋଗ କରିଥିଲେ। ଏହା ଉପରେ କିଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ ସେ ସଂକ୍ରାନ୍ତରେ କମିଶନର ମହାନ୍ତି ପ୍ରତିଶ୍ରୁତି ଦେଇଥିଲେ।

# ଓଡ଼ିଶାରୁ ପ୍ରତିବର୍ଷ ୬୦୦ ଛାତ୍ରୀଛାତ୍ର ବିଦେଶରେ ଏମ୍‌ବିବିଏସ୍ ପଢୁଛନ୍ତି

**ଭୁବନେଶ୍ୱର,୨୮।୭(ବ୍ୟୁରୋ)**

ଗ୍ଲୋବାଲ ଫୋକସ୍ ଏଜୁକେଶନ ଗ୍ରୁପ ପକ୍ଷରୁ ରବିବାର ସୂଚନା ଭବନଠାରେ 'ଏମ୍‌ବିବିଏସ୍ ଶିକ୍ଷା ମେଳା-୨୦୧୯' ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଦେଶରୁ ପ୍ରାୟ ୨୬ ହଜାର ଛାତ୍ରୀଛାତ୍ର ବିଦେଶରେ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ନାମ ଲେଖାଉଛନ୍ତି। ସେମାନଙ୍କ ମଧ୍ୟରୁ ଓଡ଼ିଶାରୁ ୬୦୦ରୁ ୭୦୦ ଛାତ୍ରୀଛାତ୍ର ବିଦେଶର ପ୍ରମୁଖ ଶିକ୍ଷାନୁଷ୍ଠାନକୁ ଯାଉଛନ୍ତି। ସେଠାରେ ସଫଳତାର ସହ କୃତକାର୍ଯ୍ୟ ହୋଇ ଭାରତ ଫେରିବା ପରେ ମେଡିକାଲ କାଉନସିଲ୍ ଅଫ୍ ଇଣ୍ଡିଆ(ଏମ୍‌ସିଆଇ) ସେମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରୁଛି। ଫଳରେ ସେମାନେ ଭାରତରେ ମଧ୍ୟ ନିଯୁକ୍ତିର ସୁଯୋଗ ପାଉଛନ୍ତି ବୋଲି ମେଳାରେ ଉପସ୍ଥିତ ବକ୍ତାମାନେ ମତପ୍ରକାଶ କରିଛନ୍ତି।

କାର୍ଯ୍ୟକ୍ରମରେ ଡା. ଜୟ ପ୍ରକାଶ ସାହୁ




ଶିକ୍ଷାମେଳାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ମୁଖ୍ୟଅତିଥି ଭାବେ ଯୋଗଦେଇ ଜଣେ ସଫଳ ଡାକ୍ତର ହେବା ଲାଗି ଗୁଣବତ୍ତା ଶିକ୍ଷା ଓ କଠିନ ଅଧ୍ୟବସାୟ ଆବଶ୍ୟକ ବୋଲି କହିଥିଲେ। ଗ୍ଲୋବାଲ ଫୋକସ ଏଜୁକେଶନ ପ୍ରାଇଭେଟ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଅବ୍‌ଦୁଲ ଜାହିର କହିଥିଲେ, ଓଡ଼ିଶାରେ ଏମ୍‌ବିବିଏସ୍ ସିଟ୍ ସଂଖ୍ୟା ବହୁତ କମ୍ ରହିଥିବାରୁ ଅନେକ ଛାତ୍ରୀଛାତ୍ର ଏହି ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ବିଦେଶରେ ପଢ଼ିବା ପାଇଁ ସେମାନଙ୍କ ପାଖରେ ସୁଯୋଗ ରହିଛି। ଯେଉଁମାନେ ନିଟ୍‌ରେ ଯୋଗ୍ୟତା ଅର୍ଜନ କରିବେ ସେମାନେ ବାହାରେ ପଢ଼ିବେ। ୨୦୧୧ରୁ ଏପର୍ଯ୍ୟନ୍ତ ଆମ ଶିକ୍ଷାନୁଷ୍ଠାନ ମାଧ୍ୟମରେ ଓଡ଼ିଶାରୁ ପାଖାପାଖି ଏକ ହଜାର ପିଲା ୟୁକ୍ରେନ୍‌ରେ ପଢୁଛନ୍ତି। ଚଳିତ ଶିକ୍ଷାବର୍ଷରେ ପ୍ରାୟ ଶହେ ଛାତ୍ରୀଛାତ୍ର ୟୁକ୍ରେନ୍‌ରେ ପଢ଼ିବା ପାଇଁ ପଞ୍ଜିକରଣ କରିଛନ୍ତି। କୋର୍ସ ଫି' ପାଖାପାଖି ୧୮ରୁ ୨୦ ଲକ୍ଷ ଟଙ୍କା ରହୁଛି ବୋଲି ଅବ୍‌ଦୁଲ ସୂଚନା ଦେଇଛନ୍ତି। ଏହି ଅବସରରେ ୟୁକ୍ରେନରୁ ଶିକ୍ଷା ଗ୍ରହଣ କରିଥିବା ଓ ଏମ୍‌ସିଆଇ ଦ୍ୱାରା ମଞ୍ଜୁରୀପ୍ରାପ୍ତ ୧୧ ଜଣ ଡାକ୍ତର ସେମାନଙ୍କ ଶିକ୍ଷା ଗ୍ରହଣ, ଅଭିଜ୍ଞତା, ମେଡିକାଲ ଶିକ୍ଷାର ଗୁଣବତ୍ତା ଉପରେ ମତ ରଖିଥିଲେ। ଡା. ଜ୍ୟୋତି ସଙ୍ଗାନ, ଡା. ଗୌରବ ମହାପାତ୍ର ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଗ୍ଲୋବାଲ ଫୋକସ ଏଜୁକେଶନ ପ୍ରାଇଭେଟ ଲିମିଟେଡ୍‌ର ନିର୍ଦ୍ଦେଶକ ସ୍ୱାଧୀନ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# କେତେ ଅପକାରୀ ରିଫ୍ରିଜିଂ ଖାଦ୍ୟ

ଆଜିକାଲି ଖାଦ୍ୟ ହେଉ କି ପନିପରିବା-ଏଗୁଡ଼ିକ ରେଫ୍ରିଜରେଟ ବା ଫ୍ରିଜ୍‌ରେ ରଖିବା ଏକ ସାଧାରଣ କଥା ପାଲଟିଗଲାଣି। କାରଣ ତା' ଭିତରେ ସେଗୁଡ଼ିକ ବେଶ୍ ସୁରକ୍ଷିତ ହୋଇ ରହିଥାଏ। ଏହି ପ୍ରଣାଳୀକୁ 'ରିଫ୍ରିଜିଂ' କୁହାଯାଏ। ହେଲେ ଆମେ ଆବଶ୍ୟକ ସମୟରେ ଫ୍ରିଜ୍ ଭିତରୁ ଖାଦ୍ୟ ଆଣି ଖାଇବା ପରେ ବଳକା ଖାଦ୍ୟକୁ ପୁଣି ତା'ଭିତରେ ରଖିଦେଉ। ହେଲେ ଫ୍ରିଜ୍ ଭିତରୁ ବାହାର କରି ବାରମ୍ବାର ଖାଦ୍ୟ ଖାଇଲେ ତାହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। କାରଣ ଖାଦ୍ୟକୁ ବାରମ୍ବାର ଫ୍ରିଜ୍ ଭିତରୁ ବାହାର କଲେ ସେଥିରେ ବ୍ୟାକ୍ଟେରିଆ ସୃଷ୍ଟି ହୋଇଥାଆନ୍ତି। ସେପରି ଖାଦ୍ୟ ଖାଇଲେ ଆମେ ପରୋକ୍ଷରେ କେତେକ ରୋଗକୁ ଆମନ୍ତ୍ରଣ କରିଥାଉ। ଅପରପକ୍ଷରେ ଫ୍ରିଜ୍ ଭିତରେ ପନିପରିବା ରଖି ସେଥିରୁ ବାରମ୍ବାର ଆଣି ରୋଷେଇ କଲେ ସେପରି ପନିପରିବାର ଗୁଣବତ୍ତା ନଷ୍ଟ ହୋଇଯାଏ। ତେଣୁ ଆବଶ୍ୟକ ମୁତାବକ ପନିପରିବା ଫ୍ରିଜ୍‌ରେ ରଖି ତାକୁ ବ୍ୟବହାର କରିପାରନ୍ତି। ତଟକା ଫଳମୂଳ ଫ୍ରିଜ୍ ଭିତରେ ରଖି ତାକୁ ଯଦି ଅନେକ ଥର ବାହାର କରି ଖିଆଯାଏ ତେବେ ତାହା ସ୍ୱାସ୍ଥ୍ୟ ପାଇଁ ଅନେକାଂଶରେ ଅପକାରୀ ସାବ୍ୟସ୍ତ ହୋଇଥାଏ।



# ସ୍ମରଣ ଶକ୍ତି ବଢ଼ାଏ ନ୍ୟୁରନ୍

ସ୍ମରଣ ଶକ୍ତିରେ ତାରତମ୍ୟ ଦେଖାଦେଲେ ଆମେ ଜଟିଳ ପରିସ୍ଥିତିର ସାମ୍ନା କରିଥାଉ। ଏହା କିପରି ସକ୍ରିୟ ରହିବ ସେ ନେଇ ନ୍ୟୁରନ୍ ନାମକ ତତ୍ତ୍ୱର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ନ୍ୟୁରନ ତତ୍ତ୍ୱ ଉପରେ ତନ୍ନ ତନ୍ନ ଗବେଷଣା କରିବା ସମୟରେ ୟୁନିଭର୍ସିଟି ଅଫ ୱାଶିଂଟନ୍‌ର ମନୋବିଜ୍ଞାନୀମାନେ ଏ କଥା ଜାଣିପାରିଛନ୍ତି। ନ୍ୟୁରନ ତତ୍ତ୍ୱ ଯଦି ସନ୍ତୁଳିତ ରହେ ତେବେ ଆମେ ସବୁ କଥା ଠିକ୍ ଭାବରେ ମନେ ରଖିପାରୁ। କେବଳ ସେତିକି ନୁହେଁ, ଏହାକୁ ଆଧାର କରି କେତେକ ମସ୍ତିଷ୍କଜନିତ ସମସ୍ୟା ଏପରିକି ଆଲଜିମର୍ସ ରୋଗର ଚିକିତ୍ସା କରାଯାଇପାରିବ ବୋଲି ସେମାନେ ଆଶା ପ୍ରକଟ କରିଛନ୍ତି।



# ପୁଷ୍ପର ସୌନ୍ଦର୍ଯ୍ୟରେ ଲୁକ୍କାୟିତ ବିଷ



"ଡାଫୋଡିଲ୍‌ର ଫଳ ଠିକ୍ ଦେଖିବାକୁ ପିଆଜ ପରି। ତେଣୁ ଏହା ଅନେକ ସମୟରେ ପିଆଜର ଭ୍ରମ ସୃଷ୍ଟି କରେ। ଏହି ଫଳରେ ସବୁଠାରୁ ଅଧିକ ଲାଇକୋରିନ୍ ଥାଏ। ଏହାକୁ ଖାଇଲେ ପାକସ୍ଥଳୀରେ ଯନ୍ତ୍ରଣା ଅନୁଭୂତ ହୁଏ ଏବଂ ଏହା ଉଚ୍ଚ ରକ୍ତଚାପ ସୃଷ୍ଟି କରେ। ଅତ୍ୟଧିକ ସେବନ ମୃତ୍ୟୁର କାରଣ ମଧ୍ୟ ହୋଇପାରେ। ଏହାଛଡ଼ା ଏହାର ଫଳରେ ଅଗ୍‌ଜାଲେଟ୍ ନାମକ ଆଉ ଏକ ରସାୟନ ଅଛି, ଯାହା ଦେଖିବାକୁ ଅତି କ୍ଷୁଦ୍ର ଓ ଛୁଞ୍ଚି ସଦୃଶ। ଏହାକୁ ଚୋବାଇଲେ ଏହା ଓଠ, ଜିଭ ଓ ଗଳାରେ ଜ୍ୱଳନ ସୃଷ୍ଟି କରେ ଓ ଭୟଙ୍କର ପୀଡ଼ା ଦିଏ।"



ଡ. ଦେବାଶିଷ ମହାନ୍ତି



ସବୁଦିନ ପରି ସେ ଦିନ ସକାଳୁ ଫେସ୍‌ବୁକର ପୃଷ୍ଠା ଓଲଟାଇବା ବେଳେ ମୋ ଆଖିରେ ପଡ଼ିଲା ଜଣେ କବିଙ୍କର ଏକ ସୃଜନଶୀଳ ଇଂଲିଶ କବିତା ଡାଫୋଡିଲ୍‌ସ। ଅତି ଚମତ୍କାର ଭାବରେ ସେ ଡାଫୋଡିଲ୍‌ସର ସୁନ୍ଦରତାକୁ ବସନ୍ତ ସ୍ପର୍ଶରେ ମନୁଷ୍ୟ ମନରେ ସୃଷ୍ଟି କରୁଥିବା ସୁନ୍ଦର ଭାବନା ସହ ତୁଳନା କରିଛନ୍ତି। କବିତାଟି ଛୋଟ ହେଲେ ମଧ୍ୟ ହୃଦୟସ୍ପର୍ଶୀ ଥିଲା। ସେଦିନ ସେ କବିତା ପଢୁ ପଢୁ ପୁଣି ମନକୁ ଆସିଲା ବିଶ୍ୱ ପ୍ରସିଦ୍ଧ କବି ୱିଲିୟମ ୱାର୍ଡ୍ସୱର୍ଥଙ୍କ କାଳଜୟୀ କବିତା ଡାଫୋଡିଲ୍‌ସ। ଡାଫୋଡିଲ୍‌ସ ପରି ସୁନ୍ଦର ଫୁଲଗୁଡ଼ିକ ସଦାବେଳେ ଆମ ହୃଦୟକୁ ସ୍ପର୍ଶ କରନ୍ତି। ସାହିତ୍ୟରେ ବିଶେଷକରି କବିତାଗୁଡ଼ିକରେ ସେମାନଙ୍କର ସ୍ଥାନ ସ୍ୱତନ୍ତ୍ର। ମୋର ହୃଦୟ ସଦାସର୍ବଦା ସାହିତ୍ୟପ୍ରେମୀ। ତେଣୁ ସେ ସର୍ବଦା ସାହିତ୍ୟକୁ ଭଲ ପାଏ ଓ ସୃଜନଶୀଳତାର ଆନନ୍ଦ ନିଏ। କିନ୍ତୁ ମୋର ମସ୍ତିଷ୍କ ରସାୟନ ବିଜ୍ଞାନର ଛାତ୍ର। ସେ ସବୁ ପଦାର୍ଥରେ ରସାୟନର ସନ୍ଧାନ କରେ। ମୋର ହୃଦୟ ଡାଫୋଡିଲ୍‌ସର ଆନନ୍ଦ ନେଉଥିବା ବେଳେ ମୋର ରସାୟନ ବିଜ୍ଞାନୀ ମସ୍ତିଷ୍କକୁ ଡାଫୋଡିଲ୍‌ସର ଅନ୍ୟ ଏକ ଦିଗ ଦୃଶ୍ୟମାନ ହେଲା। ଗୋଟିଏ ସଂସ୍କୃତ ଉକ୍ତି ମନେପଡ଼ିଲା 'ବିଷକୁମ୍ଭ ପୟୋମୁଖ'। ଅର୍ଥାତ ମୁଖ ଅତି ସୁନ୍ଦର କିନ୍ତୁ ଶରୀର ସାରା ବିଷରେ ଭର୍ତ୍ତି। ଆମ ଚତୁଃପାର୍ଶ୍ୱରେ ଏପରି ବହୁ ବ୍ୟକ୍ତିତ୍ୱ ଅଛନ୍ତି ଯେଉଁମାନେ ଉପରକୁ ବହୁ ମିଠା କଥା କୁହନ୍ତି କିନ୍ତୁ ତାଙ୍କ ମନ ଭିତରେ ଆମ ପାଇଁ ଈର୍ଷା, ଦ୍ୱେଷ ଓ ଘୃଣା ଭରି ହୋଇରହିଥାଏ। ସମ୍ଭବତଃ ଏହି ଲୋକଙ୍କଠାରୁ ସତର୍କ ରହିବା ପାଇଁ ଏହି ଫୁଲଗୁଡ଼ିକର ସୃଷ୍ଟି କରିଛି ପ୍ରକୃତି। ଯେପରି ଫୁଲଗୁଡ଼ିକୁ ବଗିଚାରେ ଲଗାଇ ଏମାନଙ୍କ ସୁନ୍ଦରତାକୁ ଉପଭୋଗ କରିବା ଉଚିତ, ଏମାନଙ୍କୁ ଘର ଭିତରକୁ ଆଣିଲେ ଏମାନେ ବିଷ ପ୍ରକିୟା ସୃଷ୍ଟି କରିପାରନ୍ତି। ସେହିପରି ଆମ ପାଇଁ ଭିତରେ ଜହର ଥିବା ଲୋକମାନଙ୍କୁ ନିଜଠାରୁ ଦୂରରେ ରଖିବା ଉଚିତ।

ତେଣୁ ଆସନ୍ତୁ ଆଜି ଏହି ମନୋରମ ପୁଷ୍ପଗୁଡ଼ିକ ଗଛରେ ଥିବା ଜହର ସମ୍ବନ୍ଧରେ ଆଲୋଚନା କରିବା। ପ୍ରଥମେ ଆରମ୍ଭ କରିବା ସେହି କବି ହୃଦୟକୁ ସ୍ପର୍ଶ କରିଥିବା ମନୋରମ ଫୁଲ ଡାଫୋଡିଲ୍‌ସଠାରୁ। ନାରସିସସ୍ ପରିବାରର ଏକ ଫୁଲ ହେଲା ଡାଫୋଡିଲ୍। ଡାଫୋଡିଲ୍ ଫୁଲ ଅତି ସୁନ୍ଦର ଓ ଏହା ସାଜସଜ୍ଜାରେ ବ୍ୟବହାର କରାଯାଏ। ଡାଫୋଡିଲ୍ ଫୁଲ ଅତି ମନୋରମ ହେଲେ ମଧ୍ୟ ଏହାର ସବୁ ଅଂଶରେ ଗାଲାନ୍ଥମାଇନ୍ ଓ ଲକୋରିନ୍ ନାମକ ଦୁଇଟି ଅତି ମାରାତ୍ମକ ଆଲକାଲାଏଡ ଶ୍ରେଣୀର ରସାୟନ ଅଛି। ଏହି ଦ୍ୱୟ ରସାୟନର ଉପସମକ ଏବଂ ବାନ୍ତି ଉତ୍ପନ୍ନକାରୀ ଧର୍ମ ଅଛି। ଏହି ରସାୟନଗୁଡ଼ିକ ସ୍ନାୟୁ ତନ୍ତ୍ରକୁ ନଷ୍ଟ କରିଦିଅନ୍ତି। ଡାଫୋଡ଼ିଲ୍‌ର ଫଳ ଠିକ୍ ଦେଖିବାକୁ ପିଆଜ ପରି। ତେଣୁ ଏହା ଅନେକ ସମୟରେ ପିଆଜର ଭ୍ରମ ସୃଷ୍ଟି କରେ। ଏହି ଫଳରେ ସବୁଠାରୁ ଅଧିକ ଲାଇକୋରିନ୍ ଥାଏ। ଏହାକୁ ଖାଇଲେ ପାକସ୍ଥଳୀରେ ଯନ୍ତ୍ରଣା ଅନୁଭୂତ ହୁଏ ଏବଂ ଏହା ଉଚ୍ଚ ରକ୍ତଚାପ ସୃଷ୍ଟି କରେ। ଅତ୍ୟଧିକ ସେବନ ମୃତ୍ୟୁର କାରଣ ମଧ୍ୟ ହୋଇପାରେ। ଏହାଛଡ଼ା ଏହାର ଫଳରେ ଅଗ୍‌ଜାଲେଟ୍ ନାମକ ଆଉ ଏକ ରସାୟନ ଅଛି, ଯାହା ଦେଖିବାକୁ ଅତି କ୍ଷୁଦ୍ର ଓ ଛୁଞ୍ଚି ସଦୃଶ। ଏହାକୁ ଚୋବାଇଲେ ଏହା ଓଠ, ଜିଭ ଓ ଗଳାରେ ଜ୍ୱଳନ ସୃଷ୍ଟି କରେ ଓ ଭୟଙ୍କର ପୀଡ଼ା ଦିଏ। ଚର୍ମରେ ପୋଡ଼ାଜଳା ମଧ୍ୟ କରେ। ଡାଫୋଡିଲ୍ ଉପରକୁ ଦେଖିବାକୁ ଯେତିକି ସୁନ୍ଦର, ତା' ମଧ୍ୟରେ ତା' ଠାରୁ ଅଧିକ ବିଷ ଭରି ରହିଛି। ତେଣୁ ଏହାକୁ କେବଳ ବଗିଚାରେ ରଖି ଏହାର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ଉଚିତ। ଏହାର ଅନ୍ୟ କୌଣସି ଅଂଶକୁ ବ୍ୟବହାର କରାଯାଇ ପାରିବ ନାହିଁ।

ଆଉ ଏକ ଦେଶୀୟ ବୃକ୍ଷ ପଙ୍ଗ। ପଙ୍ଗ ବା ସର୍ବେରା ଓଡ଼ଲମ୍, ଯାହା ଆତ୍ମହତ୍ୟାର ବୃକ୍ଷ ନାମରେ ମଧ୍ୟ ପ୍ରସିଦ୍ଧ। ଏହା ଭାରତରେ ବହୁଳ ମାତ୍ରାରେ ଦେଖାଯାଏ। ଏହାର ଧବଳ ବର୍ଣ୍ଣର ପୁଷ୍ପ ଅତି ସୁନ୍ଦର। ସେର୍ବେରିନ୍ ନାମକ ଗ୍ଲାଇକୋସାଇଡ଼ ରସାୟନ ଏହି ଗଛରେ ଅଛି, ଯାହା ଏକ ମାରାତ୍ମକ ଜହର। ଏହା ହୃତ୍‌ପିଣ୍ଡରେ ଥିବା କ୍ୟାଲସିୟମ୍ ଆୟନ୍ ପଥକୁ ଅବରୋଧ କରିଦିଏ ଏବଂ ମନୁଷ୍ୟର ତତ୍କ୍ଷଣାତ୍ ମୃତ୍ୟୁ ହୋଇଯାଏ। ଅଟୋପ୍ସିରେ ମଧ୍ୟ ଏହା ଧରା ପଡ଼େନାହିଁ ଏବଂ ଖାଦ୍ୟରେ ମିଶିଲେ ଏହାର ସ୍ୱାଦ ମଧ୍ୟ ଜଣାପଡ଼େନାହିଁ। ତେଣୁ ଆତ୍ମହତ୍ୟା ଓ ହତ୍ୟାରେ ଏହି ଜହରର ବହୁଳ ବ୍ୟବହାର ହୁଏ। ସେଥିପାଇଁ ନିଜ ବଗିଚାରେ ଏହି ଗଛକୁ ସ୍ଥାନ ଦେବା ପୂର୍ବରୁ ଆଉଥରେ ଭାବିବେ।

ଆମ ଓଡ଼ିଶାରେ କାଇଁଚ ଗଛର ସ୍ଥାନ ସ୍ୱତନ୍ତ୍ର। ଉଦ୍ଭିଦ ବିଜ୍ଞାନୀଙ୍କ ଭାଷାରେ ଯାହାର ନାମ ଅବ୍ରସ୍ ପ୍ରିକାଟୋରିଓସ୍। କେଉଁ କେଉଁ ସ୍ଥାନରେ ଏହାକୁ କ୍ରାବ୍ ଆଇ ବୋଲି ମଧ୍ୟ କୁହାଯାଏ। ଆଦିମ କାଳରୁ ଏହାର ମଞ୍ଜି ଗହଣା ଭାବରେ ବହୁତ ବ୍ୟବହାର ହୁଏ। କିନ୍ତୁ ଏହି ମନୋରମ କାଇଁଚ ମଞ୍ଜିରେ ଭରି ରହିଛି ଅବ୍ରିନ୍ ନାମକ ଏକ ଭୟଙ୍କର ବିଷ। କାଇଁଚ ମଞ୍ଜିର ଉପର ଆବରଣ ଥିବା ପର୍ଯ୍ୟନ୍ତ ଏହା ସୁରକ୍ଷିତ। କିନ୍ତୁ ଏହା ସେତେବେଳେ ବିପଜ୍ଜନକ ହୋଇଯାଏ, ଯେତେବେଳେ ଏହାର ଉପର ଆବରଣ ଛଡ଼ାଇ ଦିଆଯାଏ। ଏହାର ମଞ୍ଜିକୁ ଛେଚିକି ଖାଇଲେ କିମ୍ବା ଚୋବାଇକି ଖାଇଲେ ଏହା ମଧ୍ୟରୁ ଅବ୍ରିନ୍ ନିର୍ଗତ ହୁଏ। ଅବ୍ରିନ୍ ସେଲ୍ ମେମ୍ବ୍ରେନ୍ ସହିତ ବାନ୍ଧି ହୋଇଯାଏ ଏବଂ ରାଇବୋସମ୍‌ର ୨୬% ଉପଭୋଗକୁ ଅକ୍ଷମ କରିଦେଇ ପୁଷ୍ଟିସାର ପ୍ରସ୍ତୁତି ପ୍ରକ୍ରିୟାରେ ବାଧା ସୃଷ୍ଟି କରେ। ଏହି ଜହରର ମାତ୍ରା ଶତକଡ଼ା ୦.୦୦୦୧୫ ଏକ ସୁସ୍ଥ ମାନବକୁ ମାରିବା ପାଇଁ ଯଥେଷ୍ଟ। ତେଣୁ କାଇଁଚର ସୁନ୍ଦରତା ଉପଭୋଗ କଲା ବେଳେ ଏହା ମଧ୍ୟରେ ଥିବା ବିଷ ପ୍ରତି ସାବଧାନ ହେବା ଜରୁରୀ।

'ସୁନ୍ଦର ତୃପ୍ତିର ଅବସାଦ ନାହିଁ ଯେତେ ଦେଖୁଥିଲେ ନୂଆ ଦିଶୁ ଥାଇ' – କବିଙ୍କର ଏହି ଉକ୍ତିରେ ଏହି ବିଷୟବସ୍ତୁକୁ ଶେଷ କରିବାକୁ ଚାହୁଁଛି। ସବୁ ସୁନ୍ଦର ପଦାର୍ଥର ସୁନ୍ଦରତା ଆମକୁ ଭଲ ଲାଗେ ଏବଂ ବାରମ୍ବାର ଦେଖିବାକୁ ଇଚ୍ଛା ହୁଏ। ସବୁ ସୁନ୍ଦର ପଦାର୍ଥର ସୁନ୍ଦରତାକୁ ଉପଭୋଗ କରିବା ଉଚିତ୍। କିନ୍ତୁ ବେଳେବେଳେ ତାହା ମଧ୍ୟରେ ଯେ ବିଷ ଲୁଚିକରି ଥାଇପାରେ, ଏହାକୁ ମନା କରିପାରିବା ନାହିଁ। ତେଣୁ ସେଥିପ୍ରତି ସାବଧାନ ରହିବା ମଧ୍ୟ ଆବଶ୍ୟକ।

*–ବିଭାଗୀୟ ମୁଖ୍ୟ, ରସାୟନ ବିଭାଗ*
*ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ,*
*ଢେଙ୍କାନାଳ, ମୋ: ୯୮୬୧୩୯୧୧୯୦*

# କ୍ଷତିକାରକ ହୋଇପାରେ ହର୍ବାଲ ସିଗାରେଟ୍

**ହର୍ବାଲ ସିଗାରେଟ୍:** ଇ-ସିଗାରେଟ୍ କୌଣସି ଗୁଣରେ ସାଧାରଣ ସିଗାରେଟ୍‌ଠାରୁ କମ୍ ବିପଜ୍ଜନକ ନୁହେଁ ବୋଲି ଜଣାପଡ଼ିଲା ପରେ ଏହାର ବ୍ୟବସାୟ ମଧ୍ୟ ବାଧାପ୍ରାପ୍ତ ହେବା ସମ୍ଭାବନା ରହିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି କେତେକ ଶିଳ୍ପସଂସ୍ଥା ହର୍ବାଲ ସିଗାରେଟ୍ ତିଆରି କଲେଣି। କାରଣ ସେମାନେ ଦେଖୁଛନ୍ତି ଯେ, ବର୍ତ୍ତମାନ କୌଣସି ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟ, ବିଶେଷକରି ଖାଦ୍ୟ, ଔଷଧ ବା ପ୍ରସାଧନ ସାମଗ୍ରୀର ଦାମ୍ ସହିତ ହର୍ବାଲ ବା ଅର୍ଗାନିକ(ଜୈବ) ଶବ୍ଦଟିଏ ଯୋଡ଼ିଦେଲେ ତାହା ସମ୍ପୂର୍ଣ୍ଣ ଭାବେ ପରବର୍ତ୍ତୀ ପାର୍ଶ୍ୱପ୍ରଭାବ ସହିତ ନିରାପଦ ତଥା ସ୍ୱାସ୍ଥ୍ୟ ପ୍ରଦାୟକ ବୋଲି ଲୋକେ ସ୍ୱତଃ ଗ୍ରହଣ କରିନେଉଛନ୍ତି। ତୁଳସୀପତ୍ର, କମଳା ଘାସ, ଗୋଲାପ ପାଖୁଡ଼ା ଆଦି ଉଦ୍ଭିଦଜ ପଦାର୍ଥକୁ କାଗଜରେ ଗୁଡ଼ାଇ ସାଧାରଣ ଆକୃତିର କରି ତାହା ପ୍ରସ୍ତୁତ କରାଯାଉଛି। ଏଥିରେ ନିକୋଟିନ ନ ଥିବାରୁ ଏହାକୁ ସ୍ୱାସ୍ଥ୍ୟପ୍ରଦ ବୋଲି କୁହାଯାଉଛି।



ବର୍ତ୍ତମାନ ବଜାରରେ ମିଳୁଥିବା ସବୁଠାରୁ ଜନପ୍ରିୟ ହର୍ବାଲ-ସିଗାରେଟ୍ ହେଲା ଅର୍ଗାନିକ ସ୍ମୋକ୍‌ସ। ଏହାର ପ୍ରସ୍ତୁତକର୍ତ୍ତାଙ୍କ ସୂଚନା ଅନୁସାରେ ଏଥିପାଇଁ ଆୟୁର୍ବେଦ ଡାକ୍ତରଙ୍କ ସହ ପରାମର୍ଶକରି ଉପକାରୀ ଉଦ୍ଭିଦଜ ଉପାଦାନ ମାନ ବ୍ୟବହାର କରାଯାଉଛି। ଏଣୁ ଏଥିରୁ ନିର୍ଗତ ଧୂଆଁର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ରହୁନାହିଁ ବରଂ ତାହା କାଶ, କଫ ଆଦି ରୋଗର ଉପଶମ କରିପାରୁଛି। ପୁନଶ୍ଚ ଏହା ଧୂଆଁପତ୍ର ଭିତ୍ତିକ ସାଧାରଣ ସିଗାରେଟ୍ ସେବନରୁ ଲୋକଙ୍କୁ ନିବୃତ୍ତ କରୁଛି। କିନ୍ତୁ ରୋଗ ବିଶେଷଜ୍ଞମାନେ ଏହାକୁ ଗ୍ରହଣ କରୁନାହାନ୍ତି। ସେମାନଙ୍କ ମତରେ ଏଥିରେ ସିନା ନିକୋଟିନ ନାହିଁ ତେବେ ଅନ୍ୟାନ୍ୟ ଜୈବ ପଦାର୍ଥ ରହିଛି; ଯାହା ଜଳିଲେ ତହିଁରୁ ଆଲକାତରା ସମେତ ବିବିଧ ବିଷାକ୍ତ ବାଷ୍ପ ସୃଷ୍ଟି ହୋଇପାରେ। ସେସବୁ ଫୁସ୍‌ଫୁସ୍ ପାଇଁ କ୍ଷତିକାରକ। ନିକଟରେ ଗବେଷଣା ପତ୍ରିକା 'ଟବାକୋ କଂଟ୍ରୋଲ'ରେ ପ୍ରକାଶିତ ଏକ ନିବନ୍ଧରେ ଦର୍ଶାଯାଇଛି ଯେ, ହର୍ବାଲ ସିଗାରେଟ୍‌ରୁ ନିର୍ଗତ ଧୂଆଁ ସାଧାରଣ ସିଗାରେଟ୍ ଧୂଆଁଠାରୁ କୌଣସି ଗୁଣରେ କମ୍ କର୍କଟ ରୋଗକାରୀ ନୁହେଁ। ପୁନଶ୍ଚ ଏଥିରେ ମଧ୍ୟ ପ୍ରଚୁର ପରିମାଣରେ କାର୍ବନ ମନୋକ୍‌ସାଇଡ ଏବଂ ସୂକ୍ଷ୍ମକଣିକା ଥିବା ଜଣାପଡ଼ିଛି। ଏ ଉଭୟେ ସ୍ୱାସ୍ଥ୍ୟ ପାଇଁ ବିଶେଷଭାବେ କ୍ଷତିକାରକ।

ଅବଶ୍ୟ ହର୍ବାଲ-ସିଗାରେଟ୍ ଉପରେ ଅଧ୍ୟୟନ ଏବେ ମଧ୍ୟ ସୀମିତାବସ୍ଥାରେ ରହିଛି। ତେବେ, ତାହା ଯେତିକି ହୋଇଛି ସେତିକିରୁ ଏକଥା ସ୍ପଷ୍ଟ ଯେ, ତାହା କଦାପି ନିରାପଦ ନୁହେଁ। ପୁନଶ୍ଚ ସାଧାରଣ ସିଗାରେଟ୍ ଭଳି ତା' ଖୋଳ ଉପରେ କୌଣସି ବିପଦ ସୂଚକ ସଙ୍କେତ ଦିଆଯାଉନାହିଁ କିମ୍ବା ଏହାକୁ ସରକାରଙ୍କ ଦ ସିଗାରେଟ୍ସ ଏଣ୍ଡ ଅଦର ଟବାକୋ ପ୍ରଡକ୍ଟ୍ସ ଆକ୍ଟ ଦ୍ୱାରା ନିୟନ୍ତ୍ରିତ କରାଯାଉନାହିଁ। ଏଣୁ ସାଧାରଣ ଲୋକେ ବିଶେଷକରି ଯୁବପିଢ଼ି ଏହାକୁ ନିରାପଦ ମନେକରି ଅଧିକ ସେବନ କରିବା ସମ୍ଭାବନା ରହିଛି। ଏପରି ସ୍ଥଳେ ସିଗାରେଟ୍ ବା ଇ-ସିଗାରେଟ୍ ଭଳି ଏହା ମଧ୍ୟ ବିପଜ୍ଜନକ ହୋଇପାରେ ବୋଲି ଜନସଚେତନତା ସୃଷ୍ଟି କରିବା ଏବଂ ଏହାର ବିକ୍ରୟ ଏବଂ ପ୍ରଚାର ଉପରେ ନିୟନ୍ତ୍ରଣ ଜାରି କରିବା ଦିଗରେ ଯଥାଶୀଘ୍ର ପଦକ୍ଷେପ ନିଆଯିବା ଉଚିତ। ସମସ୍ତେ ଉପଲବ୍ଧି କରିପାରିବେ ଯେ, ସବୁ ପ୍ରକାର ଧୂମପାନ ସ୍ୱାସ୍ଥ୍ୟହାନି କାରକ। ଏଣୁ ସବୁ ପ୍ରକାର ସିଗାରେଟ୍ ଜୀବନଘାତକ।

**–ପ୍ର. ରମେଶ ଚନ୍ଦ୍ର ପରିଡ଼ା**
*ଉଷାନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର,*
*ମୋ : ୯୯୩୭୯୮୫୭୬୭*

# କ୍ୟାନ୍‌ସର ଓ ମସଲାଯୁକ୍ତ ଖାଦ୍ୟ

ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଚିନ୍ତାର କାରଣ ସାଜିଥିବା କେତେକ ପ୍ରମୁଖ ରୋଗ ମଧ୍ୟରୁ କ୍ୟାନ୍‌ସର ଅନ୍ୟତମ। ଅବଶ୍ୟ ଏବେ କେତେକ କ୍ୟାନ୍‌ସରକୁ ପ୍ରାରମ୍ଭିକ ଅବସ୍ଥାରେ ଚିହ୍ନଟ କରି ତାହାର ସମ୍ପୂର୍ଣ୍ଣ ଚିକିତ୍ସା କରାଯାଇପାରୁଛି। ତେବେ ଏହାଠାରୁ ଦୂରେଇ ରହିବାର ଏକ ସରଳ ଉପାୟ ନିକଟରେ କାଲିଫର୍ନିଆ ୟୁନିଭର୍ସିଟିର କ୍ୟାନସର ବିଶେଷଜ୍ଞମାନେ ଖୋଜି ପାଇଛନ୍ତି। ସଦ୍ୟ ସମାପିତ ଗବେଷଣାରୁ ଜଣାପଡ଼ିଛି ଯେ, ଯଦି ଜଣେ ବ୍ୟକ୍ତି ମସଲାଯୁକ୍ତ ଖାଦ୍ୟ ଖାଉଛନ୍ତି ତେବେ ସେ ନିଜକୁ କ୍ୟାନସରଠାରୁ କେତେକାଂଶରେ ଦୂରେଇ ରଖିପାରିବେ। ପରୀକ୍ଷାମୂଳକ ଭାବରେ ଏପରି ଉକ୍ତି ପଛରେ ସତ୍ୟତା ରହିଛି ବୋଲି ସେମାନେ ପ୍ରକାଶ କରିଛନ୍ତି। ଗବେଷଣା ସମୟରେ ଏହାର ପରିସରଭୁକ୍ତ କିଛି ବ୍ୟକ୍ତିଙ୍କଠାରେ (ଯେଉଁମାନେ ପ୍ରାୟ ମସଲାଯୁକ୍ତ ଖାଦ୍ୟ ଖାଉଥିଲେ) କ୍ୟାନ୍‌ସର ଲକ୍ଷଣ ଅଛି କି ନାହିଁ ତାହା ତର୍ଜମା କରାଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ପ୍ରାୟ ୩୦ ପ୍ରତିଶତ ବ୍ୟକ୍ତିଙ୍କଠାରେ କ୍ୟାନ୍‌ସର ଲକ୍ଷଣ ଦେଖିବାକୁ ମିଳି ନ ଥିଲା ବୋଲି ରିପୋର୍ଟରେ ଦର୍ଶାଯାଇଛି।





# ଅଣ୍ଟା ବିନ୍ଧା ଓ ମୋବାଇଲ୍

ବର୍ତ୍ତମାନ ଦୁନିଆରେ ମୋବାଇଲ୍‌ର ମହତ୍ତ୍ୱ କେତେ ତାହା କହିବା ବାହୁଲ୍ୟ। କାରଣ ପ୍ରତିଟି କ୍ଷେତ୍ରରେ ଏହାକୁ ବ୍ୟବହାର କରାଯାଇପାରୁଛି। ହେଲେ ଯଦି ଜଣେ ବ୍ୟକ୍ତି ନିଜକୁ ଅଧିକାଂଶ ସମୟ ମୋବାଇଲ୍ ସହ ଜଡିତ ରଖୁଛନ୍ତି ତେବେ ସେ ଟିକେ ସତର୍କ ରହିବା ଦରକାର। ଆମେରିକାସ୍ଥିତ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ନିକଟରେ ଏପରି ସୂଚନା ଦେଇଛନ୍ତି। ଯଦି ଜଣେ ବ୍ୟକ୍ତି ଦୀର୍ଘ ସମୟ ପର୍ଯ୍ୟନ୍ତ ମୋବାଇଲ ବ୍ୟବହାର କରନ୍ତି ତେବେ ତାହାର ପ୍ରଭାବ ଅନେକାଂଶରେ ଅଣ୍ଟା ଉପରେ ପଡିଥାଏ। କାରଣ ଗୋଟିଏ ସ୍ଥାନରେ ବସି ରହିଲେ ଅଣ୍ଟାଜନିତ ସମସ୍ୟା ଦେଖାଯିବାର ଯଥେଷ୍ଟ ଆଶଙ୍କା ରହିଛି। 'ଅଣ୍ଟା ବିନ୍ଧା ଓ ମୋବାଇଲ' ଶୀର୍ଷକ ବିଷୟକୁ ନେଇ ସେମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ଅଧିକ ସମୟ ମୋବାଇଲ ବ୍ୟବହାର କରୁଥିଲେ ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କର ଅଣ୍ଟାଜନିତ ସମସ୍ୟା ଦେଖିବାକୁ ମିଳିଥିଲା। ଉକ୍ତ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ପରାମର୍ଶ ଦେଇଛନ୍ତି ଯେ, ଯଦି ଆପଣ ଗୋଟିଏ ସ୍ଥାନରେ ଅଧିକ ସମୟ ବସି ରହୁଛନ୍ତି ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ସେଠାରୁ ଉଠି ଚାଲବୁଲ କରନ୍ତୁ। ତା' ସହ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ। ସବୁଠାରୁ ଖାସ୍ କଥା ହେଲା ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମକୁ ସାମିଲ କରନ୍ତୁ।

“ କେରଳ ସରକାରଙ୍କ ସମସ୍ତ ଅଫିସରେ କାଇଟ୍ ପକ୍ଷରୁ ମାଗଣା ସଫ୍ଟୱେର ଆଧାରିତ ଅପରେଟିଂ ସିଷ୍ଟମରେ ଡିଜିଟାଲ ସିଗ୍ନେଚର ବ୍ୟବସ୍ଥା ଅଣାଯିବା
– କେ.ଅନୱର ସାଦଥ, ଭାଇସ୍ ଚେୟାରମ୍ୟାନ, କାଇଟ୍



“ ଦେଶର ବାଣିଜ୍ୟିକ ରିଏଲ ଇଷ୍ଟେଟ୍‌ରେ ଚାହିଦା ବୃଦ୍ଧି ଯୋଗୁ ଜେଏଲ୍ଏଲ୍ ଇଣ୍ଡିଆର ରାଜସ୍ୱ ବୃଦ୍ଧି ପାଇଛି। ୨୦୨୦ ଶେଷ ସୁଦ୍ଧା କମ୍ପାନୀ ୨ ହଜାର କର୍ମଚାରୀଙ୍କୁ ନିଯୁକ୍ତି ଦେବ।
– ରମେଶ ନାୟାର, ଜେଏଲ୍ଏଲ୍ ସିଇଓ, କଣ୍ଟ୍ରି ମୁଖ୍ୟ



## ସଂକ୍ଷେପରେ

### ପ୍ଲାଟଫର୍ମ ଟିକେଟ ବିକ୍ରିରୁ ରେଲୱେକୁ ୧୩୯ କୋଟି ଆୟ




**ନୂଆଦିଲ୍ଲୀ,୨୮-୭:** ଭାରତୀୟ ରେଲୱେ ଯାତ୍ରୀ ଭଡ଼ା ନ ବଢ଼ାଇ ଆୟ କରିବା ଲାଗି ବିକଳ୍ପ ପନ୍ଥା ଆପଣାଇଛି। ଏହିକ୍ରମରେ ଏହା ପ୍ଲାଟଫର୍ମ ଟିକେଟ ବିକ୍ରି କରି ୨୦୧୮-୧୯ରେ ୧୩୯.୨ କୋଟି ଟଙ୍କା ଆୟ କରିଛି। ଏହାବ୍ୟତୀତ ଏହି ସମୟରେ ବିଜ୍ଞାପନ ଓ ଷ୍ଟେଶନରେ ଦୋକାନ ସ୍ଥାପନ ବାବଦରେ ୨୩୦.୪୭ କୋଟି ରୋଜଗାର କରିଛି ବୋଲି ରେଲୱେ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି। ପ୍ରଚଳିତ ନୀତି ଅନୁଯାୟୀ ପ୍ରତିଯୋଗିତାମୂଳକ ନିଲାମ ମାଧ୍ୟମରେ ରେଳ ଷ୍ଟେଶନରେ ଦୋକାନ ଖୋଲିବା ଏବଂ ବିଜ୍ଞାପନ କରିବାକୁ ଅନୁମୋଦନ କରାଯାଇଥାଏ। ଏଣୁ ଚୁକ୍ତି କରିବା ଲାଗି ରେଲୱେ ପୂର୍ବରୁ ଦର ସ୍ଥିର କରୁଛି ବୋଲି ହେଉଥିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ଯାତ୍ରୀମାନଙ୍କ ଉପରେ ଅତିରିକ୍ତ ବୋଝ ନ ବଢ଼ାଇ ରେଲୱେ ଅନ୍ୟ ବାଟେ ନିଜର ଆୟ ବଢ଼ାଇବାକୁ ଚାହୁଁଛି। ରେଳର ବୈଦ୍ୟୁତିକୀକରଣ ପାଇଁ ଏସିଆନ ଡେଭଲପ୍‌ମେଣ୍ଟ ବ୍ୟାଙ୍କ ପକ୍ଷରୁ ୭୫ କୋଟି ଡଲାର ଋଣ ମିଳିଛି ବୋଲି ସେ ପ୍ରକାଶ କରିଛନ୍ତି। ରେଲୱେ ମୋବାଇଲ ସମ୍ପତ୍ତି, ବିଜ୍ଞାପନ, ରେଲ ଡିସ୍‌ପ୍ଲେ ନେଟ୍‌ୱର୍କ ଏବଂ କଣ୍ଟେଣ୍ଟ ଅନ୍ ଡିମାଣ୍ଡ ଭଳି ଅଣପାରମ୍ପରିକ ମାଧ୍ୟମରୁ ରୋଜଗାର ବଢ଼ାଇବାକୁ ଚାହୁଁଛି ବୋଲି ଗୋୟଲ ପ୍ରକାଶ କରିଛନ୍ତି।

### ସମ୍ପତ୍ତି ବାଜ୍ୟାପ୍ତକୁ ବିରୋଧ
### ସୁପ୍ରିମକୋର୍ଟରେ ମାଲ୍ୟାଙ୍କ ଆବେଦନ



**ନୂଆଦିଲ୍ଲୀ,୨୮-୭:** ପ୍ରତ୍ୟର୍ପଣ ମାମଲାର ସାମ୍ନା କରୁଥିବା ପଳାତକ ମଦ ବ୍ୟବସାୟୀ ବିଜୟ ମାଲ୍ୟା ଶନିବାର ସୁପ୍ରିମକୋର୍ଟରେ ସମ୍ପତ୍ତି ବାଜ୍ୟାପ୍ତ ରୋକିବାକୁ ନେଇ ମାମଲା ଦାଏର କରିଛନ୍ତି। ତାଙ୍କର ତଥା ତାଙ୍କ ପରିବାରର ସମ୍ପତ୍ତି ବାଜ୍ୟାପ୍ତ ଉପରେ ରହିତାଦେଶ ଜାରି କରିବାକୁ ମାଲ୍ୟା ତାଙ୍କ ଆବେଦନରେ ଦର୍ଶାଇଛନ୍ତି। ବନ୍ଦ ହୋଇଯାଇଥିବା କିଙ୍ଗଫିଶର ଏୟାରଲାଇନ୍ସ ସମେତ ତାଙ୍କର ଅନ୍ୟ ସମ୍ପତ୍ତିଗୁଡ଼ିକୁ ବାଜ୍ୟାପ୍ତ କରିନେବା ଲାଗି ହେଉଥିବା ଉଦ୍ୟମକୁ ରୋକାଯାଉ ବୋଲି ସେ କହିଛନ୍ତି। ସୂଚନାଥାଉ କି, ସ୍ୱତନ୍ତ୍ର ଅଦାଲତ ମାଲ୍ୟାଙ୍କୁ ପଳାତକ ଆର୍ଥିକ ଅପରାଧୀ ଭାବେ ଘୋଷଣା କରି ତାଙ୍କର ସମସ୍ତ ସମ୍ପତ୍ତି ବାଜ୍ୟାପ୍ତ କରିବା ଲାଗି ନିର୍ଦ୍ଦେଶ ଦେବା ପରେ ସେ ଏହାକୁ ବିରୋଧ କରି ବମ୍ବେ ହାଇକୋର୍ଟରେ ମାମଲା ଦାଏର କରିଥିଲେ, ଯାହା ଖାରଜ ହୋଇଯାଇଛି। ହାଇକୋର୍ଟ ସମ୍ପତ୍ତି ବାଜ୍ୟାପ୍ତ କାର୍ଯ୍ୟାନୁଷ୍ଠାନ ଉପରେ ରହିତାଦେଶ ଦେବାକୁ ମନା କରିଥିଲେ। ମାଲ୍ୟା ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି।

### ହ୍ୟାକାଥନ ଆୟୋଜନ କଲା ମାଇକ୍ରୋସଫ୍ଟ

**ଗୁରୁଗ୍ରାମ,୨୮-୭:** ମାଇକ୍ରୋସଫ୍ଟ ପକ୍ଷରୁ ବିଶ୍ୱର ସର୍ବବୃହତ୍ ଘରୋଇ ହ୍ୟାକାଥନ ଆୟୋଜିତ ହୋଇ ହୋଇଯାଇଛି। ଏହା ଭାରତରେ ପ୍ରଥମଥର ଲାଗି ଆୟୋଜିତ ହୋଇଥିଲା। ଏଥିରେ କମ୍ପାନୀର କର୍ମଚାରୀ, ଗ୍ରାହକ ଏବଂ ଏନ୍‌ଜିଓ ମିଳିତ ହୋଇ ବିଶ୍ୱ ଲାଗି ସଲ୍ୟୁଶନ ପାଇଁ କାର୍ଯ୍ୟ କରିଥିଲେ। ସପ୍ତାହେ ଧରି ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ କର୍ମଚାରୀମାନେ ମିଳିତ ହୋଇ ସମସ୍ୟା ସମାଧାନ, ପ୍ରକଳ୍ପ ପ୍ରତିଷ୍ଠା ଏବଂ ନୂଆ କୌଶଳ ସଂଯୋଗୀକରଣ ଦିଗରେ ଯୋଗଦାନ ରଖିଥିଲେ। ବୃହତ୍ ସ୍ୱାର୍ଥକୁ ବିଚାର କରି ସମସ୍ୟା ସମାଧାନ ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ନିର୍ଦ୍ଦେଶକ ଗ୍ୟାରେଜ ଇଣ୍ଡିଆ ମାଇକ୍ରୋସଫ୍ଟ ରିନା ଦୟାଲ କହିଛନ୍ତି।

# ଦ୍ୱୈତ ଭୋଟିଂ ବ୍ୟବସ୍ଥାରେ ନିଯୁକ୍ତ ହେବେ ସ୍ୱାଧୀନ ନିର୍ଦ୍ଦେଶକ

**ନୂଆଦିଲ୍ଲୀ,୨୮-୭**



- ଖୁବ୍‌ଶୀଘ୍ର ଘୋଷଣା ହେବ
- ବ୍ରିଟେନ ଭଳି ବ୍ୟବସ୍ଥା ଆପଣାଯିବ
- ସ୍ୱଳ୍ପ ଶେୟାରଧାରୀ ଭୋଟିଂ ମାଧ୍ୟମରେ ଚୟନ କରିବେ ସ୍ୱାଧୀନ ନିର୍ଦ୍ଦେଶକ
- ପ୍ରତ୍ୟାଖ୍ୟାନ କ୍ଷେତ୍ରରେ ୯୦ ଦିନ ପରେ ପୁନର୍ବାର ଚୟନ ବ୍ୟବସ୍ଥା

ଦେଶରେ କର୍ପୋରେଟ ଦୁର୍ନୀତି କ୍ରମାଗତ ବଢ଼ିଚାଲିଛି। ସେମାନେ ପାଣ୍ଠିର ଦୁରୁପଯୋଗ କରୁଥିବାର ବହୁ ଘଟଣାର ପର୍ଦ୍ଦାଫାଶ ହେବାରେ ଲାଗିଛି। ଇନ୍‌ଫ୍ରାଷ୍ଟ୍ରକ୍‌ଚର ଲିଜିଂ ଆଣ୍ଡ ଫାଇନାନ୍ସିଆଲ ସର୍ଭିସେସ୍ ଏହାର ଜ୍ୱଳନ୍ତ ଉଦାହରଣ। ଏଭଳି ଦୁର୍ନୀତି ରୋକିବାରେ କମ୍ପାନୀ ବୋର୍ଡରେ ନିଯୁକ୍ତ ହେଉଥିବା ସ୍ୱାଧୀନ ଡାଇରେକ୍ଟରଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ବୋର୍ଡର ସଦସ୍ୟ ଥିବା ପ୍ରମୋଟର, ମୁଖ୍ୟମାନେ ସେମାନଙ୍କୁ ହାତବାରିସି କରି ଦୁର୍ନୀତି କରୁଥିବା ପ୍ରମାଣ ମିଳିବାରେ ଲାଗିଛି। ଏଣୁ ସ୍ୱାଧୀନ ନିର୍ଦ୍ଦେଶକଙ୍କୁ ନିଯୁକ୍ତ କରିବା ବେଳେ ଡୁଏଲ ଭୋଟିଂ ବା ଦ୍ୱୈତ ଭୋଟିଂ ବ୍ୟବସ୍ଥା ଆପଣାଇବାକୁ ସରକାର ବିଚାର କରୁଛନ୍ତି। ଏହାଦ୍ୱାରା ବୋର୍ଡରେ ନିର୍ଦ୍ଦେଶକ ଓ ଶେୟାରଧାରୀଙ୍କ ମଧ୍ୟରେ ବାଲାନ୍ସ ବା ସମତୁଲତା ବଜାୟ ରଖିହେବ ବୋଲି ସରକାର ମନେ କରୁଛନ୍ତି। ଏନେଇ ଖୁବଶୀଘ୍ର ଘୋଷଣା କରାଯିବ ବୋଲି ଜଣାପଡିଛି।

ଜଣେ ସ୍ୱାଧୀନ ନିର୍ଦ୍ଦେଶକଙ୍କୁ ନିଯୁକ୍ତି କରିବା ପାଇଁ ଦ୍ୱିସ୍ତରୀୟ ବ୍ୟବସ୍ଥା ଆପଣାଯିବ। ବ୍ରିଟେନ ଭଳି ଭାରତରେ ମଧ୍ୟ ଏଭଳି ବ୍ୟବସ୍ଥା ଗ୍ରହଣ କରାଯିବ। ଏହାଦ୍ୱାରା ସ୍ୱଳ୍ପ ଶେୟାରଧାରୀଙ୍କ ଦ୍ୱାରା ସ୍ୱାଧୀନ ନିର୍ଦ୍ଦେଶକଙ୍କୁ ନିଯୁକ୍ତି ଦିଆଯିବ। ବ୍ରିଟେନରେ କୌଣସି କମ୍ପାନୀଙ୍କୁ ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ହେବାକୁ ହେଲେ ସ୍ୱାଧୀନ ନିର୍ଦ୍ଦେଶକଙ୍କୁ ସମସ୍ତ ଶେୟାରଧାରୀ ଏବଂ ସ୍ୱଳ୍ପ/ଅଣ ପ୍ରମୋଟର ଶେୟାରଧାରୀଙ୍କ ଦ୍ୱାରା ଭୋଟିଂ ମାଧ୍ୟମରେ ନିର୍ବାଚିତ କରିବାକୁ ପଡେ। ଯଦି ସ୍ୱଳ୍ପ ଶେୟାରଧାରୀ କୌଣସି ସ୍ୱାଧୀନ ନିର୍ଦ୍ଦେଶକଙ୍କ ନାମକୁ ଅନୁମୋଦନ ନ କରନ୍ତି, ତେବେ ୯୦ ଦିନ ପରେ ପୁନର୍ବାର ଅନ୍ୟ ଜଣଙ୍କ ନାମ ଉପରେ ଭୋଟିଂ କରିବାକୁ ପଡିଥାଏ। ଜଣେ ଅଧିକାରୀ କହିଛନ୍ତି ଯେ, ସ୍ୱାଧୀନ ନିର୍ଦ୍ଦେଶକଙ୍କ ନିଯୁକ୍ତିରେ ଦ୍ୱୈତ ଭୋଟିଂ ବ୍ୟବସ୍ଥା ଆଇଡିଆକୁ ଦେଶରେ କାର୍ଯ୍ୟକାରୀ କରିବାର ସମୟ ଆସିଛି। ଦେଶର ଅଧିକାଂଶ କମ୍ପାନୀ ପ୍ରମୋଟରଙ୍କ ଦ୍ୱାରା ପରିଚାଳିତ ହେଉଥିବାରୁ ଏଭଳି ପରିବର୍ତ୍ତନ ଦ୍ୱାରା ସ୍ୱଳ୍ପ ଶେୟାରଧାରୀଙ୍କୁ ଅଧିକ କ୍ଷମତା ମିଳିବ ଏବଂ ସେମାନେ ବୋର୍ଡର କାର୍ଯ୍ୟକୁ ନିୟନ୍ତ୍ରଣ କରିବାକୁ ସୁଯୋଗ ପାଇବେ। ତେବେ ଏହି ପ୍ରସ୍ତାବ ଉପରେ ଅଧିକ ବିଚାରବିମର୍ଷ କରିବାର ଆବଶ୍ୟକତା ରହିଛି। ଏହାପରେ କମ୍ପାନୀ ଆଇନରେ ଆବଶ୍ୟକ ସଂଶୋଧନ କରିବାକୁ ହେବ। ବର୍ତ୍ତମାନ ବ୍ୟବସ୍ଥାରେ ନୋମିନେଶନ ଆଣ୍ଡ ରେମ୍ୟୁନେରେଶନ କମିଟି ଦ୍ୱାରା ସ୍ୱାଧୀନ ନିର୍ଦ୍ଦେଶକଙ୍କୁ ଖୋଜାଯାଇ ନିଯୁକ୍ତ କରାଯାଏ। ଏଥିପାଇଁ ପ୍ରଥମେ ବୋର୍ଡ ଓ ପରେ ଶେୟାରଧାରୀଙ୍କ ଅନୁମୋଦନ ନିଆଯାଏ। ୫୦ ପ୍ରତିଶତରୁ ଅଧିକ ଭୋଟ ମିଳିଲେ ହିଁ ସ୍ୱାଧୀନ ନିର୍ଦ୍ଦେଶକଙ୍କୁ ନିଯୁକ୍ତି ମିଳିଥାଏ। ପ୍ରମୋଟର ଏହି ଭୋଟିଂ ବେଳେ ବୋର୍ଡ ସଦସ୍ୟଙ୍କୁ ପ୍ରଭାବିତ କରି ସ୍ୱାଧୀନ ନିର୍ଦ୍ଦେଶକଙ୍କ ନିଯୁକ୍ତିକୁ ଅନୁମୋଦନ କରାଇ ନିଅନ୍ତି। ଫଳରେ ସେ ପ୍ରମୋଟରଙ୍କ ସହ ସାଲିସ୍ କରିବାକୁ ବାଧ୍ୟ ହୁଅନ୍ତି। ବୋର୍ଡ ନିଷ୍ପତ୍ତିରେ ତାଙ୍କର ସ୍ୱାଧୀନତା ନ ଥାଏ। ବୋର୍ଡ ବୈଠକରେ ପ୍ରମୋଟରଙ୍କ କଥାରେ 'ହଁ' ଭରିବା ଛଡ଼ା ତାଙ୍କ ନିକଟରେ ଦ୍ୱିତୀୟ ପନ୍ଥା ନାହିଁ। ଏହା ହିଁ ବୋର୍ଡର କାର୍ଯ୍ୟକୁ ପ୍ରଭାବିତ କରେ। ଫଳରେ ଦୁର୍ନୀତି ମୁଣ୍ଡ ଟେକେ ବୋଲି ଅଧିକାରୀ ପ୍ରକାଶ କରିଛନ୍ତି।

# କ୍ଷୁଦ୍ର ବ୍ୟବସାୟୀଙ୍କ ଭାଗ୍ୟ ବଦଳାଇ ଦେଲେ ଜ୍ୟାକ୍ ମା

**ବେଜିଂ,୨୮-୭**

**ମାଇବ୍ୟାଙ୍କ ମାଧ୍ୟମରେ ଦେଲେ ୨୦ଲକ୍ଷ କୋଟି ଋଣ**



ଚାଇନାର ସବୁଠାରୁ ଧନବାନ ବ୍ୟକ୍ତି ତଥା ଇ-କମର୍ସ କମ୍ପାନୀ ଆଲିବାବାର ପ୍ରତିଷ୍ଠାତା ଅଧ୍ୟକ୍ଷ ଜ୍ୟାକ୍ ମା ଦେଶର କ୍ଷୁଦ୍ର ବ୍ୟବସାୟୀଙ୍କ ଭାଗ୍ୟ ବଦଳାଇ ଦେଇଛନ୍ତି। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ମାଇବ୍ୟାଙ୍କ(ଅନ୍‌ଲାଇନ ବ୍ୟାଙ୍କ) ଗତ ୪ ବର୍ଷ ମଧ୍ୟରେ ଛୋଟ ବ୍ୟବସାୟୀଙ୍କୁ ୨ ଟ୍ରିଲିୟନ ୟୁଆନ ଅର୍ଥାତ୍ ପ୍ରାୟ ୨୦ ଲକ୍ଷ କୋଟି ଟଙ୍କା(୨୯୦ ବିଲିୟନ ଡଲାର) ଋଣ ଦେଇଛି। ବ୍ଲୁମ୍‌ବର୍ଗ ବିଲିୟନେୟାର ଇଣ୍ଡେକ୍ସ ଅନୁସାରେ ଜ୍ୟାକ୍ ମା'ଙ୍କ ମୋଟ ସମ୍ପତ୍ତିର ପରିମାଣ ପ୍ରାୟ ୪୧.୯ ବିଲିୟନ ଡଲାର ଅର୍ଥାତ୍ ପ୍ରାୟ ୨.୯୩ ଲକ୍ଷ କୋଟି ଟଙ୍କା। ମିଡିଆ ରିପୋର୍ଟ ଅନୁଯାୟୀ, ଉକ୍ତ ବ୍ୟାଙ୍କ ଋଣ ପ୍ରଦାନ କରିବା ଲାଗି ରିୟଲ ଟାଇମ ପେମେଣ୍ଟ ଡାଟା ଏବଂ ରିସ୍କ ମ୍ୟାନେଜମେଣ୍ଟ ସିଷ୍ଟମ ବ୍ୟବହାର କରିଥାଏ। ବ୍ୟାଙ୍କ ପ୍ରାୟ ୩ ହଜାର ମାନଦଣ୍ଡ ବିଶ୍ଲେଷଣ କରିବା ପରେ ହିଁ ଋଣ ମଞ୍ଜୁର କରିଥାଏ। ମା'ଙ୍କର ୪ ବର୍ଷ ପୁରୁଣା ମାଇବ୍ୟାଙ୍କ ପକ୍ଷରୁ ଅଦ୍ୟାବଧି ପ୍ରାୟ ୧.୬ କୋଟି କ୍ଷୁଦ୍ର ବ୍ୟବସାୟୀଙ୍କୁ ଋଣ ପ୍ରଦାନ କରାଯାଇଛି। ଏହି ବ୍ୟାଙ୍କର ବିଶେଷତ୍ୱ ହେଉଛି ଯେ, ଏହା ମାତ୍ର ୩ ମିନିଟରେ ଛୋଟ କମ୍ପାନୀଙ୍କୁ ଋଣ ଦେଇଥାଏ। ନିଜର ସ୍ମାର୍ଟଫୋନ ମାଧ୍ୟମରେ ଋଣ ପାଇଁ ଆବେଦନ କରିବା ମାତ୍ରେ ତୁରନ୍ତ ଏହାକୁ ଅନୁମୋଦନ କରାଯାଏ। ଏଥିରେ ହ୍ୟୁମାନ ବ୍ୟାଙ୍କର୍ସ ଅର୍ଥାତ୍ ବ୍ୟାଙ୍କ ଅଧିକାରୀଙ୍କର କୌଣସି ଭୂମିକା ନ ଥାଏ। ମାଇବ୍ୟାଙ୍କର ଋଣ ଡିଫଲ୍ଟ ହାର ବା ଏନ୍‌ପିଏ ମାତ୍ର ୧ ପ୍ରତିଶତ ରହିଛି।

## ଇମାମୀ ଡବଲବୁଲ୍ ସିମେଣ୍ଟର ରିଟେଲର ସମ୍ମିଳନୀ



**ଭୁବନେଶ୍ୱର,୨୮-୭(ବ୍ୟୁରୋ)**

ପ୍ରମୁଖ ଅଭିବୃଦ୍ଧିଶୀଳ ସିମେଣ୍ଟ କମ୍ପାନୀ ଇମାମୀ ଡବଲବୁଲ୍ ସିମେଣ୍ଟ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ରିଟେଲର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଡିଲରମାନଙ୍କୁ କମ୍ପାନୀ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଗତ ୩ ବର୍ଷ ମଧ୍ୟରେ କମ୍ପାନୀ ଓଡ଼ିଶାରେ ଏହାର ସ୍ଥିତିକୁ ବେଶ ଦୃଢ କରିବାକୁ ସକ୍ଷମ ହୋଇଛି। ଏହି ସଫଳତା ପାଳନ କରିବା ଲାଗି କମ୍ପାନୀ ଏଭଳି ଏକ ସମ୍ମିଳନୀ ଆୟୋଜନ କରିଥିବା କହିଛି। କାର୍ଯ୍ୟକ୍ରମରେ କମ୍ପାନୀର ନୂଆ ପ୍ରଡକ୍ଟ ପ୍ୟାକେଜିଂର ବଜାର ପ୍ରବେଶ ହୋଇଥିଲା। ଏଥିରେ ଇମାମୀ ଡବଲବୁଲ୍‌ର ଓଡ଼ିଶା ମୁଖ୍ୟ ଅଭିମନ୍ୟୁ ପ୍ରସାଦ କର, ମାର୍କେଟିଂ ଏବଂ ଟେକ୍ନିକାଲ ମୁଖ୍ୟ ସୋମିକ ମୁଖାର୍ଜୀ, ଜାତୀୟ ଟ୍ରେଡ ମାର୍କେଟିଂ ମୁଖ୍ୟ ଇନ୍ଦ୍ରନୀଲ ଦାସ ଏବଂ ଓଡ଼ିଶା ମାର୍କେଟିଂ ମୁଖ୍ୟ ଏସ୍.କେ. ସିରାଜୁଦ୍ଦିନ ପ୍ରମୁଖ ଉପସ୍ଥିତ ଥିଲେ।

### ସଡ଼କ ଦୁର୍ଘଟଣା, ଗାଡ଼ି ଚୋରି ରୋକିବା
# ପେଟେଣ୍ଟ ଆବେଦନ କଲେ ୭ମ ଶ୍ରେଣୀ ଛାତ୍ର

**ନୂଆଦିଲ୍ଲୀ,୨୮-୭**



ସପ୍ତମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ର ସଡ଼କ ଦୁର୍ଘଟଣା ତଥା ଗାଡି ଚୋରି ରୋକିବା ଲାଗି କେତେକ ଆପ୍ ତିଆରି କରିଛନ୍ତି। ମାତ୍ର ୧୨ ବର୍ଷ ବୟସର ଏହି ଛାତ୍ରଙ୍କ ପକ୍ଷରୁ ଏବେ ସୁଦ୍ଧା ୩ ପେଟେଣ୍ଟ ଆବେଦନ କରାଯାଇଛି। କେନ୍ଦ୍ର ସଡ଼କ ପରିବହନ ଏବଂ ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ମହାରାଷ୍ଟ୍ରର ଏହି ପ୍ରତିଭାବାନ ଛାତ୍ର ବି.ଏସ୍.ରେବନ୍ତ ନମ୍ବୁରିଙ୍କୁ ଭେଟି ତାଙ୍କର ପ୍ରସ୍ତୁତିକୁ ପରଖିଛନ୍ତି। ତାଙ୍କର ପ୍ରଯୁକ୍ତିକୁ ବ୍ୟବହାରରେ ଆଣିବା ଲାଗି ଗଡ଼କରୀ ଯଥାସମ୍ଭବ ପ୍ରୟାସ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଏହି ଆପ୍‌ଗୁଡ଼ିକୁ ଅଦ୍ୟାବଧି ପ୍ରଯୁକ୍ତିଗତ ଅନୁମୋଦନ ମିଳିନାହିଁ। ରେବନ୍ତ ନାଗପୁରର ମାଉଣ୍ଟ ଲିଟେରା ଜୀ ସ୍କୁଲ୍‌ର ୭ମ ଶ୍ରେଣୀରେ ପାଠ ପଢୁଛନ୍ତି। ଦୁର୍ଘଟଣାକୁ ହ୍ରାସ କରିବା ଲକ୍ଷ୍ୟରେ ସେ ସଡ଼କ ନିୟମର ଉଲ୍ଲଂଘନକାରୀଙ୍କୁ ଧରିବା ଲାଗି ଚାଳକଙ୍କ ପ୍ରତ୍ୟେକ ମୁହୂର୍ତ୍ତର ଗାଡ଼ିଚାଳନା ଉପରେ ନଜର ରଖିବାକୁ ଏକ ଆପ୍ ତିଆରି କରିଛନ୍ତି। ଏଥିରେ ସିଟ୍‌ବେଲ୍ଟ ସେନ୍ସର, ବ୍ରେଥ୍‌ଲାଇଜର, ହାର୍ଟ ରେଟ୍ ଆନାଲାଇଜର ଓ ସିପିୟୁ ସାମିଲ ହୋଇଛି, ଯାହା କି ସୂଚନାକୁ ଜମା କରିଥାଏ ତଥା ପ୍ରାଧିକରଣକୁ ସାବଧାନ କରିଥାଏ। ଦ୍ୱିତୀୟ ପ୍ରକାର ଆପ୍‌କୁ ରେବନ୍ତ କ୍ୟୁଆର କୋଡ୍ ଆଧାରିତ ତିଆରି କରିଛନ୍ତି, ଯାହା କି ବିନା ନେଟ୍‌ୱର୍କରେ ଯେକୌଣସି ସ୍ଥାନରୁ ଡାଟା ଅଥବା ଦସ୍ତାବେଜର ପ୍ରିଣ୍ଟ କରିବାରେ ସକ୍ଷମ। ସେହିପରି ପେଟେଣ୍ଟ ପାଇଁ ଆବେଦନ କରାଯାଇଥିବା ଅନ୍ୟ ଏକ ଆପ୍ ଜରିଆରେ ଗାଡ଼ି ଚୋରିକୁ ରୋକି ହେବ। ଏହା ଏକ ସ୍ମାର୍ଟ ଚାବି, ଯାହା କି ପୂର୍ବରୁ ଲଗାଯାଇଥିବା ସିମ୍ କାର୍ଡ ବ୍ୟବହାର କରିଥାଏ। ରେବନ୍ତ କହିଛନ୍ତି ଯେ, ସମାଜର କଲ୍ୟାଣାର୍ଥେ ତାଙ୍କ ଦ୍ୱାରା ଉଦ୍ଭାବିତ ପ୍ରଯୁକ୍ତିକୁ ସରକାର କିମ୍ବା ଘରୋଇ କମ୍ପାନୀ ବ୍ୟାପକ ହାରରେ ବ୍ୟବହାର କରିପାରିବେ। ସେଥିଲାଗି ସେ ପେଟେଣ୍ଟ ଆବେଦନ କରିଛନ୍ତି। ଅନ୍ୟପକ୍ଷରେ ଗଡ଼କରୀ କହିଛନ୍ତି ଯେ, ତାଙ୍କ ମନ୍ତ୍ରଣାଳୟ ନବପ୍ରବର୍ତ୍ତକଙ୍କୁ ସର୍ବଦା ପ୍ରୋତ୍ସାହିତ କରିଆସୁଛି। ରେବନ୍ତଙ୍କ ଉଦ୍ଭାବନ ପ୍ରଯୁକ୍ତିଗତ ମାନଦଣ୍ଡ ପୂରଣ କରୁଥିଲେ ସଡ଼କରେ ଦୁର୍ଘଟଣା କମାଇବା ଲାଗି ବ୍ୟବହାର କରାଯିବ। ଆୟୁର୍ବେଦରେ ଏମ୍‌ଡି ଡିଗ୍ରୀ ହାସଲ କରିଥିବା ରେବନ୍ତଙ୍କ ମା' ଶିଳ୍ପାଶେଖର ରେବନ୍ତ କହିଛନ୍ତି, ଦିନେ ନିଜ କାରରେ ପୁଅ ସହ ଯିବା ବେଳେ ଏକ ମାଲ୍‌ବୋଝେଇ ଗାଡ଼ି ଟ୍ରାଫିକ୍ ସିଗ୍ନାଲ ଭାଙ୍ଗି ସେମାନଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଏହି ଦୁର୍ଘଟଣା ହିଁ ପୁଅ ରେବନ୍ତଙ୍କୁ ଆପ୍ ତିଆରି କରିବାକୁ ପ୍ରୋତ୍ସାହିତ କରିଥିଲା।

### ବିଦେଶୀ ସଭରେନ୍ ବଣ୍ଡ ଯୋଜନା
## ପୁନର୍ବିଚାର ଲାଗି ସୀତାରାମନ୍ ଅରାଜି



**ନୂଆଦିଲ୍ଲୀ,୨୮-୭**

ବିଦେଶୀ ସଭରେନ୍ ବଣ୍ଡ ଜାରି କରି ଭାରତ ପ୍ରାୟ ୧୦ ବିଲିୟନ ଡଲାର ଋଣ ଆଣିବାକୁ ବିଚାର କରୁଛି। ଏହାକୁ ଦେଶର ବହୁ ନାମୀଦାମୀ ଅର୍ଥନୀତିଜ୍ଞ ବିରୋଧ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ) ଏହାର ପୁନର୍ବିଚାର କରିବାକୁ ଅର୍ଥମନ୍ତ୍ରୀ ନିର୍ମଳ ସୀତାରାମନ୍‌ଙ୍କୁ ଅନୁରୋଧ କରିଥିଲେ। ତେବେ ସେ ଏହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଦେଶର ଅର୍ଥନୀତି ପ୍ରତି ଦୀର୍ଘକାଳୀନ ବିପଦ ରହିଥିବା ସତ୍ତ୍ୱେ ସେ ନିଜ ନିଷ୍ପତ୍ତିର ପୁନର୍ବିଚାର କରିବେ ନାହିଁ ବୋଲି ଉଲ୍ଲେଖ କରି ସୀତାରାମନ୍ କହିଛନ୍ତି ଯେ, ତାଙ୍କୁ ସମୀକ୍ଷା ପାଇଁ କେହି କହିନାହାନ୍ତି। ଉଲ୍ଲେଖଥାଉ କି, ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ବଜେଟ ଉପସ୍ଥାପନ କରି ସୀତାରାମନ୍ ବିଦେଶୀ ସଭରେନ୍ ବଣ୍ଡ ଜାରି କରାଯିବ ବୋଲି କହିଥିଲେ। ଏହା ମାଧ୍ୟମରେ ପ୍ରାୟ ୧୦ବିଲିୟନ ଡଲାର ଋଣ ନିଆଯିବ। ତେବେ ଏହି ନିଷ୍ପତ୍ତିକୁ ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣରମାନେ, ଅର୍ଥନୀତିଜ୍ଞ ଓ ଭାଜପାର ସହଯୋଗୀ ସମାଲୋଚନା କରୁଛନ୍ତି। ଡଲାର ଆକାରରେ ବିଦେଶୀ ବଣ୍ଡ ଜାରି କରାଯାଉଥିବାରୁ ଟଙ୍କାର ମୂଲ୍ୟ କମିଲେ ସରକାରଙ୍କୁ ଅଧିକ ଅର୍ଥ ଋଣ ବାବଦରେ ଶୁଝିବାକୁ ହେବ। ଫଳରେ ଋଣ ବୋଝ ବଢ଼ିବ ବୋଲି ସେମାନେ ଯୁକ୍ତି ଦର୍ଶାଇଛନ୍ତି।




ସିଣ୍ଡିକେଟ ବ୍ୟାଙ୍କ କ୍ଷେତ୍ରୀୟ କାର୍ଯ୍ୟାଳୟ-୧ ପକ୍ଷରୁ ଭୁବନେଶ୍ୱର ଜିଲା ଶିଳ୍ପ କେନ୍ଦ୍ରଠାରେ ଏମ୍ଏସ୍ଏମ୍ଇ ବୈଠକ ଅନୁଷ୍ଠିତ ଅବସରରେ ବିଭିନ୍ନ ଅତିଥି।

## ଆଇଡିବିଆଇ ବ୍ୟାଙ୍କ-ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ ମଧ୍ୟରେ ଚୁକ୍ତି

**ନୂଆଦିଲ୍ଲୀ,୨୮-୭**

ଜେନେରାଲ ଆସ୍ୟୁରାନ୍ସ ପ୍ରଦାନ ଲକ୍ଷ୍ୟରେ ଆଇଡିବିଆଇ ବ୍ୟାଙ୍କ ଏବଂ ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ ଚୁକ୍ତିରେ ସାମିଲ ହୋଇଛନ୍ତି। ବିପର୍ଯ୍ୟୟ ଏବଂ ଦୁର୍ବିପାକ ଲାଘବ ଲାଗି ଆର୍ଥିକ ସୁରକ୍ଷା ପ୍ରଦାନ ଲକ୍ଷ୍ୟରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଚୁକ୍ତି ଦ୍ୱାରା ବ୍ୟାଙ୍କର ୧୮୫୦ ଶାଖାରେ ବୀମା ସେବା ଉପଲବ୍ଧ ହେବ। ସେହିଭଳି ଏହା ଦ୍ୱାରା ୨୦ ନିୟୁତ ଗ୍ରାହକ ଉପକୃତ ହେବେ। ଜେନେରାଲ ଇନସ୍ୟୁରାନ୍ସ କ୍ଷେତ୍ରରେ ନ୍ୟୁ ଇଣ୍ଡିଆର ବଜାର ଅଂଶ ୧୫% ରହିଛି। ଗ୍ରାହକଙ୍କ ସ୍ୱାର୍ଥକୁ ଦୃଷ୍ଟି ଦେଇ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ଆଇଡିବିଆଇ ଏମ୍‌ଡି ତଥା ସିଇଓ ରାକେଶ ଶର୍ମା ସୂଚନା ଦେଇଛନ୍ତି।

## ବିଓବିର ୧୧୨ତମ ପ୍ରତିଷ୍ଠା ଦିବସ




**ଭୁବନେଶ୍ୱର,୨୮-୭**

ବ୍ୟାଙ୍କ ଅଫ୍ ବରୋଦା (ବିଓବି) ପକ୍ଷରୁ ୧୧୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ରକ୍ତଦାନ ଶିବିର, ଚିତ୍ରାଙ୍କନ, ସାଜସଜା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିଭଳି ବ୍ୟାଙ୍କ ପକ୍ଷରୁ ଏକ ବାଇକ ର୍‍ୟାଲି ମଧ୍ୟ ଅନୁଷ୍ଠିତ ହୋଇଥିଲା। ଶ୍ରୀ ଶ୍ରୀମା ଆନନ୍ଦ ଆଶ୍ରମକୁ ଏକ ରେଫ୍ରିଜରେଟର ପ୍ରଦାନ କରାଯିବା ସହ କଲେଜ ଅଫ୍ ଏଗ୍ରିକଲଚରଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବ୍ୟାଙ୍କର ଉପମହାପ୍ରବନ୍ଧକ ତଥା କ୍ଷେତ୍ରୀୟ ମୁଖ୍ୟ ଏସ୍. ନନ୍ଦ ଭୁବନେଶ୍ୱର କ୍ଷେତ୍ର ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏଥିରେ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଗ୍ରାମୀଣ ବ୍ୟାଙ୍କକୁ ଷ୍ଟକ୍ ମାର୍କେଟରେ ସାମିଲ ଯୋଜନା

**ନୂଆଦିଲ୍ଲୀ,୨୮-୭**

କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷରେ ଆର୍ଥିକ ଦୃଷ୍ଟିରୁ ଶକ୍ତିଶାଳୀ ୩ରୁ୪ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ(ଆର୍‌ଆର୍‌ବି)କୁ ଷ୍ଟକ୍‌ମାର୍କେଟରେ ତାଲିକାଭୁକ୍ତ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି। ପ୍ରାପ୍ତ ସୂତ୍ର ଅନୁଯାୟୀ ମିଶ୍ରଣ ପ୍ରକ୍ରିୟା ଶେଷ ହେବା ପରେ ଆର୍‌ଆର୍‌ବିଙ୍କ ଇନିସିଆଲ ପବ୍ଲିକ୍ ଅଫରିଂ(ଆଇପିଓ) ଅଣାଯିବ। ଏବେ ଏଗୁଡ଼ିକ ମଧ୍ୟରେ ମିଶ୍ରଣ ପ୍ରକ୍ରିୟା ଜାରି ରହିଛି। ବର୍ତ୍ତମାନ ଏହି ସଂଖ୍ୟା ୪୫ ଥିବା ବେଳେ ଏହାକୁ ୩୮କୁ ହ୍ରାସ କରାଯିବ। ଉକ୍ତ ସୂତ୍ର ଅନୁଯାୟୀ ଆହୁରି କେତେକ ଆର୍‌ଆର୍‌ବିର ମିଶ୍ରଣ କରାଯିବ। କାରଣ ଏନେଇ ସମ୍ପୃକ୍ତ ରାଜ୍ୟ ସରକାରଗୁଡ଼ିକରୁ ଅନୁମତି ମିଳିସାରିଛି। ରାଜ୍ୟ ଭିତରେ ଏଗୁଡ଼ିକର ମିଶ୍ରଣ ଯୋଗୁ ସେମାନଙ୍କ ଖର୍ଚ୍ଚ କମିବ। ପ୍ରଯୁକ୍ତିର ସର୍ବାଧିକ ବ୍ୟବହାର ହୋଇପାରିବ। ସେହିପରି ପୁଞ୍ଜି ଆଧାରକୁ ସେମାନଙ୍କ ପରିଚାଳନା କ୍ଷେତ୍ରର ବିସ୍ତାର ଲାଗି ବ୍ୟବହାର କରାଯିବ ଏବଂ ସେମାନେ ଅଧିକ ପୁଞ୍ଜି ହାସଲ କରିପାରିବେ। ସୂଚନାଥାଉ କି, ଗତ କିଛି ମାସ ମଧ୍ୟରେ ବିଭିନ୍ନ ରାଜ୍ୟରେ ୨୧ ଆର୍‌ଆର୍‌ବିର ମିଶ୍ରଣ ପ୍ରକ୍ରିୟା ଶେଷ ହୋଇଛି। ଉକ୍ତ ସୂତ୍ର ଅନୁଯାୟୀ ୩ରୁ୪ ଗ୍ରାମୀଣ ଆର୍‌ଆର୍‌ବି ଏବେ ଆଇପିଓ ଆଣିବା ଲାଗି ଉପଯୁକ୍ତ ହୋଇଛନ୍ତି। ଚଳିତ ବର୍ଷ ସେମାନଙ୍କର ଆଇପିଓ ଆସିବ। ଆର୍‌ଆର୍‌ବି ଆଇନ, ୧୯୭୬ ଅନୁଯାୟୀ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ ସ୍ଥାପନ କରାଯାଇଥିଲା। ଗ୍ରାମାଞ୍ଚଳରେ କୃଷକ, କୃଷି ଶ୍ରମିକ, ଶିଳ୍ପୀଙ୍କୁ ଋଣ ପ୍ରଦାନ ଲାଗି ଏହା ଗଠନ ହୋଇଥିଲା। ୨୦୧୫ରେ ଏହି ଆଇନରେ ସଂଶୋଧନ କରାଯାଇଥିଲା। ଫଳରେ ଗ୍ରାମୀଣ ବ୍ୟାଙ୍କଗୁଡ଼ିକ କେନ୍ଦ୍ର, ରାଜ୍ୟ ଏବଂ ସ୍ପନଶର କରୁଥିବା ବ୍ୟାଙ୍କ ବ୍ୟତୀତ ଅନ୍ୟ ବିକଳ୍ପ ସୂତ୍ରରୁ ପୁଞ୍ଜି ସଂଗ୍ରହ କରିବାକୁ ଅନୁମତି ପାଇଲେ। ବର୍ତ୍ତମାନ ଆର୍‌ଆର୍‌ବିରେ ୫୦ ପ୍ରତିଶତ ଅଂଶଧନ କେନ୍ଦ୍ର ସରକାରଙ୍କ ନିକଟରେ ରହିଛି। ସେହିପରି ୩୫ ପ୍ରତିଶତ ରାଜ୍ୟ ସରକାର ଓ ୧୫ ପ୍ରତିଶତ ସ୍ପନଶର ବ୍ୟାଙ୍କ ନିକଟରେ ରହିଥାଏ। ତେବେ ଆଇପିଓ ଆସିବା ପରେ ମଧ୍ୟ କେନ୍ଦ୍ର ଓ ସ୍ପନଶର ବ୍ୟାଙ୍କର ଅଂଶଧନ ୫୦ ପ୍ରତିଶତରୁ କମ୍ ହେବ ନାହିଁ ବୋଲି ସଂଶୋଧିତ ଆଇନରେ ଦର୍ଶାଯାଇଛି। ଫଳତଃ ଶେୟାରମାର୍କେଟରେ ତାଲିକାଭୁକ୍ତ ହେବା ପରେ ମଧ୍ୟ ଆର୍‌ଆର୍‌ବିଗୁଡ଼ିକର ନିୟନ୍ତ୍ରଣ କେନ୍ଦ୍ର ସରକାରଙ୍କ ନିକଟରେ ରହିବ। ଗ୍ରାମୀଣ ବ୍ୟାଙ୍କଗୁଡ଼ିକର ଆର୍ଥିକ ପରିଚାଳନାକୁ ଆହୁରି ସୁଦୃଢ଼ କରିବା ଲାଗି ସରକାର ୨୦୦୫ରୁ ନିଷ୍ପତ୍ତି ନେଇଥିଲେ। ୨୦୦୫ସୁଦ୍ଧା ଦେଶରେ ୧୯୬ ଆର୍‌ଆର୍‌ବି ଥିବା ବେଳେ ୨୦୦୬ରେ ଏହାକୁ ୧୩୩ରେ ହ୍ରାସ କରାଯାଇଥିଲା। ଏହାକୁ ପରେ ୧୦୫ରେ ଏବଂ ମାର୍ଚ୍ଚ ୨୦୧୨ ସୁଦ୍ଧା ୮୨କୁ ହ୍ରାସ କରାଯାଇଥିଲା।



ମିକି ଆର୍ଥର ଆଉ ଅଧିକ ଦିନ ଧରି ପାକିସ୍ତାନର ମୁଖ୍ୟ କୋଚ ପଦବୀରେ ରହିବା ଉଚିତ୍ ନୁହେଁ, ଅନ୍ୟମାନଙ୍କୁ ଏକ ସୁଯୋଗ ଦେବା ଉଚିତ୍। **– ଅବଦୁଲ କାଦିର, ପାକିସ୍ତାନ ସ୍ପିନ କିମ୍ବଦନ୍ତୀ**



ଗୋଆ ସରକାର ଜାତୀୟ କ୍ରୀଡ଼ା ଆୟୋଜନକୁ ବାରମ୍ବାର ସ୍ଥଗିତ ରଖୁଥିବାରୁ ଆମେ ଅନ୍ୟତ୍ର ସ୍ଥାନାନ୍ତର କଥା ଚିନ୍ତା କରୁଛୁ। **– ରାଜୀବ ମେହେଟ୍ଟା, ଆଇଓଏ ସାଧାରଣ ସମ୍ପାଦକ**

## ସଂକ୍ଷେପରେ

### ଯୌନ ଶୋଷଣ ଅଭିଯୋଗରେ ହଙ୍ଗେରୀ ସନ୍ତରଣକାରୀ ଗିରଫ

ନୂଆଦିଲ୍ଲୀ,୨୮।୭(ପି.ଟି.): ଦକ୍ଷିଣ କୋରିଆରେ ଚାଲୁଥିବା ବିଶ୍ୱ ଚାମ୍ପିୟନ୍ସିପ୍‌ରେ ସାମିଲ ହୋଇଥିବା ହଙ୍ଗେରୀ ସନ୍ତରଣକାରୀ ଟାମାସ କେଣ୍ଡେରେସିଙ୍କୁ ଗିରଫ କରାଯାଇଛି। ଯୌନ ଶୋଷଣ ଅଭିଯୋଗରେ ପୋଲିସ୍ ତାଙ୍କୁ ଅଟକ ରଖିଛି ଓ ତାଙ୍କୁ ଦକ୍ଷିଣ କୋରିଆ ଛାଡି ଯିବାକୁ ବାସନ୍ଦ କରାଯାଇଛି। ଅଲିମ୍ପିକ୍ସ ବ୍ରୋଞ୍ଜ୍ ପଦକ ବିଜେତା ଟାମାସଙ୍କୁ ବିରୋଧରେ ଆସିଥିବା ଅଭିଯୋଗ ନେଇ ତଦନ୍ତ ଚାଲୁ ରହିଛି ବୋଲି ସ୍ଥାନୀୟ ପୋଲିସ ସୂଚନା ଦେଇଛି। ତେବେ ଟାମାସଙ୍କୁ ଛାଡି ଦିଆଯାଇଛି ଓ ସେ ଆଥଲେଟ୍ସ ଭିଲେଜ୍‌ରେ ରହିଛନ୍ତି ଓ ତାଙ୍କୁ ଆଗାମୀ ୧୦ ଦିନ ମଧ୍ୟରେ ଦେଶ ଛାଡି ଯିବାକୁ ବାରଣ କରାଯାଇଛି ବୋଲି ହଙ୍ଗେରୀ ଟିମ ଅଫିସିଆଲ ଓ ବିଶ୍ୱ ସନ୍ତରଣର ମୁଖ୍ୟ ପ୍ରଶାସନିକ ସଂସ୍ଥା ଫିନା ତରଫରୁ କୁହାଯାଇଛି। ଏ ସଂକ୍ରାନ୍ତରେ ହଙ୍ଗେରୀ ସୁଇମ୍ ଫେଡେରେଶନ କୋରିଆ ସ୍ଥିତ ହଙ୍ଗେରୀ ଦୂତାବାସକୁ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିବା ସହ ମିଳିତ ଭାବେ କାର୍ଯ୍ୟକରୁଛି। ଟାମାସଙ୍କ ବିରୋଧରେ ଅସିଥିବା ଅଭିଯୋଗ ନେଇ ସ୍ଥିତି ସ୍ପଷ୍ଟ କରିବାକୁ ପ୍ରୟାସ ଜାରି ରହିଛି ବୋଲି କୁହାଯାଇଛି। ତଦନ୍ତ ବେଳେ ଟାମାସ ନିର୍ଦ୍ଦେଶ ବୋଲି ଜଣାପଡିଛି। ତେବେ ସେ ଯଦି ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ଫେଡେରେଶନ ପରବର୍ତ୍ତୀ ପଦକ୍ଷେପ ନେବ। ଯେକୌଣସି ପ୍ରକାର ଅନିୟମିତତା ଓ ଖରାପ ଆଚରଣକୁ ହଙ୍ଗେରୀ ସୁଇମିଂ ଫେଡେରେଶନ ତରଫରୁ ନିନ୍ଦା କରାଯାଇଛି। ଖେଳାଳିମାନେ ଦେଶର ଗୌରବ ଓ ସମ୍ମାନ ରକ୍ଷା ପାଇଁ ତତ୍ପର ହେବା ଉଚିତ ବୋଲି ଫେଡେରେଶନ ତରଫରୁ କୁହାଯାଇଛି। ୨୨ ବର୍ଷୀୟ ଟାମାସ ୨୦୧୬ ରିଓ ଅଲିମ୍ପିକ୍ସରେ ୨୦୦ ମିଟର ପୁରୁଷ ବଟରଫ୍ଲାଏରେ ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ।

### ୨୦୨୨ ସିଡବ୍ଲ୍ୟୁଜି ବହିଷ୍କାର
### ଆଇଓଏର ପ୍ରସ୍ତାବକୁ ଏନ୍ଆରଏଆଇର ସମର୍ଥନ

ନୂଆଦିଲ୍ଲୀ,୨୮।୭(ପି.ଟି.): ଇଂଲଣ୍ଡର ବର୍ମିଂହାମ୍‌ରେ ଆୟୋଜନ ହେବାକୁ ଥିବା ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା(ସିଡବ୍ଲ୍ୟୁଜି)ରୁ ଶୁଟିଂକୁ ବାଦ ଦିଆଯିବା ପରେ ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନ (ଆଇଓଏ) ଅସନ୍ତୋଷ ବ୍ୟକ୍ତ କରିଛି। ଏପରିକି ସିଡବ୍ଲ୍ୟୁଜିକୁ ବହିଷ୍କାର କରିବା ପାଇଁ ଆଇଓଏ ପ୍ରସ୍ତାବ ଦେଇଛି। ଏବେ ଆଇଓଏର ଏହି ପ୍ରସ୍ତାବକୁ ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆ (ଏନ୍ଆରଏଆଇ) ସମର୍ଥନ ଜଣାଇଛି। ତାଲିକାରୁ ଶୁଟିଂକୁ ବାଦ୍ ଦିଆଯିବା କାରଣରୁ ଶନିବାର ଆଇଓଏ ବହିଷ୍କାର ପ୍ରସ୍ତାବ ଦେଇଛି। ତେବେ ଏଥିପାଇଁ ସରକାରଙ୍କ ଅନୁମୋଦନ ଆବଶ୍ୟକ। ଆଇଓଏ ଅଧକ୍ଷ ନରିନ୍ଦର ବାତ୍ରା ମଧ ଏ ନେଇ କ୍ରୀଡ଼ାମନ୍ତ୍ରୀ କିରଣ ରିଜିଜୁଙ୍କୁ ମଧ୍ୟ ପତ୍ର ଲେଖିଛନ୍ତି। ଏ ସଂକ୍ରାନ୍ତରେ ଆମେ ଆଇଓଏର ପ୍ରସ୍ତାବକୁ ସମର୍ଥନ ଜଣାଉଛୁ ବୋଲି ଏନ୍ଆରଏଆଇ ସମ୍ପାଦକ ରାଜୀବ ଭାଟିଆ କହିଛନ୍ତି। ଆଇଓଏ ଅଧକ୍ଷ ଭଲ କାର୍ଯ୍ୟ କରିଛନ୍ତି ଓ ସେ ଏସଂକ୍ରାନ୍ତରେ ଯେଉଁ ପଦକ୍ଷେପ ନେବେ ଆମେ ତାହାକୁ ସମର୍ଥନ କରିବୁ ବୋଲି ଭାଟିଆ କହିଛନ୍ତି।

### କେବୁଲ କାର୍‌ରୁ ଡେଇଁଲେ ଦୁଇ ଭାରତୀୟ ଫୁଟବଲର

ପଣଜୀ,୨୮।୭: ୧୯ ବର୍ଷରୁ କମ୍ ଭାରତୀୟ ଦଳର ଦୁଇ ସଦସ୍ୟ ଗୁରୁତର ଆହତ ହେବାରୁ ବର୍ତ୍ତିଯାଇଛନ୍ତି। ତୁର୍କି ଗସ୍ତରେ ଥିବା ଭାରତୀୟ ଦଳ ଶନିବାର ସ୍ଥାନୀୟ କ୍ଲବ ସହ ଏକ ମ୍ୟାଚ୍ ଖେଳିବା ପରେ କୋଚ୍ ଫ୍ଲଏଡ ପିଣ୍ଟୋ ଖେଳାଳିଙ୍କୁ ଗୋଟିଏ ଦିନ ପାଇଁ ବିଶ୍ରାମ ଦେଇଥିଲେ। ଯୁବ ଖେଳାଳିମାନେ ହୋଟେଲ ନିକଟରେ ଥିବା ପାର୍କରେ ସମୟ ବିତାଇବାକୁ ନିଷ୍ପତ୍ତି ନେଇଥିଲେ। ଦଳୀୟ ସୂତ୍ରରୁ ଜଣାପଡ଼ିଛି, ଦୁଇ ଖେଳାଳିଙ୍କୁ ନେଇ ଯାଉଥିବା କେବୁଲ କାର୍ ମଝିରେ ଅଟକି ଯାଇଥିଲା। ଏଥିଯୋଗୁ ସେମାନେ ଭୟଭୀତ ହୋଇ ଡେଇଁଥିଲେ। ଏ ନେଇ ଦଳର ଫିଜିଓଥେରାପିଷ୍ଟ ଏଆଇଏଫ୍ଏଫ୍ ନିକଟରେ ରିପୋର୍ଟ ଦାଖଲ କରିଛନ୍ତି। ଏଥିରେ ଖେଳାଳି ଆହତ ହୋଇଛନ୍ତି, ହେଲେ କୌଣସି ଚିନ୍ତାଜନକ ବିଷୟ ନୁହେଁ। ଯୁବ ଭାରତୀୟ ଦଳ ଏବେ ୧୯ ବର୍ଷରୁ କମ୍ ଏଏଫ୍‌ସି ଚାମ୍ପିୟନଶିପ ପାଇଁ ତୁର୍କିରେ ପ୍ରସ୍ତୁତ ହେଉଛି। ଭାରତ ଏ ପର୍ଯ୍ୟନ୍ତ ତୁର୍କିରେ ଦୁଇଟି ମ୍ୟାଚ୍ ଖେଳିଛି। ପ୍ରଥମ ମ୍ୟାଚ୍‌ରେ ଓମାନଠାରୁ ୨-୧ର ପରାଜୟ ବରଣ କରିଛି। ପରବର୍ତ୍ତୀ ମ୍ୟାଚ୍‌ରେ ଶକ୍ତିଶାଳୀ ଜୋର୍ଡାନକୁ ଭେଟିବାର ଅଛି। ହେଲେ ପ୍ରବଳ ବର୍ଷା ଯୋଗୁ ଅଭ୍ୟାସ ହୋଇ ପାରୁନାହିଁ।

■ ଦୃଷ୍ଟିହୀନ କ୍ରିକେଟ ସିରିଜ, ରମେଶଙ୍କ ଶତକ

# ଭାରତର କ୍ଲିନ୍ ସୁଇପ୍

ଭୁବନେଶ୍ୱର, ୨୮।୭(କ୍ରୀଡ଼ା ପ୍ରତିନିଧି)

ଭାରତୀୟ ଦୃଷ୍ଟିହୀନ କ୍ରିକେଟ ଦଳ ଅତି ଚମତ୍କାର ପ୍ରଦର୍ଶନ ସହ ଏହାର ଜାମାଇକା ଅଭିଯାନ ଶେଷ କରିଛି। ରବିବାର ଅନୁଷ୍ଠିତ ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ଭାରତ ୧୦ ଉଇକେଟରେ ଜାମାଇକାକୁ ପରାସ୍ତ କରିଛି। ଫଳରେ ଏକଦିବସୀୟ ସିରିଜକୁ ୩-୦ରେ ଜିତିଥିବା ଭାରତ ଟି୨୦ ସିରିଜକୁ ୨-୦ରେ ଜିତି କ୍ଲିନ୍ ସୁଇପ୍ କରିଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଜାମାଇକା ଦୀପକ ମଲିକଙ୍କ ବୋଲିଂକୁ ଉପଯୁକ୍ତ ମୁକାବିଲା କରି ନ ପାରି ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦୀପକ ନିଜର ପ୍ରଥମ ଏବଂ ମ୍ୟାଚ୍‌ର ଦ୍ୱିତୀୟ ଓଭରରେ ୩ ଉଇକେଟ ହାସଲ କରିବାରୁ ଜାମାଇକା ସ୍କୋର ୯/୩ ହୋଇଯାଇଥିଲା। ତେବେ ଗ୍ରେଗୋରି ଷ୍ଟିୱାର୍ଟଙ୍କ ଅର୍ଦ୍ଧଶତକ ଏବଂ ଗ୍ରାହାମଙ୍କ ଉପଯୋଗୀ ବ୍ୟାଟିଂ ବଳରେ ଦଳ ଏକ ସମ୍ମାନଜନକ ସ୍କୋର କରିପାରିଥିଲା। ଷ୍ଟିୱାର୍ଟ ଓ ଗ୍ରାହାମ ୪ର୍ଥ ଉଇକେଟରେ ୧୧୩ ରନ୍ ସଂଗ୍ରହ କରି ଦଳକୁ ବିପଦରୁ ଉଦ୍ଧାର କରିଥିଲେ। ଷ୍ଟିୱାର୍ଟ ୬୪ ବଲ୍‌ରୁ ୫୧* ଓ ଗ୍ରାହାମ ୪୭ ବଲରୁ ୩୨ ରନ୍ ସଂଗ୍ରହ କରିବାରୁ ଜାମାଇକା ୨୦ ଓଭରରେ ୬ ଉଇକେଟ ହରାଇ ୧୪୭ ରନ୍ କରିବାକୁ ସକ୍ଷମ ହୋଇଥିଲା। ଦୀପକ ୨୫ ରନ୍ ବିନିମୟରେ ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ଜବାବରେ ଭାରତ ୮.୫ ଓଭରରେ କୌଣସି ଉଇକେଟ ନ ହରାଇ ୧୪୯ ରନ୍ ସଂଗ୍ରହ କରିନେଇଥିଲା। ଶତକ ହାସଲ କରିଥିବା ସୁନୀଲ ରମେଶ ୪୦ ବଲ୍‌ରୁ ୧୦୧ ଏବଂ ଅଜୟ ୨୧ ବଲ୍‌ରୁ ୩୦ ରନ୍ କରି ଅପରାଜିତ ରହିଥିଲେ। ସୁନୀଲ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଭାରତୀୟ ଦଳ ୩୧ ଜୁଲାଇରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବ। ପ୍ରକାଶଯୋଗ୍ୟ, ଭାରତୀୟ ଦଳରେ ୨ ଓଡ଼ିଆ ଖେଳାଳି ଜାଫର ଇକ୍‌ବାଲ ଏବଂ ପଙ୍କଜ ଭୁଏ ସାମିଲ ଥିଲେ।



ବିଜୟ ହାସଲ ପରେ ଖୁସି ମନାଉଛନ୍ତି ଭାରତୀୟ ଦୃଷ୍ଟିହୀନ କ୍ରିକେଟ୍ ଦଳର ଖେଳାଳିମାନେ।

**ସଂକ୍ଷିପ୍ତ ସ୍କୋର**

ଜାମାଇକା ୨୦ ଓଭରରେ ୧୪୭/୬ (ଷ୍ଟିୱାର୍ଟ-୫୧*, ଗ୍ରାହାମ-୩୨, ଦୀପକ ମଲିକ-୪/୨୫)। ଭାରତ ୮.୫ ଓଭରରେ ୧୪୯/୦ (ସୁନୀଲ ରମେଶ-୧୦୧*, ଅଜୟ ରେଡ୍ଡୀ-୩୦*)।

■ ଡେଭିସ୍ କପ୍

# ପାକିସ୍ତାନ ଗସ୍ତ କରିବ ଭାରତ

ନୂଆଦିଲ୍ଲୀ, ୨୮।୭

ଭାରତୀୟ ଡେଭିସ କପ୍ ଦଳ ଦୀର୍ଘ ୫୫ ବର୍ଷ ପରେ ପାକିସ୍ତାନ ଗସ୍ତ କରିବାକୁ ଯାଉଛି। ଏ ନେଇ ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଟିଏ) ସାଧାରଣ ସମ୍ପାଦକ ହିରନମୟ ଚାଟାର୍ଜୀ ରବିବାର ସ୍ପଷ୍ଟ କରିଛନ୍ତି। ଆମେ ପାକିସ୍ତାନ ଗସ୍ତ କରିବୁ। ଏହା ଦ୍ୱିପାକ୍ଷିକ ସିରିଜ୍ ନୁହେଁ। ଟେନିସ କ୍ରୀଡ଼ା ଜଗତର ଏହା ବିଶ୍ୱକପ୍ ଇଭେଣ୍ଟର ଅଂଶ ହୋଇଥିବାରୁ ଆମକୁ ଯିବାକୁ ପଡ଼ିବ। ଏଥିନେଇ କେନ୍ଦ୍ର ସରକାରଙ୍କ ସହ ଆମଆଡୁ କୌଣସି ଯୋଗାଯୋଗ ହୋଇ ନାହିଁ। ୬ ଜଣ ଖେଳାଳି, ସପୋର୍ଟ ଷ୍ଟାଫ ଓ କୋଚ୍‌ଙ୍କ ସହ ମୁଁ ମଧ୍ୟ ପାକିସ୍ତାନ ଯିବି। ପାକିସ୍ତାନ ହକି ଦଳ ବିଶ୍ୱକପ୍ ପାଇଁ ଭାରତ ଆସିଥିଲା। ଏବେ ଆମେ ମଧ୍ୟ ଯାଉଛୁ ବୋଲି ଏଆଇଟିଏ ସମ୍ପାଦକ କହିଛନ୍ତି। ଡେଭିସ କପ୍‌ର ମୁକାବିଲା ଚଳିତ ବର୍ଷ ଫେବୃୟାରୀରେ ହେବାର ଥିଲା। କିନ୍ତୁ ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣ ପରେ ଭାରତୀୟ ଦଳର ପାକିସ୍ତାନ ଗସ୍ତ ଉପରେ ଅନିଶ୍ଚିତତା ସୃଷ୍ଟି ହୋଇଥିଲା। ଭାରତୀୟ କ୍ରିକେଟ ଦଳ ଅନ୍ତିମ ଥର ୨୦୦୭ରେ ପାକିସ୍ତାନ ଗସ୍ତ କରିଥିଲା। ଏହାପରେ କୌଣସି କ୍ରୀଡ଼ାଭିତ୍ତିକ ଦଳ ପାକିସ୍ତାନ ଯାଇନାହାନ୍ତି। ଏଆଇଟିଏ ଏ ପର୍ଯ୍ୟନ୍ତ ପଡ଼ୋଶୀ ଦେଶ ବିପକ୍ଷ ମ୍ୟାଚ୍ ଲାଗି ଦଳ ଘୋଷଣା କରିନାହିଁ। ଉଲ୍ଲେଖଥାଉ କି ଡେଭିସ କପ୍‌ରେ ପାକିସ୍ତାନ କଦାପି ଭାରତକୁ ହରାଇ ନାହିଁ। ଏ ପର୍ଯ୍ୟନ୍ତ ହୋଇଥିବା ୬ ଥର ମୁକାବିଲାରେ ଭାରତ ବାଜିମାତ୍ କରିଛି। ଅନ୍ତିମ ଥର ୨୦୦୬ରେ ମୁମ୍ବାଇସ୍ଥିତ ବ୍ରାବୋର୍ନେ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌କୁ ଆୟୋଜକ ଦଳ ୩-୨ ବ୍ୟବଧାନରେ ଜିତି ନେଇଥିଲା।

**ଅଗଷ୍ଟ ୫ରେ ଭାରତୀୟ ଦଳ ଘୋଷଣା**

ସେପ୍ଟେମ୍ବର ୧୪ ଓ ୧୫ରେ ପାକିସ୍ତାନର ଇସ୍‌ଲାମାବାଦ୍‌ଠାରେ ଏସିଆ/ଓସେନିଆ ଡେଭିସ୍ କପ୍ ମ୍ୟାଚ୍ (ଗ୍ରୁପ୍-୧) ଅନୁଷ୍ଠିତ ହେବ। ଏଥିଲାଗି ଗୋଟିଏ ମାସ ପୂର୍ବରୁ ଅର୍ଥାତ୍ ଅଗଷ୍ଟ ୫ରେ ଭାରତୀୟ ଦଳ ଘୋଷଣା କରାଯିବ ବୋଲି ସର୍ବଭାରତୀୟ ଟେନିସ୍ ଆସୋସିଏଶନ (ଏଆଇଟିଏ)ର ସାଧାରଣ ସମ୍ପାଦକ ହିରନ୍ମୟୀ ଚାଟାର୍ଜୀ ରବିବାର ସ୍ପଷ୍ଟ କରିଛନ୍ତି। ୧୯୬୪ ପରଠାରୁ କୌଣସି ଭାରତୀୟ ଡେଭିସ୍ କପ୍ ଦଳ ପାକିସ୍ତାନ ଗସ୍ତ କରିନାହିଁ। ୫୫ ବର୍ଷ ତଳେ ଲାହୋରରେ ହୋଇଥିବା ଡେଭିସ୍ କପ୍ ମୁକାବିଲାରେ ଭାରତ ୪-୦ରେ ବିଜୟ ଲାଭ କରିଥିଲା। 'ଅଗଷ୍ଟ ୫ରେ ଆମେ ଦଳ ଘୋଷଣା କରିବୁ। ର୍‍ୟାଙ୍କିଂ ଅନୁଯାୟୀ ଖେଳାଳି ଚୟନ କରାଯିବ। ଭିଜା ପାଇଁ ଆମେ ଖୁବ୍‌ଶୀଘ୍ର ଆମର ପ୍ରକ୍ରିୟା ଆରମ୍ଭ କରିବୁ' ବୋଲି ଚାଟାର୍ଜୀ କହିଛନ୍ତି। ଯୁକି ଭାମ୍ବ୍ରୀ ଓ ସୁମିତ୍ ନାଗଲ ଆହତ ଥିବାରୁ ଭାରତର ଏକ ନମ୍ବର ଖେଳାଳି ପ୍ରଜନେଶ ଗୁଣେଶ୍ୱରନ ଓ ରାମକୁମାର ରାମନାଥନ ଯଥାକ୍ରମେ ପ୍ରଥମ ଓ ୨ୟ ପସନ୍ଦର ଖେଳାଳି ରହିଛନ୍ତି।



ଉମେଶ ମେମୋରିଆଲ୍ ଚେସ୍: ଦ୍ୱିତୀୟ ଦିନ ଖେଳ ଅବସରରେ ପ୍ରତିଯୋଗୀମାନେ ।

## ଜାତୀୟ ହୁଇଲ ଚେୟାର ଫେନ୍ସିଂ
## ଫଏଲ୍‌ରେ ଓଡ଼ିଶାକୁ ୨ ସ୍ୱର୍ଣ୍ଣ, ୨ ରୌପ୍ୟ

ଭୁବନେଶ୍ୱର,୨୮।୭ (କ୍ରୀଡ଼ା ପ୍ରତିନିଧି)

ଚେନ୍ନାଇର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୧୨ତମ ଜାତୀୟ ହୁଇଲ ଚେୟାର ଫେନ୍ସିଂ ଚାମ୍ପିୟନଶିପର ଫଏଲ ବିଭାଗରେ ଓଡ଼ିଶା ୨ ସ୍ୱର୍ଣ୍ଣ ଓ ୨ ରୌପ୍ୟ ପଦକ ହାସଲ କରିଛି। ପୁରୁଷ ବିଭାଗ କାଟେଗୋରି 'ଏ'ରେ ଗଞ୍ଜାମର ଭି.ରମେଶ ରାଓ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ କାଟେଗୋରି 'ବି'ରେ ଜଗତସିଂହପୁରର ପ୍ରଫୁଲ୍ଲ କୁମାର ଖଣ୍ଡାୟତରାୟ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଛନ୍ତି। ମହିଳା ବିଭାଗ କାଟେଗୋରି 'ଏ'ରେ ଖୋର୍ଦ୍ଧାର ମାଳତି ପନାଉରେ ସ୍ୱର୍ଣ୍ଣ ଏବଂ ଗଜପତିର ଶୀଲା ମନ୍ତ୍ରୀ ରୌପ୍ୟ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାର ଟିମ୍ ଏବଂ ବ୍ୟକ୍ତିଗତ ସାବ୍ରେ ଇଭେଣ୍ଟ ସୋମବାରଠାରୁ ଆରମ୍ଭ ହେବ।



ଜାତୀୟ ହୁଇଲଚେୟାର ଫେନ୍ସିଂ: ପଦକ ଓ ମାନପତ୍ର ସହ ପ୍ରତିଯୋଗୀମାନେ ।

■ ଉମେଶ ମେମୋରିଆଲ୍ ଚେସ୍

## ସଞ୍ଜୀବନ ନାୟକ ଏକକ ଅଗ୍ରଣୀ

ଭୁବନେଶ୍ୱର, ୨୮।୭ (କ୍ରୀଡ଼ା ପ୍ରତିନିଧି)

ଚେସ୍ ଆସୋସିଏଶନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ଏଠାରେ ଚାଲିଥିବା ଉମେଶ ଚନ୍ଦ୍ର ମିଶ୍ର ମେମୋରିଆଲ୍ ଚେସ୍ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ରବିବାର ୩ ରାଉଣ୍ଡ ଖେଳ ଅନୁଷ୍ଠିତ ହୋଇଛି। ଶନିବାର ପ୍ରଥମ ଦିବସରେ ୨ ରାଉଣ୍ଡ ଖେଳ ହୋଇଥିବାରୁ ମୋଟ ୫ ରାଉଣ୍ଡ ଶେଷସୁଦ୍ଧା ସଞ୍ଜୀବନ ନାୟକ ପୂରା ୫ ପଏଣ୍ଟ ହାସଲ କରି ଏକକ ଅଗ୍ରଣୀ ଲାଭ କରିଛନ୍ତି। ସୌମ୍ୟରଞ୍ଜନ ମିଶ୍ର ୪.୫ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୮ ଖେଳାଳି ୪ ପଏଣ୍ଟ ଲେଖାଏ ପାଇ ମିଳିତଭାବେ ତୃତୀୟ ସ୍ଥାନରେ ରହିଛନ୍ତି।

## ଦବଙ୍ଗର ବିଜୟଧାରା ଜାରି

ମୁମ୍ବାଇ, ୨୮।୭ (ପି.ଟି.)

ଚଳିତ ପ୍ରୋ କବାଡ଼ି ଲିଗ୍‌ରେ ଦବଙ୍ଗ ଦିଲ୍ଲୀର ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। ରବିବାର ଅନୁଷ୍ଠିତ ମ୍ୟାଚରେ ଏହି ଦଳ ହରିୟାଣା ଷ୍ଟିଲର୍ସକୁ ୪୧-୨୧ ପଏଣ୍ଟରେ ପରାସ୍ତ କରିଛି। ସମ୍ପୂର୍ଣ୍ଣ ଏକପାଖିଆଭାବେ ଶେଷ ହୋଇଥିବା ମ୍ୟାଚରେ ଦିଲ୍ଲୀ ପକ୍ଷରୁ ଚନ୍ଦ୍ରନ ରଞ୍ଜିତ ୧୧ ଓ ନବୀନ କୁମାର ୧୦ ପଏଣ୍ଟ ହାସଲ କରି ଷ୍ଟିଲର୍ସକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ଏହାକୁ ମିଶାଇ ନବୀନ ଦ୍ୱିତୀୟ ଥର ପାଇଁ ସୁପର ୧୦ ହାସଲ କରିଥିଲେ। ପୂର୍ବରୁ ସେ ହାଇଦ୍ରାବାଦରେ ତେଲ୍‌ଗୁ ଟାଇଟାନ୍ସ ବିପକ୍ଷରେ ମଧ୍ୟ ସମାନ ସଫଳତା ପାଇଥିଲେ। ଚଳିତ ଲିଗ୍‌ରେ ଦିଲ୍ଲୀର ଏହା ତୃତୀୟ ବିଜୟ। ଅନ୍ୟପକ୍ଷରେ ଦିବସର ଦ୍ୱିତୀୟ ମ୍ୟାଚରେ ବେଙ୍ଗାଲୁରୁ ବୁଲ୍ସ ୩୦-୨୬ ପଏଣ୍ଟରେ ୟୁ ମୁମ୍ବାକୁ ହରାଇ ଦେଇଛି।

# ଫାଓ ଲିଗ୍: ସ୍ପୋର୍ଟ୍ସ ହଷ୍ଟେଲ ବିଜୟୀ

କଟକ ଅଫିସ,୨୮।୭

କଟକରେ ଚାଲିଥିବା ଫାଓ ଲିଗ ପ୍ରଥମ ଡିଭିଜନର ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ ସ୍ପୋର୍ଟସ ହଷ୍ଟେଲ ଏକ ରୋମାଞ୍ଚକର ମ୍ୟାଚ୍‌ରେ ୟଙ୍ଗ ଉତ୍କଳ କ୍ଲବକୁ ପରାସ୍ତ କରିଛି। ସ୍ପୋର୍ଟ୍ସ ହଷ୍ଟେଲ ପକ୍ଷରୁ ୧୩ତମ ମିନିଟରେ ଲକ୍ଷ୍ମଣ ବିନ୍ଧାଣୀ ଗୋଟିଏ ଓ ୩୪ତମ ମିନିଟରେ ଭାବଗ୍ରାହୀ ପଡ଼ିହାରୀ ଗୋଟିଏ ଗୋଲ ସ୍କୋର କରିଥିଲେ। ୟଙ୍ଗ ଉତ୍କଳ କ୍ଲବ ପକ୍ଷରୁ ୪୦ତମ ଓ ୪୧ତମ ମିନିଟରେ ଦିନବନ୍ଧୁ ଦାସ ଓ ଦୀପକ ବିଶ୍ୱାଳ ଗୋଟିଏ ଲେଖାଏ ଗୋଲ ସ୍କୋର କରି ମ୍ୟାଚକୁ ବରାବର ସ୍ଥିତିରେ ପହଞ୍ଚାଇଥିଲେ। ପ୍ରଥମାର୍ଦ୍ଧର ଖେଳ ୨-୨ ଗୋଲରେ ଶେଷ ହୋଇଥିଲା। ଦ୍ୱିତୀୟାର୍ଦ୍ଧର ୫୫ତମ ମିନିଟରେ ଭାବଗ୍ରାହୀ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରି ସ୍ପୋର୍ଟସ ହଷ୍ଟେଲକୁ ୩-୨ରେ ଅଗ୍ରଣୀ ଦେଇଥିଲେ। ୟଙ୍ଗ ଉତ୍କଳ କ୍ଲବ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରି ନପାରି ପରାଜୟ ବରଣ କରିଥିଲା ।

# ଓସ୍‌ଜା ଏଜିଏମ, କର୍ମକର୍ତ୍ତା ନିର୍ବାଚନ





ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସଜା)ର ବାର୍ଷିକ ସାଧାରଣ ପରିଷଦ ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

ଭୁବନେଶ୍ୱର, ୨୮।୭(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା)ର ବାର୍ଷିକ ସାଧାରଣ ପରିଷଦ ବୈଠକ ଏବଂ ଆସନ୍ତା ଦୁଇବର୍ଷ ପାଇଁ ନୂଆ କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି କେ. ରବିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଦସ୍ୟମାନେ ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ୨୦୧୯-୨୧ ବର୍ଷ ଲାଗି ଆସୋସିଏଶନର ନୂଆ କର୍ମକର୍ତ୍ତା ନିର୍ବାଚନରେ ସାମିଲ ହୋଇଥିଲେ। ଉକ୍ତ ବୈଠକରେ ବାର୍ଷିକ ପୁରସ୍କାର ପ୍ରଦାନ ଉତ୍ସବ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସହ ଏକ ସେମିନାର ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଗତ ୨ ବର୍ଷ ଧରି ବାର୍ଷିକ କ୍ରୀଡ଼ା ପୁରସ୍କାର ଉତ୍ସବ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଛି। ଆଗାମୀ ଦିନରେ ଏହାକୁ ଅନ୍ୟାନ୍ୟ ସହରରେ ଆୟୋଜନ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଆସନ୍ତା ବର୍ଷ ଏହି ଉତ୍ସବ କଟକରେ କରାଯିବା ପାଇଁ ନୀତିଗତ ନିଷ୍ପତ୍ତି ହୋଇଥିଲା। ରାଜ୍ୟର ପେସାଗତ କ୍ରୀଡ଼ା ଖବରଦାତାମାନଙ୍କୁ ରାଜ୍ୟ ସରକାରଙ୍କ ସ୍ୱୀକୃତି ପ୍ରଦାନ ବାବଦରେ ଆସୋସିଏଶନ ନିଜ ଦାବି ଉପସ୍ଥାପନ ଜାରି ରଖିବ। ଆଗାମୀ ଦିନରେ ଏ ବାବଦରେ ପ୍ରସ୍ତାବ ମୁଖ୍ୟମନ୍ତ୍ରୀ, କ୍ରୀଡ଼ାମନ୍ତ୍ରୀ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀଙ୍କୁ ପ୍ରଦାନ ପାଇଁ ମଧ୍ୟ ନିଷ୍ପତ୍ତି ହୋଇଥିଲା। ୨୦୧୯-୨୦ ଆର୍ଥିକ ବର୍ଷର ଆୟବ୍ୟୟର ହିସାବ ପ୍ରଦାନ କରିଥିଲେ କୋଷାଧ୍ୟକ୍ଷ ହିମାଂଶୁ ପତି ମିଶ୍ର। ଶେଷରେ ଆସନ୍ତା ୨ ବର୍ଷ ପାଇଁ ନୂଆ ପଦାଧିକାରୀ ଚୟନ ପରମ୍ପରା ଅନୁଯାୟୀ ସର୍ବସମ୍ମତିରେ ଗୃହୀତ ହୋଇଥିଲା। ସଭାପତି ଭାବେ ସନ୍ଦୀପ ମିଶ୍ର, କାର୍ଯ୍ୟକାରୀ ସଭାପତି ଭାବେ କେ. ରବି, ଉପସଭାପତି ଭାବେ ସଞ୍ଜୀବ ବିଶ୍ୱାଳ, ଦେବୀ ପ୍ରସନ୍ନ ମହାନ୍ତି, ସମୀକ୍ଷା ପଟ୍ଟନାୟକ, ସାଧାରଣ ସମ୍ପାଦକ ଭାବେ ସମ୍ବିତ ମହାପାତ୍ର, ଯୁଗ୍ମ ସମ୍ପାଦକ ଭାବେ ତପନ କୁମାର ସ୍ୱାଇଁ, ଦେବାଶିଷ ସୁନ୍ଦରାୟ, ଜ୍ଞାନରଞ୍ଜନ ମିଶ୍ର, କୋଷାଧ୍ୟକ୍ଷ ଭାବେ ହିମାଂଶୁ ପତି ମିଶ୍ର ଦାୟିତ୍ୱ ଗ୍ରହଣ କରିଥିଲା ବେଳେ କାର୍ଯ୍ୟନିର୍ବାହୀ କମିଟିରେ ରହିଥିବା ସଦସ୍ୟମାନେ ହେଲେ ସୁଶାନ୍ତ ମହାନ୍ତି, ସନାତନ ପାଣି, ସୁରେଶ ସ୍ୱାଇଁ, ତନ୍ମୟ ଦାସ, ଶୁଭଲକ୍ଷ୍ମୀ ବଳ, ସମୀର ରାଉତ ଏବଂ ଶକ୍ତିପ୍ରସାଦ ନନ୍ଦ।

# ଫ୍ରେଣ୍ଡଶିପ୍ ଫୁଟ୍‌ବଲ: ଟାଟା ଏକାଦଶ ଚାମ୍ପିୟନ

ଭୁବନେଶ୍ୱର, ୨୮।୭(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ରବିବାର ଟାଟା ଫ୍ରେଣ୍ଡଶିପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲରେ ଲିଡର୍ସ ଇଲେଭେନକୁ ୩-୦ ଗୋଲରେ ହରାଇ ଟାଟା ଷ୍ଟିଲ୍ ଏକାଦଶ ଚାମ୍ପିୟନ ହୋଇଛି। ବିଜୟୀ ଦଳ ପକ୍ଷରୁ ସଦାମ ଆବ୍ରାର ୨ଟି ଏବଂ ମିଥୁନ ଚକ୍ରସୟ ଗୋଟିଏ ଗୋଲ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଲିଡର୍ସ ଇଲେଭେନ ୩-୨ ଗୋଲରେ ମିଡିଆ ଇଲେଭେନକୁ ପରାସ୍ତ କରିଥିଲା। ଲିଡର୍ସ ଇଲେଭେନ ପକ୍ଷରୁ ଅରୁଣ ସାହୁ ୨ଟି ଏବଂ ପ୍ରଭୁ ଜୈନ ଗୋଟିଏ ଗୋଲ ଦେଇଥିବାବେଳେ ମିଡିଆ ଇଲେଭେନ ପକ୍ଷରୁ ବିକାଶ ମାରାଣ୍ଡି ୨ଟି ଗୋଲ ପରିଶୋଧ କରିଥିଲେ। ଦ୍ୱିତୀୟ ସେମିରେ ଟାଟା ଷ୍ଟିଲ୍ ଏକାଦଶ ୧-୦ ଗୋଲରେ ବ୍ୟୁରୋକ୍ରାଟ୍ ଇଲେଭେନକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ବିଜୟୀ ଦଳ ପକ୍ଷରୁ ସଦାମ ଆବ୍ରାର ଗୋଟିଏ ଗୋଲ ଦେଇଥିଲେ। ସଦାମ ଶ୍ରେଷ୍ଠ ଫରୱାର୍ଡ ଏବଂ ସର୍ବାଧିକ ସ୍କୋରର, ଜଗନ୍ନାଥ ନାୟକ ଶ୍ରେଷ୍ଠ ଗୋଲ୍‌କିପର, ଶାଶ୍ୱତ ମିଶ୍ର ଫେୟାର ପ୍ଲେ, ଦିବ୍ୟଶଙ୍କର ମିଶ୍ର ଶ୍ରେଷ୍ଠ ଡିଫେଣ୍ଡର, ଅରୁଣ ସାହୁ ଶ୍ରେଷ୍ଠ ମିଡ୍‌ଫିଲ୍ଡର ପୁରସ୍କାର ପାଇଥିଲେ। ୩ଟି ଯାକ ମ୍ୟାଚ୍‌ରେ ଯଥାକ୍ରମେ ବିକାଶ ମାରାଣ୍ଡି, ଅଜୟ ମହାପାତ୍ର ଓ ମିଥୁନ ଚକ୍ରସୟ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ କୃଷି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ରାଜ୍ୟ ଉଚ୍ଚଶିକ୍ଷା ସଚିବ ଶାଶ୍ୱତ ମିଶ୍ର, ଖଣି ଓ ଇସ୍ପାତ ବିଭାଗ ସ୍ୱତନ୍ତ୍ର ସଚିବ ଏସ.କେ. ପୋପ୍‌ଲି, ବରିଷ୍ଠ ଖବରଦାତା ରାଜାରାମ ଶତପଥୀ, ଦେବୀ ପଟ୍ଟନାୟକ, ଟାଟା ଷ୍ଟିଲ୍ ଉପସଭାପତି (ଆର୍‌ଏମ୍) ଅରୁଣ ମିଶ୍ର ଏବଂ ଟାଟା ଷ୍ଟିଲ୍‌ର ଅନ୍ୟ ଉଚ୍ଚ ପଦାଧିକାରୀ ସୁବୋଧ ପାଣ୍ଡେ, ଆର୍.ଆର୍. ଶତପଥୀ, ଦେବାଶିଷ ଜେନା ଏବଂ ମଣିକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।





ଟ୍ରଫି ସହ ଅତିଥିଙ୍କ ଗହଣରେ ଚାମ୍ପିୟନ ଟାଟା ଏକାଦଶର ଖେଳାଳି ।



"ଗୁରୁବାରଠାରୁ ଖେଳାଯିବାକୁ ଥିବା ଆସେସ ସିରିଜରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରୁ କିଏ ଜିତିବ ତାହା କହିବା ମୁସ୍କିଲ। –ଷ୍ଟିଭ ୱ, ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ



"ଦଳରେ ପଶିବା ଓ ବାହାରିବା ଏକ ଉତ୍ତମ ବିଚାରଧାରା ନୁହେଁ, କାରଣ ଏହାଦ୍ୱାରା ଜଣେ ଖେଳାଳି ଆତ୍ମବିଶ୍ୱାସ ହରାଇଥାଏ।
–ଶ୍ରେୟାସ ଆୟାର, ଭାରତୀୟ କ୍ରିକେଟର

## ସଂକ୍ଷେପରେ

### ଟିମ୍ ଇଣ୍ଡିଆର ୱେଷ୍ଟଇଣ୍ଡିଜ ଗସ୍ତ ପୂର୍ବରୁ ହେବ ନାହିଁ ଖବରଦାତା ସମ୍ମିଳନୀ

**ମୁମ୍ବାଇ, ୨୮।୭:** ଭାରତୀୟ ଦଳ ସର୍ବଦା ବିଦେଶ ଗସ୍ତରେ ଯିବା ପୂର୍ବରୁ ଖବରଦାତା ସମ୍ମିଳନୀରେ ଯୋଗଦିଏ। କିନ୍ତୁ ଟିମ୍ ଇଣ୍ଡିଆର ଅଧିନାୟକ ବିରାଟ କୋହଲି ୱେଷ୍ଟଇଣ୍ଡିଜ ଗସ୍ତ ପୂର୍ବରୁ ଖବରଦାତା ସମ୍ମିଳନୀରେ ଯୋଗଦେବେ ନାହିଁ। ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଯୋଗୁ ଏହା ସମ୍ଭବ ନୁହେଁ ବୋଲି ବିସିସିଆଇ ସୂତ୍ରରୁ ଜଣାପଡ଼ିଛି। ଏହାର ଅର୍ଥ କୋହଲି ଓ ଉପ ଅଧିନାୟକ ରୋହିତ ଶର୍ମାଙ୍କ ମଧ୍ୟରେ କ'ଣ ଘଟିଛି, ତାହା ଜାଣିବା ପାଇଁ ପ୍ରଶଂସକଙ୍କୁ ଆହୁରି ଅପେକ୍ଷା କରିବାକୁ ପଡ଼ିବ। ଆମେରିକା ଗସ୍ତ କରିବା ପୂର୍ବରୁ ଅଧିନାୟକଙ୍କଠାରୁ ଉତ୍ତର ମିଳିବ ବୋଲି ଆଶା କରାଯାଉଥିଲା। ହେଲେ କୋହଲି ପ୍ରଥା ବିରୋଧରେ ନିଷ୍ପତ୍ତି ନେଇଛନ୍ତି। ମିଳିଥିବା ରିପୋର୍ଟ ଅନୁଯାୟୀ, କୋହଲି ସୋମବାର ସକାଳେ ଏକ ପ୍ରମୋଶନାଲ ଇଭେଣ୍ଟରେ ଯୋଗଦେବେ। କିନ୍ତୁ ରୋହିତ ଏବଂ ୱେଷ୍ଟଇଣ୍ଡିଜ ଗସ୍ତ ସମ୍ପର୍କରେ ସେ କୌଣସି ପ୍ରଶ୍ନର ସମ୍ମୁଖୀନ ହେବାକୁ ଚାହୁଁନାହାନ୍ତି। ଭାରତୀୟ ଦଳ ସୋମବାର ଆମେରିକା ଗସ୍ତ କରିବ। ସେଠାରେ ୨ ଟି୨୦ ଖେଳିବା ପରେ ଦଳ ୱେଷ୍ଟଇଣ୍ଡିଜରେ ଅନ୍ତିମ ଟି୨୦, ୩ ଦିନିକିଆ ଓ ଦୁଇ ଟେଷ୍ଟ ଖେଳିବ।

### ଟରୋଣ୍ଟୋକୁ ଜିତାଇଲେ ଯୁବରାଜ



**ନୂଆଦିଲ୍ଲୀ, ୨୮।୭(ପିଟି):** ପୂର୍ବତନ ଭାରତୀୟ କ୍ରିକେଟର ଯୁବରାଜ ସିଂ (ଯୁବି) ବିସ୍ଫୋରକ ବ୍ୟାଟିଂ ଯୋଗୁ ଟରୋଣ୍ଟୋ ନ୍ୟାଶନାଲ୍ସ ଚଳିତ ଗ୍ଲୋବାଲ ଟି୨୦ କାନାଡା ଲିଗ୍‌ରେ ପ୍ରଥମ ବିଜୟ ହାସଲ କରିଛି। ବ୍ରମ୍ପଟନଠାରେ ଶନିବାର ଏଡ୍‌ମଣ୍ଟନ ରୟାଲ୍ସ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ଯୁବି ୨୧ ବଲରୁ ୩୫ ରନ୍ ବିସ୍ଫୋରକ ଇନିଂସ ଖେଳିଛନ୍ତି। ତାଙ୍କର ଏହି ଇନିଂସରେ ୩ ଛକା ଓ ସମାନ ସଂଖ୍ୟକ ଚୌକା ସାମିଲ ଥିଲା। ଯୁବିଙ୍କ ଇନିଂସ ଯୋଗୁ ଟରୋଣ୍ଟୋ ୧୯୨ ରନ୍‌ର ବିଜୟ ଲକ୍ଷ୍ୟକୁ ୧୩ ବଲ ପୂର୍ବରୁ ହାସଲ କରି ନେଇଥିଲା। ଯୁବିଙ୍କ ବ୍ୟତୀତ ହେନରିଚ କ୍ଲାସେନ ୪୫, ମନପ୍ରୀତ ଗୋନି ୧୨ ବଲରୁ ୩୩ ରନ୍ କରିଥିଲେ। ଫଳରେ ଟରୋଣ୍ଟୋ ୧୭.୫ ଓଭରରେ ୮ ଉଇକେଟ ହରାଇ ମ୍ୟାଚ ଜିତି ନେଇଥିଲା। ପୂର୍ବରୁ ଫାଫ ଡୁ'ପ୍ଲେସଙ୍କ ନେତୃତ୍ୱରେ ଏଡ୍‌ମଣ୍ଟନ ୨୦ ଓଭରରେ ୬ ଉଇକେଟ ହରାଇ ୧୯୧ ରନ୍ କରିଥିଲା। ଦଳ ପାଇଁ ବେନ କଟିଂ ୪୩, ଶାଦାବ ଖାନ ୩୬, ଅଧିନାୟକ ଡୁପ୍ଲେସି ୨୮ ଓ ଜେମ୍ସ ନିଶାମ ୨୦ ରନ୍ କରିଥିଲେ। ଉଲ୍ଲେଖଥାଉ କି ଭାଙ୍କୋଭର ବିପକ୍ଷ ଗତ ମ୍ୟାଚ୍‌ରେ ଯୁବିଙ୍କୁ ସଂଘର୍ଷ କରୁଥିବାର ଦେଖିବାକୁ ମିଳିଥିଲା। ସେ ୨୪ ବଲ ଖେଳି ୧୭ ରନ୍ କରିଥିଲେ। ଏଥିନେଇ ତାଙ୍କ ବ୍ୟାଟିଂ ଦକ୍ଷତା ଉପରେ ପ୍ରଶ୍ନ ଉଠିଥିଲା।

### କଳିଙ୍ଗରେ ଫିଫା ୱାର୍ଲ୍ଡ ଟୁର କ୍ୱାଲିଫାୟର




**ଭୁବନେଶ୍ୱର, ୨୮।୭(ସ୍ପୋର୍ଟ୍ସ ବ୍ୟୁରୋ):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୩ ଓ ୪ ତାରିଖରେ ଫିଫା ୱାର୍ଲ୍ଡ ଟୁର କ୍ୱାଲିଫାୟର ରାଉଣ୍ଡ ଖେଳାଯିବ। ଦେଶର କ୍ରୀଡ଼ା ରାଜଧାନୀ ରୂପେ ପରିଚିତ ଭୁବନେଶ୍ୱରରେ ଭାରତର ସର୍ବବୃହତ୍ ଇ-ସ୍ପୋର୍ଟ୍ସ ଟୁର୍ନାମେଣ୍ଟ ଆୟୋଜନ ହେବ। ଟୁର୍ନାମେଣ୍ଟର ମୋଟ ପୁରସ୍କାର ରାଶି ଦେଢ଼ ଲକ୍ଷ ଟଙ୍କାର ରଖାଯାଇଛି। କ୍ରୀଡ଼ା ଓ କ୍ରୀଡ଼ା ଇଭେଣ୍ଟ ଦୃଷ୍ଟିକୋଣରୁ ଦେଖିଲେ ଭୁବନେଶ୍ୱର ଅନ୍ୟ ସହରଗୁଡ଼ିକ ତୁଳନାରେ ସବୁଠାରୁ ଆଗରେ ରହିବ। ଇ ସ୍ପୋର୍ଟ୍ସ ଏବେ ଯୁବପିଢ଼ିରେ ବେଶ୍ ଲୋକପ୍ରିୟ ହୋଇଛି। ଏହି ବିଶ୍ୱସ୍ତରୀୟ ଇଭେଣ୍ଟକୁ ଆୟୋଜନ କରିବାକୁ ନେଇ ଆମେ ବେଶ୍ ଉତ୍ସାହିତ। କଳିଙ୍ଗ ଷ୍ଟାଡିୟମରେ ଏ ଭଳି କ୍ରୀଡ଼ା ଆୟୋଜନକୁ ସମର୍ଥନ କରୁଛୁ ବୋଲି ରାଜ୍ୟ କ୍ରୀଡ଼ା ଓ ପର୍ଯ୍ୟଟନ ବିଭାଗ କମିଶନର ତଥା ସଚିବ ବିଶାଳ ଦେବ କହିଛନ୍ତି।

■ ପ୍ରେସିଡେଣ୍ଟ କପ୍ ବକ୍ସିଂ

# ମେରୀକମ୍, ସିମରନଜିତଙ୍କୁ ସ୍ୱର୍ଣ୍ଣ

ନୂଆଦିଲ୍ଲୀ, ୨୮।୭(ପି.ଟି.)

୬ଥର ବିଶ୍ୱଚାମ୍ପିୟନଶିପ୍ ଟାଇଟଲ ହାସଲ କରିଥିବା ଅଭିଜ୍ଞ ଭାରତୀୟ ମହିଳା ବକ୍ସର ମେରୀକମ ଓ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ୍ ପଦକ ବିଜେତା ସିମରନଜିତ କୌର ଆଉ ଏକ ବିଶ୍ୱସ୍ତରୀୟ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ




ହାସଲ କରିଛନ୍ତି। ଇଣ୍ଡୋନେସିଆର ଲାବୁଆନ ବାଜୋଠାରେ ଅନୁଷ୍ଠିତ ୨୩ତମ ପ୍ରେସିଡେଣ୍ଟ କପ୍ ବକ୍ସିଂ ଟୁର୍ନାମେଣ୍ଟରେ ମେରୀକମ୍ ୫୧ କେ.ଜି. ବର୍ଗରେ ଓ ସିମରନଜିତ ୬୦ କେ.ଜି. ବର୍ଗ ପ୍ରତିଯୋଗିତାରେ ଚାମ୍ପିୟନ ହୋଇ ସ୍ୱର୍ଣ୍ଣ ଜିତିଛନ୍ତି। ୭ ସ୍ୱର୍ଣ୍ଣ ଓ ୨ ରୌପ୍ୟ ସହ ଭାରତ ମୋଟ୍ ୯ଟି ପଦକ ହାସଲ କରିଛି।

ମହିଳା ବକ୍ସରମାନେ ସବୁ ୪ଟି ଫାଇନାଲରେ ବାଜି ମାରି ୪ଟି ସ୍ୱର୍ଣ୍ଣ ଜିତିଛନ୍ତି। ଅନ୍ୟପଟେ ପୁରୁଷ ଖେଳାଳିମାନେ ମିଶ୍ର ପ୍ରଦର୍ଶନ କରିଥିଲେ। ପୁରୁଷ ଖେଳାଳିମାନେ ୨ ରୌପ୍ୟ ସହ ୩ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି।


ଭାରତର ପଦକ ବିଜୟିନୀ(ବାମରୁ) ଯମୁନା ବୋରୋ, ଏମ.ସି. ମେରୀକମ୍, ମୋନିକା ଓ ସିମରନଜିତ।

ଇଣ୍ଡିଆ ଓପନ୍‌ରେ ସ୍ୱର୍ଣ୍ଣ ପଦକ ଜିତିବାର ଦୁଇମାସ ପରେ ମେରୀକମ୍ ଏହି ସମ୍ମାନଜନକ ଟୁର୍ନାମେଣ୍ଟର ଫାଇନାଲରେ ଅଷ୍ଟ୍ରେଲିଆର ଏପ୍ରିଲ ଫ୍ରାଙ୍କ୍ସ ୫-୦ରେ ହରାଇ ଚାମ୍ପିୟନ ହୋଇଥିଲେ। ସମ୍ପୂର୍ଣ୍ଣ ଏକାପାଖିଆ ଭାବେ ସେ ବିଜୟ ହାସଲ କରିଥିଲେ। ନିଜ ପ୍ରଦର୍ଶନରେ ସେ ଖୁସି ଜାହିର କରିଛନ୍ତି। ରୁଷିଆର ୟେକାଟେରିନବର୍ଗରେ ଆୟୋଜନ ହେବାକୁଥିବା ବିଶ୍ୱ ଚାମ୍ପିୟନଶିପ୍‌ରେ ଭଲ ପ୍ରଦର୍ଶନ କରି ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ ଲକ୍ଷ୍ୟରେ ସେ ରହିଛନ୍ତି। ସେହିପରି ସିମରନଜିତ ଫାଇନାଲରେ ଇଣ୍ଡୋନେସିଆର ଏସିଆନ ଗେମ୍ସ ବ୍ରୋଞ୍ଜ ପଦକ ବିଜେତା ହସନାହ ହୁସୱାତୁନଙ୍କୁ ୫-୦ରେ ହରାଇ ସ୍ୱର୍ଣ୍ଣ ଜିତିଛନ୍ତି। ୫୪ କେ.ଜିରେ ଆସାମର ଯୁବ ମହିଳା ବକ୍ସର ଯମୁନା ବୋରୋ ୫-୦ରେ ଇଟାଲୀର ଅଭିଜ୍ଞ ବକ୍ସର ଗିଉଲିଆ ଲାମାଗ୍ନାଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ଜିତିଛନ୍ତି। ୪୮ କେ.ଜି. ବର୍ଗରେ ମୋନିକା ଇଣ୍ଡୋନେସିଆର ଏନ୍‌ଡାଙ୍ଗଙ୍କୁ ୫-୦ରେ ହରାଇ ସ୍ୱର୍ଣ୍ଣ ଜିତିଛନ୍ତି।

ପୁରୁଷ ବିଭାଗରେ ଅଙ୍କୁଶ୍ ଦାହିୟା ୬୪ କେ.ଜି.ରେ, ନୀରଜ ସ୍ୱାମୀ

### ୭ ସ୍ୱର୍ଣ୍ଣ ସହ ଭାରତକୁ ମୋଟ ୯ ପଦକ

୪୯ କେ.ଜି.ରେ ଓ ଆନନ୍ଦ ପ୍ରହଲ୍ଲାଦ ଚୋପାଡେ ୫୨ କେ.ଜି.ରେ ବାଜି ମାରି ଚାମ୍ପିୟନ ହେବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଚୋପାଡେ ୫-୦ରେ ଆଫଗାନିସ୍ତାନର ରମହମନୀ ରାମିଶଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ସେହିପରି ଦାହିୟା ୫-୦ରେ ମାକାଉରେ ଲିଅଙ୍ଗ କିନ୍ ଫଙ୍ଗକୁ ହରାଇ ଚାମ୍ପିୟନ ହୋଇଛନ୍ତି। ସେହିପରି ନୀରଜ ୪-୧ରେ ଫିଲିପାଇନ୍ସର ମାକାଡୋ ଜୁନିୟର ରାମେଲଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ତେବେ ପୂର୍ବତନ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ୍ ପଦକ ବିଜେତା ଗୌରବ ବିଧୁରୀ ଫାଇନାଲରେ ୨-୩ରେ ଇଣ୍ଡୋନେସିଆର ମାଣ୍ଡଜିଏ ଜିଲ୍‌ଙ୍କଠାରୁ ୫୬ କେ.ଜି. ବନଟାମୱେଟ୍ ବାଉଟ୍‌ରେ ପରାସ୍ତ ହୋଇ ସ୍ୱର୍ଣ୍ଣ ପଦକରୁ ବଞ୍ଚିତ ହୋଇଛନ୍ତି। ସେହିପରି ୨୦୧୮ ଇଣ୍ଡିଆ ଓପନ ରୌପ୍ୟ ପଦକ ବିଜେତା ଦୀନେଶ ଡାଗର ୦-୫ରେ ଇଣ୍ଡୋନେସିଆର ସମଦା ସାପୁତ୍ରଙ୍କଠାରୁ ହାରି ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି।

■ ବାଉଣ୍ଡାରୀ କାଉଣ୍ଟ ବ୍ୟାକ୍ ରୁଲ୍

### ଆଇସିସି କ୍ରିକେଟ କମିଟିରେ ଆଲୋଚନା ହେବ

ନୂଆଦିଲ୍ଲୀ, ୨୮।୭ (ପି.ଟି.)

ଅନିଲ କୁମ୍ବଲେଙ୍କ ନେତୃତ୍ୱାଧୀନ ଆଇସିସି କ୍ରିକେଟ କମିଟିର ଆଗାମୀ ବୈଠକରେ ଗତ ଆଇସିସି ବିଶ୍ୱକପ୍ ଫାଇନାଲ ଅଧ୍ୟାୟ ସମେତ ବିବାଦୀୟ 'ବାଉଣ୍ଡାରୀ କାଉଣ୍ଟ ବ୍ୟାକ୍ ରୁଲ୍' ସମ୍ପର୍କରେ ଆଲୋଚନା ହେବ। ଆଇସିସି ଜେନେରାଲ ମ୍ୟାନେଜର (କ୍ରିକେଟ) ଜେଫ୍ ଆଲାରଡିସ୍ ସୂଚନା ଦେଇଛନ୍ତି। ଜୁଲାଇ ୧୪ରେ ଲର୍ଡ୍ସଠାରେ ଅନୁଷ୍ଠିତ ଆୟୋଜକ ଇଂଲଣ୍ଡ ବିପକ୍ଷ ବିଶ୍ୱକପ୍ ଫାଇନାଲରେ ବାଉଣ୍ଡାରି କାଉଣ୍ଟ ବ୍ୟାକ୍ ରୁଲ୍ ଭିତ୍ତିରେ ନ୍ୟୁଜିଲାଣ୍ଡର ପରାଜୟ ଯନ୍ତ୍ରଣାଦାୟକ ବୋଲି ବହୁ ପୂର୍ବତନ ଏବଂ ବର୍ତ୍ତମାନର କ୍ରିକେଟର ମତବ୍ୟକ୍ତ କରିଥିଲେ। ଏହି ରୋମାଞ୍ଚକ ମୁକାବିଲାର ନିର୍ଦ୍ଧାରିତ ସମୟ ଖେଳ ଟାଇ ରହିଥିବାରୁ ସୁପର ଓଭର ପଦ୍ଧତିର ସହାୟତା ନିଆଯାଇଥିଲା। ଏହା ସତ୍ତ୍ୱେ ମ୍ୟାଚ ଟାଇ ରହିବାରୁ ମ୍ୟାଚରେ ଅଧିକ ବାଉଣ୍ଡାରୀ ମାରିଥିବା ଦଳକୁ ବିଜୟୀ ଘୋଷଣା କରାଯାଇଥିଲା। ଇଂଲଣ୍ଡ ୨୨ ଚୌକା ଓ ଦୁଇ ଛକା ମାରିଥିବା ବେଳେ ସେ ତୁଳନାରେ ନ୍ୟୁଜିଲାଣ୍ଡର ବାଉଣ୍ଡାରୀ ସଂଖ୍ୟା ୧୪ ରହିଥିଲା। ଆଇସିସି କ୍ରିକେଟ କମିଟି ପରବର୍ତ୍ତୀ ବୈଠକ ୨୦୨୦ବର୍ଷର ପ୍ରଥମ କ୍ୱାର୍ଟରରେ ଅନୁଷ୍ଠିତ ହେବ ବୋଲି ଆଲାରଡିସ୍ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ୨୦୦୯ପରଠାରୁ କୌଣସି ଆଇସିସି ଇଭେଣ୍ଟରେ ମ୍ୟାଚ ଟାଇ ହେଲେ ବିଜେତା ନିରୂପଣ କରିବା ଲାଗି ବୋଲ୍-ଆଉଟ ପରିବର୍ତ୍ତେ ସୁପର ଓଭର ପଦ୍ଧତିର ସହାୟତା ନିଆଯାଇ ଆସୁଛି।

## ଭର୍ଷ୍ଟାପେନଙ୍କୁ ସିଜନର ଦ୍ୱିତୀୟ ଟାଇଟଲ


ଚାମ୍ପିୟନ ମାକ୍ସ ଭର୍ଷ୍ଟାପେନ୍ ।

ହକେନହିମ୍ (ଜର୍ମାନୀ), ୨୮।୭

ରେଡ୍‌ବୁଲର ମାକ୍ସ ଭର୍ଷ୍ଟାପେନ୍ ଜର୍ମାନ ଫର୍ମୁଲା ୱାନ ମୋଟର ରେସ୍ ଗ୍ରାଁ ପ୍ରି ଜିତିଛନ୍ତି। ଚଳିତ ସିଜନରେ ଏହା ହେଉଛି ତାଙ୍କର ଦ୍ୱିତୀୟ ଏବଂ କ୍ୟାରିୟରର ୭ମ ଟାଇଟଲ। ଏହି ୨୧ ବର୍ଷୀୟ ଡଚ୍ ଡ୍ରାଇଭର ୪ଥର ବିଶ୍ୱ ଚାମ୍ପିୟନ ଫେରାରିର ସେବାଷ୍ଟିଆନ ଭେଟେଲଙ୍କ ଆଗରେ ତାଙ୍କ ରେସ୍ ଶେଷ କରିଥିଲେ। ଭେଟେଲ ୨୦ତମ ତଥା ଅନ୍ତିମ ଗ୍ରୀଡ୍‌ରୁ ରେସ୍ ଆରମ୍ଭ କରିଥିଲେ। ଡାନିଲ କ୍ୟାଟ୍ ତୃତୀୟ ହୋଇଥିଲେ। ଏହା ଥିଲା ତାଙ୍କ କ୍ୟାରିୟରର ତୃତୀୟ ପୋଡିୟମ ଫିନିଶ। ମଝିରେ ମଝିରେ ବର୍ଷା ଯୋଗୁ ରେସ୍‌ଟି ଘଟଣାବହୁଳ ଥିଲା। ମର୍ସିଡିଜ୍ ପାଇଁ ରବିବାର ଏକ ଖରାପ ଦିନ ଥିଲା। ଟିମ୍ ମୋଟର ସ୍ପୋର୍ଟ୍ସରେ ଏହାର ୧୨୫ ବର୍ଷ ପୂର୍ତ୍ତି ସହ ଆଧୁନିକ ଯୁଗରେ ୨୦୦ତମ ଫର୍ମୁଲା ୱାନ ଉତ୍ସବ ପାଳନ କରୁଥିବାବେଳେ ଏଠାରେ ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। ୫ଥର ଡିଫେଣ୍ଡିଂ ଚାମ୍ପିୟନ ଲୁଇସ୍ ହାମିଲଟନ ଏବଂ ତାଙ୍କ ଟିମ୍‌ମେଟ୍ ଭାଲଟେରି ବୋଟ୍ଟାସ କୌଣସି ସ୍କୋର କରିବାରେ ବିଫଳ ହୋଇଥିଲେ। ୬ ପିଟ୍-ଷ୍ଟପ୍ ପରେ ହାମିଲଟନ ୧୧ତମ ସ୍ଥାନ ଅଧିକାର କରିଥିଲେ। ଗତ ୨୩ଟି ରେସ୍ ମଧ୍ୟରେ ସେ ପ୍ରଥମ ଥର ପଏଣ୍ଟ ସ୍କୋର କରିବାରେ ବିଫଳ ହୋଇଛନ୍ତି। ରେସିଂ ପଏଣ୍ଟର ଲାନ୍ସ ଷ୍ଟ୍ରୋଲ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ତାଙ୍କ ଟିମ୍‌ର ଏହା ହେଉଛି ଶ୍ରେଷ୍ଠ ପ୍ରଦର୍ଶନ। ଷ୍ଟ୍ରୋଲ୍ ମ୍ୟାକଲରେନର କାର୍ଲୋସ ସେଞ୍ଜ, ଟୋରୋ ରୋସୋର ଆଲେକ୍ସ ଆଲବନ ଏବଂ ଆଲ୍‌ଫା ରୋମିଓର କିମି ରାଇକୋନେନ୍‌ଙ୍କଠାରୁ ଆଗରେ ରହିଥିଲେ। ସେହିପରି ଯଥାକ୍ରମେ ଆଲ୍‌ଫା ରୋମିଓର ଆଣ୍ଟୋନିଓ ଜିଓଭିନାଜି ଓ ଟିମ୍‌ମେଟ କେଭିନ୍ ମାଗନସେନଙ୍କଠାରୁ ଆଗରେ ରହି ହାସ୍‌ର ରୋମେନ୍ ଗ୍ରୋସ୍‌ଜେଁ ୮ମ ସ୍ଥାନ ଅଧିକାର କରିଥିଲେ।

## ଦିନିକିଆ ସିରିଜ ଜିତିଲା ଶ୍ରୀଲଙ୍କା

କଲମ୍ବୋ, ୨୮।୭

ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ଶ୍ରୀଲଙ୍କା ୩୨ଟି ବଲ ବାକି ରଖି ୭ ଉଇକେଟରେ ଅତି ସହଜରେ ବିଜୟ ହାସଲ କରିଛି। ଏଥିସହିତ ୩ ମ୍ୟାଚ୍ ବିଶିଷ୍ଟ ଏହି ଦିନିକିଆ ସିରିଜରେ ଶ୍ରୀଲଙ୍କା ୨-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ନେଇଛି। ରବିବାର ସ୍ଥାନୀୟ ପ୍ରେମାଦାସା ଷ୍ଟାଡିୟମରେ ବାଂଲାଦେଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୮ ଉଇକେଟ ହରାଇ ୨୩୮ ରନ ସଂଗ୍ରହ କରିଥିଲା। ଜବାବରେ ଶ୍ରୀଲଙ୍କା ୪୪.୪ ଓଭରରେ ୩ ଉଇକେଟ ହରାଇ ୨୪୨ ରନ କରି ବିଜୟୀ ହୋଇଛି। ୮୨ ରନର ଉପଯୋଗୀ ପାଳି ଖେଳିଥିବା ଶ୍ରୀଲଙ୍କା ଓପନର ଅଭିଷ୍କା ଫର୍ନାଣ୍ଡୋ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

୨୩୯ ରନ ବିଜୟ ଲକ୍ଷ୍ୟର ପିଛା କରି ଶ୍ରୀଲଙ୍କା ଭଲ ଆରମ୍ଭ କରିଥିଲା। ଫର୍ନାଣ୍ଡୋ ୮୨, ଅଧିନାୟକ ଦିମୁଥ କରୁଣାରତ୍ନେ ୧୫, ଉଇକେଟକିପର ବ୍ୟାଟ୍ସମ୍ୟାନ କୁଶଲ ପେରେରା ୩୦ ରନ କରି ଆଉଟ ହୋଇଥିବାବେଳେ କୁଶଲ ମେଣ୍ଡିସ୍ ୪୧ ଓ ଆଞ୍ଜେଲୋ ମାଥ୍ୟୁସ ୫୨ ରନ କରି ଅପରାଜିତ ରହିବା ସହ ଦଳକୁ ବିଜୟୀ କରାଇଥିଲେ। ବୋଲିଂରେ ବାଂଲାଦେଶ ତରଫରୁ ମୁସ୍ତାଫିଜୁର ରହମାନ ୨, ମେହିଦି ହାସନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ତରଫରୁ ମୁସ୍‌ଫିକର ରହିମ ୯୮, ମେହିଦି ୪୩ ରନ କରିଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ବୋଲିଂରେ ଶ୍ରୀଲଙ୍କା ତରଫରୁ ନୁଆଦ ପ୍ରଦୀପ, ଇସୁରୁ ଉଡାନା ଓ ଅକିଲ ଦନଞ୍ଜୟ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।


ମ୍ୟାନ ଅଫ୍ ଦି ମ୍ୟାଚ ଅଭିଷ୍କା ଫର୍ନାଣ୍ଡୋ ।

**ସଂକ୍ଷିପ୍ତ ସ୍କୋର**

- ବାଂଲାଦେଶ ୫୦ ଓଭରରେ ୨୩୮/୮ (ମୁସ୍‌ଫିକର- ୯୮*, ମେହିଦି- ୪୩, ପ୍ରଦୀପ- ୨/ ୫୩, ଉଡାନା- ୨/୫୮, ଦନଞ୍ଜୟ- ୨/ ୩୯ )।
- ଶ୍ରୀଲଙ୍କା ୪୪.୪ ଓଭରରେ ୨୪୨/୩ (ଅଭିଷ୍କା- ୮୨, ମାଥ୍ୟୁସ - ୫୨*, କୁଶଲ ମେଣ୍ଡିସ- ୪୧*, ମୁସ୍ତାଫିଜୁର- ୨/୫୦)।

## ଭିଟ୍ଟୋରୀ, ଲାଙ୍ଗ୍‌ଭେଲ୍ଟ ବାଂଲାଦେଶର ସାମୟିକ ବୋଲିଂ କୋଚ୍

ଢାକା, ୨୮।୭

ପୂର୍ବତନ ନ୍ୟୁଜିଲାଣ୍ଡ ସ୍ପିନର ଡାନିଏଲ୍ ଭିଟ୍ଟୋରୀ ଓ ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର ଚାର୍ଲ୍ସ ଲାଙ୍ଗ୍‌ଭେଲ୍ଟଙ୍କୁ ବାଂଲାଦେଶ ବୋଲିଂ ବିଭାଗରେ ସପୋର୍ଟ ଷ୍ଟାଫ୍ ଭାବେ ନିଯୁକ୍ତ କରାଯାଇଛି। ଭିଟ୍ଟୋରୀ ସ୍ପିନ ଓ ଲାଙ୍ଗ୍‌ଭେଲ୍ଟ ପେସ୍ ବୋଲିଂ କୋଚ୍ ଭାବେ ବାଂଲାଦେଶ କ୍ରିକେଟ୍ ସହ ସାମୟିକ ସମୟ ଲାଗି ଦାୟିତ୍ୱ ନିର୍ବାହ କରିବେ ବୋଲି ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି) ପକ୍ଷରୁ କୁହାଯାଇଛି। ପୂର୍ବତନ ଭାରତୀୟ ସ୍ପିନର ସୁନୀଲ ଯୋଶୀ ଓ ୱେଷ୍ଟଇଣ୍ଡିଜର କର୍ଟନୀ ୱାଲ୍ସଙ୍କ ସ୍ଥାନରେ ଯଥାକ୍ରମେ ଭିଟ୍ଟୋରୀ ଓ ଲାଙ୍ଗ୍‌ଭେଲ୍ଟଙ୍କୁ ନିଯୁକ୍ତ କରାଯାଇଛି। ଗତ ଆଇସିସି ବିଶ୍ୱକପ୍ ପରେ ଉଭୟ ଯୋଶୀ ଓ ୱାଲ୍ସଙ୍କ କାର୍ଯ୍ୟକାଳ ସମାପ୍ତ ହୋଇଥିବାବେଳେ ବିସିବି ମଧ୍ୟ ଚୁକ୍ତିର ନବୀକରଣ କରିବାକୁ ଆଗ୍ରହ ପ୍ରକାଶ କରି ନ ଥିଲା। ନଭେମ୍ବର ପ୍ରଥମ ସପ୍ତାହରେ ବାଂଲାଦେଶ ଦଳ ଭାରତ ଗସ୍ତରେ ଆସିବାକୁ ଥିବାରୁ ଏଥିପୂର୍ବରୁ ଭିଟ୍ଟୋରୀ ଦଳ ସହ ଯୋଗ ଦେବେ ବୋଲି ଜଣାପଡ଼ିଛି। ଏହି ଗସ୍ତରେ ବାଂଲାଦେଶ ଘରୋଇ ଭାରତ ବିପକ୍ଷରେ ୩ଟି ଟି୨୦ ଓ ୨ଟି ଟେଷ୍ଟ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଭିଟ୍ଟୋରୀ ଏଥିପୂର୍ବରୁ ବିବିଏଲ୍ ଦଳ ବ୍ରିସବେନ ହିଟ୍ସ ସମେତ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ ମିଡ୍‌ଲେସେକ୍ସର ପ୍ରଶିକ୍ଷକ ରହିଥିଲେ।



ପଦକ ସହ କୃତୀ କରାଟେକାମାନେ ।

■ ଅନ୍ତର୍ଜାତୀୟ ଆମନ୍ତ୍ରଣୀୟ କରାଟେର ୨ୟ ଓ ୩ୟ ଦିବସ

## ଉତ୍କଳ କରାଟେ ସ୍କୁଲକୁ ୧୦ ସ୍ୱର୍ଣ୍ଣ ସହ ୧୭ ପଦକ

ଭୁବନେଶ୍ୱର, ୨୮।୭(କ୍ରୀଡ଼ା ପ୍ରତିନିଧି)

କୋଲକାତାର ନେତାଜୀ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୫ମ ଅନ୍ତର୍ଜାତୀୟ ଆମନ୍ତ୍ରଣୀୟ କରାଟେ ପ୍ରତିଯୋଗିତାର ଦ୍ୱିତୀୟ ଓ ୩ୟ ଦିବସରେ ଉତ୍କଳ କରାଟେ ସ୍କୁଲକୁ ୧୦ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ମିଳିଛି। ମଧୁପ୍ରିୟାଙ୍କୁ କାଟା ଓ ଫାଇଟ୍‌ରେ ୨ଟି ସ୍ୱର୍ଣ୍ଣ ମିଳିଥିବାବେଳେ ସାଇ ଅନିକେତ ରେଡ୍ଡୀଙ୍କୁ କାଟାରେ ସ୍ୱର୍ଣ୍ଣ ଓ ଫାଇଟ୍‌ରେ ରୌପ୍ୟ ପଦକ ମିଳିଛି। ସେହିପରି ସନତ ନାୟକଙ୍କୁ କାଟାରେ ସ୍ୱର୍ଣ୍ଣ ଓ ଫାଇଟ୍‌ରେ ବ୍ରୋଞ୍ଜ, ପୁରୁଷୋତ୍ତମ ଯାଦବଙ୍କୁ କାଟାରେ ସ୍ୱର୍ଣ୍ଣ ଓ ଫାଇଟ୍‌ରେ ରୌପ୍ୟ, ଦିବ୍ୟାଂଶୁ ପାଣ୍ଡେଙ୍କୁ କାଟାରେ ସ୍ୱର୍ଣ୍ଣ ଓ ଫାଇଟ୍‌ରେ ରୌପ୍ୟ, ବିଶ୍ୱଜିତ ସାମଲଙ୍କୁ କାଟାରେ ସ୍ୱର୍ଣ୍ଣ ଓ ଫାଇଟ୍‌ରେ ରୌପ୍ୟ, ଅମ୍ଳାନ ପରିଡ଼ାଙ୍କୁ କାଟାରେ ସ୍ୱର୍ଣ୍ଣ ଓ ଫାଇଟ୍‌ରେ ବ୍ରୋଞ୍ଜ, ପ୍ରଜ୍ୱଳ ଭୋଇଙ୍କୁ କାଟାରେ ସ୍ୱର୍ଣ୍ଣ ଓ ଫାଇଟ୍‌ରେ ରୌପ୍ୟ ଏବଂ ଦେବାଶିଷ ସ୍ୱାଇଁ କାଟାରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପଦକ ବିଜୟୀ ପ୍ରତିଯୋଗୀମାନଙ୍କୁ ଉତ୍କଳ କରାଟେ ସ୍କୁଲ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ଜୁଲାଇ ୨୯/୨୦୧୯ Bhubaneswar, Monday, July 29/ 2019

■ ଏକ୍ସସାଇଜ୍ ଆକ୍ଟ ଓ ରୁଲ୍‌କୁ ନେଇ ଦ୍ୱନ୍ଦ୍ୱ

# ଫାଇଦା ନେଉଛନ୍ତି ଡ୍ୟାନ୍ସ ବାର୍ ମାଲିକ

ତ୍ରିନାଥ ମହାନ୍ତି
ଭୁବନେଶ୍ୱର, ୨୮।୭(ବ୍ୟୁରୋ)

ଡ୍ୟାନ୍ସ ବାର୍‌ରେ ଯୁବତୀଙ୍କୁ ନିୟୋଜିତ କରିବା ନେଇ ଏକ୍ସସାଇଜ୍ ଆକ୍ଟ ଓ ରୁଲ୍ ମଧ୍ୟରେ ତାଳମେଳ ନାହିଁ। ଓଡିଶା ଅବକାରୀ ଆଇନ୍ ୨୦୦୮ ସେକ୍ସନ-୨୬ରେ ଉଲ୍ଲେଖ ରହିଛି ଯେ, ଯୁବତୀମାନଙ୍କୁ ବାର୍‌ରେ ନିୟୋଜିତ କରାଯିବା ସମ୍ପୂର୍ଣ୍ଣ ବେଆଇନ। ସେପଟେ ୨୦୧୭ ରୁଲ୍‌ସ ମୁତାବକ, ୨୧ବର୍ଷରୁ ଅଧିକ ବୟସର ଯୁବତୀମାନେ ସଙ୍ଗୀତ, ନୃତ୍ୟ, ବିଦେଶୀ ମଦ ବିକ୍ରି ହେଉଥିବା ସ୍ଥାନରେ ଅର୍କେଷ୍ଟ୍ରାରେ ନୃତ୍ୟ କରିପାରିବେ। ଏକ୍ସସାଇଜ ରୁଲ୍ ୪୪(୫) ଅନୁସାରେ, ଏଭଳି ନୃତ୍ୟ ହେଉଥିବା ଜାଗାରେ ଯୁବତୀଙ୍କ ନୃତ୍ୟକୁ ସ୍ୱୀକୃତି ଦେବା ପୂର୍ବରୁ କମିଶନରେଟ ପୋଲିସ ଓ ଅବକାରୀ ବିଭାଗ କିଛି ସର୍ତ୍ତ ରଖିପାରିବେ। ସେହିଭଳି ୨୦୧୪ରେ ବମ୍ବେର ଏକ ପିଟିଶନର ବିଚାର କରି ସୁପ୍ରିମକୋର୍ଟ ବାରରେ ଯୁବତୀମାନେ ଡ୍ୟାନ୍ସ କରିବା ପାଇଁ ୧୫ ସର୍ତ୍ତ ରଖିଥିଲେ। ଏହାକୁ ଆଧାର କରି ପରବର୍ତ୍ତୀ ସମୟରେ ଓଡ଼ିଶା ହାଇକୋର୍ଟ ସ୍ୱତନ୍ତ୍ର ରୁଲ୍ କରିଥିଲେ। ଦେଖିବାକୁ ଗଲେ ରୁଲ୍ ଆକ୍ଟ ଉପରେ ନିର୍ଭର କରେ। ରହିଥିବା ଆକ୍ଟରେ ଯୁବତୀଙ୍କୁ ବାର୍‌ରେ ଡ୍ୟାନ୍ସ କରାଇବା ବାରଣ କରାଯାଇଥିବାରୁ ଏହା ସମ୍ପୂର୍ଣ୍ଣରୂପେ ବେଆଇନ। କିନ୍ତୁ ରୁଲ୍ ହେବା ସମୟରେ ଏକ୍ସସାଇଜ ଆକ୍ଟ ଉପରେ ଧ୍ୟାନ ଦିଆଗଲା ନାହିଁ। ଫଳରେ ଆକ୍ଟ ଓ ରୁଲ୍‌କୁ ନେଇ ଯେଉଁ ଦ୍ୱନ୍ଦ୍ୱ ରହିଲା ତାହାର ଫାଇଦା ନେଉଛନ୍ତି ଡ୍ୟାନ୍ସ ବାର୍ ମାଲିକ।



ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ୪ସପ୍ତାହ ମଧ୍ୟରେ ଅବକାରୀ ବିଭାଗ ଲାଇସେନ୍ସ ଦେବେ। କିନ୍ତୁ ଏକ୍ସସାଇଜ୍ ଆକ୍ଟରେ ସଂଶୋଧନ ହୋଇ ନ ଥିବାରୁ ଲାଇସେନ୍ସ ଦିଆଯାଇପାରୁ ନ ଥିଲା। ୨୦୧୭ରେ ବୋର୍ଡ ଅଫ୍ ରେଭିନ୍ୟୁ ଏବଂ ଅବକାରୀ ବିଭାଗ ହଠାତ ବାର୍ ମାଲିକମାନଙ୍କୁ ଡ୍ୟାନ୍ସ ପାଇଁ ଲାଇସେନ୍ସ ପ୍ରଦାନ କରିଥିଲେ। ହେଲେ ଆକ୍ଟକୁ ଅନୁଧ୍ୟାନ କରିବା ପରେ ପରବର୍ତ୍ତୀ ସମୟରୁ ଲାଇସେନ୍ସ ପ୍ରଦାନ ବନ୍ଦ ରହିଛି। ଏହାସତ୍ତ୍ୱେ ବାର ମାଲିକମାନେ ରୁଲ୍‌କୁ ଲିଗାଲ ଦାବି କରି ବାର୍‌ରେ ଯୁବତୀମାନଙ୍କୁ ନିୟୋଜିତ କରୁଛନ୍ତି। ଡ୍ୟାନ୍ସ କରିବା ସହ ମଦ ପରଷୁଛନ୍ତି। ଏପରିକି ରୁଲ୍‌ରେ ରହିଥିବା କଟକଣାକୁ ମାନୁନାହାନ୍ତି। ଅନ୍ୟପକ୍ଷରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେବା ଅବକାରୀ ବିଭାଗର କାର୍ଯ୍ୟ ବୋଲି କହୁଛି। ହେଲେ ଅବକାରୀ ବିଭାଗ ଆକ୍ଟରେ ନା କିଛି ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରୁଛି, ଅବା ବାର୍ ମାଲିକଙ୍କ ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଏକ୍ସସାଇଜ ଆକ୍ଟ ଓ ରୁଲ୍ ଦ୍ୱନ୍ଦ୍ୱକୁ ବାହାନା କରି ଚୁପ୍ ବସୁଛି। ଅବକାରୀ ବିଭାଗ ଲାଇସେନ୍ସ ଦେଇ ନ ଥିବାରୁ କମିଶନରେଟ ପୋଲିସ ମଧ୍ୟ ବାର୍‌ଗୁଡିକୁ ମ୍ୟୁଜିକ୍ ଲାଇସେନ୍ସ ଦେଇ ନ ଥିଲା। ମ୍ୟୁଜିକ୍ ଲାଇସେନ୍ସକୁ ନେଇ ହିଁ କମିଶନରେଟ ପୋଲିସ ୧୧ ବାରରେ ଚଢାଉ କରି ୯୬ଜଣ ଯୁବତୀଙ୍କୁ ଉଦ୍ଧାର କରି ପରେ ଛାଡ଼ି ଦେଇଥିଲା।

### ବିଧାନସଭାରେ ମଞ୍ଜୁରୀ ମିଳିବା ପରେ ସଂଶୋଧନ

କିଛିଦିନ ତଳେ ଅବକାରୀ କମିଶନର, ମୁଖ୍ୟ ଶାସନ ସଚିବ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କୁ ନେଇ ଏକ ବୈଠକରେ ଏହି ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ମୁଖ୍ୟଶାସନ ସଚିବ ଉକ୍ତ ଆକ୍ଟକୁ ତୁରନ୍ତ ସଂଶୋଧନ ପାଇଁ ଅବକାରୀ କମିଶନରଙ୍କୁ କହିଥିଲେ। ଏହି ପ୍ରକ୍ରିୟା ସେବେଠାରୁ ଜାରି ରହିଛି। ଆକ୍ଟ ପାଇଁ ବିଧାନସଭାରେ ପ୍ରସ୍ତାବ ଅଣାଯିବ। ମଞ୍ଜୁରୀ ମିଳିବା ପରେ ଆକ୍ଟ ସଂଶୋଧନ କରାଯାଇ ଡ୍ୟାନ୍ସ ବାର୍ ଲାଇସେନ୍ସ ଦେଇହେବ ବୋଲି କୁହାଯାଉଛି।

### ଅବକାରୀ ବିଭାଗ ପଦକ୍ଷେପ ନେଇପାରିବ

ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ବାର ମାଲିକଙ୍କ ବିରୋଧରେ ଆମେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବୁ ନାହିଁ। ସେମାନେ ବିନା ଲାଇସେନ୍ସରେ ମ୍ୟୁଜିକ ବଜାଉଥିବାରୁ ଚଢାଉ କରାଯାଇଥିଲା। କାର୍ଯ୍ୟାନୁଷ୍ଠାନ ଭାବେ ଅର୍ବାନ ପୋଲିସ ଆକ୍ଟ ଅନୁଯାୟୀ କେବଳ କିଛି ଜରିମାନା କରାଯାଇପାରିବ। ବାରଗୁଡିକ ବନ୍ଦ କରିବାର କ୍ଷମତା ପୋଲିସର ନାହିଁ। ତେଣୁ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସ ଅବକାରୀ ବିଭାଗକୁ ଚିଠି ଲେଖାଯାଇଛି।

### ପୋଲିସ ରିପୋର୍ଟ ଅନୁଯାୟୀ ହେବ କାର୍ଯ୍ୟାନୁଷ୍ଠାନ

ଏକ୍ସସାଇଜ୍ ସୁପରିଣ୍ଟେଣ୍ଡେଣ୍ଟ ପ୍ରସନ୍ନ କୁମାର ଆଚାର୍ଯ୍ୟ କହିଛନ୍ତି, ଆକ୍ଟରେ ଯୁବତୀମାନଙ୍କୁ ବାର୍‌ରେ ଡ୍ୟାନ୍ସ କରାଇବା ବେଆଇନ ଥିଲେ ମଧ୍ୟ ରୁଲ୍‌ରେ କିନ୍ତୁ ନିୟମ ରହିଛି। ତେଣୁ ଏହି ଆକ୍ଟ ପରିବର୍ତ୍ତନ ଶୀଘ୍ର ହୋଇଯିବ ବୋଲି ଆଶା କରାଯାଉଛି। ତେବେ ପୋଲିସ ଯେଉଁ ରିପୋର୍ଟ ଦେବେ ତାହା ଅନୁଯାୟୀ ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ ହେବ।

## ନୃତ୍ୟ ବେଳେ ଉଡୁଛି ଟଙ୍କା

ଜ୍ୟୋତିରଞ୍ଜନ ମହାପାତ୍ର
ଭୁବନେଶ୍ୱର, ୨୮।୭





ନୃତ୍ୟରତା ଯୁବତୀଙ୍କ ଉପରକୁ ନିଶାସକ୍ତମାନେ ଟଙ୍କା ଉଡ଼ାଉଥିବାର ଦୃଶ୍ୟ ରାଜଧାନୀର ଅନେକ ଡ୍ୟାନ୍ସବାର୍‌ରେ ଦେଖିବାକୁ ମିଳୁଛି। ଏପରିକି ଟଙ୍କାରେ ଫୋନ ନମ୍ବର ଲେଖି ସେମାନଙ୍କ ହାତକୁ ଧରାଇ ଦିଆଯାଉଛି। କିଛି ସମୟ ଭିତରେ ବାର ପାଲଟିଯାଉଛି ଟଙ୍କାଶାଳ। ପରେ ବାର କର୍ମଚାରୀ ଝାଡୁ ମାରି ଟଙ୍କାକୁ ବାହାର କରୁଛନ୍ତି। ଟଙ୍କା ଉଡ଼ାଇବା ପାଇଁ ୧୦, ୨୦, ୫୦, ୧୦୦ ଟଙ୍କିଆ ନୋଟ୍‌ର ବିଡ଼ା ବାର୍ ପକ୍ଷରୁ ରଖାଯାଉଛି। ୫୦୦ ଓ ୨୦୦୦ ଟଙ୍କିଆ ନୋଟ୍ ପରିବର୍ତ୍ତେ ଉକ୍ତ ଖୁଚୁରା ଟଙ୍କା ଦିଆଯାଉଛି। ପକେଟରୁ ଟଙ୍କା ସରିଯିବା ଓ ମଦ୍ୟ ପାନକରି ଟଳିଯିବା ପରେ ବାର୍‌ରେ ନିୟୋଜିତ ବାହୁବଳୀମାନେ ସେମାନଙ୍କୁ ବାହାର କରିଦେଉଥିବା ଦୃଶ୍ୟ ମଧ୍ୟ ଦେଖିବାକୁ ମିଳୁଛି। ଏହାଛଡ଼ା କେତେଜଣ ବିଶେଷ ବ୍ୟକ୍ତି ବିଳମ୍ବିତ ରାତିଯାଏ ସେଠାରେ କ'ଣ କରନ୍ତି ତାହା ସେଠାକାର ସିସିଟିଭି ଏବଂ ପୋଲିସ ହିଁ କହିପାରିବ। ମାତ୍ର ପୋଲିସ ଓ ଅବକାରୀ ବିଭାଗ କର୍ମଚାରୀ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ହାତବାରିସି ସାଜୁଛନ୍ତି।

ମହିଳାମାନଙ୍କ ସୁରକ୍ଷା ଏବଂ ସମ୍ମାନ ଆକ୍ଟ ୨୦୧୬ ଅନୁଯାୟୀ, ବାରରେ ଡ୍ୟାନ୍ସ କରୁଥିବା ବା ଗୀତ ଗାଉଥିବା ଯୁବତୀଙ୍କ ଉପରକୁ କେହି ଟଙ୍କା ଓ କୌଣସି ସାମଗ୍ରୀ ଫିଙ୍ଗିପାରିବେ ନାହିଁ କି ଛୁଇଁପାରିବେ ନାହିଁ। କମିଶନରେଟ ପୋଲିସ ନିୟମ ମୁତାବକ ବାରରେ ଡ୍ୟାନ୍ସ କରିବା ଷ୍ଟେଜ ଓ ଅତିଥି ବସିବା ସ୍ଥାନ ମଧ୍ୟରେ ୫ ମିଟରର ଦୂରତା ରହିବା ସହ ରେଲିଂରେ ଆବଦ୍ଧ କରାଯିବା କଥା। ଏଥିସହ ଡ୍ୟାନ୍ସ ବାରରେ କାର୍ଯ୍ୟ କରୁଥିବା ପ୍ରତ୍ୟେକ ଯୁବତୀ ଓ ମହିଳାଙ୍କ ଫଟୋ ପରିଚୟ ପତ୍ର କମିଶନରେଟ ପୋଲିସ ନିକଟରେ ରହିବା ନିହାତି ଜରୁରୀ। କିନ୍ତୁ ସିସିଟିଭି ଫୁଟେଜ ଯାଞ୍ଚ କଲେ ସେଠାରେ କେଉଁସବୁ ଘଟଣା ଘଟେ ଏବଂ ନିୟମ କିଭଳି ଉଲ୍ଲଂଘନ ହୁଏ ତାହା ସ୍ପଷ୍ଟ ହୋଇଯିବ।

**ସଂକ୍ଷେପରେ**

ମେରାଇନ୍ ଡ୍ରାଇଭରୁ ମୁଣ୍ଡବିହୀନ ମୃତଦେହ ଉଦ୍ଧାର ଘଟଣା

### ମୁଣ୍ଡ କଟାଯାଇଥିବା ଅଭିଯୋଗକୁ ଏସ୍‌ପିଙ୍କ ଖଣ୍ଡନ

**ପୁରୀଅଫିସ, ୨୮।୭-** ପୁରୀ-କୋଣାର୍କ ମେରାଇନ ଡ୍ରାଇଭର ଲିଆଖିଆ ବ୍ରିଜ ନିକଟରୁ ରାମଚଣ୍ଡୀ ପୋଲିସ ପୁରୀ ତଳମାଲିସାହର ଉମାଶଙ୍କର ରାୟଙ୍କ ମୁଣ୍ଡିବିହୀନ ମୃତ ଦେହ ଏବଂ ଯୁବତୀଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲା। ଉଭୟଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଉମାଙ୍କ ମୃତଦେହକୁ ବ୍ୟବଚ୍ଛେଦ ଲାଗି ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ଯୁବତୀ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲରେ ଚିକିତ୍ସାଧିନ ଅଛନ୍ତି। ଏହି ଘଟଣାରେ ପୋଲିସ ଭୁବନେଶ୍ୱର ଡୁମୁଡୁମା ଅଞ୍ଚଳର ଏକ ସ୍କର୍ପିଓ ଡ୍ରାଇଭରଙ୍କୁ ଗିରଫ କରିଥିଲା। ଏହି ଘଟଣାକୁ ପୋଲିସ ଦୁର୍ଘଟଣା ବୋଲି ଦର୍ଶାଇଥିବାବେଳେ ଯୁବକଙ୍କ ମୁଣ୍ଡ କଟାଯାଇଥିବା ନେଇ ଚର୍ଚ୍ଚା ହୋଇଥିଲା। ରବିବାର ଏହି ଘଟଣାରେ ଏସ୍‌ପି ଉମାଶଙ୍କର ଦାଶ କହିଲେ ଯେ, ମୁଣ୍ଡ କଟାହେବା କଥା ଏକ ଗୁଜବ। ବର୍ତ୍ତମାନ ସୁଦ୍ଧା ସେପରି କୌଣସି ଅଭିଯୋଗ ଆସିନି। ଅଭିଯୋଗ ଆସିଲେ, ସେ ଦିଗରେ ମଧ୍ୟ ତଦନ୍ତ କରାଯିବ ବୋଲି କହିଥିଲେ।

### କନଷ୍ଟ୍ରକଶନ ମଜଦୁର ସଂଘର ରାଜ୍ୟ ସମ୍ମିଳନୀ

**ଭୁବନେଶ୍ୱର,୨୮।୭(ବ୍ୟୁରୋ):** ଓଡ଼ିଶା କନଷ୍ଟ୍ରକଶନ ମଜଦୁର ସଂଘର ଷଷ୍ଠ ରାଜ୍ୟ ସମ୍ମିଳନୀ ସ୍ଥାନୀୟ ଲୋହିଆ ଏକାଡେମୀଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ବିଦ୍ୟାଧର କୁଅଁର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଏନଏଫଆଇଟିୟୁର ରାଜ୍ୟ ସଭାପତି ପ୍ରଶାନ୍ତ ପାଢ଼ୀ, ଫୋରମ ଫର ଫାଷ୍ଟ ଜଷ୍ଟିସ୍‌ର ରାଷ୍ଟ୍ରୀୟ ସଂଯୋଜକ ପ୍ରବୀଣ ଭାଇ ପଟେଲ, ଫାର୍ମାସ୍ୟୁଟିକାଲ ଏମ୍ପ୍ଲୟିଜ ୟୁନିୟନର ସାଧାରଣ ସମ୍ପାଦକ ସୁରେନ୍ଦ୍ର ବାରିକ, ହାଇକୋର୍ଟ ଆଡଭୋକେଟ ବିଭୂତି ଭୂଷଣ ସ୍ୱାଇଁ, ଶ୍ରମିକ ନେତା କୃଷ୍ଣଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟବକ୍ତା ଭାବେ କଟକ ଜିଲା ଶ୍ରମ ଅଧିକାରୀ ବନମାଳୀ ମହାପାତ୍ର ଯୋଗଦେଇ ଶ୍ରମ ଆଇନ ବିଷୟରେ ଆଲୋକପାତ କରିଥିଲେ।

■ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଆଜି

## ଚିହ୍ନଟ ହେବେ ବ୍ୟବସ୍ଥାବଳୀ ଉଲ୍ଲଂଘନକାରୀ

ପୁରୀ ଅଫିସ, ୨୮।୭



ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ସୋମବାର ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅପରାହ୍ନ ସାଢେ ୪ଟାରେ ହେବାକୁ ଥିବା ବୈଠକରେ ରଥଯାତ୍ରାର ସମୀକ୍ଷା କରାଯିବ। ଏହି ସମୀକ୍ଷା ମଧ୍ୟରେ ମୁଖ୍ୟତଃ ବ୍ୟବସ୍ଥାବଳୀ ଉଲ୍ଲଂଘନ ପ୍ରମୁଖ ପ୍ରସଙ୍ଗ ରହିବ। ଦେବସ୍ନାନ ପୂର୍ଣ୍ଣିମାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ବ୍ୟବସ୍ଥାବଳୀକୁ ଅନେକ ଉଲ୍ଲଂଘନ କରିଛନ୍ତି। ସିସିଟିଭି ଫୁଟେଜକୁ ଅନୁଧ୍ୟାନ କରାଯାଇ ଉଲ୍ଲଂଘନକାରୀ ସେବକ, କର୍ମଚାରୀ ଏବଂ ଭକ୍ତଙ୍କୁ ଚିହ୍ନଟ କରାଯିବ। କମିଟି ସଦସ୍ୟମାନେ ଏହି ଭିଡିଓ ରେକର୍ଡିଂକୁ ଦେଖି କିଏ କେଉଁ ଜାଗାରେ ଏବଂ କେଉଁ ପ୍ରକାର ଉଲ୍ଲଂଘନ କରିଛି ତାହାର ଅନୁଧ୍ୟାନ କରିବେ। କାହାକୁ ନୋଟିସ୍ ହେବ ଏବଂ କାହାକୁ କେବଳ ତାଗିଦ୍ କରାଯିବ ତାହା ମଧ୍ୟ ସ୍ଥିର କରାଯିବ ବୋଲି ଜଣାପଡିଛି। ସେହିପରି ୨୦୧୯ ରଥଯାତ୍ରାର ଖର୍ଚ୍ଚ ବିବରଣୀ ମଧ୍ୟ ବୈଠକରେ ଉପସ୍ଥାପନ କରାଯିବ। ଏତଦ୍‌ବ୍ୟତୀତ ୨୦୧୮-୧୯ ଶ୍ରୀମନ୍ଦିର ହିସାବ ସମୀକ୍ଷା ବିବରଣୀର ଅନୁମୋଦନ, ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଦ୍ୱାରା ଶ୍ରୀମନ୍ଦିର ରକ୍ଷଣାବେକ୍ଷଣର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯିବ। ଯଦି ସଭାପତି ଚାହିଁବେ ତେବେ ଅନ୍ୟାନ୍ୟ ପ୍ରସଙ୍ଗ ମଧ୍ୟ ଆଲୋଚନା ହୋଇପାରେ ବୋଲି ଜଣାପଡିଛି।



କଟକ ବିଡ଼ାନାସୀ କୁମ୍ଭାରସାହି ତ୍ରିନାଥ ଯୁବକ କାଉଡିଆ ସଂଘ ଶୋଭାଯାତ୍ରାରେ ସାମିଲ ହୋଇଥିବା ୩୫ ଫୁଟ୍ ଲମ୍ବ ଓ ୨୦ ଫୁଟ ଉଚ୍ଚତାର ବାହୁଙ୍ଗୀ।

■ ଦୁଇ ମହିଳା ଏସ୍‌ଆଇଙ୍କୁ ଦୁର୍ବ୍ୟବହାର ଘଟଣା

## ଜେଲ ଗଲେ ୨ ଅଭିଯୁକ୍ତ

ଭୁବନେଶ୍ୱର, ୨୮।୭(ବ୍ୟୁରୋ)

କ୍ୟାପିଟାଲ ଥାନା ଅଧୀନ ରାଜମହଲ ଛକରେ ଖାରବେଳନଗର ଥାନାର ଦୁଇଜଣ ମହିଳା ଏସ୍‌ଆଇଙ୍କୁ ଦୁର୍ବ୍ୟବହାର କରିଥିବା ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ପରେ ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭୀମଟାଙ୍ଗୀର ଦେବାଶିଷ ପାଇକରାୟ ଓ ପୁରୁଣା ଭୁବନେଶ୍ୱରର ବିପିନ ବିହାରୀ ରାଉତ। କୋର୍ଟରେ ଜାମିନ ଆବେଦନ ଖାରଜ ହେବାରୁ ଉଭୟ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଜଣେ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଚଢାଉ ଜାରି ରହିଛି।

ପୋଲିସ ସୂଚନା ମୁତାବକ, ଶନିବାର ରାତି ପ୍ରାୟ ୧୦ଟାରେ ମାଷ୍ଟରକ୍ୟାଣ୍ଟିନ ଛକ ନିକଟରେ ଖାରବେଳନଗର ଥାନା ପୋଲିସ ପକ୍ଷରୁ ଗାଡିମୋଟର ଚେକିଂ କରାଯାଉଥିଲା। ଏହି ସମୟରେ ୩ ଜଣ ଯୁବକ ସ୍କୁଟି ନେଇ ଯାଉଥିବା ବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। କିନ୍ତୁ ସେମାନେ ପୋଲିସ କଥା ନ ଶୁଣି ଗାଡିକୁ ଦ୍ରୁତଗତିରେ ରାଜମହଲ ଛକ ଅଭିମୁଖେ ନେଇ ପଳାଇଥିଲେ। କିଛି ସମୟ ପରେ ଫେରିଆସି ୩ ଜଣ ଯୁବକ ଗାଡି ଉପରେ ଛିଡାହୋଇ ଦୁଇ ମହିଳା ଏସ୍‌ଆଇଙ୍କୁ ଅଶ୍ଳୀଳ ଇଙ୍ଗୀତ କରିବା ସହ କମେଣ୍ଟ ମାରିଥିଲେ। ଦୁଇ ମହିଳା ଏସ୍‌ଆଇ ସେମାନଙ୍କ ନିକଟକୁ ଯାଇ ବାରଣ କରିବାରୁ ୩ ଜଣ ଯୁବକ ମହିଳା ଏସ୍‌ଆଇଙ୍କ କଥା ନ ଶୁଣି ସେମାନଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ଠେଲାପେଲା କରିଥିଲେ। ଏହାଦେଖି ସେଠାରେ ଲୋକ ରୁଣ୍ଡ ହୋଇଯିବା ପରେ ଦୁଇ ମହିଳା ଏସ୍‌ଆଇଙ୍କ ବିରୋଧରେ ୩ ଜଣ ମିଛ ମାମଲାରେ ଫସାଇ ଦେବାକୁ ଧମକ ଦେଇ ମାଡ ମାରିଥିବା ନେଇ କହିଥିଲେ। ମାତ୍ର ଲୋକେ ସତ୍ୟାସତ୍ୟ ଜାଣିବା ପରେ ଦୁଇ ଅଭିଯୁକ୍ତଙ୍କୁ ମାଡ ମାରି ପିସିଆର ଭ୍ୟାନରେ କ୍ୟାପିଟାଲ ହସ୍ପିଟାଲ ପଠାଇ ଦେଇଥିଲେ। ଏ ନେଇ କ୍ୟାପିଟାଲ ଥାନାରେ ମହିଳା ଏସ୍‌ଆଇ ମଧୁସ୍ମିତା କର ଅଭିଯୋଗ କରିବା ପରେ ପୋଲିସ ନଂ. ୨୬୯/୧୯ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।

## ମହିଳାଙ୍କ ବେକ କାଟିଦେଲେ ଦୁର୍ବୃତ୍ତ

କଟକ ଅଫିସ,୨୮।୭

**ଭୟଭୀତ ଅବସ୍ଥାରେ ସହରବାସୀ**



ମହିଳାଙ୍କ ବେକରେ କଟା ଦାଗ।

କଟକରେ ୩ ଜଣଙ୍କୁ ଗଳାକାଟି ହତ୍ୟା କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ପାରିନାହିଁ ପୋଲିସ। ଏପରିସ୍ଥଳେ ରବିବାର ରାତିରେ କଟକରେ ପୁଣି ଜଣେ ମହିଳା ଆକ୍ରମଣର ଶିକାର ହୋଇଛନ୍ତି। ପୂର୍ବ ହତ୍ୟାକାଣ୍ଡ ଭଳି ମହିଳାଙ୍କ ବେକକୁ କାଟି ଦିଆଯାଇଛି। ସେ ହେଲେ ମାଲଗୋଦାମ ଥାନା ଅନ୍ତର୍ଗତ ମଲ୍ଲାସାହି ଅଞ୍ଚଳରେ ରହୁଥିବା ସନ୍ଧ୍ୟା ତରାଇ(୨୮)। ରାତି ପ୍ରାୟ ୧୧ ଟାରେ ସନ୍ଧ୍ୟାଙ୍କ ଘରେ ପଶି କେହି ଦୁର୍ବୃତ୍ତ ଆକ୍ରମଣ କରିଛନ୍ତି। ଫଳରେ ଚିକିତ୍ସାଲାଗି ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣା ପରେ କଟକ ସହରରେ ଆତଙ୍କ ଖେଳିଯାଇଛି। ସହରବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି।

ସନ୍ଧ୍ୟାଙ୍କ କହିବା ଅନୁଯାୟୀ, ସେ ଘରେ ଥିବାବେଳେ କେହି ଜଣେ ବ୍ୟକ୍ତି ତାଙ୍କୁ ଡାକିଥିଲେ। କିଏ ବୋଲି ପଚାରିବାରୁ କିଛି ଉତ୍ତର ମିଳି ନ ଥିଲା। ଫଳରେ ସନ୍ଧ୍ୟା ଝରକା ପାଖକୁ ଦେଖିବାକୁ ଯାଇଥିଲେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଚିହ୍ନି ପାରି ନ ଥିଲେ। ଏହି ସମୟରେ ବ୍ୟକ୍ତି ଜଣଙ୍କ ଝରକାରେ ହାତ ଗଳାଇ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ବେକକୁ କାଟି ଦେଇଥିଲେ। ମହିଳା ଜଣକ ଚିତ୍କାର କରିବାରୁ ଆଖପାଖରେ ଥିବା ଲୋକମାନେ ଆକ୍ରମଣକାରୀଙ୍କୁ କାବୁ କରିବାକୁ ଉଦ୍ୟମ କରିଥିଲେ। ମାତ୍ର ଆକ୍ରମଣକାରୀ ଖସି ପଳାଇଥିଲେ। ଖବରପାଇ ମାଲଗୋଦାମ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଅଞ୍ଚଳରେ ଖୋଜାଖୋଜି କରିଥିଲେ ମଧ୍ୟ ଆକ୍ରମଣକାରୀଙ୍କୁ ପାଇ ନ ଥିଲେ। ଏ ନେଇ ସନ୍ଧ୍ୟା ମାଲଗୋଦାମ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ଆକ୍ରମଣକାରୀ କିଏ, ପୂର୍ବ ହତ୍ୟାକାଣ୍ଡ ସହ ତାଙ୍କର ସମ୍ପୃକ୍ତି ଅଛି କି ନାହିଁ, କି ସେ ଲୁଟ୍ ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ ଏଭଳି କେତେକ ଦିଗ ଉପରେ ପୋଲିସ ତଦନ୍ତ ଜାରି ରଖିଛି। ଏହି ଆକ୍ରମଣ ପରେ ସହରରେ ପାଟ୍ରୋଲିଂ ବ୍ୟବସ୍ଥା ଆହୁରି କଡାକଡି କରାଯାଇଛି। ପ୍ରତି ଛକରେ ପୋଲିସ ମୁତୟନ କରାଯାଇଛି।

### ଗୋଟିଏ ରାତିରେ ୨ ସ୍ଥାନରୁ ୫.୭ ଲକ୍ଷ ଚୋରି

ଗୋପ,୨୮।୭(ଡି.ଏନ୍.ଏ.)

ଶନିବାର ରାତିରେ ଗୋପ ବଜାର ନିକଟରେ ଥିବା ଏକ ମଦ ଦୋକାନ ଓ ଜଣଙ୍କ ଘରେ କେତେକ ଦୁର୍ବୃତ୍ତ ପଶି ଲକ୍ଷାଧିକ ଟଙ୍କା ସହ ସୁନା ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, ଶନିବାର ବିଳମ୍ବିତ ରାତିରେ ଗୋପ ବଜାର ଶେଷ ଭାଗରେ ଥିବା ପ୍ରିୟବ୍ରତ ମହାନ୍ତିଙ୍କ ମଦ ଦୋକାନର ଶର୍ଟର ଭାଙ୍ଗି ଦୁର୍ବୃତ୍ତମାନେ ନଗଦ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ନେଇ ଯାଇଥିବାବେଳେ ଲାଗିଥିବା ସିସିଟିଭିକୁ ଭାଙ୍ଗି ହାର୍ଡଡିସ୍କ ନେଇଯାଇଛନ୍ତି। ମଦ ଦୋକାନର କର୍ମଚାରୀ ସୁରେଶ ସାହୁ ଏ ସମ୍ପର୍କରେ ଗୋପ ଥାନାରେ ଅଭିଯୋଗ କରିଥିବାବେଳେ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରି ଫେରିଛି। ସେହିଭଳି ବଜାର ନିକଟସ୍ଥ ଏକ ବସ୍ତିର ଜନୈକ ମୁସଲମାନ ସମ୍ପ୍ରଦାୟର ବ୍ୟକ୍ତିଙ୍କ ଘରେ ପଶି ଅଭିନବ ପ୍ରୟାସରେ କୌଣସି କେମିକାଲ ସ୍ପ୍ରେ କରି ଦୁର୍ବୃତ୍ତମାନେ ନଗଦ ୭୦ ହଜାର ଟଙ୍କା ସହ ସୁନା ଅଳଙ୍କାର ଚୋରି କରି ନେଇଛନ୍ତି। ଏ ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। କିନ୍ତୁ ପୋଲିସ ଏପର୍ଯ୍ୟନ୍ତ ଦୁର୍ବୃତ୍ତଙ୍କର କୌଣସି ସୁରାକ ପାଇପାରିନାହିଁ। ଏଭଳି ଗୋଟିଏ ଦିନରେ ଦୁଇଟି ଚୋରିକୁ ପୋଲିସ ରାତ୍ର ପାଟ୍ରୋଲିଂ ନ ହେବା ଓ ଅଳ୍ପ କେତେଜଣ ଗୃହରକ୍ଷୀ ରହୁଥିବାରୁ ଏଭଳି ଅବସ୍ଥା ହୋଇଛି ବୋଲି ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଥାନାଧିକାରୀ ଦିଲୀପ୍ କୁମାର ସ୍ୱାଇଁ କୁହନ୍ତି, ତଦନ୍ତ ଚାଲିଛି ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ।

## ପୋଲିସକୁ ଆଇନଗତ ସୁରକ୍ଷା ଦିଆଯାଉ: ଓପିଏ



ଓଡ଼ିଶା ପୋଲିସ ଆସୋଶିଏସନ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀ।

କଟକ ଅଫିସ, ୨୮।୭

ବିଭିନ୍ନ ଦାବି ନେଇ ଓଡ଼ିଶା ପୋଲିସ ଆସୋସିଏଶନ (ଓପିଏ) ପକ୍ଷରୁ ରବିବାର କଟକସ୍ଥିତ ଓପିଏ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସାମ୍ପ୍ରତିକ ପରିସ୍ଥିତିରେ ପୋଲିସ ପ୍ରତି ଲୋକଙ୍କ ନିଷ୍ଠୁର ଆଚରଣ ବଢିବାରେ ଲାଗିଛି। ଲୋକେ ପୋଲିସକୁ ମରଣାନ୍ତକ ଆକ୍ରମଣ କରିବାକୁ ପଛାଉ ନାହାନ୍ତି। ଭଦ୍ରକ ଜିଲାର ବାସୁଦେବପୁର ଥାନା ଆଇଆଇସି, ଗଞ୍ଜାମ ଜିଲାର ପାଟପୁର ଥାନା ଆଇଆଇସି, ଭୁବନେଶ୍ୱର ବାଲିଅନ୍ତା ଥାନା ଏସ୍‌ଆଇ, ବାଲିଆପାଳ ଥାନା ଆଇଆଇସି ଲୋକଙ୍କ ଆକ୍ରମଣର ଶିକାର ହୋଇଛନ୍ତି। ଯାହାକୁ ନେଇ ପୋଲିସ ବିଭାଗରେ କାର୍ଯ୍ୟରତ ଏଏସ୍‌ଆଇ, ଏସ୍‌ଆଇ, ଇନ୍ସପେକ୍ଟରମାନେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। ତେଣୁ ରାଜ୍ୟରେ ଡାକ୍ତରମାନଙ୍କ ଭଳି କାର୍ଯ୍ୟରତ ପୋଲିସକୁ ଆଇନଗତ ସୁରକ୍ଷା ଦିଆଯାଉ, ବର୍ତ୍ତମାନ ଖାଲିପଡିଥିବା ଏଏସ୍‌ଆଇ, ଏସ୍‌ଆଇ, ଇନ୍ସପେକ୍ଟର ପଦବୀ ପୂରଣ କରାଯାଉ, ପ୍ରତି ଥାନାରେ ୧ରୁ ୨ ସେକ୍ସନ ଫୋର୍ସ ବ୍ୟବସ୍ଥା କରାଯାଉ, ଜନସାଧାରଣ ଓ ପୋଲିସ ପରସ୍ପରର ନିକଟତର ହେବା ନିମନ୍ତେ କାର୍ଯ୍ୟପନ୍ଥା ସ୍ଥିର କରାଯାଉ, ଆଇନକୁ ହାତକୁ ନେଉଥିବା ବିଶୃଙ୍ଖଳାକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଭଳି ବିଭିନ୍ନ ଦାବି ଆସୋସିଏଶନ ପକ୍ଷରୁ ଉପସ୍ଥାପନ କରାଯାଇଛି। ଏହି ଦାବି ନେଇ ଓଡ଼ିଶା ପୋଲିସ ସଂଘ ଅନେକ ଥର ପୋଲିସ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଦ୍ୱାରସ୍ଥ ହୋଇଛି। କିନ୍ତୁ ଏହାର ପ୍ରତିକାର ବ୍ୟବସ୍ଥା କରାଯାଇନାହିଁ। ସରକାର ଏଥିପ୍ରତି ଦୃଷ୍ଟିଦେବା ସହ ଦୃଢ ପଦକ୍ଷେପ ନେବାକୁ ଦାବି ହୋଇଛି। ଏହି ଖବରଦାତା ସମ୍ମିଳନୀରେ ଆସୋସିଏଶନ ସଭାପତି ସତ୍ୟଜିତ ମିଶ୍ର, ଉପସଭାପତି କ୍ଷିତୀଶ ଚନ୍ଦ୍ର ତ୍ରିପାଠୀ, ସାଧାରଣ ସମ୍ପାଦକ ବିଜୁ ଦାସ, କୋଷାଧ୍ୟକ୍ଷ କେଦାର ସାମନ୍ତରାୟ, ସହସମ୍ପାଦକ ଅରୁଣ କୁମାର ସାହୁଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।



2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ।
- ପୁରୀ ଗଜପତି ଦିବ୍ୟସିଂହଦେବ



ଲାୟନ୍ସ କ୍ଲବ ଅଫ କଟକ ମହାନଗର ଗୋଲ୍ଡର ଅଧିଷ୍ଠାନ ଉତ୍ସବ

# ଆତ୍ମବିଶ୍ୱାସ ଥିଲେ ସବୁକିଛି ସମ୍ଭବ

**କଟକ ଅଫିସ, ୨୮।୭**

ସିଡିଏ ସେକ୍ଟର-୮ସ୍ଥିତ ଜନଶିକ୍ଷଣ ସଂସ୍ଥାନଠାରେ ରବିବାର ଲାୟନ୍ସ କ୍ଲବ ଅଫ କଟକ ମହାନଗର ଗୋଲ୍ଡର ଅଧିଷ୍ଠାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କ୍ଲବର ପୂର୍ବତନ ସଭାପତି ଡ. ସୁମନ କୁମାର ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ପ୍ରକାଶ କୁମାର ଜେନା କହିଥିଲେ, ଆତ୍ମବିଶ୍ୱାସ ଥିଲେ ସବୁକିଛି ସମ୍ଭବ ହୋଇପାରିବ। ବ୍ୟକ୍ତିଗତ ସ୍ୱାର୍ଥକୁ ଛାଡି ସାମୂହିକ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଲେ ଦେଶର ମଙ୍ଗଳ ହୋଇପାରିବ। ଏଥିରେ ସମ୍ମାନିତ ଅତିଥି ଭାବେ ପ୍ରଫୁଲ୍ଲ ସାମଲ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ଓଝା, ପ୍ରଭାତ ମହାନ୍ତି ଓ ଭାବଗ୍ରାହୀ ପତ୍ରୀଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ କ୍ଲବର ନୂତନ ସଭାପତି ଭାବେ ପ୍ରତିଭା ଶତପଥୀ ଦାୟିତ୍ୱ ଗ୍ରହଣ କରିଥିଲେ। ତୃପ୍ତୀ ସାହୁ ବିବରଣୀ ପାଠ ଓ ମୃତ୍ୟୁଞ୍ଜୟ ପ୍ରଧାନ ଧନ୍ୟବାଦ ଦେଇଥିଲେ।

■ ପଟ୍ଟନାୟିକିଆ ଟ୍ରିପଲ ମର୍ଡର ମାମଲା

# ଆଉ ୨ଅଭିଯୁକ୍ତ ଗିରଫ, ମାରଣାସ୍ତ୍ର ଜବତ

**ସିସିଟିଭି ଫୁଟେଜ୍, ଅଭିଯୁକ୍ତଙ୍କୁ ଜେରାରୁ ମିଳିଲା ସଫଳତା**

**ପୁରୀଅଫିସ, ୨୮।୭**

ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ସତ୍ୟବାଦୀ ଥାନା ପଟ୍ଟନାୟିକିଆ ଛକରେ ଗତ ୧୪ରେ ଘଟିଥିବା ଟ୍ରିପଲ୍ ମର୍ଡର ଘଟଣାରେ ପୋଲିସ ରବିବାର ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସଦାନନ୍ଦପୁର ଗ୍ରାମର ଏକ୍କା ଓରଫ ମିଟୁ ବେହେରା, ପୁନିଆ ଓରଫ ପ୍ରହ୍ଲାଦ ବେହେରା। ହତ୍ୟାକାଣ୍ଡର ମାଷ୍ଟର ମାଇଣ୍ଡ ସୁବଳ ବେହେରାଙ୍କ ସମେତ ଭିକାରୀ, ହରିହର, ମନୁଆ, ସହଦେବ ଓ ଶଙ୍କର ବେହେରାଙ୍କୁ ପୂର୍ବରୁ ପୋଲିସ ଗିରଫ କରିଥିଲା। ଏହି ହତ୍ୟାକାଣ୍ଡରେ ସଂଶ୍ଳିଷ୍ଟ ଥିବା ଏକ୍କା ଓ ପୁନିଆଙ୍କୁ ପୋଲିସ ସ୍ଥାନୀୟ ଜଙ୍ଗଲ ପରିସରରୁ ଶନିବାର ବିଳମ୍ବିତ ରାତିରେ ଧରିଥିଲା। ପଚରାଉଚୁରା ବେଳେ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତି ଥିବା ସ୍ୱୀକାର କରିଥିଲେ ବୋଲି ରବିବାର ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଉମାଶଙ୍କର ଦାଶ କହିଥିଲେ। ସେମାନଙ୍କ ବୟାନକୁ ଭିତ୍ତି କରି ହତ୍ୟାକାଣ୍ଡରେ ବ୍ୟବହୃତ ଖଣ୍ଡା ଓ ଲୁହାରଡକୁ ନିକଟସ୍ଥ ଜଙ୍ଗଲରୁ ଉଦ୍ଧାର କରାଯାଇଛି। ଘଟଣାର ତଦନ୍ତ ଜାରି ରହିଛି। ଅନ୍ୟ ଅଭିଯୁକ୍ତ ମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି କହିଥିଲେ।

# ଭକ୍ତଙ୍କ ଗୁହାରି ଶୁଣନ୍ତି ଶ୍ରୀ ସୁବୁଦ୍ଧେଶ୍ୱର

**ନରାଜ,୨୮।୭(ଡି.ଏନ୍.ଏ.)**

ଭକ୍ତଙ୍କ ସହ ଭଗବାନଙ୍କ ମିଳନ କାହିଁ କେଉଁ କାଳରୁ ରହିଆସିଛି। ଭଗବାନ କେତେବେଳେ କେଉଁ ରୂପରେ ଆସି ଭକ୍ତଙ୍କ ଦୁଃଖରେ ସାହା ହୋଇପଡନ୍ତି ତାହା ଭକ୍ତ ହିଁ ଜାଣିପାରିବ। ଏନେଇ ପୂର୍ବରୁ ବହୁ ଉଦାହରଣ ଥିଲେ ମଧ୍ୟ ଏବେ ବି ଏକ ମନ୍ଦିର ରହିଛି, ଯେଉଁଠି ଭକ୍ତଙ୍କ ଗୁହାରି ନିଜେ ପ୍ରଭୁ ସୁବୁଦ୍ଧେଶ୍ୱର ଶୁଣିଥାଆନ୍ତି ବୋଲି ଲୋକବିଶ୍ୱାସ ରହିଛି। ତାଙ୍କ ନିକଟରେ ଭକ୍ତିର ସହ ଗୁଆ ବସାଇ ମାନସିକ କଲେ ଭକ୍ତଙ୍କ ମନବାଞ୍ଛା ପୂର୍ଣ୍ଣ ହେବାସହ ସମସ୍ୟା ଦୂର ହୋଇଥାଏ।

କଟକ-ବାଙ୍କୀ ରାସ୍ତାରେ ମୁଣ୍ଡଳିଠାରୁ କିଛି ବାଟ ଗଲେ ରାସ୍ତାର ବାମପଟେ ପଡେ ବାଆଁରାର ଶ୍ରୀ ସୁବୁଦ୍ଧେଶ୍ୱରମନ୍ଦିର। ଏହିମନ୍ଦିରର ଇତିହାସ ବହୁ ପ୍ରାଚୀନ। ପ୍ରତିବର୍ଷ ଜାଗରଯାତ୍ରା ଏଠାରେ ମହାସମାରୋହରେ ପାଳିତ ହୋଇଥିବାବେଳେ ବର୍ଷକୁ ଥରେ ଅଷ୍ଟପ୍ରହର ନାମଯଜ୍ଞ ମଧ୍ୟ ହୋଇଥାଏ। ପ୍ରତ୍ୟହ ଠାକୁରଙ୍କ ନୀତିରେ ସକାଳୁ ସକାଳଧୂପ, ୧୨ରେ ଅନ୍ନଭୋଗ କରାଯାଉଥିବାବେଳେ ରାତ୍ରିରେ ବାଳଭୋଗ ଲାଗି ହେବାପରେ ପହଡ ପଡିଥାଏ। ସନ୍ଧ୍ୟା ୭ଟାରୁ ୯ଟା ପର୍ଯ୍ୟନ୍ତ ଭାଗବତ ଗୀତା ଓ ଅନ୍ୟାନ୍ୟ ଗୀତା ପୁରାଣ ପାଠ କରାଯାଇଥାଏ। ଠାକୁରଙ୍କର ଏହି ଦୈନନ୍ଦିନ ନୀତିକୁ ମନ୍ଦିରର ପୂଜକ ଉମାକାନ୍ତ ପତି, ଅଭିରାମ ମିଶ୍ର, ସିନ୍ଧୁ ମିଶ୍ର ଓ ବନ୍ଧୁ ମିଶ୍ର ସୁଚାରୁ ରୂପେ ତୁଲାଇଥାନ୍ତି। ପ୍ରାୟ ସାତଶହ ବର୍ଷ ପୂର୍ବେ ଏଠାରେ ମନ୍ଦିର ସ୍ଥାପନ ହୋଇଥିଲା ବୋଲି ତଥ୍ୟ ରହିଛି। ମନ୍ଦିର ହେବା ପୂର୍ବରୁ ଏହି ସ୍ଥାନଟି ବେଲଗଛରେ ପରିପୂର୍ଣ୍ଣ ଥିଲା। ସେଥିପାଇଁ ଏହି ସ୍ଥାନକୁ 'ବେଲବଣିଆ' ମଧ୍ୟ କୁହାଯାଏ। ତେବେ ଲୋକକଥା ଅନୁସାରେ, ଏହି ସ୍ଥାନରେ ପୂର୍ବରୁ କୌଣସି ଜନବସତି ନ ଥିଲା। ପ୍ରଭୁଙ୍କ ସଂସ୍ଥାପନା ପରେ ଜନବସତି ଗଢି ଉଠିଛି। ଏହି ମନ୍ଦିର ସହ ପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିରର ସମ୍ପର୍କ ଥିବା କିମ୍ବଦନ୍ତୀରୁ ଜଣାଯାଏ। ସ୍ଥାନୀୟ ଭଗିପୁର ଗ୍ରାମର ତେଲି ସମ୍ପ୍ରଦାୟର ସୁବୁଦ୍ଧି ସାହୁ ନାମକ ବ୍ୟକ୍ତି ଦିନେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ ପାଇଁ ଯାଇଥିଲେ। ଫେରିବାବେଳେ ସେଠାରୁ ଏକ ଶକ୍ତି(ଠାକୁର ରୂପକ ପଥର) ଆଣି ଗ୍ରାମକୁ ଆସୁଥିଲେ। ବାଟରେ ଥକିଯିବାରୁ ସେ ଠାକୁରଙ୍କ ଶକ୍ତିକୁ ବେଲବଣିଆଠାରେ ରଖି କିଛି ସମୟ ବିଶ୍ରାମ କରିଥିଲେ। ପରେ ଗ୍ରାମ ଅଭିମୁଖେ ବାହାରିବା ପାଇଁ ଶକ୍ତିକୁ ଉଠାଇବାବେଳେ ଠାକୁର ସେହି ସ୍ଥାନରୁ ଉଠି ନ ଥିଲେ। ଶତଚେଷ୍ଟା ପରେ ସେ ବିଫଳ ହୋଇ ସେହିସ୍ଥାନରେ ବିନା ଖିଆପିଆ ପଡିରହିଲେ। ପରଦିନ ପ୍ରଭୁ ତାଙ୍କୁ ସ୍ୱପ୍ନରେ ଦେଖାଦେଇ କହିଲେ, ଏ ସ୍ଥାନଟି ଏକ ପବିତ୍ର ପୀଠ, ମୁଁ ଏଠାରେ ରହିବି, ମୋତେ ଏଠି ରଖିବାର ବ୍ୟବସ୍ଥା କର। ଏହାପରେ ସୁବୁଦ୍ଧି ସେଠାରେ ଏକ ଚାଳଘର ନିର୍ମାଣ କରି ଶକ୍ତିକୁ ସ୍ଥାପନା କରିଥିଲେ। ପରେ ଏଠାରେ ମନ୍ଦିର ନିର୍ମାଣ ହୋଇଥିବାବେଳେ ଶ୍ରଦ୍ଧାଳୁ ସୁବୁଦ୍ଧିଙ୍କ ନାମାନୁସାରେ ପ୍ରଭୁଙ୍କ ନାମ ସୁବୁଦ୍ଧେଶ୍ୱର ହୋଇଛି ବୋଲି ସ୍ଥାନୀୟଲୋକ କୁହନ୍ତି। ପୂର୍ବରୁ ବହୁ ଲୋକଙ୍କ ମନୋସ୍କାମନା ଠାକୁର ପୂରଣ କରିଥିବା ନେଇ ଗ୍ରାମବାସୀ କହିଛନ୍ତି। ବ୍ୟାସକବି ଫକୀରମୋହନ ସେନାପତି କୌଣସି କାମରେ ଆସି ପ୍ରଭୁ ସୁବୁଦ୍ଧେଶ୍ୱର ମନ୍ଦିର ପରିସରରେ ରାତ୍ରିଯାପନ କରିଥିଲେ। ନେତାଜୀ ସୁଭାଷଚନ୍ଦ୍ର ବୋଷ ଛୋଟ ସମୟରେ ତାଙ୍କ ପିତାଙ୍କ ସହ ବହୁବାର ଏହି ମନ୍ଦିରକୁ ଆସିଛନ୍ତି।



**■ଭକ୍ତଙ୍କ ନାମାନୁସାରେ ହୋଇଛି ଠାକୁରଙ୍କ ନାମ**

**■ଶ୍ରୀଲିଙ୍ଗରାଜ ମନ୍ଦିର ସହ ରହିଛି ସମ୍ପର୍କ**



" ବାଙ୍କୀ-ବାରଙ୍ଗ ଅଞ୍ଚଳର ଏହା ହେଉଛି ସର୍ବପୁରାତନ ଶୈବପୀଠ। ଏଠାରେ ମୋର ଶ୍ୱଶୁର ପୂଜା କରୁଥିଲେ। ତାଙ୍କ ପରେ ମୁଁ ୩୫ ବର୍ଷଧରି ପୂଜାକରି ଆସୁଛି। ପ୍ରଭୁଙ୍କୁ ବିଶ୍ୱାସ କରି ଯିଏ ଅନ୍ତରର ସହ ଡାକନ୍ତି ତାଙ୍କୁ ବୃଦ୍ଧାବୃଦ୍ଧ ରୂପରେ ଆସି ଆଶୀର୍ବାଦ କରିଥାନ୍ତି। କୁଅମଡା ଗ୍ରାମର ବାଙ୍କ ଦାଶ ଓ ସାନମୁଣ୍ଡଳି ଗ୍ରାମର ବାମ ମହାରଣା ସର୍ପାଘାତ ହୋଇ ୧୫ଦିନ ଠାକୁରଙ୍କ ପାଖରେ ଅଧିଆ (ଆଶ୍ରିତ ହେବା) ପଡିବା ପରେ ଆରୋଗ୍ୟ ଲାଭ କରିଥିଲେ। ସେହିପରି ଆଖପାଖ ଅଞ୍ଚଳରୁ ମଧ୍ୟ ବିଭିନ୍ନ ରୋଗରେ ପୀଡ଼ିତ ରୋଗୀ ଏଠାକୁ ଆସି ପ୍ରଭୁଙ୍କ ଆଶୀର୍ବାଦରେ ସୁସ୍ଥ ହୋଇଥିବା ଦେଖାଯାଇଛି।

- ପୂଜକ ଉମାକାନ୍ତ ପତି



" ଆଜକୁ ପ୍ରାୟ ୩୦ବର୍ଷ ତଳର ଘଟଣା। ବାପା ଶଗଡ଼ରେ ବୁଲି କାଠ ବ୍ୟବସାୟ କରୁଥିଲେ। ଦିନେ ସକାଳେ ମୁଁ ସେହି କାଠଗଦା ପାଖରୁ ମାଟିଆଣିବା ପାଇଁ ଯାଇଥିଲି। କାଠଭିତରେ ଥିବା ଏକ ଗୋଖର ସାପ ମୋର ହାତକୁ କାମୁଡି ଦେଇଥିଲା ଓ ତା'ର ଚାରିଟାଯାକ ଦାନ୍ତ ମୋ ହାତରେ ଗଳିଯାଇଥିଲା। ମୁଁ ପାଟିକରିବାରୁ ଘରଲୋକ ମୋତେ ଆମ ଅଞ୍ଚଳରେ ଥିବା କିଛି ଗୁଣିଆ ପାଖକୁ ନେଇଥିଲେ। କିନ୍ତୁ କିଛିଲାଭ ହୋଇ ନ ଥିଲା, ମୋର ଦେହ ଆହୁରି ଖରାପ ହେଉଥିବାବେଳେ ଧୀରେ ଧୀରେ ମୁଁ ନୀଳ ପଡିଯାଇଥିଲି, ବାସ୍ ଏତିକି ଜାଣିଛି। ୪ଦିନ ପରେ ଯେବେ ହୋସ୍ ଆସିଲା ସେତେବେଳେ ମୁଁ ସୁବୁଦ୍ଧେଶ୍ୱରଙ୍କ ପିଣ୍ଡାରେ ପଡିଥିବା ଜାଣିଲି। ସେତେବେଳେ ମୋର ବୟସ ୧୭ ବର୍ଷ ହୋଇଥିଲା। ଠାକୁରଙ୍କ କୃପାରୁ ସେବେଠାରୁ ମୁଁ ସୁସ୍ଥଅଛି। ସେହିଦିନଠାରୁ ଯେଉଁଠି ସାପଦେଖିଲେ ମୋତେ ଡରଲାଗେ ନାହିଁ।

-ବୈଜୟନ୍ତି ବରାଳ, ତ୍ରିଶୁଳିଆ

**ସଂକ୍ଷେପରେ**

## ଆକ୍ରମଣରେ ମା, ପୁଅ ଆହତ

**ଚୌଦ୍ୱାର, ୨୮।୭(ଡି.ଏନ୍.ଏ.):** ଚୌଦ୍ୱାର ପୌରପାଳିକା ଅଧୀନ ୧୭ନଂ. ୱାର୍ଡ ଚୁଡଙ୍ଗ ସାହିରେ ଜଣେ ମହିଳାଙ୍କ ଆକ୍ରମଣରେ ମା' ଓ ପୁଅ ଆହତ ହୋଇଛନ୍ତି। ଚିକିତ୍ସାଲାଗି ସେମାନଙ୍କୁ ଟାଙ୍ଗୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଆକ୍ରମଣ ଶିକାର ହୋଇଥିବା ଚୂଡ଼ଙ୍ଗସାହିର ଅନନ୍ତ ସାମଲଙ୍କ ସ୍ତ୍ରୀ ଉର୍ବଶୀ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଅନନ୍ତଙ୍କ ଜାଗାରେ ସେହି ସାହିର ଅନୁସୂୟା ବେହେରା ନାମ୍ନି ଜଣେ ମହିଳା ଏକ ଅସ୍ଥାୟୀ ଘର ନିର୍ମାଣ କରିଛନ୍ତି। ଏ ନେଇ ଅନନ୍ତ ତହସିଲ ଅଫିସରେ ଅଭିଯୋଗ କରିବାରେ ସରକାରୀ ଅମିନ ଆସି ପୋଲିସ ଉପସ୍ଥିତିରେ ଜମିର ମାପଚୁପ କରିଥିଲେ। ପରେ ଉକ୍ତ ଜମି ଅନନ୍ତଙ୍କର ବୋଲି ଜଣାପଡିଥିଲା। ଉକ୍ତ ମହିଳାଙ୍କ ଘରକୁ ଉଚ୍ଛେଦ କରିବା ପାଇଁ ଅନନ୍ତ କୋର୍ଟରେ କେସ୍ କରିଥିଲେ। କୋର୍ଟ ଉକ୍ତ ଜମି ଉପରେ ୧୪୪ଧାରା ଜାରୀ କରିଥିଲେ। ହେଲେ ଅନୁସୂୟା ଉକ୍ତ ଜମିରୁ ହଟି ନ ଥିଲେ। ରବିବାର ସକାଳେ ଉର୍ବଶୀ ଅନୁସୂୟାଙ୍କୁ ଡାକି ତୁମେ କାହିଁକି ଜାଗା ଛାଡୁନାହଁ ବୋଲି ପଚାରିଥିଲେ। ଏଥିରେ ସେ ଉତ୍ତ୍ୟକ୍ତ ହୋଇ ଏକ ଢ଼େଲାମାରି ତାଙ୍କ ମୁଣ୍ଡ ଫଟାଇ ଦେବା ସହିତ ହାତକୁ କାମୁଡ଼ି ରକ୍ତାକ୍ତ କରିଦେଇଥିଲେ। ପାଖରେ ଥିବା ଉର୍ବଶୀଙ୍କ ପୁଅ ବିଭୁ ପ୍ରସାଦ ମା'କୁ ଉଦ୍ଧାର କରିବାକୁ ଉଦ୍ୟମ କରିବାବେଳେ ଅନୁସୂୟା ତାଙ୍କ ହାତକୁ କାମୁଡ଼ି ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୨୩୬/୧୯) ରୁଜୁ କରି ତଦନ୍ତ ଚଳାଇଛି।

## ପୂର୍ବାଞ୍ଚଳ ଶାନ୍ତି କମିଟି କର୍ମକର୍ତ୍ତା ମନୋନୟନ

**କଟକ ଅଫିସ,୨୮।୭ :** ବିଦ୍ୟାଧରପୁର ପୂଜା କମିଟି ଆନୁକୂଲ୍ୟରେ ଦ୍ୱାରିକାମୟୀ ସାଇ ମନ୍ଦିର ପରିସରରେ ପୂର୍ବାଞ୍ଚଳ ଶାନ୍ତି କମିଟିର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଶାନ୍ତି କମିଟିର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଛି। କମିଟିର ସଭାପତି ଭାବେ ବିଜୟ୍ କୁମାର ସାହୁ, ଉପସଭାପତି ରମେଶ ଚନ୍ଦ୍ର କର, ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, ଯୁଗ୍ମ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ ଓ ସଂଯୋଜକ ଭାବେ ଶରତଚନ୍ଦ୍ର ପଣ୍ଡା ସର୍ବସମ୍ମତିକ୍ରମେ ମନୋନିତ ହୋଇଥିଲେ। ବୈଠକରେ କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟି ଅଧୀନ ସମସ୍ତ ପୂଜା କମିଟିର ସଭାପତି, ସମ୍ପାଦକ ଏବଂ ପ୍ରତିନିଧି ଉପସ୍ଥିତ ଥିଲେ। ପୂର୍ବତନ ଆରକ୍ଷୀ ଅଧିକ୍ଷକ ନିରଞ୍ଜନ ସ୍ୱାଇଁ ପର୍ଯ୍ୟବେକ୍ଷକ ଭାବେ ସଭା ପରିଚାଳନା କରିଥିଲେ। ଶେଷରେ ନବ ନିର୍ବାଚିତ ପ୍ରତିନିଧିମାନଙ୍କୁ ସାଇ ମନ୍ଦିର ପରିବାର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ରୋଟାରୀ କ୍ଲବ ଅଫ୍ କଟକ ମିଲେନିୟମର ଅଧିଷ୍ଠାନ ଉତ୍ସବ




ଉତ୍ସବରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

**କଟକ ଅଫିସ, ୨୮।୭**

କଟକ ଲିଙ୍କ୍‌ରୋଡସ୍ଥିତ ଏକ ହୋଟେଲରେ ରୋଟାରୀ କ୍ଲବ ଅଫ୍ କଟକ ମିଲେନିୟମର ଅଧିଷ୍ଠାନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଡ. ନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ପୂର୍ବତନ ସଭାପତି ଡ. ସୁଶାନ୍ତ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସ୍ମରଣିକା କରୁଣା ଉନ୍ମୋଚିତ ହୋଇଥିଲା। କ୍ଲବର ନୂତନ ସଭାପତି ଡ. ଜଗନ୍ନାଥ ଦାସ ଓ ସମ୍ପାଦକ ଭାବେ ସରୋଜ କୁମାର ସାହୁ ଦାୟିତ୍ୱ ଗ୍ରହଣ କରିଥିଲେ। ଏଥିରେ ରୋଟାରିୟାନ ଦୀପକ କୁମାର ମହାନ୍ତି ଓ ପ୍ରଦୀପ କୁମାର ମହାନ୍ତିଙ୍କ ସହିତ କ୍ଷୁଦ୍ର ଉଦ୍ୟୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, ଗୌତମ ଦାସ, ଦେବବ୍ରତ ରାୟ, ସରୋଜ ସାହୁ, ଚନ୍ଦ୍ରପ୍ରଭା ମହାନ୍ତି, ଗଣେଶ ପ୍ରସାଦ ସାହୁଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଜ୍ଞାନେନ୍ଦ୍ର ବିଶ୍ୱାଳ ବାର୍ଷିକ ବିବରଣୀ ପାଠ ଓ ବିଶ୍ୱଜିତ୍ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ପାଣିପମ୍ପ ଚୋରି: ଜଳ ଯୋଗାଣ ବନ୍ଦ

**ଚୌଦ୍ୱାର, ୨୮।୭(ଡି.ଏନ୍.ଏ.)**

ଚୌଦ୍ୱାର ଜନସ୍ୱାସ୍ଥ୍ୟ ବିଭାଗର ଏକ ପାଣିପମ୍ପ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଚୌଦ୍ୱାର ପୌରପାଳିକା ୨ ନମ୍ବର ୱାର୍ଡ଼ ଇଦ୍‌ଘା ପଡ଼ିଆରେ ଥିବା ଜନସ୍ୱାସ୍ଥ୍ୟ ବିଭାଗର ପମ୍ପ ହାଉସ୍‌ରୁ ଏକ ପମ୍ପକୁ ଶନିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଚୋରି କରି ନେଇଛନ୍ତି। ଏ ନେଇ ଜନସ୍ୱାସ୍ଥ୍ୟ ବିଭାଗ ଆସିଷ୍ଟାଣ୍ଟ ଇଞ୍ଜିନିୟର ଶମ୍ଭୁନାଥ ସେଠୀ ରବିବାର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୨୩୭/୧୯) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ପମ୍ପ ଚୋରି ହେବା ଫଳରେ ଉକ୍ତ ୱାର୍ଡ଼ର ବିଭିନ୍ନ ଅଞ୍ଚଳକୁ ଜଳ ଯୋଗାଣ ଠପ୍ ହୋଇଯାଇଛି।



କଟକ ଶ୍ରୀରାମଚନ୍ଦ୍ର ଭବନରେ ପାକ୍ଷିକ ସମ୍ବାଦ ଓ ସାହିତ୍ୟ ପତ୍ରିକା କଳିଙ୍ଗପ୍ରଭାର ସ୍ୱନକ୍ଷତ୍ର ଉତ୍ସବରେ ସାହିତ୍ୟିକ ପ୍ରଫେସର ଆଦିକନ୍ଦ ସାହୁଙ୍କୁ କଳିଙ୍ଗପ୍ରଭା ସମ୍ମାନ ପ୍ରଦାନ କରାଯାଉଛି।

# ଏନ୍‌ଏଚ୍ ସମ୍ପ୍ରସାରଣ ସମ୍ପର୍କିତ ସମୀକ୍ଷା ବୈଠକ

**ଚୌଦ୍ୱାର, ୨୮।୭(ଡି.ଏନ.ଏ.)**

୫୫ନମ୍ବର ଜାତୀୟ ରାଜପଥ (ଏନ୍‌ଏଚ)ର ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇଛି। ମଙ୍ଗୁଳି ଛକଠାରୁ ଅନୁଗୋଳ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ ପାଇଁ ୧୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରାଯାଇଛି। ଇତିମଧ୍ୟରେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ(ଏନ୍‌ଏଚ୍‌ଏଆଇ)ଙ୍କ ପକ୍ଷରୁ ମଙ୍ଗୁଳି ଛକଠାରୁ ଧୂମାବତୀ ଛକ ପର୍ଯ୍ୟନ୍ତ ରାସ୍ତାରେ ଥିବା ଜବରଦଖଲ ଉଚ୍ଛେଦ ଓ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହୋଇଛି। ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ସମ୍ପର୍କରେ ରବିବାର ଚୌଦ୍ୱାରସ୍ଥିତ ପୌର ଟାଉନ୍‌ହଲ ପରିସରରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ ଉକ୍ତ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏନ୍‌ଏଚ୍‌ଏଆଇ ମୁଖ୍ୟ ନିର୍ବାହୀଯନ୍ତ୍ରୀ ରାମପ୍ରସାଦ ପଣ୍ଡା ଯୋଗଦେଇ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଓ ଲୋକଙ୍କ ପାଇଁ ରାଜପଥର ବିଭିନ୍ନ ସ୍ଥାନରେ ନିର୍ମାଣ କରାଯିବାକୁ ଥିବା ପୋଲ ସମ୍ପର୍କରେ ଏମ୍‌ପି ମହତାବଙ୍କୁ ଅବଗତ କରାଇଥିଲେ। ଚୌଦ୍ୱାର ସହରାଞ୍ଚଳର ମଧ୍ୟଭାଗରେ ୫୫ ନମ୍ବର ଜାତୀୟ ରାଜପଥ ଯାଇଛି। ଏହାର ଦୁଇପାର୍ଶ୍ୱରେ ଜନବସତି ରହିଥିବାରୁ ଗାଡି ଚଳାଚଳ ଓ ଲୋକମାନଙ୍କ ଯାତାୟତ ସମସ୍ୟା ହେଉଛି। ଫଳରେ ମୁଣ୍ଡମାଳ, ଓଟିଏମ୍ ବଜାର, ଗାନ୍ଧୀଛକ, କଳିଙ୍ଗଛକ, କଲେଜଛକ ଓ ଧୂମାବତୀ ଛକରେ ଫ୍ଲାଏ ଓଭର ନିର୍ମାଣ ଜରୁରୀ ବୋଲି ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଏମ୍‌ପି ମହତାବଙ୍କୁ ଅବଗତ କରାଇଥିଲେ। ଏଥିପାଇଁ ନୁନ୍‌ଟିକିରି ଠାରୁ ଧୂମାବତୀ ପର୍ଯ୍ୟନ୍ତ ପ୍ରାୟ ୪ କି.ମି. ରାସ୍ତାରେ ଏକ ଫ୍ଲାଏ ଓଭର ନିର୍ମାଣ ବ୍ୟବସ୍ଥା କରିବାକୁ ସେ ତାଙ୍କୁ ଅନୁରୋଧ କରିଥିଲେ। ଏହି ଫ୍ଲାଏ ଓଭର ନିର୍ମାଣ ହେଲେ ଚୌଦ୍ୱାରରେ ଟ୍ରାଫିକ୍ ସମସ୍ୟା ଦୂର କରାଯିବା ସହ ଦୁର୍ଘଟଣାକୁ ରୋକାଯାଇ ପାରିବ। କେନ୍ଦ୍ରସ୍ତରରେ ଏ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି ମହତାବ ପ୍ରତିଶ୍ରୁତି ଦେଇଥିଲେ। ଏହି ବୈଠକରେ ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, ପୂର୍ବତନ ଉପନଗରପାଳ ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, କରୁଣାକର ସାହୁ, ବିଷ୍ଣୁଚରଣ ପରିଡ଼ା, ଚୌଦ୍ୱାର-କଟକ ଉନ୍ନୟନ ପରିଷଦ ସଭାପତି ବାଳକୃଷ୍ଣ ମହାନ୍ତି, ବରିଷ୍ଠ ନାଗରିକ ସୁକାନ୍ତ ମହାନ୍ତି, ବ୍ୟବସାୟୀ ସଂଘ ସମ୍ପାଦକ ଅର୍ଜୁନ ପଣ୍ଡାଙ୍କ ସମେତ ବହୁ ଇଞ୍ଜିନିୟର ଯୋଗଦେଇ ନିଜର ମତ ଉପସ୍ଥାପନ କରିଥିଲେ। ପରେ ଏମ୍‌ପି ମହତାବ ଇଞ୍ଜିନିୟରମାନଙ୍କ ସହିତ ଜାତୀୟ ରାଜପଥର ବିଭିନ୍ନ ସ୍ଥାନ ପରିଦର୍ଶନ କରି ସମ୍ପ୍ରସାରଣ କାର୍ଯ୍ୟ ତଦାରଖ କରିଥିଲେ।

# ଗ୍ରାମୀଣ ଆବାସ ସର୍ଭେ ପ୍ରସ୍ତୁତି ବୈଠକ

**କଟକ ସଦର,୨୮।୭(ଡି.ଏନ୍.ଏ.)**

୨୦୨୨ ସୁଦ୍ଧା କଚ୍ଚାଘରକୁ ପକ୍କାରେ ପରିଣତ କରିବା ଲକ୍ଷ୍ୟରେ ଗ୍ରାମୀଣ ଆବାସ ଯୋଜନା ପାଇଁ ହିତାଧିକାରୀ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ କଟକ ସଦର ବ୍ଲକର ୧୧୪ଟି ରାଜସ୍ୱ ଗ୍ରାମରେ ସର୍ଭେ କରାଯିବ। ଏହାର ସଫଳ ରୂପାୟନ ପାଇଁ ଶନିବାର କଟକ ସଦର ବ୍ଲକ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦେବାଶିଷ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ବିଡିଓ ଜ୍ଞାନରଞ୍ଜନ ପଣ୍ଡା, ସହକାରୀ ନିର୍ବାହୀଯନ୍ତ୍ରୀ ସଂଗ୍ରାମ କେଶରୀ ପରିଡା, ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଜିଲା ପରିଷଦ ସଭ୍ୟାସଭ୍ୟ ଓ ବ୍ଲକର କର୍ମଚାରୀମାନେ ଯୋଗଦେଇଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ କଚ୍ଚାଘରକୁ ଉଚ୍ଛେଦ କରି ପକ୍କାଘର ଯୋଗାଇ ଦେବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ନିଷ୍ପତି ନେବା ପରିପ୍ରେକ୍ଷୀରେ ସର୍ଭେ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ଚାଳଘର ଥିବା ଲୋକଙ୍କୁ ଏହି ସର୍ଭେରେ ସାମିଲ ଓ ପୂର୍ବରୁ ବିଭିନ୍ନ ଯୋଜନାରେ ଘର ପାଇଥିବା ବ୍ୟକ୍ତିଙ୍କୁ ବାଦ୍ ଦେବା ପାଇଁ କୁହାଯାଇଥିଲା। ଫନୀ ପ୍ରଭାବିତଙ୍କୁ ଘର ଦେବା ପାଇଁ ରାଜସ୍ୱ ବିଭାଗ ଦ୍ୱାରା ପ୍ରସ୍ତୁତ ତାଲିକା କାର୍ଯ୍ୟକାରୀ ହେବ।

# ବିଭିନ୍ନ ସ୍ଥାନରେ ଚାରାରୋପଣ

**କଟକ ସଦର/ ଫୁଲନଖରା, ୨୮।୭(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅଧୀନ ରଘୁନାଥପୁରସ୍ଥିତ ଦେୱାନସାହି କ୍ଲବର ଭାରତ ବିକାଶ ସଙ୍ଗଠନ ଆନୁକୂଲ୍ୟରେ ରବିବାର କାଠଯୋଡୀ ନଦୀପଠା ଓ ସାଇମନ୍ଦିର ପାର୍ଶ୍ୱରେ ଚାରାରୋପଣ କରାଯାଇଥିଲା। ସଙ୍ଗଠନର ସଭ୍ୟ ଅଭିମନ୍ୟୁ ଦାସ, ପୁଷ୍ପକ ବେହେରା, ଦୀପକ ବେହେରା, ନିର ଦାସ ଓ ବାପି ସେଠୀ ପ୍ରମୁଖ ବିଭିନ୍ନ କିସମର ଚାରାରୋପଣ କରିଥିଲେ। ଏହାଛଡା ବାତ୍ୟାରୁ ବଞ୍ଚି ଯାଇଥିବା ବୃକ୍ଷଗୁଡିକର ସୁରକ୍ଷା ପାଇଁ ଶ୍ରୀନିବାସ ଭୋଇ, କ୍ଷତିଶ ଦାଶ, କାର୍ତ୍ତିକ ଶିଳ ଓ ଶେଷ ଦାସ ସଙ୍କଳ୍ପ ନେଇଥିଲେ। ସେହିପରି କଟକ ସଦର ଥାନା ଅଧୀନ କୁଆଖାଇ ନଦୀବନ୍ଧର ଲକ୍ଷେଶ୍ୱର ମହାଦେବଙ୍କ ଚନ୍ଦନଘାଟରେ ଆକ୍ସନ ଗ୍ରୁପ ପକ୍ଷରୁ ଚାରାରୋପଣ କରାଯାଇଛି। ଆକ୍ସନ ଗ୍ରୁପର ଲକ୍ଷ୍ମୀଧର ଜେନା, ସୁଜିତ ଜେନା, ମୁରଲୀଧର ବେହେରା, ରଞ୍ଜନ ସାହୁ, ମନୋଜ ଭୋଇ, ଦେବାଶିଷ ବରାଳ, ଅଭିରାମ ବେହେରା, ବିଦେଶୀ ଭୋଇ, ସରୋଜ ଭୋଇ ପ୍ରମୁଖ ବିଭିନ୍ନ କିସମର ୩୦୦ ଚାରାରୋପଣ କରିଥିଲେ।

■ ଖବରଦାତାଙ୍କୁ ନେଇ ପୋଲିସ କମିଶନରଙ୍କ ପ୍ରଥମ କର୍ମଶାଳା

# ଖବରଦାତାଙ୍କଠାରୁ ଶୁଣିଲେ ଅଭିଯୋଗ, ସମାଧାନର ବାଟ

**ଭୁବନେଶ୍ୱର, ୨୮।୭(ବ୍ୟୁରୋ)**

ଅପରାଧ ରିପୋର୍ଟିଂ ଓ ପୋଲିସର ଦୃଷ୍ଟିକୋଣକୁ ନେଇ ସ୍ଥାନୀୟ ପୋଲିସ କମିଶନର କାର୍ଯ୍ୟାଳୟରେ ରବିବାର ମଧ୍ୟାହ୍ନରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୋଲିସ କମିଶନର ସତ୍ୟଜିତ ମହାନ୍ତି ଅଧ୍ୟକ୍ଷତା କରିଥିବାବେଳେ କମିଶନରେଟ ପୋଲିସର ପିଆର୍‌ଓ ଶିଶିର ମିଶ୍ର ଓ ବିଭିନ୍ନ ଗଣମାଧ୍ୟମର ଖବରଦାତାମାନେ ଯୋଗଦେଇଥିଲେ। ପ୍ରଥମଥର ଏଭଳି ଏକ କର୍ମଶାଳାର ଆୟୋଜନ ହୋଇଥିବାରୁ ଏହାଏକ ଭଲ ପଦକ୍ଷେପ ବୋଲି ମତପ୍ରକାଶ ପାଇଥିଲା। ଅପରାଧ ଓ ରିପୋର୍ଟିଂର ବିଭିନ୍ନ ଦିଗକୁ ନେଇ ପୋଲିସ କମିଶନର ଆଲୋଚନା କରିଥିଲେ। ବିଶେଷ କରି ଅପରାଧ କିପରି ଘଟୁଛି ତାହା ଉପରେ ବିଷଦ ଆଲୋଚନା ଓ ପର୍ଯ୍ୟାଲୋଚନା ହୋଇଥିଲା। ଏପରିକି ଦିଲ୍ଲୀ, କେରଳ ଆଦି ସହରମାନଙ୍କରେ ମାମଲା ସଂଖ୍ୟା ବଢିବା ଓ ଓଡିଶାରେ ମାମଲା ସଂଖ୍ୟା କମିବା ନେଇ ତୁଳନାତ୍ମକ କାରଣ ଦର୍ଶାଇଥିଲେ। ଅପରାଧକୁ ପ୍ରଭାବିତ କରୁଥିବା ଉପାଦାନ, ନିବାରଣ ଯୋଗ୍ୟ ଓ ଅନିବାରଣ ଯୋଗ୍ୟ ଅପରାଧ, ଅପରାଧ ପରିସଂଖ୍ୟାନ କ'ଣ, ଗିରଫଦାରିର ନୂଆ ନିୟମ ଓ ଏ କ୍ଷେତ୍ରରେ ମିଡିଆ ସଂସ୍ଥାମାନଙ୍କର ନିଷ୍ପତ୍ତି, ମିଡିଆ ଓ ପୋଲିସ ମଧ୍ୟରେ ନୂତନ ସମ୍ପର୍କର ଆଭିମୁଖ୍ୟ ବିଷୟରେ ଆଲୋଚନା କରାଯାଇଥିଲ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପୋଲିସ କମିଶନର ଖବରଦାତାଙ୍କଠାରୁ ଭୁବନେଶ୍ୱରର ବିଭିନ୍ନ ଥାନାଗୁଡ଼ିକରେ ଥିବା ପୋଲିସ ଅଫିସରଙ୍କ ବ୍ୟବହାର ସହ ଅନ୍ୟାନ ବିଷୟରେ ବୁଝିଥିଲେ। ଏହାସହ ପୋଲିସ ବିଭିନ୍ନ ମାମଲାରେ କିଭଳି କାର୍ଯ୍ୟ କରିବା ଠିକ୍ ହେବ ସେନେଇ ମଧ୍ୟ ଖବରଦାତାମନେ କିଛି ପରାମର୍ଶ ଦେଇଥିଲେ। ଅନେକ ସମୟରେ ଅଭିଯୋଗକାରୀମାନେ ଥାନାକୁ ଅଭିଯୋଗ କରିବାକୁ ଗଲେ କିଭଳି ପୋଲିସ ଅଫିସର ମାମଲା ରୁଜୁ ନ କରି ବିଦା କରି ଦେଉଛନ୍ତି ସେନେଇ ମଧ୍ୟ ଖବରଦାତା ଅଭିଯୋଗ କରିଥିଲେ। ଏହା ଉପରେ କିଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ ସେ ସଂକ୍ରାନ୍ତରେ କମିଶନର ମହାନ୍ତି ପ୍ରତିଶ୍ରୁତି ଦେଇଥିଲେ।




କର୍ମଶାଳାରେ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି ଉଦ୍‌ବୋଧନ ଦେଉଛନ୍ତି।

# ମଦମୁକ୍ତି ସଚେତନତା ଶୋଭାଯାତ୍ରା

**କଣ୍ଠାପଡା,୨୮।୭(ଡି.ଏନ୍.ଏ.)**

ମଦମୁକ୍ତି ଯୁବବାହିନୀ ପକ୍ଷରୁ ରବିବାର ସକାଳେ ସାଇଲୋ ଝାରପଡା ପଞ୍ଚାୟତର କବିରଚୌରା ଛକଠାରୁ ଶଙ୍ଖୁଆ ଗ୍ରାମ ପର୍ଯ୍ୟନ୍ତ ମଦମୁକ୍ତି ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସଙ୍ଗଠନର ସଦସ୍ୟମାନେ ନିଶାର ଭୟବହତା ସମ୍ପର୍କରେ ଯୁବକମାନଙ୍କୁ ବୁଝାଇବାସହ ଏହା ବିରୋଧରେ ସ୍ୱର ଉତ୍ତୋଳନ ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ମଦମୁକ୍ତି ଯୁବବାହିନୀର କଟକ ଜିଲା ମୁଖ୍ୟ ଲଲାଟେନ୍ଦୁ ପାତ୍ର, ବ୍ଲକ କମିଟି ମୁଖ୍ୟ ଅତିଶ ରାଉତ, ସୁରେଶ ପ୍ରଧାନ, ଆର୍ତ୍ତତ୍ରାଣ ପ୍ରଧାନ, ବିଶ୍ୱରଞ୍ଜନ ମହାନ୍ତି, ପଙ୍କ ପୃଷ୍ଟି, ରମଣ ରଞ୍ଜନ ମୁଦୁଲି, ରାଧାକାନ୍ତ ଦାସ, ଦିଲିପ ସାହୁ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ କେନ୍ଦ୍ରୀୟ କମିଟି ସଦସ୍ୟ ପ୍ରିୟନାଥ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ଗ୍ରାମର ମହିଳାମାନେ ଯୋଗଦେଇ ଆଗାମୀ ଦିନରେ ମଦ ବିରୋଧି ଆନ୍ଦୋଳନକୁ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।



ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ।
- ପୁରୀ ଗଜପତି ଦିବ୍ୟସିଂହଦେବ



## ସଂକ୍ଷେପରେ

### ବୋଲବମ ଗାଡ଼ିକୁ ପୋଲିସ ଅଟକାଇବାରୁ ଗଣ୍ଡଗୋଳ

**ନିଶ୍ଚିନ୍ତକୋଇଲି ୨୮।୭(ସ୍ୱ.ପ୍ର.):** ଗଡଗଡିଆ ଘାଟରୁ ପାଣି ନେଇ ରବିବାର ଅପରାହ୍ନରେ ବାଲିପଡା ଅଞ୍ଚଳର ଆଖଣ୍ଡଳମଣୀ ସଙ୍ଘ ସଦସ୍ୟ କଟକ-ଚାନ୍ଦବାଲି ରାସ୍ତାଦେଇ ନିଶ୍ଚିନ୍ତକୋଇଲି ଅଭିମୁଖେ ଯାଉଥିଲେ। ଏହି ସମୟରେ ଗାଡିରେ ଉଚ୍ଚ କ୍ଷମତା ସମ୍ପନ୍ନ ଡାକବାଜି ଲଗାଯାଇଥିବାରୁ ନିଶ୍ଚନ୍ତକୋଇଲି ପୋଲିସ ସେମାନଙ୍କୁ ଅଟକାଇଥିଲା। ଶବ୍ଦ ପ୍ରଦୂଷଣ ନ କରିବାକୁ ତାଗିଦ କରିଥିଲା। ମାତ୍ର ସେମାନେ ନ ମାନିବାରୁ ସମ୍ପୃକ୍ତ ଗାଡ଼ିକୁ ଥାନାକୁ ଅଣାଯାଇଥିଲା। ଥାନାରେ ଗାଡ଼ି ଅଟକ ରଖାଯିବାରୁ କାଉଡିଆ ଗନ୍ତବ୍ୟସ୍ଥଳ ଛାଡି ଥାନା ଅଭିମୂଖେ ଆସିଥିଲେ। ଗାଡିକୁ ତୁରନ୍ତ ଛାଡିଦେବାକୁ ସେମାନେ ଦାବି କରିଥିଲେ। କଟକ ଗଡଗଡିଆଠାରେ ଉଚ୍ଚ କ୍ଷମତା ସମ୍ପର୍ଣ୍ଣ ଡାକବାଜି ବଜାଯାଉଥିଲେ ମଧ କମିଶନରେଟ ପୋଲିସ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଦର୍ଶାଇ ନିଶ୍ଚିନ୍ତକୋଇଲି ପୋଲିସକୁ ଗାଡ଼ି ଛାଡି ଦେବାକୁ ଦାବି କରି ଗଣ୍ଡଗୋଳ କରିଥିଲେ। ଏହି ଘଟଣା ପ୍ରଚାରିତ ହେବା ପରେ କାଉଡିଆ ଆସୁଥିବା ଅଞ୍ଚଳର ସରପଞ୍ଚ ଥାନାରେ ପହଞ୍ଚି ସମସ୍ୟାର ସମାଧାନ କରିଥିଲେ।

### ଆକ୍ରମଣରେ ମା, ପୁଅ ଆହତ

**ଚୌଦ୍ୱାର, ୨୮।୭(ଡି.ଏନ୍.ଏ.):** ଚୌଦ୍ୱାର ପୌରପାଳିକା ୧୭ନଂ. ୱାର୍ଡ ଚୁଡଙ୍ଗ ସାହିରେ ଜଣେ ମହିଳାଙ୍କ ଆକ୍ରମଣରେ ମା' ଓ ପୁଅ ଆହତ ହୋଇଛନ୍ତି। ଆକ୍ରମଣ ଶିକାର ହୋଇଥିବା ଚୂଡ଼ଙ୍ଗସାହିର ଅନନ୍ତ ସାମଲଙ୍କ ସ୍ତ୍ରୀ ଉର୍ବଶୀ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ଅନନ୍ତଙ୍କ ଜାଗାରେ ସେହି ସାହିର ଅନୁସୂୟା ବେହେରା ନାମକ ମହିଳା ଅସ୍ଥାୟୀ ଘର କରିଛନ୍ତି। ଏ ନେଇ ଅନନ୍ତ ତହସିଲ ଅଫିସରେ ଅଭିଯୋଗ କରିବାରୁ ସରକାରୀ ଅମିନ ଆସି ଜମିର ମାପଚୁପ କରିଥିଲେ। ପରେ ଉକ୍ତ ଜମି ଅନନ୍ତଙ୍କର ବୋଲି ଜଣାପଡିଥିଲା। ଉକ୍ତ ମହିଳାଙ୍କ ଘରକୁ ଉଚ୍ଛେଦ କରିବା ପାଇଁ ଅନନ୍ତ କୋର୍ଟରେ କେସ୍ କରିଥିଲେ। କୋର୍ଟ ଉକ୍ତ ଜମି ଉପରେ ୧୪୪ଧାରା ଜାରି କରିଥିଲେ। ହେଲେ ଅନୁସୂୟା ଉକ୍ତ ଜମିରୁ ହଟି ନ ଥିଲେ। ରବିବାର ଉର୍ବଶୀ ଅନୁସୂୟାଙ୍କୁ ଡାକି କାହିଁକି ଜାଗା ଛାଡୁନାହଁ ବୋଲି ପଚାରିଥିଲେ। ଏଥିରେ ସେ ଉତ୍ତ୍ୟକ୍ତ ହୋଇ ଏକ ଢ଼େଲାମାରି ତାଙ୍କ ମୁଣ୍ଡ ଫଟାଇ ଦେବା ସହିତ ହାତକୁ କାମୁଡ଼ି ରକ୍ତାକ୍ତ କରିଦେଇଥିଲେ। ପାଖରେ ଥିବା ଉର୍ବଶୀଙ୍କ ପୁଅ ବିଭୁ ପ୍ରସାଦ ମା'କୁ ଉଦ୍ଧାର କରିବାକୁ ଉଦ୍ୟମ କରିବାବେଳେ ଅନୁସୂୟା ତାଙ୍କ ହାତକୁ କାମୁଡ଼ି ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୨୩୬/୧୯) ରୁଜୁ କରି ତଦନ୍ତ ଚଳାଇଛି।

### ଚାରାରୋପଣ, ତୁଳସୀଚାରା ବଣ୍ଟନ



**ବାଙ୍କୀ,୨୮।୭(ବି.ପ୍ର):** ବନ ମହୋତ୍ସବ ସପ୍ତାହ ଉପଲକ୍ଷେ ବାଙ୍କୀ ବ୍ଲକର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଚାରାରୋପଣ କରାଯିବା ସହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ ବାଙ୍କୀ ବ୍ଲକ ସରଣ୍ଡାଗଡ ଅନ୍ତର୍ଗତ ବନ୍ଦାଳ ପଞ୍ଚାୟତର ବରପାଟଣା ଗ୍ରାମରେ ଯୁବକ ଓ ଛାତ୍ରଙ୍କ ଦ୍ୱାରା ମହାନଦୀ ବନ୍ଧ ସନ୍ନିକଟ ଖାଲି ପଡ଼ିଆରେ ବର ଓ ଅଶ୍ୱତଥ୍ ଚାରାରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଜନକଲ୍ୟାଣ ବନ ସଂରକ୍ଷଣ ସମିତି ସଞ୍ଚାଳନରେ ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଉଛି ବୋଲି ବିକ୍ରମକେଶରୀ ସାମନ୍ତସିଂହାର ସୂଚନା ଦେଇଛନ୍ତି। ପ୍ରଫୁଲ୍ଲ ସାମଲ,ଅଜିତ୍ ସାମନ୍ତରାୟ,ନିବାସ ବେହେରାଙ୍କ ସମେତ ସ୍କୁଲର ଛାତ୍ରମାନେ ସାମିଲ ହୋଇଛନ୍ତି। ସେହିପରି ରଘୁନାଥ ଦେବତା ନୋଡାଲ ବିଦ୍ୟାପୀଠରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ୟୁକୋ କ୍ଲବ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସମେତ ଶିକ୍ଷକ ରମାକାନ୍ତ ଭଞ୍ଜ,ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦିଲୀପ ପରିଡା ପ୍ରମୁଖ ସହଯୋଗ କରିଥିଲେ।

# ଭକ୍ତଙ୍କ ଗୁହାରି ଶୁଣନ୍ତି ଶ୍ରୀ ସୁବୁଦ୍ଧେଶ୍ୱର

**ନରାଜ,୨୮।୭(ଡି.ଏନ୍.ଏ.)**



ଭକ୍ତଙ୍କ ସହ ଭଗବାନଙ୍କ ମିଳନ କାହିଁ କେଉଁ କାଳରୁ ରହିଆସିଛି। ଭଗବାନ କେତେବେଳେ କେଉଁ ରୂପରେ ଆସି ଭକ୍ତଙ୍କ ଦୁଃଖରେ ସାହା ହୋଇପଡନ୍ତି ତାହା ଭକ୍ତ ହିଁ ଜାଣିପାରିବ। ଏନେଇ ପୂର୍ବରୁ ବହୁ ଉଦାହରଣ ଥିଲେ ମଧ ଏବେ ବି ଏକ ମନ୍ଦିର ରହିଛି, ଯେଉଁଠି ଭକ୍ତଙ୍କ ଗୁହାରି ନିଜେ ପ୍ରଭୁ ସୁବୁଦ୍ଧେଶ୍ୱର ଶୁଣିଥାଆନ୍ତି ବୋଲି ଲୋକବିଶ୍ୱାସ ରହିଛି। ତାଙ୍କ ନିକଟରେ ଭକ୍ତିର ସହ ଗୁଆ ବସାଇ ମାନସିକ କଲେ ଭକ୍ତଙ୍କ ମନବାଞ୍ଛା ପୂର୍ଣ୍ଣ ହେବାସହ ସମସ୍ୟା ଦୂର ହୋଇଥାଏ।

କଟକ-ବାଙ୍କୀ ରାସ୍ତାରେ ମୁଣ୍ଡଳିଠାରୁ କିଛି ବାଟ ଗଲେ ରାସ୍ତାର ବାମପଟେ ପଡେ ବାଆଁରାର ଶ୍ରୀ ସୁବୁଦ୍ଧେଶ୍ୱର ମନ୍ଦିର। ଏହି ମନ୍ଦିରର ଇତିହାସ ବହୁ ପ୍ରାଚୀନ। ପ୍ରତିବର୍ଷ ଜାଗରଯାତ୍ରା ଏଠାରେ ମହାସମାରୋହରେ ପାଳିତ ହୋଇଥିବାବେଳେ ବର୍ଷକୁ ଥରେ ଅଷ୍ଟପ୍ରହର ନାମଯଜ୍ଞ ମଧ ହୋଇଥାଏ। ପ୍ରତ୍ୟହ ଠାକୁରଙ୍କ ନୀତିରେ ସକାଳୁ ସକାଳଧୂପ, ୧୨ରେ ଅନ୍ନଭୋଗ କରାଯାଉଥିବାବେଳେ ରାତ୍ରିରେ ବାଳଭୋଗ ଲାଗି ହେବାପରେ ପହଡ ପଡିଥାଏ। ସନ୍ଧ୍ୟା ୭ଟାରୁ ୯ଟା ପର୍ଯ୍ୟନ୍ତ ଭାଗବତ ଗୀତା ଓ ଅନ୍ୟାନ୍ୟ ଗୀତା ପୁରାଣ ପାଠ କରାଯାଇଥାଏ। ଠାକୁରଙ୍କର ଏହି ଦୈନନ୍ଦିନ ନୀତିକୁ ମନ୍ଦିରର ପୂଜକ ଉମାକାନ୍ତ ପତି, ଅଭିରାମ ମିଶ୍ର, ସିନ୍ଧୁ ମିଶ୍ର ଓ ବନ୍ଧୁ ମିଶ୍ର ସୁଚାରୁ ରୂପେ ତୁଲାଇଥାନ୍ତି। ପ୍ରାୟ ସାତଶହ ବର୍ଷ ପୂର୍ବେ ଏଠାରେ ମନ୍ଦିର ସ୍ଥାପନ ହୋଇଥିଲା ବୋଲି ତଥ୍ୟ ରହିଛି। ମନ୍ଦିର ହେବା ପୂର୍ବରୁ ଏହି ସ୍ଥାନଟି ବେଲଗଛରେ ପରିପୂର୍ଣ୍ଣ ଥିଲା। ସେଥିପାଇଁ ଏହି ସ୍ଥାନକୁ 'ବେଲବଣିଆ' ମଧ କୁହାଯାଏ। ତେବେ ଲୋକକଥା ଅନୁସାରେ, ଏହି ସ୍ଥାନରେ ପୂର୍ବରୁ କୌଣସି ଜନବସତି ନ ଥିଲା। ପ୍ରଭୁଙ୍କ ସଂସ୍ଥାପନା ପରେ ଜନବସତି ଗଢି ଉଠିଛି। ଏହି ମନ୍ଦିର ସହ ପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିରର ସମ୍ପର୍କ ଥିବା କିମ୍ବଦନ୍ତୀରୁ ଜଣାଯାଏ। ସ୍ଥାନୀୟ ଭଗିପୁର ଗ୍ରାମର ତେଲି ସମ୍ପ୍ରଦାୟର ସୁବୁଦ୍ଧି ସାହୁ ନାମକ ବ୍ୟକ୍ତି ଦିନେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ ପାଇଁ ଯାଇଥିଲେ। ଫେରିବାବେଳେ ସେଠାରୁ ଏକ ଶକ୍ତି(ଠାକୁର ରୂପକ ପଥର) ଆଣି ଗ୍ରାମକୁ ଆସୁଥିଲେ। ବାଟରେ ଥକିଯିବାରୁ ସେ ଠାକୁରଙ୍କ ଶକ୍ତିକୁ ବେଲବଣିଆଠାରେ ରଖି କିଛି ସମୟ ବିଶ୍ରାମ କରିଥିଲେ। ପରେ ଗ୍ରାମ ଅଭିମୁଖେ ବାହାରିବା ପାଇଁ ଶକ୍ତିକୁ ଉଠାଇବାବେଳେ ଠାକୁର ସେହି ସ୍ଥାନରୁ ଉଠି ନ ଥିଲେ। ଶତଚେଷ୍ଟା ପରେ ସେ ବିଫଳ ହୋଇ ସେହିସ୍ଥାନରେ ବିନା ଖିଆପିଆ ପଡିରହିଲେ। ପରଦିନ ପ୍ରଭୁ ତାଙ୍କୁ ସ୍ୱପ୍ନରେ ଦେଖାଦେଇ କହିଲେ, ଏ ସ୍ଥାନଟି ଏକ ପବିତ୍ର ପୀଠ, ମୁଁ ଏଠାରେ ରହିବି, ମୋତେ ଏଠି ରଖିବାର ବ୍ୟବସ୍ଥା କର। ଏହାପରେ ସୁବୁଦ୍ଧି ସେଠାରେ ଏକ ଚାଳଘର ନିର୍ମାଣ କରି ଶକ୍ତିକୁ ସ୍ଥାପନା କରିଥିଲେ। ପରେ ଏଠାରେ ମନ୍ଦିର ନିର୍ମାଣ ହୋଇଥିବାବେଳେ ଶ୍ରଦ୍ଧାଳୁ ସୁବୁଦ୍ଧିଙ୍କ ନାମାନୁସାରେ ପ୍ରଭୁଙ୍କ ନାମ ସୁବୁଦ୍ଧେଶ୍ୱର ହୋଇଛି ବୋଲି ସ୍ଥାନୀୟଲୋକ କୁହନ୍ତି। ପୂର୍ବରୁ ବହୁ ଲୋକଙ୍କ ମନୋସ୍କାମନା ଠାକୁର ପୂରଣ କରିଥିବା ନେଇ ଗ୍ରାମବାସୀ କହିଛନ୍ତି। ବ୍ୟାସକବି ଫକୀରମୋହନ ସେନାପତି କୌଣସି କାମରେ ଆସି ପ୍ରଭୁ ସୁବୁଦ୍ଧେଶ୍ୱର ମନ୍ଦିର ପରିସରରେ ରାତ୍ରିଯାପନ କରିଥିଲେ। ନେତାଜୀ ସୁଭାଷଚନ୍ଦ୍ର ବୋଷ ଛୋଟ ସମୟରେ ତାଙ୍କ ପିତାଙ୍କ ସହ ବହୁବାର ଏହି ମନ୍ଦିରକୁ ଆସିଛନ୍ତି।

ବାଙ୍କୀ-ବାରଙ୍ଗ ଅଞ୍ଚଳର ଏହା ହେଉଛି ସର୍ବପୁରାତନ ଶୈବପୀଠ। ଏଠାରେ ମୋର ଶ୍ୱଶୁର ପୂଜା କରୁଥିଲେ। ତାଙ୍କ ପରେ ମୁଁ ୩୫ ବର୍ଷଧରି ପୂଜାକରି ଆସୁଛି। ପ୍ରଭୁଙ୍କୁ ବିଶ୍ୱାସ କରି ଯିଏ ଅନ୍ତରର ସହ ଡାକନ୍ତି ତାଙ୍କୁ ବୃଦ୍ଧାବୃଦ୍ଧ ରୂପରେ ଆସି ଆଶୀର୍ବାଦ କରିଥାନ୍ତି। କୁଅମଡା ଗ୍ରାମର ବାଙ୍କ ଦାଶ ଓ ସାନମୁଣ୍ଡଳି ଗ୍ରାମର ବାମ ମହାରଣା ସର୍ପାଘାତ ହୋଇ ୧୫ଦିନ ଠାକୁରଙ୍କ ପାଖରେ ଅଧିଆ (ଆଶ୍ରିତ ହେବା) ପଡିବା ପରେ ଆରୋଗ୍ୟ ଲାଭ କରିଥିଲେ। ସେହିପରି ଆଖପାଖ ଅଞ୍ଚଳରୁ ମଧ ବିଭିନ୍ନ ରୋଗରେ ପୀଡ଼ିତ ରୋଗୀ ଏଠାକୁ ଆସି ପ୍ରଭୁଙ୍କ ଆଶୀର୍ବାଦରେ ସୁସ୍ଥ ହୋଇଥିବା ଦେଖାଯାଇଛି।



\- ପୂଜକ ଉମାକାନ୍ତ ପତି

ଆଜକୁ ପ୍ରାୟ ୩୦ବର୍ଷ ତଳର ଘଟଣା। ବାପା ଶଗଡ଼ରେ ବୁଲି କାଠ ବ୍ୟବସାୟ କରୁଥିଲେ। ଦିନେ ସକାଳେ ମୁଁ ସେହି କାଠଗଦା ପାଖରୁ ମାଟିଆଣିବା ପାଇଁ ଯାଇଥିଲି। କାଠଭିତରେ ଥିବା ଏକ ଗୋଖର ସାପ ମୋର ହାତକୁ କାମୁଡି ଦେଇଥିଲା ଓ ତା'ର ଚାରିଟାଯାକ ଦାନ୍ତ ମୋ ହାତରେ ଗଳିଯାଇଥିଲା। ମୁଁ ପାଟିକରିବାରୁ ଘରଲୋକ ମୋତେ ଆମ ଅଞ୍ଚଳରେ ଥିବା କିଛି ଗୁଣିଆ ପାଖକୁ ନେଇଥିଲେ। କିନ୍ତୁ କିଛିଲାଭ ହୋଇ ନ ଥିଲା, ମୋର ଦେହ ଆହୁରି ଖରାପ ହେଉଥିବାବେଳେ ଧୀରେ ଧୀରେ ମୁଁ ନୀଳ ପଡିଯାଇଥିଲି, ବାସ୍ ଏତିକି ଜାଣିଛି। ୪ଦିନ ପରେ ଯେବେ ହୋସ୍ ଆସିଲା ସେତେବେଳେ ମୁଁ ସୁବୁଦ୍ଧେଶ୍ୱରଙ୍କ ପିଣ୍ଡାରେ ପଡିଥିବା ଜାଣିଲି। ସେତେବେଳେ ମୋର ବୟସ ୧୭ ବର୍ଷ ହୋଇଥିଲା। ଠାକୁରଙ୍କ କୃପାରୁ ସେବେଠାରୁ ମୁଁ ସୁସ୍ଥଅଛି। ସେହିଦିନଠାରୁ ଯେଉଁଠି ସାପଦେଖିଲେ ମୋତେ ଡରଲାଗେ ନାହିଁ।



-ବୈଜୟନ୍ତି ବରାଳ, ତ୍ରିଶୁଳିଆ



ନୈତିକ ଶିକ୍ଷା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

## ବିଦ୍ୟାଳୟରେ ନୈତିକ ଶିକ୍ଷା କାର୍ଯ୍ୟକ୍ରମ

**ବାଙ୍କୀ,୨୮।୭(ବି.ପ୍ର.)**

ବାଙ୍କୀ-ଡମପଡା ବ୍ଲକର ନରଗାଙ୍ଗ ଗ୍ରାମ ବେବର୍ତ୍ତା ପୂର୍ଣ୍ଣାନନ୍ଦ ବିଦ୍ୟାପୀଠ ପରିସରରେ ନୈତିକ ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ର ଜୀବନରେ ଆଧ୍ୟାତ୍ମିକ ଓ ନୈତିକ ଶିକ୍ଷା ଶୀର୍ଷକ ବିଷୟ ଉପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ବେଣୁଧର ଦେବତା ସଭାପତିତ୍ୱ କରି ବର୍ତ୍ତମାନ ସମାଜରେ ଆଧ୍ୟାତ୍ମିକ ଓ ନୈତିକ ଅଧୋପତନର କାରଣ ସମ୍ପର୍କରେ କହିଥିଲେ। ଶିକ୍ଷାର ଉନ୍ନତି ଓ ସମାଜର ସୁସ୍ଥ ବାତାବରଣ ପାଇଁ ଆଧ୍ୟାତ୍ମିକ ଓ ନୈତିକ ଶିକ୍ଷାର ଉପରେ ସେ ଗୁରୁତ୍ୱ ଦେଇଥିଲେ। ବରିଷ୍ଠ ଶିକ୍ଷକ ବାସୁଦେବ ମହାପାତ୍ର କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଶିକ୍ଷକ ଅକ୍ଷୟ କୁମାର ମହାପାତ୍ର, ଶୁଶାନ୍ତ କୁମାର ପାଇକରାୟ ଗୀତାଞ୍ଜଳି ଦେଇ, ଗଙ୍ଗାଧର ଜେନା ଓ ନାରାୟଣ ମହାପାତ୍ର ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

## ବାନାମ୍ବର ଘାଟରୁ ପାଣି ଉଠାଇଲେ ୫ ହଜାର କାଉଡିଆ

**ରଘୁନାଥପୁର,୨୮।୭ (ଡି.ଏନ୍.ଏ.)**

ଶ୍ରାବଣ ମାସ ଦ୍ୱିତୀୟ ସୋମବାର ବିଭିନ୍ନ ଶୈବ ପୀଠରେ ଜଳ ଲାଗି ପାଇଁ ରଘୁନରାଥପୁର ବ୍ଲକ ତାରପୁର ନିକଟସ୍ଥ ମହାନଦୀର ବାନାମ୍ବର ଘାଟରୁ ୫ ହଜାର କାଉଡିଆ ରବିବାର କଳସିରେ ପାଣି ଉଠାଇଛନ୍ତି। କାଉଡିଆମାନେ ପାଣି ଭାର ନେଇ ଗୋରଖନାଥ, ଅଷ୍ଟଶମ୍ଭୁ, ନୀଳକଣ୍ଠେଶ୍ୱର, ରୁଦ୍ରେଶ୍ୱର, ସର୍ପେଶ୍ୱର ଓ ପଞ୍ଚପଲ୍ଲିସ୍ଥିତ ଗାମେଶ୍ୱର ଅଭିମୁଖେ ଯାତ୍ରା କରିଥିଲେ। ମହାନଦୀ ଘାଟରୁ ତାରପୁର ବାଇପାସ୍ ପର୍ଯ୍ୟନ୍ତ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ରଘୁନାଥପୁର ପୋଲିସ ପକ୍ଷରୁ ଆଇନ ଶୃଙ୍ଖଳା ପ୍ରତି ତୀକ୍ଷ୍ଣ ଦୃଷ୍ଟି ଦିଆଯାଇଥିଲା। ସ୍ଥାନୀୟ ବାନାମ୍ବର କମିଟି ପକ୍ଷରୁ ଆଗନ୍ତୁକ ବୋଲବମଧାରୀଙ୍କ ସମସ୍ତ ସହାୟତା ଯୋଗାଇ ଦିଆଯାଇଥିଲା। ଘାଟଠାରୁ ୧ କିମି ପରିବ୍ୟାପ୍ତିରେ ମାନସିକଧାରୀମାନେ କଳସିରେ ପାଣି ଉଠାଇ ଯାଉଥିବା ଦେଖିବାକୁ ମିଳିଥିଲା।

## ନରସିଂହପୁରକୁ ଏନ୍ଏସି ଘୋଷଣା ଦାବି

**ନରସିଂହପୁର ୨୮।୭ (ସ୍ୱ.ପ୍ର.)**

ଚଳିତ ବିଧାନ ସଭାରେ ରାଜ୍ୟର ୧୭ଟି ସ୍ଥାନକୁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି)ଭାବେ ଘୋଷଣା କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏନେଇ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ସୂଚନା ଦେଇଛନ୍ତି। ଏହାପରେ ଦୀର୍ଘଦିନରୁ ଦାବିହୋଇ ଆସୁଥିବା ନରସିଂହପୁର ସଦର ମହକୁମାକୁ ଏନ୍ଏସି ଭାବେ ଘୋଷଣା କରିବା ପାଇଁ ବିଭିନ୍ନ ସଂଗଠନ ତରଫରୁ ଦାବି ହୋଇଛି। ଏନ୍ଏସି ପାଇଁ ସରକାରଙ୍କ ଥିବା ସମସ୍ତ ମାନଦଣ୍ଡକୁ ନରସିଂହପୁର ପୂରଣ କରୁଥିଲେ ମଧ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଏହି ଅଞ୍ଚଳକୁ ଅଣଦେଖା କରାଯାଉଛି ବୋଲି ନରସିଂହପୁର ବିକାଶ ପରିଷଦର ସଭାପତି ବରିଷ୍ଠ ଆଇନଜୀବୀ ତ୍ରିଲୋଚନ ମହାପାତ୍ର କହିଛନ୍ତି। ଗତ ୪ ବର୍ଷ ଧରି ନରସିଂହପୁରକୁ ଏନ୍ଏସି ମାନ୍ୟତା ଦେବା ପାଇଁ ବିଭିନ୍ନ ସଂଗଠନ ତରଫରୁ ଦାବି କରାଯାଇଛି। ଏନେଇ ନରସିଂହପୁର ଯୁବସଂଗଠନ, ବିକାଶ ପରିଷଦ, ମୁକ୍ତି ସଂଗଠନ ଓ କଳିଙ୍ଗ ସ୍ୱେଚ୍ଛାସେବୀ ସଙ୍ଘ ଆଦି ପକ୍ଷରୁ ରାଜ୍ୟ ସରକାରଙ୍କୁ ଦାବିପତ୍ର ଦିଆଯାଇ ବିଭିନ୍ନ ସମୟରେ ରାସ୍ତାରୋକୋ କରାଯାଇଛି। ଏହାସତ୍ତ୍ୱେ ନୂତନ ଭାବେ ମାନ୍ୟତା ପାଇବାକୁ ଥିବା ୧୭ ଏନ୍ଏସି ମଧ୍ୟରେ ନରସିଂହପୁର ସ୍ଥାନ ପାଇନାହିଁ। ଏନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଏନ୍ଏସି ଭାବେ ଘୋଷଣା କରାନଗଲେ ଜନ ଆନ୍ଦୋଳନ କରାଯିବ ବୋଲି ଭାଜପା ନେତା ବିଜୟ କୁମାର ଦଳବେହେରା ଚେତାବନୀ ଦେଇଛନ୍ତି। ଏସମ୍ପର୍କରେ ବିଡିଓ ପ୍ରଶାନ୍ତ କୁମାର ତରାଇ କହିଛନ୍ତି, ନରସିଂହପୁରକୁ ଏନଏସି ମାନ୍ୟତା ପାଇଁ ଆମ ପାଖରେ କୌଣସି ସୂଚନା ନାହିଁ କିମ୍ବା ସରକାରଙ୍କ ପକ୍ଷରୁ ଅଦ୍ୟାବଧି କୌଣସି ପ୍ରକ୍ରିୟା ହୋଇନାହିଁ।

## ଯୁବତୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା
## ମାମଲା ରୁଜୁ ପରେ ପାଲଟା ଅଭିଯୋଗ

**ମାହାଙ୍ଗା,୨୮।୭(ସ୍ୱ.ପ୍ର.)**

ମାହାଙ୍ଗା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏ ନେଇ ଥାନାରେ ଅଭିଯୋଗ କରାଯିବାର ୪ ଦିନ ପର୍ଯ୍ୟନ୍ତ ମାମଲା ରୁଜୁ ହୋଇ ନ ଥିଲା। ଏହାପରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବାରୁ ଶନିବାର ମାମଲା ନଂ. (୧୩୬/୧୯ )ରୁଜୁ ହୋଇଥିଲା। କିନ୍ତୁ ଯୁବତୀ ଓ ତାଙ୍କ ପରିବାରକୁ ନ୍ୟାୟ ମିଳିବା ପରିବର୍ତ୍ତେ ତାଙ୍କ ନାମରେ ଏକ ପାଲଟା ଅଭିଯୋଗ କରାଯାଇଛି।

ସୂଚନାଅନୁସାରେ, ଥାନା ଅଧୀନ ରାହାଣିଆ ଗ୍ରାମର ପୂର୍ଣ୍ଣଚନ୍ଦ୍ର ସିଂଙ୍କ ଝିଅ ଶୁଭଶ୍ରୀ (୨୪) ମଙ୍ଗଳବାର ଘର ନିକଟରେ ଠିଆ ହୋଇଥିଲେ। ତାଙ୍କ ପାଚେରି କଡରେ ଥିବା ଏକ ଫୁଲଗଛ ଘେରା ଇଟାକୁ ଗ୍ରାମର କମଳାକାନ୍ତ ସିଂ(୩୦) ଓ ତାଙ୍କର ଜଣେ ସହଯୋଗୀ ଲୁଚି କରି ତାଙ୍କ ଘର ଉପରକୁ ଫୋପାଡୁ ଥିଲେ। ପ୍ରତିବାଦ କରିବାରୁ ଶୁଭଶ୍ରୀଙ୍କୁ ସେମାନେ ମାଡ ମାରିବା ସହ ତାଙ୍କ ମୁଣ୍ଡଙ୍କୁ ଏକ ଇଟାରେ ପଟ ଫଟାଇ ଦେଇଥିଲେ। ଗୁରୁତର ଶୁଭଶ୍ରୀଙ୍କୁ ପ୍ରଥମେ ମାହାଙ୍ଗା ଓ ପରେ କଟକ ବଡ ମେଡିକାଲ ପଠାଇ ଦିଆଯାଇଥିଲା। ଏନେଇ ଉକ୍ତ ଦିନ ଥାନାରେ ଅଭିଯୋଗ ହୋଇଥିଲା।

ମାତ୍ର ଥାନାରେ ଅଭିଯୋଗକାରୀଙ୍କ ବିରୋଧରେ ପାଲଟା ଅଭିଯୋଗ ହୋଇଛି। କମଳାକାନ୍ତଙ୍କ ମା' ଶାନ୍ତିଲତା ଙ୍କୁ ଆକ୍ରମଣ କରାଯାଇଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏନେଇ ଶୁଭଶ୍ରୀ ଓ ତାଙ୍କ ମା'ଙ୍କ ବିରୋଧରେ ମାମଲା (ନଂ ୧୩୭/୧୯) ରୁଜୁ କରାଯାଇଛି। ଏସମ୍ପର୍କରେ ତଦନ୍ତକାରୀ ଥାନା ଅଧିକାରୀ ଏଏସଆଇ ମହମ୍ମଦ ଜାକିର ହୁସେନ କହିଛନ୍ତି. ଶନିବାର ଏହି ଘଟଣାରେ ୨ଟି ମାମଲା ରୁଜୁ କରାଯାଇଛି। ଏହା ଉପରେ ତଦନ୍ତ ଚାଲିବା ସହ ଉଭୟ ପରିବାରକୁ ଶାନ୍ତି ରକ୍ଷା କରିବାକୁ କୁହାଯାଇଛି।

### ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ସମାବର୍ତ୍ତନ ଉତ୍ସବ
## 'ବିଫଳତା ହିଁ ସଫଳତାର ଚାବିକାଠି'




ସମାବର୍ତ୍ତନ ଉତ୍ସବରେ ମଞ୍ଚାସୀନ ଅତିଥି।

**ସାଲେପୁର,୨୮।୦୭ (ଡି.ଏନ୍.ଏ)**

ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ବିଭାଗର ଶ୍ରେଷ୍ଠ ସ୍ନାତକମାନଙ୍କୁ ପୁରସ୍କୃତ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସରୋଜ କୁମାର ମହାନ୍ତି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଡ. ଉମେଶଚନ୍ଦ୍ର ପତି, ଏକାଡ଼େମିକ୍ ଅଧିକାରୀ ଡ.ସଙ୍ଗିତା ମିଶ୍ର, ପରୀକ୍ଷା ନିୟନ୍ତ୍ରକ ଉମାକାନ୍ତ ପଣ୍ଡା, ନାଲ୍କୋ ସଂଯୋଜକ ଡ. ଦେବେନ୍ଦ୍ର ନାରାୟଣ ପତ୍ରୀ, ବାଣିଜ୍ୟ ବିଭାଗ ମୁଖ୍ୟ ଡ. ବିଜୟ କୁମାର ଜେନା ଓ ରସାୟନ ବିଭାଗ ମୁଖ୍ୟ ଡ. ପ୍ରକାଶିନୀ ରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅଧ୍ୟକ୍ଷ ମହାନ୍ତି ବିଫଳତା ହିଁ ସଫଳତାର ଚାବିକାଠି ବୋଲି ଛାତ୍ରୀଛାତ୍ରମାନଙ୍କୁ କହିଥିଲେ। ଶିକ୍ଷାକ୍ଷେତ୍ରରେ ଧୈର୍ଯ୍ୟ ଓ ନିଷ୍ଠାର ସହ ଅଧ୍ୟୟନ କଲେ ସଫଳତା ମିଳିବ ବୋଲି ସେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ପ୍ରାଧ୍ୟାପକ ଡ. ପ୍ରଦ୍ୟୁମ୍ନ କେଶରୀ ସେନାପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ପକ୍ଷରୁ 'କ୍ୟାମ୍ପସ୍ ବୁଲେଟିନ୍' ନାମକ ଏକ ପତ୍ରିକା ଉନ୍ମୋଚନ କରାଯାଇଥିଲା। ପରେ ମହାବିଦ୍ୟାଳୟର ୧୭ ବିଭାଗର ଶ୍ରେଷ୍ଠ ସ୍ନାତକମାନଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା। ୨୦୧୯ର ଶ୍ରେଷ୍ଠ ସ୍ନାତକ ଭାବେ ରସାୟନ ବିଜ୍ଞାନର ଛାତ୍ର ସୌଭାଗ୍ୟ ରଞ୍ଜନ ସାହୁଙ୍କୁ ପୁରସ୍କୃତ ହୋଇଥିଲେ। ସେହିପରି ଯୁକ୍ତ ୨ ଶ୍ରେଣୀର କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରମାନଙ୍କୁ ମଧ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା। ପରେ ନାଲ୍କୋ ପକ୍ଷରୁ ୨୦୧୮ଶିକ୍ଷାବର୍ଷର ଶ୍ରେଷ୍ଠ ସ୍ନାତକ ଭାବେ ବିବେକାନନ୍ଦ ନାୟକଙ୍କୁ ୫୦ହଜାର ଟଙ୍କାର ଚେକ୍ ଦିଆଯାଇଥିବା ବେଳେ ଜିତେନ୍ଦ୍ର କୁମାର ପଣ୍ଡା, କୁମାରୀ ସୋନାଲୀ ଘୋଷାଲ୍‌ଙ୍କୁ ୨୫ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ସେହିପରି କୁମାରୀ ପ୍ରତୀକ୍ଷା ରାଉତଙ୍କୁ ୧୫ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ. ସୁଶାନ୍ତ କୁମାର ନାୟକ, ନିର୍ମଳ ମିଶ୍ର, ପ୍ରଦୋଷ କୁମାର ମହାନ୍ତି, ଜଗନ୍ନାଥ ସାହୁ, ସୁଶାନ୍ତ କୁମାର ପାଢ଼ୀ, ଓ ଆଲୋକ କୁମାର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ପ୍ରାଧ୍ୟାପିକା ଡ. ପ୍ରକାଶିନୀ ରାୟ ଧନ୍ୟବାଦ ପ୍ରଦାନ କରିଥିଲେ।

## ବିଜୁ ଯୁବ ବାହିନୀ ପକ୍ଷରୁ ଚାରାରୋପଣ

**ଟିଗିରିଆ,୨୮।୭(ଡି.ଏନ୍.ଏ.)**

ଟିଗିରିଆ ବ୍ଲକରେ ପୁରୁଣାଟିଗିରିଆ ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ରବିବାର ଏକ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ବିଜୁ ଯୁବ ବାହିନୀ ସଭାପତି ବିଜୟ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ସମିତିସଭ୍ୟା ସନ୍ଧ୍ୟାରାଣୀ ନାୟକ, ଯୁବ ବାହିନୀ ବ୍ଲକ ସଂଯୋଜକ ଜ୍ଞାନରଞ୍ଜନ ଦାସ, ବିଜୁ ଯୁବ ବାହିନୀ ସଂଗଠକ ରଞ୍ଜିତ କୁମାର ସ୍ୱାଇଁ , ସ୍ଥାନୀୟ ଯୁବନେତା ବିଶ୍ୱନାଥ ନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ରତ୍ୟେକ ସଦସ୍ୟ ବ୍ୟକ୍ତିଗତ ଭାବେ ବାଡ଼ି ବଗିଚାରେ ବୃକ୍ଷ ରୋପଣ ଲାଗି ଏହି ଅବସରରେ ଲୋକଙ୍କୁ ସଚେତନ କରାଯାଇଥବଲା।



ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଜୁ ଯୁବବାହିନୀର କର୍ମକର୍ତ୍ତା।

# ସିଓଆର୍‌କୁ ନେଇ ଉଦ୍‌ବେଗ

**ରଘୁନାଥପୁର,୨୮।୭ (ଡି.ଏନ୍.ଏ.)**

### ପ୍ରାଇଭେଟ୍ ସ୍କୁଲ ଆସୋସିଏଶନ ବୈଠକ



ବୈଠକରେ ଉପସ୍ଥିତ ଆସୋସିଏଶନର କର୍ମକର୍ତ୍ତା।

ରଘୁନାଥପୁର ବ୍ଲକ ତାରପୁରସ୍ଥିତ ମା' ନାରାୟଣୀ ମନ୍ଦିର ପରିସରରେ ପ୍ରାଇଭେଟ୍ ସ୍କୁଲ ଆସୋସିଏଶନ ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଘରୋଇ ବିଦ୍ୟାଳୟଗୁଡିକୁ ପ୍ରଦାନ କରାଯାଇଥିବା ସିଓଆର (ସାର୍ଟିଫିକେଟ୍ ଅଫ୍ ରେକ୍‌ଗନାଇଜେଶନ)କୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ବୈଠକରେ ଜିଲା ସଂଘର ସଭାପତି ଚିତ୍ତରଞ୍ଜନ ରାଉତ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ଜ୍ୟୋତି ରଞ୍ଜନ ସାହୁ ଓ ଯୁଗ୍ମ ସମ୍ପାଦକ ଅମୂଲ୍ୟ ଦେବଦାସ ଉପସ୍ଥିତ ରହି ଜିଲାରେ ଥିବା ବିଭିନ୍ନ ଘରୋଇ ବିଦ୍ୟାଳୟଗୁଡ଼ିକ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ସମ୍ବନ୍ଧରେ ଟିପ୍ପଣୀ ରଖିଥିଲେ। ଉପଦେଷ୍ଟା ପ୍ରାଣକୃଷ୍ଣ ନାୟକ, ଉଦ୍ଦେଶ୍ୟମୂଳକ ଭାବେ ଘରୋଇ ଶିକ୍ଷାନୁଷ୍ଠାନକୁ ଜିଲା ଶିକ୍ଷାଧିକାରଙ୍କ ପକ୍ଷରୁ ସିଓଆର ପ୍ରଦାନ କରା ନ ଯିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ଏପରି କି ଅନେକ ସରକାରୀ ସ୍କୁଲରେ ଭିତ୍ତିଭୂମି ନ ଥାଇ ଶିକ୍ଷାଦାନ ଜାରି ରହିଛି। ହେଲେ କେତେକ ଘରୋଇ ବିଦ୍ୟାଳୟର ଭିତ୍ତିଭୂମି ତଥା ଆନୁଷଙ୍ଗିକ ବିଧି ବ୍ୟବସ୍ଥା ଥାଇ ସୁଦ୍ଧା ସେମାନଙ୍କୁ ଏକ ବର୍ଷିଆ ସିଓଆର ପ୍ରଦାନ କରାଯିବାରେ ଅବହେଳା ପ୍ରଦର୍ଶନ କରାଯାଉଥିବା ସମ୍ପର୍କରେ ବୈଠକରେ ଦୃଢ ଅଭିଯୋଗ ଉଠିଥିଲା। ଫଳରେ ଆର୍ଥିକ ଅନଗ୍ରସର ତଥା ଜନଜାତି ଓ ଉପଜାତି ଶ୍ରେଣୀର ଛାତ୍ରୀଛାତ୍ର ୨୫ ପ୍ରତିଶତ ଶିକ୍ଷା ଖର୍ଚ୍ଚ ପାଇ ପାରୁ ନ ଥିବା ଏବଂ ବୃତ୍ତି ଓ ନବୋଦୟ ପରୀକ୍ଷାରୁ ବଞ୍ଚିତ ହେଉଥିବାର ମତପ୍ରକାଶ ପାଇଥିଲା। ଜିଲା ଶିକ୍ଷାଧିକାରୀଙ୍କ ଅନ୍ୟାୟ ସଙ୍ଗତ କାର୍ଯ୍ୟକୁ ପ୍ରତିବାଦ କରାଯିବା ସହ ଆଗାମୀଦିନରେ ଶିକ୍ଷକ, ଅଭିଭାବକ ଓ ଅଞ୍ଚଳର ବୁଦ୍ଧିଜୀବୀ ବାଧ ହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଭାପତି ରାଉତ କହିଥିଲେ। ଏହି ଅବସରରେ ରଘୁନାଥପୁର ବ୍ଲକ ପ୍ରାଇଭେଟ ସ୍କୁଲ ଆସୋସିଏଶନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ରୂପେନ୍ଦ୍ର ମିଶ୍ର, ଉପସଭାପତି ଦେବାଶିଷ ରାୟ, ସମ୍ପାଦକ ସାରଦା ପ୍ରସନ୍ନ ଦାସ, ଯୁଗ୍ମ ସମ୍ପାଦକ ମିତାଞ୍ଜଳି ନାୟକ ଓ କୋଷାଧ୍ୟକ୍ଷ ଭାବେ ଚନ୍ଦ୍ରଶେଖର ଲେଙ୍କା ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ। ଏଥିରେ ପ୍ରଭାକର ବାରିକ, ହିମାଂଶୁ ଶେଖର ବେହେରା, ନଳିନୀ ପ୍ରଭା ଭୂୟାଁ, ଜ୍ୟୋତିରଞ୍ଜନ ପରିଡ଼ା, ଗୋପାଳ ଚନ୍ଦ୍ର ସାହୁ, ଉମେଶ ଚନ୍ଦ୍ର ମହାପାତ୍ର, ନାରାୟଣ ଭୋଇ, ରମେଶ ଚନ୍ଦ୍ର ଖୁଣ୍ଟିଆଙ୍କ ସମେତ ୨୫ଟି ଘରୋଇ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ନବନିର୍ବାଚିତ ସଭାପତି ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା କାର୍ଯ୍ୟ ଶେଷ କରିଥିଲେ।



ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ ।
- ପୁରୀ ଗଜପତି ଦିବ୍ୟସିଂହଦେବ



## ସଂକ୍ଷେପରେ

### ଜେସିବି ସହ ୨ ହାଇୱା ଜବତ




**ଖୋର୍ଦ୍ଧା ଅଫିସ,୨୮।୭:** ଖୋର୍ଦ୍ଧା ସଦର ଥାନା ପୋଲିସ ସାଆଁନ୍ତାରୁ ଗୋଟିଏ ଜେସିବି ଓ ଆଖପାଖ ଅଞ୍ଚଳରୁ ୨ଟି ଚିପସ୍ ବୋଝେଇ ହାଇୱା ଜବତ କରିଛି। ସ୍ଥାନୀୟ ପୋଲିସ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଦଧିମାଛଗାଡିଆ, ତାପଙ୍ଗ, କାଇପଦର ଅଞ୍ଚଳରେ ଚଢ଼ାଉ କରି ୩ ଦିନ ଭିତରେ ଚିପ୍ସ, ସ୍ୱଲ, ବୋଲଡର, ମାଙ୍କଡା ପଥର ବୋଝେଇ ୧୬ ଗାଡ଼ି ଜବତ କରିଥିବା ଜଣାପଡିଛି।

### ଅବ୍‌ଦୁଲ ବିଜେଡି ଖୋର୍ଦ୍ଧା ଜିଲା ସଂଖ୍ୟାଲଘୁ ସେଲର ସମ୍ପାଦକ

**ଖୋର୍ଦ୍ଧା ଅଫିସ,୨୮।୭:** ମହମ୍ମଦ ଅବ୍‌ଦୁଲ ବାରି ବିଜେଡି ଖୋର୍ଦ୍ଧା ଜିଲା ସଂଖ୍ୟାଲଘୁ ସେଲର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ପାଇଛନ୍ତି। ରାଜ୍ୟ ବିଜେଡି ସଂଖ୍ୟାଲଘୁ ସେଲର ସଭାପତି ମୁନା ଖାଁଙ୍କ ଅନୁମୋଦନକ୍ରମେ ଏହି ନିଯୁକ୍ତି ମିଳିଥିବା ପ୍ରେସ୍ ବିବୃତିରେ କୁହାଯାଇଛି। ନୂତନ ଭାବେ ନିଯୁକ୍ତି ପାଇବା ପରେ ସେ ତାଙ୍କ କାର୍ଯ୍ୟକୁ ସୂଚାରୁ ରୂପେ ପାଳନ କରିବେ ବୋଲି କହିଛନ୍ତି।

### ଲୁଟ୍ ମୋବାଇଲ ଜବତ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୮।୭(ବ୍ୟୁରୋ): ଖାରବେଳନଗର ଥାନା ଅଞ୍ଚଳରେ ଅଟୋରେ ଯାଉଥିବା ଯାତ୍ରୀଙ୍କଠାରୁ ମୋବାଇଲ ଲୁଟ୍‌ପାଟ କରୁଥିବା ଅଭିଯୁକ୍ତଙ୍କୁ ପୋଲିସ ରବିବାର ଗିରଫ କରିଛି। ସେ ହେଲେ ୟୁନିଟ୍ ୪ ରାମପୁରବସ୍ତି ଅଞ୍ଚଳର ମୁନା ଦିଗଲ୍। ପୋଲିସ ସୂଚନା ମୁତାବକ ଏୟାରପୋର୍ଟ ଥାନା ଅଧୀନ ଭୀମପୁର ମୌଜାରେ ସୁଶାନ୍ତ କୁମାର ମହାଲିକ ରୁହନ୍ତି। ଶନିବାର ସନ୍ଧ୍ୟାରେ ସୁଶାନ୍ତ ମାଷ୍ଟର କ୍ୟାଣ୍ଟିନ ଛକରେ ଅଟୋରେ ଯାଉଥିବା ବେଳେ ଅଭିଯୁକ୍ତ ତାଙ୍କଠାରୁ ମୋବାଇଲ ଛଡାଇ ଫେରାର ହୋଇଯାଇଥିଲା। ଏ ନେଇ ସୁଶାନ୍ତ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୧୮୬/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଲୁଟ୍ ମୋବାଇଲକୁ ଟ୍ରାକ କରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଚୋରି ମୋବାଇଲ ଫୋନକୁ ଜବତ କରିଛି।

### ଚୋରି କରି ଜଣେ ଗିରଫ

**ଭୁବନେଶ୍ୱର,୨୮।୭(ବ୍ୟୁରୋ):** ଭୁବନେଶ୍ୱର ରେଳ ଷ୍ଟେଶନରେ ରବିବାର ଯାତ୍ରୀଙ୍କ ବ୍ୟାଗ ଚୋରି କରି ଜଣେ ଗିରଫ ହୋଇଛନ୍ତି। ବିହାରର ସୋନୁ କୁମାର ଷ୍ଟେଶନରେ ଟ୍ରେନରୁ ଓହ୍ଲାଇ ପ୍ଲାଟଫର୍ମରେ ଅପେକ୍ଷା କରିଥିବାବେଳେ ଦୁର୍ବୃତ୍ତ ବ୍ୟାଗଟି ଚୋରି କରି ନେଇଥିଲା। ପରେ ରେଳ ସୁରକ୍ଷା ବଳ ଦୁର୍ବୃତ୍ତଙ୍କୁ ଧରି ଜିଆରପି ଥାନା ଜିମାରେ ଦେଇଥିଲେ। ସେ ହେଲେ ଯୋଗୀ ବେହେରା।

## ■ ଲଘୁ ଖଣିଜ ଦ୍ରବ୍ୟର ନିୟମିତ ଚୋରା ଚାଲାଣ ବଢୁଛି

# ରୋକିପାରୁନି ରାଜସ୍ୱ, ପୋଲିସ ବିଭାଗ

**ଖୋର୍ଦ୍ଧା ଅଫିସ,୨୮।୭**

କ୍ରାଇମବ୍ରାଞ୍ଚ ଏସ୍‌ଟିଏଫର ଚଢ଼ାଉ ପରେ ଖୋର୍ଦ୍ଧା ଜିଲାରେ ଗ୍ରାନାଇଟ୍ ଖଣି ଖନନ ଓ କ୍ରଶର କାମ ସାମୟିକ ଭାବେ ବନ୍ଦ ରହିଛି । ତେବେ ସ୍ୱଲ, ବଜୁରି, ଚିପ୍‌ସ, ଡଷ୍ଟ, ମାଙ୍କଡା ପଥର ପ୍ରଭୃତି ଦିନରାତି କଲିକତା-ମାଡ୍ରାସ ୧୬ ନଂ. ଜାତୀୟ ରାଜପଥ ସମେତ ଜିଲାର ବିଭିନ୍ନ ରାସ୍ତାରେ ଚୋରାଚାଲାଣ ଚାଲିଛି। ପୋଲିସ ଓ ରାଜସ୍ୱ ବିଭାଗ ପକ୍ଷରୁ ୧୬ ନଂ. ଜାତୀୟ ରାଜପଥରେ କିଛିଦିନ ହେଲା ଯଦିଓ ଚଢ଼ାଉ ଚାଲିଛି ଏହା ଚୋରା ଚାଲାଣକୁ ରୋକି ପାରୁନି। କାରଣ ରାସ୍ତା ବଦଳାଇ ଚାଲାଣ ଚାଲିଛି। ପୁଣି ରାସ୍ତା ଯାଞ୍ଚ ଆରମ୍ଭ ହୋଇଗଲେ କ୍ରଶର ମାଲିକ ଆଗୁଆ ସୂଚନା ପାଇ ଯାଉଛନ୍ତି। କ୍ରଶର ମାଲିକଙ୍କ ନେଟୱାର୍କ ଭଲ ଥିବାରୁ କମ୍ ସଂଖ୍ୟକ ସ୍ୱଲ, ବଜୁରି, ଚିପ୍‌ସ, ଡଷ୍ଟ ଓ ମାଙ୍କଡା ପଥର ବୋଝେଇ ଭାରିଯାନ ଧରା ପଡୁଛି। ଯାଞ୍ଚ ଶେଷ ହେଲା ପରେ ପୁଣି ଅବାଧରେ ଖଣିଜ ଦ୍ରବ୍ୟ ଚୋରା ଚାଲାଣ ଚାଲିଛି।

### ମୃତ୍ୟୁ, ଆହତଙ୍କ କାରଣ ଭିନ୍ନ ଦର୍ଶାଯାଉଛି

ମୁଣ୍ଡିଆରେ ପଥର ଖନନ ଉଦ୍ଦେଶ୍ୟରେ କରାଯାଉଥିବା ବିସ୍ଫୋରଣରେ ବିଭିନ୍ନ ସମୟରେ ଶ୍ରମିକଙ୍କ ମୃତ୍ୟୁ ସହ ଆହତ ହେଉଛନ୍ତି। ୫ବର୍ଷ ଭିତରେ ଖୋର୍ଦ୍ଧା ଓ ଆଖପାଖ ପାହାଡରେ ୧୭ ଜଣଙ୍କ ମୃତ୍ୟୁ ଓ ୨୧ ଜଣକ ବେସରକାରୀ ଭାବେ ମୃତ୍ୟୁ ହୋଇଥିବା ଜଣାପଡିଛି। ହେଲେ ବିସ୍ଫୋରଣ ବେଆଇନ ହୋଇଥିବାରୁ ମୃତ୍ୟୁ ଓ ଆହତଙ୍କ କାରଣକୁ ଲୁଚାଇ ଭିନ୍ନ ରୂପ ଦିଆଯାଉଛି। ମୃତ୍ୟୁ ଓ ଆହତଙ୍କ କାରଣ ଲୁଚାଇବାକୁ ମୋଟା ଅଙ୍କର ଅର୍ଥ କାରବାର ବି ହେଉଛି। ଏଥିରେ ବେଶି ଲାଭବାନ ପୋଲିସ ହେଉଛି। ବେଳେବେଳେ କେତେକ ପରିବାରକୁ କ୍ଷତିପୂରଣ ଦିଆଯିବାକୁ ପ୍ରତିଶ୍ରୁତି ଦିଆଯାଉଛି ହେଲେ ସେମାନଙ୍କୁ ଦିଆଯାଉନାହିଁ। ମୃତ୍ୟୁ ଓ ଆହତଙ୍କ କାରଣ ବଦଳି ଯାଇଥିବାରୁ ପରବର୍ତ୍ତୀ ଅଭିଯୋଗର ସୁଫଳ ମିଳୁନି। ଏହା ଉପରେ ଲଗାମ ଦେବା ପାଇଁ ବି ପଦକ୍ଷେପ ନେବା ଜରୁରୀ।

### ଚଢ଼ାଉ ପ୍ରତିବାଦରେ କ୍ରଶର ବନ୍ଦ ଘୋଷଣା

ବାରମ୍ବାର ଏସ୍‌ଟିଏଫ୍‌ର ଚଢ଼ାଉ ପରେ କ୍ରଶର ମାଲିକ ସଂଘ କ୍ରଶର ଶିଳ୍ପକୁ ଅନିର୍ଦ୍ଧିଷ୍ଟକାଳ ପର୍ଯ୍ୟନ୍ତ ବନ୍ଦ କରିବାକୁ ଘୋଷଣା କରିଛନ୍ତି। ଏ ନେଇ ଆଞ୍ଚଳିକ କ୍ରଶର ମାଲିକ ସଂଘ ଖୋର୍ଦ୍ଧାର କାର୍ଯ୍ୟକାରୀ ସଭାପତି ପ୍ରକାଶ ସାମନ୍ତରାୟ କୁହନ୍ତି, ବାରମ୍ବାର ଚଢ଼ାଉ କାରଣରୁ ସଂଘର ନିଷ୍ପତ୍ତି ମୁତାବକ କ୍ରଶର ବନ୍ଦ କରାଯିବ। ଏ ନେଇ ଏକ ଖବରଦାତା ସମ୍ମିଳନୀ ୨୯ ତାରିଖରେ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ସବିଶେଷ ତଥ୍ୟ ଉପସ୍ଥାପନ କରାଯିବ। ଅନ୍ୟ ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି କ୍ରଶର ଯୋଗୁ ୧୫ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ କାମ ହରାଇ ହାତ ବାନ୍ଧି ବସିଛନ୍ତି। ଶ୍ରମିକଙ୍କୁ ଆୟୁଧ କରି କ୍ରଶର ମାଲିକ ପୁଣି କ୍ରଶର ଚାଲୁ ରଖିବାକୁ ପ୍ରୟାସ କରିବେ। ଏଣୁ କ୍ରଶର ଚାଲିବାକୁ ହେଲେ ସରକାରୀ ଆଇନ ମୁତାବକ ପଦକ୍ଷେପ ନିଆଯାଉ ବୋଲି ସାଧାରଣରେ ଦାବି ଉଠିଲାଣି। ବର୍ତ୍ତମାନର ଏସ୍‌ଟିଏଫ୍ ଚଢ଼ାଉ ପରି ଚଢ଼ାଉ ଜାରି ରଖିଲେ ଅନେକ କ୍ରଶର ବନ୍ଦ ହୋଇଯିବ। ଶ୍ରମିକଙ୍କୁ ଆୟୁଧ କରି ବେଆଇନ କ୍ରଶର ଚାଲୁ କରିବାକୁ ଅନୁମତି ଦିଆ ନ ଯାଉ ବୋଲି ଦାବି ହୋଇଛି।

## ଆଲୋକୀକରଣର ଶୁଭାରମ୍ଭ




ବିଧାୟକ ସୁରେଶ କୁମାର ରାଉତରାୟ ଆଲୋକୀକରଣର ଉଦ୍‌ଘାଟନ କରୁଛନ୍ତି।

**ଜଟଣୀ,୨୮।୭(ଡି.ଏନ.ଏ.):** ଜଟଣୀ ସହରର ବିଭିନ୍ନ ୱାର୍ଡରେ ଆଲୋକୀକରଣ ପାଇଁ ଗ୍ରୀନ୍‌ଫିଲ୍ଡ ଲାଇଟ୍ ନାମରେ ଷ୍ଟ୍ରିଟ୍‌ଲାଇଟ୍ ରବିବାର ଶୁଭାରମ୍ଭ ହୋଇଛି। ସ୍ଥାନୀୟ ସେଲ୍‌ଟାକ୍ସ ଅଫିସ ନିକଟରେ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଉପସ୍ଥିତିରେ ଏହା ଆରମ୍ଭ ହୋଇଥିଲା। ରାଜ୍ୟ ସରକାରଙ୍କ ଅନୁଦାନରେ ଆରମ୍ଭ ହୋଇଥିବା ଏହି ଆଲୋକୀକରଣ ପୌରାଞ୍ଚଳର ବିଭିନ୍ନ ୱାର୍ଡର ୧୦୫ଟି ସ୍ଥାନରେ ବିଦ୍ୟୁତ୍ ପୋଲ୍ ସହ ଏଲ୍‌ଇଡି ଲାଇଟ୍ ଲାଗିବ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ର, ପୂର୍ବତନ ପୌରାଧ୍ୟକ୍ଷ ସଂଗ୍ରାମ କେଶରୀ ରାଉତରାୟ, ଡ. ଗୌରୀପ୍ରସାଦ ସିଂ, ପୂର୍ବତନ କାଉନ୍‌ସିଲର ସୌମେନ୍ଦ୍ର ପଟ୍ଟନାୟକ, ଶୁଭେନ୍ଦୁ ପରିଜା, ଅନନ୍ତ ବେହେରା, ବିଷ୍ଣୁ ସାହୁ, ଲୁସେନ୍ ରାୟ, କଂଗ୍ରେସ ନେତା ସୀତାକାନ୍ତ ଶତପଥୀ, ଭାବ ପାହାଡ଼ସିଂହ, ରବି ଦାସ, ଆଲୋକ ମହାନ୍ତି, କଳିଙ୍ଗ ସାହୁ, ଅଶୋକ ମଙ୍ଗରାଜ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ। ଆଲୋକୀକରଣ କାର୍ଯ୍ୟ କରୁଥିବା ଘରୋଇ କମ୍ପାନୀର ଅଧିକାରୀମାନେ ଉପସ୍ଥିତ ଥିଲେ।

## ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ



ବୈଠକରେ ଯୋଗ ଦେଇଥିବା ଶିକ୍ଷାବିତ୍ ଓ ଛାତ୍ରୀଛାତ୍ର।

**କୃଷ୍ଣପ୍ରସାଦ, ୨୮।୭ (ଡି.ଏନ.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦସ୍ଥିତ ସେଣ୍ଟ ଜାଭିୟର୍ସ ବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ ପାଇଁ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶିକ୍ଷାବିତ୍ ହଳଧର ବେହେରା ସଭାପତିତ୍ୱ କରିଥିବାବେଳେ ଅଧକ୍ଷ କେଲୁ ଚରଣ ଜେନା ପରିଚାଳନା କରିଥିଲେ । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜୟରାମ ଦାସ, ମୁନା ବିଶ୍ୱାଳ, ବିଦ୍ୟାଧର ପଲେଇ, ଶିକ୍ଷକ ବିଚିତ୍ରାନନ୍ଦ ଜେନା ଓ ଅଭିଭାବକମାନେ ବୈଠକରେ ଉପସ୍ଥିତ ଥିଲେ । ଏହି ଅବସରରେ ସ୍କୁଲର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହେବା ସହ ପ୍ୟାରେଡ଼, ଜାତୀୟ ପତାକା ଉତ୍ତୋଳନ ଓ କୃତୀ ଛାତ୍ରୀଛାତ୍ରଙ୍କ ନିମନ୍ତେ କିଭଳି ପ୍ରତିଯୋଗିତା ଅନୁଷ୍ଠିତ ହେବ ସେ ନେଇ ଆଲୋଚନା ହୋଇଥିଲା।

## ୧୨ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**ଭୁବନେଶ୍ୱର, ୨୮।୭ (ବ୍ୟୁରୋ):** ନୟାପଲ୍ଲୀ ଥାନା ଅଞ୍ଚଳରେ ପୋଲିସ ଚଢାଉ କରି ୧୨ କେଜି ଗଞ୍ଜେଇ ଜବତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ନୟାପଲ୍ଲୀ ଥାନା ସାଲିଆସାହି ଅନ୍ତର୍ଗତ ଆଦିବାସୀ ଗାଁରେ ରହୁଥିବା ଦିଲୀପ କୁମାର ବରାଳ(୨୮)। ରାଜଧାନୀର ବିଭିନ୍ନ ଅଞ୍ଚଳରେ ଥିବା ଛୋଟମୋଟ ବେପାରୀଙ୍କୁ ଦିଲୀପ ଗଞ୍ଜେଇ ଯୋଗାଉଥିଲେ । ଏ ନେଇ ପୋଲିସ ଖବର ପାଇ ରବିବାର ଅପରାହ୍ନରେ ଦିଲୀପଙ୍କ ଆଦିବାସୀଗାଁସ୍ଥିତ ଘରେ ଚଢାଉ କରିଥିଲା । ପୋଲିସକୁ ଦେଖି ସେଠାରୁ କେତେଜଣ ଲୋକ ଛତ୍ରଭଙ୍ଗ ଦେଇଥିଲେ । ପୋଲିସ ଦିଲୀପଙ୍କୁ କାବୁ କରି ନେଇଥିଲା । ଦିଲୀପଙ୍କ ଘର ତଲାସି କରି ୧୨ କେଜି ଗଞ୍ଜେଇ ଜବତ କରିବା ସହ ଗିରଫ କରିଥିଲା । ଏ ନେଇ ପୋଲିସ ନଂ. ୩୪୦/୧୯ରେ ମାମଲା ରୁଜୁ କରିବା ସହ ଚୋରା ଗଞ୍ଜେଇ କାରବାରରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କ ବିଷୟରେ ତଥ୍ୟ ହାସଲ ପାଇଁ ଅଭିଯୁକ୍ତ ଲିଟୁଙ୍କୁ ପଚରାଉଚରା ଜାରି ରଖିଛି। ସୋମବାର ଅଭିଯୁକ୍ତ ଦିଲୀପଙ୍କୁ କୋର୍ଟ ଚାଲାଣ କରାଯିବ।

## ସାମ୍ବିଧାନିକ ସମ୍ମିଳନୀରେ କର୍ମକର୍ତ୍ତା ନିର୍ବାଚନ




ସମ୍ମିଳନୀରେ ଯୋଗ ଦେଇଥିବା କର୍ମକର୍ତ୍ତାମାନେ।

**ଖୋର୍ଦ୍ଧା ଅଫିସ,୨୮।୭**

ଖୋର୍ଦ୍ଧା ସହରର ଗୁରୁଜଙ୍ଗ ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ଓଷ୍ଟାର ଖୋର୍ଦ୍ଧା ଜିଲା ଶାଖାର ସାମ୍ବିଧାନିକ ସମ୍ମିଳନୀରେ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ବୃନ୍ଦାବନ ଶତପଥୀ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଉପେନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଷ୍ଟାର ପୂର୍ବତନ ଉପଦେଷ୍ଟା ପଦ୍ମନାଭ ବିଶ୍ୱାଳ, ଖୋର୍ଦ୍ଧା ବ୍ଲକ ଶିକ୍ଷା ଅଧିକାରୀ ବୈଦ୍ୟନାଥ ସାହୁ, ଓଷ୍ଟାର ରାଜ୍ୟ ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି, ରାଜ୍ୟ ସମ୍ପାଦକ ରଞ୍ଜନ ଦାଶ ଓ ସନ୍ତୋଷ ଭଞ୍ଜ, ଯୁଗ୍ମ ସମ୍ପାଦକ ମଧୁସୂଦନ ଦେଓ, ଶିକ୍ଷାବିତ୍ କିଶୋର ଚନ୍ଦ୍ର ପରମଗୁରୁ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଓଷ୍ଟା ଟ୍ୟାଲେଣ୍ଟ ସର୍ଚ୍ଚରେ ଓଡିଶାର ଖୋର୍ଦ୍ଧା ଜିଲାରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ଶୁଭଲକ୍ଷ୍ମୀ ଭଞ୍ଜ, ସ୍କାଉଟ୍ ଗାଇଡ୍ ରେ ପାରଦର୍ଶିତା ପାଇଁ ଶିକ୍ଷକ ଆଲାମ ଖାନ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ସନ୍ତୋଷ ଚନ୍ଦ୍ର କର ବିବରଣୀ ପାଠ କରିଥିଲେ। ଅମ୍ବିକା ପଟ୍ଟନାୟକ ସଭାପତି, କାର୍ଯ୍ୟକାରୀ ସଭାପତି ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ଉପସଭାପତି ରମେଶ ଚନ୍ଦ୍ର ପ୍ରଧାନ ଓ ସୁରେଖା ରଣା, ସମ୍ପାଦକ ଭାବେ ସୁଧାକର ମହାପାତ୍ର, ଯୁଗ୍ମ ସମ୍ପାଦକ ଘନଶ୍ୟାମ ସ୍ୱାଇଁ, ଶ୍ରୀହରୀ ମାଳି, ସୁରେନ୍ଦ୍ର କୁମାର ସ୍ୱାଇଁ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ସେହିଭଳି କାର୍ଯ୍ୟକାରୀ କମିଟିର ସଭ୍ୟ ଭାବେ ପ୍ରକାଶ ଚନ୍ଦ୍ର ପଲାଇ, ସୁନିଲ କୁମାର ପଣ୍ଡା, ପ୍ରମୋଦ କୁମାର ସ୍ୱାଇଁ, ତ୍ରିନାଥ ହୋତା ଏବଂ ରାଜ୍ୟ ପରିଷଦ ସଭ୍ୟ ପାଇଁ ଶିଶିର ଦାଶ, ଉପଦେଷ୍ଟା ଭାବରେ ସନ୍ତୋଷ ଚନ୍ଦ୍ର କର ଓ ଉପେନ୍ଦ୍ର ଦାସଙ୍କ ସମେତ ଅନ୍ୟମାନେ ନିର୍ବାଚିତ ହୋଇଛନ୍ତି। ଖୋର୍ଦ୍ଧା ଓଷ୍ଟାକୁ ଏକ ଶକ୍ତିଶାଳୀ ସଙ୍ଗଠନ ଭାବେ ଗଢି ତୋଳିବା, ଶିକ୍ଷକମାନଙ୍କର ସମସ୍ୟା ସମାଧାନ ନିମନ୍ତେ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ କର୍ମକର୍ତ୍ତାମାନଙ୍କୁ ଓଷ୍ଟାର ପୂର୍ବତନ ଉପଦେଷ୍ଟା ପଦ୍ମନାଭ ବିଶ୍ୱାଳ ଶପଥ ଗ୍ରହଣ କରାଇଥିଲେ। ଶେଷରେ ନବନିର୍ବାଚିତ ସମ୍ପାଦକ ସୁଧାକର ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ନିଶା ବେପାରୀ, ନିଶାଗ୍ରସ୍ତଙ୍କ ଉପରେ ବଢୁଛି ଅକ୍ରୋଶ

**ଖୋର୍ଦ୍ଧା ଅଫିସ, ୨୮।୭:** ଖୋର୍ଦ୍ଧା ଜିଲାରେ ବ୍ରାଉନସୁଗାର (ପାଉ) କାରବାର ବଢ଼ିବାରେ ଲାଗିଛି। କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌ର ଚଢ଼ାଉ ପରେ ନିଶା ବେପାରୀ ଭୟଭୀତ ହୋଇଥିଲେ। ବ୍ୟବସାୟ ଚାଲିଥିଲେ ମଧ୍ୟ ସତର୍କତାର ସହ କରୁଥିଲେ। ହେଲେ ଏସ୍‌ଟିଏଫ ନିଶାକୁ ଛାଡି ଖଣି ଓ କ୍ରଶର ଚଢ଼ାଉ କରିବା ପରେ ଧୀରେ ଧୀରେ ଭୟ ଦୂର ହେବାରେ ଲାଗିଛି। ତେବେ ଲୋକ ନିଶା ବେପାରୀ ଓ ନିଶାଗ୍ରସ୍ତଙ୍କୁ ସାବାଡ କରିବାକୁ ଆଗେଇ ଆସିଛନ୍ତି। ସହରର ବିଭିନ୍ନ ସ୍ଥାନରେ ନିଶା ବେପାରୀ ଓ ନିଶାଗ୍ରସ୍ତଙ୍କୁ ଲୋକେ ଧରି ପୋଲିସ ଜିମା ଦେଇଛନ୍ତି। ତଥାପି ପୋଲିସ ଓ ଅବକାରୀ ବିଭାଗ ନିଶା ବେପାରୀ ଓ ନିଶାଗ୍ରସ୍ତଙ୍କୁ ଦମନ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଧୀରେ ଧୀରେ ପୋଲିସ ଓ ଅବକାରୀ ବିଭାଗ ପ୍ରତି ଲୋକଙ୍କର ଅସୂୟା ବଢ଼ିବାରେ ଲାଗିଛି। ମାନସିକତାରେ ଉଭୟ ବିଭାଗ ପରିବର୍ତ୍ତନ ନ ଆଣିଲେ ପରିବର୍ତ୍ତିତ ପରିବେଶରେ ଉଭୟ ଦଣ୍ଡିତ ହୋଇପାରନ୍ତି। ଦିନକୁଦିନ ସ୍ଥିତି ବଦଳି ଚାଲୁଥିଲେ ମଧ୍ୟ ଖୋର୍ଦ୍ଧା ସହରରେ ପୋଲିସ ଓ ଅବକାରୀ ବିଭାଗର ଚଢ଼ାଉ ନ ଥିବାରୁ ବ୍ରାଉନସୁଗାର(ପାଉ) ବ୍ୟବସାୟରେ ଲଗାମ ଲାଗିପାରୁନି। ପୋଲିସ ପକ୍ଷରୁ ଅପରେଶନ କ୍ଲିନ ଆରମ୍ଭ ହୋଇଥିବାବେଳେ ପାଉ ବ୍ୟବସାୟୀଙ୍କ ଆଗରେ ଏହା ଫେଲ ହୋଇଥିବା ଅଭିଯୋଗ ଉଠିଲାଣି। ସହରର ବିଭିନ୍ନ ସ୍ଥାନରେ ମାଲମାଲ ପାଉ ବ୍ୟବସାୟୀ ଘୂରି ବୁଲୁଛନ୍ତି। ହେଲେ ପୋଲିସ ଓ ଅବକାରୀ ବିଭାଗ ନଜରରେ କିଭଳି ପଡୁନି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏପଟେ ନିଶା ଓ ପଥର ବ୍ୟବସାୟୀ ଛୋଟା ଖୋର୍ଦ୍ଧା ଜେଲରେ ଥାଇ ବି ତାଙ୍କ କାରବାରକୁ ନିୟନ୍ତ୍ରଣରେ ରଖିପାରିଥିବା ଅଭିଯୋଗ ହେଉଛି।

## ମନ୍ଦିର ବିବାହ ପରେ ନିର୍ବନ୍ଧ

# ମିଳିଲାନି ସ୍ତ୍ରୀ ମାନ୍ୟତା

**ଖୋର୍ଦ୍ଧା ଅଫିସ/ ଟାଙ୍ଗୀ, ୨୮।୭ (ଡି.ଏନ.ଏ.):** ସାତ ବର୍ଷର ସମ୍ପର୍କ ଓ ୨ ଲକ୍ଷ ୩୦ ହଜାର ଟଙ୍କା ଯୌତୁକ ନେବା ପରେ ସ୍ତ୍ରୀର ମାନ୍ୟତା ମିଳିଲାନି। ବରଂ ପ୍ରତାରଣା କରି ଅନ୍ୟତ୍ର ୨ୟ ବିବାହ କରିଥିବା ଖବର ପାଇବା ପରେ ପ୍ରେମିକଙ୍କ ଘର ସମ୍ମୁଖରେ ପ୍ରେମିକା ରବିବାର ଧାରଣା ଦେଇଛନ୍ତି। ଧାରଣା ଦେବା ପରେ ପ୍ରେମିକଙ୍କ ପରିବାର ଲୋକେ ପ୍ରେମିକାଙ୍କୁ ମାଡ ମାରି ଫେରାର ହୋଇଯାଇଛନ୍ତି। ଏଭଳି ଘଟଣା ଘଟିଛି ଟାଙ୍ଗୀ ଥାନା ସୋରଣ ଅଞ୍ଚଳରେ।

ଥାନାରେ ଅଭିଯୋଗ ଅନୁସାରେ, ୭ ବର୍ଷ ତଳେ ସୋରଣ ଅଞ୍ଚଳର ପ୍ରେମିକଙ୍କର ଭୁଷଣ୍ଡପୁର ଅଞ୍ଚଳର ଜଣେ ଝିଅଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପରେ ଉଭୟେ ମନ୍ଦିରରେ ବିବାହ କରିଥିଲେ। ଏକଥା ଜଣାପଡିବା ପରେ ପ୍ରେମିକଙ୍କ ପରିବାର ପକ୍ଷରୁ ୨ ବର୍ଷ ତଳେ ପ୍ରେମିକାଙ୍କ ପରିବାର ଲୋକଙ୍କୁ ଯୌତୁକ ମଗା ଯାଇଥିଲା। ପ୍ରେମିକାଙ୍କ ଘର ପକ୍ଷରୁ ଉଭୟ ଗାଁର ଭଦ୍ର ଲୋକଙ୍କ ଉପସ୍ଥିତିରେ ଯୌତୁକ ବାବଦକୁ ୨ ଲକ୍ଷ ୩୦ ହଜାର ଟଙ୍କା ଦିଆଯାଇଥିଲା। ଏହାପରେ ନିର୍ବନ୍ଧ କରାଗଲା। ତେବେ ବିବାହ ତାରିଖ ଘୁଞ୍ଚାଇ ଘୁଞ୍ଚାଇ ପ୍ରେମିକାଙ୍କୁ ପ୍ରେମିକ ପ୍ରତାରଣା କରିଥିଲେ। ଏପରିକି ଜୁଲାଇ ୮ ରେ ପ୍ରେମିକ ଜଣକ ଅନ୍ୟ ଜଣେ ଝିଅଙ୍କୁ କୋର୍ଟରେ ବିବାହ କରିଥିବା ପ୍ରେମିକା ଖବର ପାଇଥିଲେ।

### ୨ୟ ବିବାହ ଶୁଣି ପ୍ରେମିକ ଘର ସମ୍ମୁଖରେ ଧାରଣା

ଘଟଣାର ସତ୍ୟାସତ୍ୟ ବୁଝିବାକୁ ପ୍ରେମିକା ପ୍ରେମିକଙ୍କ ଘରକୁ ଶନିବାର ଆସିଥିଲେ। ହେଲେ ପ୍ରେମିକ ଓ ତାଙ୍କ ପରିବାର ସଦସ୍ୟ ମିଳିମିଶି ପ୍ରେମିକାଙ୍କୁ ମାଡ ମାରି ଘରୁ ତଡି ଦେଇଥିଲେ। ଏ ସମ୍ପର୍କରେ ଟାଙ୍ଗୀ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ମାମଲା ରୁଜୁ କରିବାରେ ଅବହେଳା କରିଥିବା ପ୍ରେମିକାଙ୍କ ପରିବାର ଲୋକଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି।

# ପ୍ରଶାସନ ଯାତନା ଭୋଗୁଛନ୍ତି ଅସହାୟ

**ବେଗୁନିଆ,୨୮।୭(ଡି.ଏନ୍.ଏ.)**

ବାତ୍ୟା ଫନୀକୁ ୮୫ ଦିନ ବିତି ଗଲାଣି। ହେଲେ କ୍ଷତିଗ୍ରସ୍ତ ହୋଇଥିବା ବହୁ ବିପନ୍ନଙ୍କର ଏବେ ଯାଏ ଅଣ୍ଟା ସଳଖିନି। ବିଶେଷ କରି ସହାୟତା ପାଇବାରୁ ଅସହାୟ ବିପନ୍ନମାନେ ପ୍ରଶାସନିକ ଯାତନା ଭୋଗୁଛନ୍ତି। ପ୍ରଶାସନିକ ଅଧିକାରୀମାନେ ଉପଯୁକ୍ତ ତଦନ୍ତ କରି ନ ଥିବାରୁ ପ୍ରକୃତ କ୍ଷତିଗ୍ରସ୍ତମାନେ ତାଲିକାରୁ ବାଦ୍ ପଡ଼ିଛନ୍ତି। ଆଉ କେତେକ କ୍ଷେତ୍ରରେ ବିପନ୍ନମାନେ ଘରଭଙ୍ଗା ତାଲିକାରେ ଥାଇ ମଧ୍ୟ ସେମାନଙ୍କୁ ସହାୟତା ବଣ୍ଟନରେ ପ୍ରଶାସନ ପକ୍ଷରୁ ବିଳମ୍ବ କରାଯାଉଛି। ଫଳରେ ବର୍ଷାଦିନେ ବାସ ଖଣ୍ଡିଏ ପାଇଁ ଅପେକ୍ଷାର ଅନ୍ତଃ ଘଟୁନାହିଁ। ବିପନ୍ନମାନେ ସହାୟତା ରାଶି ପାଇଁ ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। ହେଲେ ବାସହରାମାନଙ୍କୁ କେବେ ବାସ ଖଣ୍ଡିଏ ମିଳିବ, ପ୍ରଶାସନିକ ଯାତନାରୁ ମୁକ୍ତି ମିଳିବ ସେ ନେଇ ଅଞ୍ଚଳରେ ଅନେକ ପ୍ରଶ୍ନ ଉଠୁଛି।

ପ୍ରକାଶଥାଉ କି, ମେ ୩ରେ ହୋଇଥିବା ସାମୁଦ୍ରିକ ଝଡ଼ ଫନୀ ପ୍ରଭାବରେ ବେଗୁନିଆ ବ୍ଲକର ୭୦୦ରୁ ଊର୍ଦ୍ଧ୍ୱ ବାସଗୃହ ଭାଙ୍ଗିରୁଜି ଯାଇଥିବା ପ୍ରଶାସନିକ ଆକଳନରୁ ଜଣାପଡ଼ିଥିଲା। କ୍ଷତିଗ୍ରସ୍ତ ବିପନ୍ନ ତାଲିକା ପ୍ରସ୍ତୁତ କରାଯାଇ ପ୍ରଥମ ପର୍ଯ୍ୟାୟରେ ୨୦୦ ଜଣଙ୍କୁ ସହାୟତା ରାଶି ବଣ୍ଟନ କରାଯାଇଛି ବୋଲି ତହସିଲ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ମାତ୍ର ଠିକ୍ ବଣ୍ଟନ କରାଯାଇ ନ ଥିବା ଯୋଗୁ ଅସନ୍ତୋଷ ଦେଖାଦେଇଛି। ବୋତଲମା ପଞ୍ଚାୟତର ବାଦବାରବାଟୀ ଗାଁରେ ବ୍ୟତିକ୍ରମ ଦେଖାଦେଇଛି। ଗାଁର ଅସହାୟ ମମତା ବିଶ୍ୱାଳଙ୍କୁ ସହାୟତା ରାଶି ଦେବେ ବୋଲି ତାଲିକାରେ ପଞ୍ଜୀକରଣ କରାଯାଇଥିଲା। ହେଲେ ଏଯାଏ ତାଙ୍କୁ ରାଶି ମିଳିପାରିନାହିଁ। ବର୍ଷାଦିନେ ଭଙ୍ଗା ଘରେ ପଲିଥିନ ତଳେ ମମତା ବହୁ କଷ୍ଟରେ ରହୁଛନ୍ତି। ଏ ସମ୍ପର୍କରେ ତହସିଲଦାର ବିବେକାନନ୍ଦ ପରିଡାଙ୍କୁ ପଚାରିବାରେ ପ୍ରଥମ ପର୍ଯ୍ୟାୟରେ କେତେଜଣ ବିପନ୍ନମାନଙ୍କର ଟଙ୍କା ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଇଛି। ଆସନ୍ତା ୨ ଦିନ ମଧ୍ୟରେ ତାଲିକାରେ ଥିବା ଆଉ ୨୦୦ ଜଣଙ୍କର ସହାୟତା ରାଶି ପଠାଯିବ। ମାତ୍ର ତାଲିକାରେ ମମତାଙ୍କ ନାଁ ପଞ୍ଜୀକରଣ ହୋଇଛି ମାନେ ତାଙ୍କୁ ସହାୟତା ନିଶ୍ଚୟ ପ୍ରଦାନ କରାଯିବ।




ବାଦବାରବାଟୀ ଗାଁର ମମତା ବିଶ୍ୱାଳଙ୍କ ଭଙ୍ଗା ବାସଗୃହ।

### ଫନୀ ଉଜାଡ଼ିଲା ବାସ

# ବରୁଣେଇରେ ଲାଗିଲା ଏକ ହଜାର ଚାରା

**ଖୋର୍ଦ୍ଧା ଅଫିସ,୨୮।୭**

ବରୁଣେଇ ପାଦଦେଶରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଦିଶାନ୍ତ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦିଶାନ୍ତର ସଭାପତି ତଥା ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ସୁଜିତ ନାୟକ, ମୁଖ୍ୟବକ୍ତା ଭାବେ ଜିଲାପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଦଳେଇ, ଓଲସିଂହ ସରପଞ୍ଚ ପ୍ରମୋଦ ପରିଡ଼ା, ପ୍ରାଣନାଥ ସ୍ୱୟଂଶାସିତ କଲେଜର ପ୍ରାଧ୍ୟାପକ ଗୋପଳ କୃଷ୍ଣ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ଦିଶାନ୍ତ ପକ୍ଷରୁ ପ୍ରତ୍ୟେକ ବର୍ଷ ବରୁଣେଇ ପୀଠରେ ରଜ ମହୋତ୍ସବ ଅନୁଷ୍ଠିତ ହୋଇଥାଏ। ଗତ ଫନୀ ବାତ୍ୟାରେ ବରୁଣେଇ ପାଦ ଦେଶରୁ ହଜାର ହଜାର ଔଷଧୀୟ ବୃକ୍ଷ ନଷ୍ଟ ହୋଇଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ଏକ ହଜାର ବୃକ୍ଷ ରୋପଣ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଦିଶାନ୍ତର ଉପସଭାପତି ନିରଞ୍ଜନ ନାୟକ, ସମ୍ପାଦକ ଦିଲ୍ଲୀପ କୁମାର ପରିଡ଼ା, ସହସମ୍ପାଦକ ସଞ୍ଜୀବ କୁମାର ପରିଡ଼ାଙ୍କ ସମେତ ପ୍ରାଣନାଥ ଛାତ୍ର ସଂଗଠନର ଛାତ୍ର ଛାତ୍ରୀମାନେ ଉପସ୍ଥିତ ଥିଲେ। ସଙ୍ଗଠନ ପକ୍ଷରୁ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।



ବରୁଣେଇ ପାଦଦେଶରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଚାରା ରୋପଣ କରୁଛନ୍ତି।



ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ।
-ପୁରୀ ଗଜପତି ଦିବ୍ୟସିଂହଦେବ



## ସଂକ୍ଷେପରେ

### ଶ୍ରୀନଅରଠାରୁ ମାର୍କେଟ ଛକ ପର୍ଯ୍ୟନ୍ତ ହେବ ବାଇକ୍ ପାର୍କିଂ

ପୁରୀ ଅଫିସ, ୨୮।୭: ଶ୍ରୀମନ୍ଦିରରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଏବଂ ଶ୍ରୀମନ୍ଦିର ଚାରିପଟେ ଯାତାୟାତ ସୁବିଧା ଲାଗି ଜିଲା ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ଚାରିପଟ ଏବଂ ସିଂହଦ୍ୱାରକୁ ନୋ ଭେଣ୍ଡିଂ ଜୋନ ଏବଂ ନୋ ପାର୍କିଂ ଘୋଷଣା କରାଯାଇଛି। ଶ୍ରୀନଅରଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ବ୍ୟାରିକେଡ ଦିଆଯାଇଛି। ଗୋଟିଏ ପାର୍ଶ୍ୱରେ ଯାତାୟାତ ବ୍ୟବସ୍ଥା କରାଯାଇଛି। ଏହି ବ୍ୟାରିକେଡ ଭିତରେ ପ୍ରଶାସନ ପକ୍ଷରୁ ବଡ଼ଦାଣ୍ଡ ମହୋତ୍ସବ ଆରମ୍ଭ ହୋଇଛି। ଶ୍ରୀକ୍ଷେତ୍ରର କଳା, ସଂସ୍କୃତି, ପାରମ୍ପରିକ ଐତିହ୍ୟର ବିକାଶ ଲାଗି ଗତ ରବିବାରଠାରୁ ବଡଦାଣ୍ଡ ମହୋତ୍ସବ ଆରମ୍ଭ ହୋଇଛି। ଧୀରେ ଧୀରେ ଏଥିପ୍ରତି ଲୋକଙ୍କ ଆଗ୍ରହ ବୃଦ୍ଧି ପାଉଛି। ସିଂହଦ୍ୱାର ନିକଟରେ ବାଇକ ପାର୍କିଂ ଯୋଗୁ ଦିନକୁ ଦିନ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ବହୁ ଦୂରରୁ ଆସୁଥିବା ଭକ୍ତମାନେ ସିଂହଦ୍ୱାର ନିକଟରେ ମହାପ୍ରଭୁଙ୍କ ଦର୍ଶନ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶ୍ରୀମନ୍ଦିର ଚାରିପଟେ ପରିକ୍ରମା ବେଳେ ଭକ୍ତମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟ୍ରାଫିକ ନିୟନ୍ତ୍ରଣ, ଭକ୍ତଙ୍କ ସୁବିଧା ଦୃଷ୍ଟିରୁ ଏହି ବ୍ୟବସ୍ଥା କରାଯାଇଛି ବୋଲି ଏସ୍‌ପି ଉମାଶଙ୍କର ଦାଶ ରବିବାର କହିଛନ୍ତି। ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତଙ୍କ ବାଇକ ପାର୍କିଂ ଲାଗି ଗୁରୁତ୍ୱ ଦିଆଯାଇଛି। ପରୀକ୍ଷା ମୂଳକ ଭାବେ ଶ୍ରୀନଅର ସମ୍ମୁଖରେ ବ୍ୟାରିକେଡ ଦିଆଯାଇ ବାଇକ ରଖାଯାଉଛି। ଗୋଟିଏ ପାର୍ଶ୍ୱରେ ପ୍ରବେଶ କରିବେ, ଅନ୍ୟ ପଟେ ବାହାର କରିବା ଲାଗି ସୁବିଧା ଦିଆଯାଇଛି। ଆଗକୁ ଶ୍ରୀମନ୍ଦିର କାର୍ଯ୍ୟାଳୟଠାରୁ ମାର୍କେଟ ଛକ ପର୍ଯ୍ୟନ୍ତ ଦୁଇ ପାର୍ଶ୍ୱରେ ବାଇକ ପାର୍କିଂ ଲାଗି ବ୍ୟବସ୍ଥା କରାଯିବା ନେଇ ଯୋଜନା ପ୍ରସ୍ତୁତ ଚାଲିଛି। ଏହା ଦ୍ୱାରା ଭକ୍ତଙ୍କ ବାଇକ ରାସ୍ତା ପାର୍ଶ୍ୱରେ ଶୃଙ୍ଖଳିତ ଭାବେ ରହିପାରିବ ଏବଂ ଟ୍ରାଫିକ ସମସ୍ୟା ସୃଷ୍ଟି ହେବ ନାହିଁ ବୋଲି ଏସପି ଦାଶ କହିଛନ୍ତି। ବଡ଼ଦାଣ୍ଡରେ କେବଳ ଟ୍ରାଫିକ ସମସ୍ୟାକୁ ଦୂର କରିବା ତଥା ଭକ୍ତଙ୍କ ସୁବିଧା ଲକ୍ଷ୍ୟରେ ଏହି ବ୍ୟବସ୍ଥା କରାଯାଇଛି ବୋଲି ସେ କହିଥିଲେ।

### ସମସ୍ତଙ୍କୁ ସାଙ୍ଗରେ ନେଇକି ଯିବୁ: ଜିଲାପାଳ

ପୁରୀ ଅଫିସ, ୨୮।୭: ଶ୍ରୀମନ୍ଦିର ଚତୁଃପାର୍ଶ୍ୱକୁ ନୋ ପାର୍କିଂ ଓ ନୋ ଭେଣ୍ଡିଂ ଜୋନ ଏବଂ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ଅଞ୍ଚଳକୁ ବ୍ୟାରିକେଡିଂ କରାଯାଇଛି। କିଛି ସଙ୍ଗଠନ ପ୍ରଶାସନର ଏଭଳି ତରବରିଆ ନିଷ୍ପତ୍ତିକୁ ବିରୋଧ କରିଥିବାବେଳେ ଉଠା ଦୋକାନୀମାନେ ମଧ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେମାନଙ୍କୁ ଥଇଥାନ କରିବା ଲାଗି ଦାବି ଜଣାଇ ଆସୁଛନ୍ତି। ଏପଟେ ଭକ୍ତଙ୍କ ସୁବିଧା ଲାଗି ଜିଲା ପ୍ରଶାସନ ଏକାଧିକ ସଂସ୍କାର ପ୍ରକ୍ରିୟା ମଧ ଆରମ୍ଭ କରିଦେଇଛି। ତେବେ ଏମାର ମଠ ପରିସରରେ ଗାଡ଼ି ପାର୍କିଂ ପାଇଁ ପ୍ରଶାସନ ଜାଗା ସମତୁଳ କରିଥିବା ବେଳେ ଏହାକୁ ନେଇ ବିରୋଧାଭାଷ ସୃଷ୍ଟି ହୋଇଛି। ତେବେ ସମସ୍ତଙ୍କୁ ସାଙ୍ଗରେ ନେଇକି ଯିବୁ ବୋଲି କହିଛନ୍ତି ଜିଲାପାଳ ବଲୱନ୍ତ ସିଂ। ରବିବାର ଜିଲାପାଳ ଗଣମାଧ୍ୟମକୁ କହିଛନ୍ତି, ଭକ୍ତଙ୍କ ସୁବିଧା ପାଇଁ ଏକାଧିକ ଯୋଜନା କରାଯାଇଛି। ତେବେ ସେବାୟତ ଏବଂ ଦୋକାନୀଙ୍କ ଗାଡି ପାର୍କିଂ ପାଇଁ ବ୍ୟବସ୍ଥା ଚାଲିଛି। ୩/୪ଟି ଜାଗାରେ ଅସ୍ଥାୟୀ ପାର୍କିଂସ୍ଥଳ କରାଯିବ। ଗୋଟିଏ ସପ୍ତାହ ମଧ୍ୟରେ ପାର୍କିଂ ସମସ୍ୟାର ସମାଧାନ ହୋଇଯିବ। ତେବେ ଏମାର ମଠରେ ପାର୍କିଂକୁ ନେଇ ବିରୋଧ ଉଠୁଥିବା ସମ୍ପର୍କରେ ଜିଲାପାଳ କହିଥିଲେ, ବିରୋଧ ନୁହେଁ। ସମସ୍ତଙ୍କୁ ଅପିଲ କରୁଛୁ, ସମସ୍ତଙ୍କୁ ସାଙ୍ଗରେ ନେଇକି ଯିବୁ। ଶ୍ରୀମନ୍ଦିରକୁ ବହୁ ସଂଖ୍ୟାରେ ଭକ୍ତ ଦର୍ଶନ ପାଇଁ ଆସୁଛନ୍ତି। ତେଣୁ ସେମାନେ କିପରି ସୁବିଧାରେ ଦର୍ଶନ କରିପାରିବେ ତାହା ସମସ୍ତଙ୍କର କର୍ତ୍ତବ୍ୟ। ସେ ଦିଗରେ କାମ ଚାଲିଛି।

### ଲୁଟ୍ ମୋବାଇଲ ଜବତ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୮।୭(ବ୍ୟୁରୋ): ଖାରବେଳନଗର ଥାନା ଅଞ୍ଚଳରେ ଅଟୋରେ ଯାଉଥିବା ଯାତ୍ରୀଙ୍କଠାରୁ ମୋବାଇଲ ଲୁଟ୍‌ପାଟ କରୁଥିବା ଅଭିଯୁକ୍ତଙ୍କୁ ପୋଲିସ ରବିବାର ଗିରଫ କରିଛି। ସେ ହେଲେ ୟୁନିଟ୍ ୪ ରାମପୁରବସ୍ତି ଅଞ୍ଚଳର ମୁନା ଦିଗଲ୍। ଏୟାରପୋର୍ଟ ଥାନା ଅଧୀନ ଭୀମପୁର ମୌଜାରେ ସୁଶାନ୍ତ କୁମାର ମହାଲିକ ରୁହନ୍ତି। ଶନିବାର ସନ୍ଧ୍ୟାରେ ସୁଶାନ୍ତ ମାଷ୍ଟର କ୍ୟାଣ୍ଟିନ ଛକରେ ଅଟୋରେ ଯାଉଥିବା ବେଳେ ଅଭିଯୁକ୍ତ ତାଙ୍କଠାରୁ ମୋବାଇଲ ଛଡାଇ ଫେରାର ହୋଇଯାଇଥିଲା। ଏ ନେଇ ସୁଶାନ୍ତ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୧୮୬/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଲୁଟ୍ ମୋବାଇଲକୁ ଟ୍ରାକ କରି ପୋଲିସ ତାଙ୍କୁ ଗିରଫ କରି ମୋବାଇଲ ଜବତ କରିଥିଲା।

■ ପଟ୍ଟନାୟିକିଆ ତ୍ରିପଲ ମର୍ଡର ମାମଲା

# ଆଉ ୨ ଅଭିଯୁକ୍ତ ଗିରଫ, ମାରଣାସ୍ତ୍ର ଜବତ

**ସିସିଟିଭି ଫୁଟେଜ୍, ଅଭିଯୁକ୍ତଙ୍କୁ ଜେରାରୁ ମିଳିଲା ସଫଳତା**



ଖବରଦାତା ସମ୍ମିଳନୀରେ ପୁରୀ ଏସ୍‌ପି ଉମାଶଙ୍କର ଦାଶ ଏବଂ ଅନ୍ୟମାନେ।



ଗିରଫ ଦୁଇ ଅଭିଯୁକ୍ତ।

ପୁରୀଅଫିସ, ୨୮।୭:

ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ସତ୍ୟବାଦୀ ଥାନା ପଟ୍ଟନାୟିକିଆ ଛକରେ ଜୁଲାଇ ୧୪ ତାରିଖରେ ଘଟିଥିବା ତ୍ରିପଲ୍ ମର୍ଡର ଘଟଣାରେ ପୋଲିସ ରବିବାର ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସଦାନନ୍ଦପୁର ଗ୍ରାମର ଏକ୍କା ଓରଫ ମିଟୁ ବେହେରା(୨୬), ପୁନିଆ ଓରଫ ପ୍ରହ୍ଲାଦ ବେହେରା(୨୫)। ଜୁଲାଇ ୧୬ତାରିଖରେ ହତ୍ୟାକାଣ୍ଡର ମାଷ୍ଟର ମାଇଣ୍ଡ ସୁବଳ ବେହେରା ସମେତ ଭିକାରୀ, ହରିହର, ମନୁଆ, ସହଦେବ ଓ ଶଙ୍କର ବେହେରାଙ୍କୁ ପୂର୍ବରୁ ପୋଲିସ ଗିରଫ କରିଥିଲା। ରବିବାର ଏହି ହତ୍ୟାକାଣ୍ଡରେ ସଂଶ୍ଳିଷ୍ଟ ଥିବା ଏକ୍କା ଓ ପୁନିଆଙ୍କୁ ପୋଲିସ ସ୍ଥାନୀୟ ଜଙ୍ଗଲ ପରିସରରୁ ଶନିବାର ବିଳମ୍ବିତ ରାତିରେ ଧରିଥିଲା। ପଚରାଉଚୁରା ବେଳେ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତି ଥିବା ସ୍ୱୀକାର କରିଥିଲେ ବୋଲି ରବିବାର ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ଉମାଶଙ୍କର ଦାଶ ସୂଚନା ଦେଇଥିଲେ। ସେମାନଙ୍କ ବୟାନକୁ ଭିତ୍ତି କରି ହତ୍ୟାକାଣ୍ଡରେ ବ୍ୟବହୃତ ଖଣ୍ଡା ଓ ଲୁହାରଡକୁ ନିକଟସ୍ଥ ଜଙ୍ଗଲରୁ ଉଦ୍ଧାର କରାଯାଇଛି। ସୋମବାର ଦୁଇଜଣଙ୍କୁ କୋର୍ଟ ଚାଲାଣ କରାଯିବ। ଘଟଣାର ତଦନ୍ତ ଜାରି ରହିଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି କହିଥିଲେ।

**ସିସିଟିଭି ଫୁଟେଜରୁ ମିଳିଲା ସୁରାକ୍-** ରବିବାର ଖବରଦାତାଙ୍କୁ ସମ୍ବୋଧିତ କରି ଏସପି ଦାଶ କହିଲେ ଯେ, ପଟ୍ଟନାୟକିଆ ଛକରେ ଲାଗିଥିବା ସିସିଟିଭି ଫୁଟେଜକୁ ଅନୁଧ୍ୟାନ ବେଳେ ହତ୍ୟାକାଣ୍ଡ ସମୟରେ ଘଟଣାସ୍ଥଳରେ ୪ଜଣ ଉପସ୍ଥିତ ଥିଲେ। ୩ଜଣ ଆକ୍ରମଣ କରୁଥିବାବେଳେ ଅନ୍ୟ ଜଣେ ଷଡ଼ଯନ୍ତ୍ରରେ ସାମିଲ ରହିଥିଲେ। ଏମାନଙ୍କ ମଧ୍ୟରୁ ରବିବାର ମିଟୁ ଓ ପୁନିଆଙ୍କୁ ଗିରଫ କରାଯାଇଥିବା ବେଳେ ହତ୍ୟାକାଣ୍ଡରେ ସାମିଲ ରହିଥିବା ଅନ୍ୟ ଜଣେ ଫେରାର ଅଛନ୍ତି ବୋଲି କହିଛନ୍ତି।

**ଜମିବାଡିକୁ ନେଇ ରହିଥିଲା ବିବାଦ-** ଜମିବାଡି ଭାଗବଣ୍ଟାକୁ କେନ୍ଦ୍ରକରି ସଦାନନ୍ଦପୁର ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ୪୦ବର୍ଷ ଧରି ବିବାଦ ଲାଗି ରହିଥିଲା। ମୃତକ ଏବଂ ଅଭିଯୁକ୍ତମାନେ ପରସ୍ପର ପଡ଼ୋଶୀ। ସାଧାରଣ ଘଟଣାକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧ୍ୟରେ ସର୍ବଦା ବିବାଦ ଲାଗି ରହୁଥିଲା। ଏ ନେଇ ଅନେକ ଥର ସେମାନେ ମୁହାଁମୁହିଁ ମଧ ହୋଇଛନ୍ତି। ଧୀରେ ଧୀରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଚରମ ସୀମାରେ ପହଞ୍ଚିଥିଲା। ଉଭୟ ପରସ୍ପର ରକ୍ତପିପାସୁ ପାଲଟି ଯାଇଥିଲେ।

**ନିକଟସ୍ଥ ଜଙ୍ଗଲରେ ରଚିଥିଲେ ଷଡ଼ଯନ୍ତ୍ର-** ଗତ ଏପ୍ରିଲ ୩୦ ତାରିଖରେ ସାତଶଙ୍ଖ ମେଳନ ପଡିଆରେ କୌଣସି କାରଣକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଏ ନେଇ ସତ୍ୟବାଦୀ ଥାନାରେ ୭୬ ଓ ୭୭/୧୯ରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଥିଲା। ଏଥିରେ ଅଭିଯୁକ୍ତ ଗୋଷ୍ଠୀର ଜଣଙ୍କୁ ପୋଲିସ ଗିରଫ କରିଥିବା ବେଳେ ଅନ୍ୟମାନେ ପରେ ଗିରଫ ହୋଇ ଜାମିନରେ ଆସିଥିଲେ। ଏହି ଘଟଣା ପରେ ଅଭିଯୁକ୍ତମାନେ ହିଂସ୍ର ହୋଇ ଉଠିଥିଲେ। ହତ୍ୟାକାଣ୍ଡର ଗୋଟିଏ ଦିନ ପୂର୍ବରୁ ନିକଟସ୍ଥ ଜଙ୍ଗଲରେ ଏକ ଗୁପ୍ତ ବୈଠକ କରିଥିଲେ।

**ଏସ୍‌ପିଙ୍କ ନେତୃତ୍ୱରେ ଗଠିତ ହୋଇଥିଲା ଟିମ୍-** ପଟ୍ଟନାୟିକିଆ ତ୍ରିପଲ ମର୍ଡର ଘଟଣାରେ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପୁରୀ ପୋଲିସ ଲାଗି ଏକ ଚାଲେଞ୍ଜ ହୋଇଥିଲା। ଅଭିଯୁକ୍ତଙ୍କୁ ଧରିବା ଲାଗି ପୁରୀ ଏସ୍‌ପି ଉମାଶଙ୍କର ଦାଶଙ୍କ ନିର୍ଦ୍ଦେଶ କ୍ରମେ ପିପିଲି ଏସଡିପିଓ ଦେବଦତ୍ତ ବରାଳ, ସତ୍ୟବାଦୀ ଥାନାଧିକାରୀ ତପନ କୁମାର ରାଉତ, ପିପିଲିଥାନା ଅଧିକାରୀ ଶରତ ଚନ୍ଦ୍ର ସାହୁଙ୍କୁ ନେଇ ଗଠିତ ୩ଟି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ସମସ୍ତ ଘଟଣାକୁ ତଦାରଖ କରୁଥିଲେ। ହତ୍ୟାକାଣ୍ଡ ତଦନ୍ତ ବେଳେ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ରେକର୍ଡ କରାଯାଇଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ତଦନ୍ତ ସହ ଟ୍ରାଫିକ ସହାୟତା କେନ୍ଦ୍ରରୁ ସିସିଟିଭି ଫୁଟେଜକୁ ପୋଲିସ ତର୍ଜମା କରିଥିଲା। ହତ୍ୟାକାଣ୍ଡର ଦୁଇ ଦିନ ପରେ ଅର୍ଥାତ ୧୬ତାରିଖରେ ୬ଜଣଙ୍କୁ ଗିରଫ କରିଥିଲା।

ଏହି ହତ୍ୟାକାଣ୍ଡରେ ଫେରାର ଅଭିଯୁକ୍ତ ମାନଙ୍କୁ ଧରିବାରେ ପୋଲିସ ବିଫଳ ହୋଇଥିବା ନେଇ ଶନିବାର ମୃତ ପୂର୍ଣ୍ଣଙ୍କ ସ୍ତ୍ରୀ ଲିପିକା ଶନିବାର ହାଇକୋର୍ଟରେ ଏକ ପିଟିସନ ଦାଏର କରିଥିଲେ। ଏଥିରେ ସେ ସତ୍ୟବାଦୀ ଥାନା ଅଧିକାରୀ, ପୁରୀ ଏସ୍‌ପି ଏବଂ ଗୃହ ସଚିବଙ୍କୁ ପକ୍ଷଭୁକ୍ତ କରିଛନ୍ତି। ଲିପିକାଙ୍କ ପିଟିସନକୁ ୨୪ଘଣ୍ଟା ନ ପୁରୁଣୁ ପୋଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି।

## ସମସ୍ତ ଉଠାଦୋକାନୀଙ୍କୁ ଥଇଥାନ ଦାବି

ପୁରୀ ଅଫିସ, ୨୮।୭:

ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଏବଂ ବଡ଼ଦାଣ୍ଡରୁ ଯେଉଁ ଉଠାଦୋକାନୀଙ୍କୁ ଉଚ୍ଛେଦ କରାଯାଇଛି ଏବଂ ଆଗକୁ ଉଚ୍ଛେଦ କରାଯିବ ସେମାନଙ୍କୁ ଥଇଥାନ କରିବା ଲାଗି ଦାବି କରିଛି ଶ୍ରୀଜଗନ୍ନାଥ ସେନା। ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ରବିବାର ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଦର୍ଶାଇଛନ୍ତି ଯେ, ବଡ଼ଦାଣ୍ଡ ହେବ ଉଠାଦୋକାନୀ ମୁକ୍ତ ଓ ଶ୍ରୀମନ୍ଦିର ଚାରିପାଖ ସମେତ ସିଂହଦ୍ୱାରଠାରୁ ଡାକ୍ତରଖାନା ଛକ ପର୍ଯ୍ୟନ୍ତ ଉଠାଦୋକାନୀଙ୍କୁ ଉଚ୍ଛେଦ କରାଯିବ। ଏହାକୁ ଜିଲା ପ୍ରଶାସନ ଗୁପ୍ତ ରଖି ଧୀରେ ଧୀରେ ଅଭିଯାନ ଚଳାଇଛି। ତେବେ ସ୍ଥାୟୀ ସମାଧାନ ନ କରି ଯଦି ଏତେଗୁଡ଼ିଏ ଦୋକାନୀଙ୍କୁ ରୋଜଗାରଠାରୁ ଦୂରେଇ ଦିଆଯିବ ତେବେ ଅରାଜକତା ବ୍ୟାପିବ ଓ ଶ୍ରୀକ୍ଷେତ୍ରରେ ଶାନ୍ତି ଭଙ୍ଗ ହେବ। ଆଇନ ଅନୁଯାୟୀ, ସମସ୍ତଙ୍କର ଥଇଥାନ ହେବା ଯାଏ ସାମୟିକ ଭାବେ ଉଠାଦୋକାନୀଙ୍କୁ ବଡ଼ଦାଣ୍ଡରେ ବସାଇବା ବ୍ୟବସ୍ଥା କରାଯାଉ। ଅନ୍ୟପକ୍ଷରେ ସେନାର ଆବାହକ ଏହା ମଧ ଦର୍ଶାଇଛନ୍ତି ଯେ, ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଶ୍ରୀମନ୍ଦିରକୁ ଅତି ସମ୍ବେଦନଶୀଳ ଅଞ୍ଚଳ ଯାହା କାଟାଗୋରୀ ଏ ରେ ଆସୁଛି ବୋଲି ଏନ୍‌ଏସଜି ସ୍ପଷ୍ଟ କରିଛି। ତେଣୁ ଡାକ୍ତରଖାନା ଛକ ପର୍ଯ୍ୟନ୍ତ ଉଠାଦୋକାନୀଙ୍କୁ ଉଚ୍ଛେଦ କରିବାକୁ ପ୍ରଶାସନ ଅଭିଯାନ ଆରମ୍ଭ କରିଛି। ତେଣୁ ସୁରକ୍ଷା ଓ ବିକାଶ ସହ ଥଇଥାନ କରାଯାଉ ବୋଲି ଆବାହକ ପଟ୍ଟନାୟକ ପ୍ରେସ୍ ବିଜ୍ଞପ୍ତିରେ ଉଲ୍ଲେଖ କରିଛନ୍ତି। ତେବେ ଏ ସମ୍ପର୍କରେ ଜିଲା ପ୍ରଶାସନର ଜଣେ ଅଧିକାରୀ କହିଛନ୍ତି, ଡାକ୍ତରଖାନା ଛକ ପର୍ଯ୍ୟନ୍ତ ଉଠାଦୋକାନୀଙ୍କୁ ଉଚ୍ଛେଦ କରାଯିବାର କୌଣସି ଯୋଜନା ନାହିଁ।

## ଗ୍ରାମ ପୋଖରୀ ସଫେଇ, ଚାରା ରୋପଣ



ସଂଗଠନର କର୍ମକର୍ତ୍ତାମାନେ ପରହାଟ ଗ୍ରାମ ପୋଖରୀ ସଫେଇ କରୁଛନ୍ତି।

ସାକ୍ଷୀଗୋପାଳ, ୨୮।୭(ଡି.ଏନ୍.ଏ.)

ଫନୀରେ ଉଜୁଡି ଯାଇଥିବା ଗ୍ରାମର ସବୁଜ ପରିବେଶ, ଗ୍ରାମର ଜଳ ଓ ପରିମଳ ବ୍ୟବସ୍ଥାର ସୁଧାର ଆଣିବା ଦିଗରେ ଭାରତ ବିକାଶ ସତ୍ୟବାଦୀ ଶାଖା ପକ୍ଷରୁ ଆଖପାଖ ଗ୍ରାମରେ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଗ୍ରାମବାସୀ ଓ ଯୁବକମାନଙ୍କୁ ସାଥିରେ ନେଇ ପରିଷଦର କର୍ମକର୍ତ୍ତାମାନେ ବ୍ଲକର ବନପୁର, ସେବକସାହି, ନରେନ୍ଦ୍ରପୁର, ଅଳଗୁମ ଆଦି ଗ୍ରମରେ ୨୮ ଟି ପୋଖରୀରୁ ଦଳ କାଢ଼ିବା, ଗ୍ରାମରାସ୍ତା, ନଳକୂଅ ଚଟାଣ ସଫେଇ କରିବା ସହିତ ବର, ଅଶ୍ୱତ୍ଥ, ବଉଳ ଆଦି ଚାରା ରୋପଣ କରିଛନ୍ତି। ଏହି କ୍ରମରେ ଗତ ୬ ଦିନ ଧରି ମୂଳଅଳସା ଗ୍ରାମ ପଞ୍ଚାୟତର ପରହାଟ ଗ୍ରାମର ୮ ଏକର ପରିମିତ ପୋଖରୀ ସଫେଇ କରାଯିବା ସହିତ ସେଠାରେ ଚାରାରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପରିଷଦର ସତ୍ୟବାଦୀ ଶାଖା ସଭାପତି ସତ୍ୟବାଦୀ ଦାସ, ସଂଗଠନ ସମ୍ପାଦକ ସୁଶାନ୍ତ କୁମାର, ଅର୍ଥ ସଚିବ ନବଘନ ଶତପଥୀ, ବ୍ରଜ କିଶୋର ପାଇକରାୟ, ନୀଳକଣ୍ଠ ବାରିକ ପ୍ରମୁଖ ସହଯୋଗ କରିଥିଲେ। ପରାହାଟ ଗ୍ରାମ ପରିଚାଳନା କମିଟି ସଭାପତି ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ରାସ୍ତାରେ ଆବର୍ଜନା ପାଣି

## ପରିକ୍ରମା କଲେ ଠାକୁର, ଚାଲିଲେ କାଉଡ଼ିଆ



କାଉଡିଆମାନେ ବଡ଼ଦାଣ୍ଡରେ ବର୍ଷାପାଣି ସହ ନଳାପାଣିର ସୁଅ ଉପରେ ଚାଲି ଚାଲି ଯାଉଛନ୍ତି।

ପୁରୀ ଅଫିସ, ୨୮।୭:

ପୁରୀରେ ତିନିଦିନ ହେବ ବର୍ଷା ଲାଗି ରହିଛି। କିଛିକ୍ଷଣ ବ୍ୟବଧାନରେ ହେଉଥିବା ଏହି ବର୍ଷା ଯୋଗୁ ବେଳେ ବେଳେ ରାସ୍ତାଘାଟରେ ପାଣି ଜମୁଛି। ତେବେ ରବିବାର ସକାଳୁ ଝିପି ଝିପି ବର୍ଷା ହୋଇଥିଲା। ପୂର୍ବାହ୍ନରେ ଭଲ ଅସରାଏ ବର୍ଷା ହୋଇଥିବା ବେଳେ ଦ୍ୱିପ୍ରହରେ ନିର୍ଧୂମ ବର୍ଷିଥିଲା। ଫଳରେ ବଡ଼ଦାଣ୍ଡ ସମେତ ସହରର କେତେକ ପ୍ରମୁଖ ରାସ୍ତାରେ ପାଣି ଜମି ଯାଇଥିଲା। ଏପରି କି କେତେକ ଜାଗାରେ ଡ୍ରେନ୍ ପାଣି ଉଛୁଳି ରାସ୍ତାରେ ମାଡ଼ିଥିଲା। ବର୍ଷା ପାଣି ଏବଂ ଡ୍ରେନ୍ ପାଣି ଏକାକାର ହୋଇଯାଇଥିଲା। ତେବେ ରବିବାର ଶ୍ରାବଣ କୃଷ୍ଣପକ୍ଷ ଏକାଦଶୀ ଥିବାରୁ ଚକ୍ରନାରାୟଣ ଶ୍ରୀକ୍ଷେତ୍ରର ୪ ଆଶ୍ରମ ପରିକ୍ରମା କରୁଥିଲେ। ଟିଆଡ଼ିସାହି ଦେଇ ଠାକୁରଙ୍କ ବିମାନ ଯାଉଥିବା ବେଳେ ରାସ୍ତାରେ ଆବର୍ଜନା ପାଣି ମାଡିଥିଲା। ତେଣୁ ବାଧ ହୋଇ ବିମାନକୁ ସେହି ପାଣିରେ ନିଆଯାଇଥିଲା। ସେହିପରି ଶ୍ରାବଣ ସୋମବାର ପାଇଁ ଶ୍ରୀଲୋକନାଥଙ୍କ ପୀଠରେ ଜଳଲାଗି କରିବା ନିମନ୍ତେ ହଜାର ହଜାର କାଉଡ଼ିଆ ରବିବାର ପୁରୀକୁ ଆସିଛନ୍ତି। ତେବେ ଅପରାହ୍ନରେ ଏମାନେ ବଡ଼ଦାଣ୍ଡରେ ଆସିବା ବେଳେ ଜମିଥିବା ଆବର୍ଜନା ପାଣିରେ ପଶି ଚାଲି ଚାଲି ଆସୁଥିବା ଦେଖିବାକୁ ମିଳିଥିଲା।

## ପେଣ୍ଟକଟାଠାରୁ ଷ୍ଟର୍ଲିନ ପର୍ଯ୍ୟନ୍ତ ହେବ ନିଶାମୁକ୍ତ

ପୁରୀଅଫିସ, ୨୮।୭:

ବେଳାଭୂମି ମାର୍ଗ ହେବ ନିଶାମୁକ୍ତ ଅଞ୍ଚଳ। ଏନେଇ ପୁରୀ ପୋଲିସ ପକ୍ଷରୁ ଏକ ସ୍ପେଶାଲ ଡ୍ରାଇଭ ଆରମ୍ଭ ହୋଇଛି। ବେଳାଭୂମିରେ କୌଣସି ସ୍ଥାନରେ ନିଶା କାରବାର ଅଥବା ନିଶାସେବନ କରୁଥିବା ଧରାପଡିଲେ ସଂପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ନେଇ ବେଳାଭୂମିରେ ସମୁଦ୍ରକୂଳ ଥାନା ଏବଂ ବଳିଆପଣ୍ଡା ଥାନାକୁ ନିର୍ଦ୍ଦେଶ ଦିଆଯାଇଛି। ବେଳାଭୂମିରେ ନିଶା କାରବାରକୁ ବନ୍ଦ କରିବା ଲାଗି ନିଷ୍ପତ୍ତି ନିଆଯାଇଛି ବୋଲି ରବିବାର ଏସପି ଉମାଶଙ୍କର ଦାଶ କହିଛନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟଠାରୁ ଷ୍ଟର୍ଲିନ୍ ପର୍ଯ୍ୟନ୍ତ ୮କିମି ଲମ୍ବିଛି ପୁରୀ ବେଳାଭୂମି। ମହାପ୍ରଭୁଙ୍କ ଦର୍ଶନ ଏବଂ ସ୍ୱର୍ଣ୍ଣାଭ ବେଳାଭୂମି ପ୍ରତି ଆକୃଷ୍ଟ ହୋଇ ଦୈନିକ ଲକ୍ଷ ଲକ୍ଷ ଲୋକ ଶ୍ରୀକ୍ଷେତ୍ରକୁ ଆସୁଛନ୍ତି। ଅନ୍ୟପଟେ ବେଳାଭୂମିର ବିଭିନ୍ନ ସ୍ଥାନରେ ଅପରାଧୀ, କେତେଜଣ ଯୁବକ ମଦ, ଗଞ୍ଜେଇ ବ୍ରାଉନସୁଗାର ସେବନ କରୁଥିବା ନେଇ ଅଭିଯୋଗ ଆସୁଛି। ଏ ନେଇ ପର୍ଯ୍ୟଟକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ବାଙ୍କି ମୁହାଣ ସ୍ଥିତ ପାର୍କ ମଦୁଆଙ୍କ ଆଡ୍ଡାସ୍ଥଳ ପାଲଟିଥିବା ନେଇ ଅଭିଯୋଗ ହୋଇ ଆସୁଛି। ଏହାକୁ ବନ୍ଦ କରିବା ଲାଗି ସ୍ପେଶାଲ ଡ୍ରାଇଭ ଆରମ୍ଭ ହୋଇଛି। ଆଗକୁ ଏହାକୁ ତ୍ୱରାନ୍ୱିତ କରାଯିବ। ବେଳାଭୂମିରେ କୌଣସି ବ୍ୟକ୍ତି ନିଶା କାରବାର କରୁଥିବା ନେଇ ଅଭିଯୋଗ ଆସିଲେ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସପି ଦାଶ କହିଛନ୍ତି। ରାତ୍ରି ପାଟ୍ରୋଲିଂକୁ କଡାକଡି କରାଯିବ ବୋଲି କହିଥିଲେ।

## କାକଟପୁର ଅଞ୍ଚଳରେ ପରିବା ଦର ଆକାଶଛୁଆଁ

■ବର୍ଷା ଅଭାବରୁ ଉତ୍ପାଦନ ହ୍ରାସ
■ଖାଉଟି ହନ୍ତସନ୍ତ

କାକଟପୁର, ୨୮।୭(ଡି.ଏନ୍.ଏ.)

ଚଳିତବର୍ଷ ରାଜ୍ୟରେ ବର୍ଷାର ପରିମାଣ ପୂରା କମିଯାଇଛି। ଆଷାଢ଼ ଯାଇ ଶ୍ରାବଣ ମାସ ଆସିସାରିଲାଣି, ତଥାପି ମୌସୁମୀ ଓଡ଼ିଶାରେ ଆସିପାରିନାହିଁ। ଫଳରେ ଏହାର ପ୍ରଭାବ ସିଧାସଳଖ ଚାଷୀମାନଙ୍କ ଉପରେ ପଡୁଛି। ବର୍ଷାର ଅଭାବ ରହୁଥିବାରୁ ଧାନଚାଷ ସହ ପନିପରିବା ଚାଷର ଉତ୍ପାଦନ ହ୍ରାସ ପାଉଛି। ଉତ୍ପାଦନ କମ ରହୁଥିବାରୁ ପନିପରିବା ଦର ବଢ଼ିବାରେ ଲାଗିଛି। ପୁରୀ ଜିଲାର ଉପକୂଳବର୍ତ୍ତୀ ଅସ୍ତରଙ୍ଗ, କାକଟପୁର, ନୟାହାଟ, ବାଙ୍ଗୁରିଆ ପ୍ରଭୃତି ଅଞ୍ଚଳରେ ମଧ ସମାବସ୍ଥା ଦେଖିବାକୁ ମିଳୁଛି। ଅସ୍ତରଙ୍ଗ ଅଞ୍ଚଳର ଚାଷୀ ବାବାଜି ବେହେରା କୁହନ୍ତି, ସମୟାନୁସାରେ ବର୍ଷାର ଅଭାବ ଦେଖାଯାଇଥିବାରୁ ଚାଷୀମାନେ ଏଭଳି ହଇରାଣ ହେଉଛନ୍ତି। ସେହିପରି ବଳଙ୍ଗା, ସାତଶଙ୍ଖ, ହରିପୁର ଅଞ୍ଚଳରେ ବହୁଳ ପରିମାଣରେ କଞ୍ଚାଲଙ୍କା, କଖାରୁ, କାକୁଡି, ବାଇଗଣ, ଭେଣ୍ଡି, ଝୁଡୁଙ୍ଗ, ପୋଇ, ପୋଟଳ ବହୁ ପରିମାଣରେ ଉତ୍ପାଦନ ହୋଇଥାଏ। କିନ୍ତୁ ଏଥର ପାଣିପାଗର ସ୍ଥିରତା ନ ଥିବାରୁ ସବୁ ଚାଷକୁ ବିଗାଡ଼ି ଦେଇଛି। ଫଳରେ ବ୍ୟବସାୟୀମାନେ ବାହାର ରାଜ୍ୟରୁ ପନିପରିବା କ୍ରୟ କରି ଅଧିକା ଦାମରେ ବିକ୍ରି କରନ୍ତି। ଅନ୍ୟପକ୍ଷେ ଶ୍ରାବଣ ମାସ ଥିବାରୁ ମଧ ପନିପରିବାର ଅଧିକ ଚାହିଦା ରହୁଥିବାରୁ ମୂଲ୍ୟ ବୃଦ୍ଧି ହେଉଛି ବୋଲି ତୁଳସୀପୁର ଗଣେଶ ବଜାରର ପରିବା ବ୍ୟବସାୟୀ ନୃସିଂହ ଚରଣ ତ୍ରିପାଠୀ କୁହନ୍ତି। ଏହି ଅଞ୍ଚଳରେ ବାଇଗଣ, ପୋଯଲା, କାଙ୍କଡ଼, କଲରା, କାକୁଡି, ଝୁଡ଼ଙ୍ଗ, ଜହ୍ନିର ମୂଲ୍ୟ ଏବେ କିଲୋ ପିଛା ୪୦ରୁ ୫୦ଟଙ୍କା ରହିଥିବାବେଳେ ଅମୃତଭଣ୍ଡା, କଖାରୁ, ସାରୁ, ଟମାଟୋ, କୁନ୍ଦୁରିର ମୂଲ୍ୟ କିଲୋ ପିଛା ୩୦ରୁ ୪୦ଟଙ୍କା ରହିଛି। ପରିବାର ଦରର ଅହେତୁକ ବୃଦ୍ଧି ଯୋଗୁ ସାଧାରଣ ଖାଉଟି ହନ୍ତସନ୍ତ ହେଉଛନ୍ତି।

## ଏଟିଏମ୍ ମନିଟର ଭଙ୍ଗାରୁଜା, ହତ୍ୟା ଧମକ: ଜଣେ ଗିରଫ

ପୁରୀ ଅଫିସ, ୨୮।୭:

ପୁରୀ ରେଲୱେ ଷ୍ଟେଶନ ପରିସରରେ ରହିଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସବିଆଇ)ର ଏଟିଏମ୍ ମନିଟର ଭଙ୍ଗାରୁଜା ଏବଂ କର୍ମଚାରୀଙ୍କୁ ହତ୍ୟା ଧମକ ଦେବା ଅଭିଯୋଗରେ ଜିଆରପି ପୋଲିସ ରବିବାର ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପଶ୍ଚିମବଙ୍ଗ ଦକ୍ଷିଣ ଚବିଶ ପ୍ରଗଣାର ପାର୍ଥ ପାଉଲ। ଏ ନେଇ ଖୋର୍ଦ୍ଧାରୋଡ ଜିଆରପି ଥାନାରେ ଦଫା ୨୯୪, ୪୫୧,୧୮୬,୪୨୭,୫୦୬ ଆଇପିସି/୪ ପିଡିପିପିଆକ୍ଟ କେସ୍ ନଂ୮୪/୧୯ରେ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ଷ୍ଟେଶନ ପରିସରରେ ରହିଥିବା ଏଟିଏମ୍‌ରେ କୌଣସି ଯାନ୍ତ୍ରିକ ତ୍ରୁଟି ଲାଗି ଏସ୍‌ବିଆଇ ମ୍ୟାନେଜର ରାଜେଶ କୁମାର ବେହେରା ତାଙ୍କ କର୍ମଚାରୀଙ୍କୁ ଧରି ଏଟିଏମ୍ କାଉଣ୍ଟରରେ ପହଞ୍ଚିଥିଲେ। ଏହି ସମୟରେ ଗିରଫ ଅଭିଯୁକ୍ତ ଏଟିଏମ୍ କାଉଣ୍ଟରରେ ପଶି କର୍ମଚାରୀଙ୍କୁ ଗାଳିଗୁଲଜ, ହତ୍ୟା ଧମକ ଦେବା ସହ ଏଟିଏମ୍ ମନିଟରକୁ ଭାଙ୍ଗିଦେଇଥିବା ନେଇ ଅଭିଯୋଗ ହୋଇଥିଲା।

## ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରୁ ପାଣି ଉଠାଇଲେ କାଉଡ଼ିଆ



ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରୁ କାଉଡିଆମାନେ ଜଳ ଉଠାଉଛନ୍ତି।

କୋଣାର୍କ, ୨୮।୭(ଡି.ଏନ୍.ଏ.)

ମାନସିକ ବ୍ରତକୁ ସଫଳ କରିବା ନେଇ ହଜାର ହଜାର କାଉଡ଼ିଆ ରବିବାର ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରୁ ପାଣିଭାର ଉଠାଇ ଶୈବପୀଠ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଶ୍ରାବଣ ମାସ ପବିତ୍ର ସୋମବାର ପରିପ୍ରେକ୍ଷୀରେ ହଜାର ହଜାର କାଉଡିଆ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀଠାରେ ପହଞ୍ଚିଥିଲେ। ସେଠାରେ ସ୍ନାନ କାର୍ଯ୍ୟ ସାରି ପୂଜାର୍ଚ୍ଚନା କରିଥିଲେ। ପରେ ପରେ ପାଣି ଉଠାଇ ବାବା ଶ୍ରୀ ଲୋକନାଥ, ବାବା ବାଲିକପିଳେଶ୍ୱର, ବାବା ତ୍ରିବେଣୀଶ୍ୱର, ଐଶାନେଶ୍ୱର, ଦକ୍ଷିଣେଶ୍ୱର, ନୀଳକଣ୍ଠେଶ୍ୱର, ବାବା ବାଲୁଙ୍କେଶ୍ୱର ଆଦି ବିଭିନ୍ନ ଶୈବପୀଠ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ।

■ ରେଲୱେ ଡାକ୍ତର ସ୍ତ୍ରୀଙ୍କୁ ହତ୍ୟା ଘଟଣା

# ତଦନ୍ତ ଜାରି ରହିଛି : ଏସ୍‌ପି

ପୁରୀ ଅଫିସ, ୨୮।୭:

ସମୁଦ୍ରକୂଳ ଥାନା ଅଧୀନ ବିଏନ୍‌ଆର ହୋଟେଲ ପଛପଟ ରେଲୱେ କ୍ୱାର୍ଟର ପରିସରରୁ ପୁରୀ ରେଲୱ ଡାକ୍ତର ସଞ୍ଜୀବ ସାହୁଙ୍କ ସ୍ତ୍ରୀ ସୁଜାତାଙ୍କ ମୃତଦେହ ୨୦୧୮ ଡିସେମ୍ବର ୧୭ରେ ଉଦ୍ଧାର ହୋଇଥିଲା। ପୋଲିସ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କ ମୃତଦେହ ଉଦ୍ଧାର କରିଥିଲା। ଡାକ୍ତର ସଞ୍ଜୀବଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାକୁ ୭ମାସ ବିତିଲାଣି। ଏହା ମଧ୍ୟରେ ପୁରୀ ଏସ୍‌ପି ଏବଂ ତଦନ୍ତକାରୀ ଅଧିକାରୀଙ୍କ ଏଠାରୁ ଅନ୍ୟତ୍ର ବଦଳି ହୋଇଛି। ବର୍ତ୍ତମାନ ସୁଦ୍ଧା ପୋଲିସ ଅଭିଯୁକ୍ତଙ୍କ ଟେର୍ ପାଇପାରିଲା ନାହିଁ। ତେଣୁ ସାଧାରଣରେ ପୋଲିସର କାର୍ଯ୍ୟଦକ୍ଷତା ନେଇ ଉଠିଛି ପ୍ରଶ୍ନବାଚୀ।

ଏହି ଘଟଣାରେ ପୋଲିସ ଡାକ୍ତର, ତାଙ୍କ ସମ୍ପର୍କୀୟ ଏବଂ ସେ ଅଭିଯୋଗରେ ଦର୍ଶାଇଥିବା ବ୍ୟକ୍ତିବିଶେଷଙ୍କୁ ଜେରା କରିଥିଲା। ଏପରିକି ଡାକ୍ତର ଏବଂ ଅଭିଯୋଗରେ ଦର୍ଶାଇଥିବା ବ୍ୟକ୍ତିଙ୍କ ପୋଲିସ ପଲିଗ୍ରାଫ ଟେଷ୍ଟ କରିଥିଲା। ଟେଷ୍ଟରୁ ପୋଲିସ କୌଣସି ସୁରାକ ପାଇପାରି ନ ଥିଲା। ଡାକ୍ତର ଓ ଅଭିଯୋଗରେ ଦର୍ଶାଯାଇଥିବା ବ୍ୟକ୍ତିଙ୍କୁ ଘନ ଘନ ଜେରା ସତ୍ତ୍ୱେ ପୋଲିସକୁ କୌଣସି ସଫଳତା ମିଳି ନ ଥିଲା। ରବିବାର ଏହି ଘଟଣାରେ ଏସ୍‌ପି ଉମାଶଙ୍କର ଦାଶ କହିଲେ ଯେ, ଦାୟିତ୍ୱ ଗ୍ରହଣ ପରଠାରୁ ଏହି ଘଟଣା ଉପରେ ଫୋକସ୍ କରିଛି। ଡା. ସଞ୍ଜୀବଙ୍କୁ ତିନିଥର ଜେରା କରିଛି। ତାଙ୍କ ପୁଅ ବାରିପଦାରେ ରହୁଛନ୍ତି। ତାଙ୍କୁ ମଧ ଘଟଣା ସମ୍ପର୍କରେ ପଚରାଉଚୁରା କରାଯାଇଛି। ଅଭିଯୋଗରେ ଦର୍ଶାଯାଇଥିବା ବ୍ୟକ୍ତି ବିଶେଷଙ୍କୁ ମଧ ତିନି ସପ୍ତାହ ତଳେ ଜେରା କରାଯାଇଥିଲା। ଏହି ଘଟଣାର ବିଭିନ୍ନ ଦିଗ ଉପରେ ତଦନ୍ତ ଜାରି ରହିଛି। ହତ୍ୟାକାଣ୍ଡ ସମ୍ପର୍କରେ କୌଣସି ସୁରାକ ବର୍ତ୍ତମାନ ସୁଦ୍ଧା ହସ୍ତଗତ ହୋଇପାରିନାହିଁ। ଶୀଘ୍ର ଅପରାଧୀମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ଦାଶ କହିଥିଲେ।